ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧/୨୦୧୯ (୨୦ ପୃଷ୍ଠା) Bhubaneswar, Friday, November 1/2019 ★★★★★★

୪୫ଶ ଭାଗ ୩୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

KP GROUP
Quality Since 1965

Safal
PAN MASALA

ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!

₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍

0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

KP GROUP
Quality Since 1965

KAMLA PASAND

ନିଆରା ସ୍ୱାଦ

NEW PACK
KAMLA PASAND®
Anokha Swad
PAN MASALA

Watch at: | YouTube

ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ। 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ। ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧/୨୦୧୯ | Bhubaneswar, Friday, November 1/2019 | ପୃଷ୍ଠା-୧

ରତୁରାଜଙ୍କ ଶତକ

ଓପନର ରତୁରାଜ ଗାଏକ୍ୱାଡଙ୍କ ଆକର୍ଷଣୀୟ ଶତକ ସହାୟତାରେ ଭାରତ ବି' ଦେଓଧର ଟ୍ରଫିରେ ଭାରତ ଏ'କୁ ପରାସ୍ତ କରିଛି।

୧୭ ୦୮

ହାପି ବାର୍ଥଡେ ଇଲିଆନା

ଅଭିନେତ୍ରୀ ଇଲିଆନା ଡି'କ୍ରୁଜ୍ ନଭେମ୍ବର ୧ରେ ନିଜର ହାପି ବାର୍ଥ୍‌ଡେ ପାଳନକରିବା ପୂର୍ବରୁ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ହଟ୍-ଫଟୋ ଶେୟାର କରି ଚର୍ଚ୍ଚାକୁ ଆସିଛନ୍ତି।

ପାକିସ୍ତାନରେ ରେଳ ଟ୍ରାଜେଡି

ଚଳନ୍ତା ଟ୍ରେନ୍‌ରେ ନିଆଁ: ୭୪ ଦଗ୍ଧ

ଇସ୍‌ଲାମାବାଦ/ଲାହୋର,୩୧।୧୦ (ପି.ଟି./ଆଇଏଏନ୍‌ଏସ୍)

- ନିଆଁ ଲାଗିଥିବାବେଳେ ୨ କି.ମି. ଗଡ଼ିଲା ତେଜ୍‌ଗାମ ଏକ୍ସପ୍ରେସ୍
- ରୋଷେଇ ବେଳେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରୁ ଅଗ୍ନିକାଣ୍ଡ: ରେଳମନ୍ତ୍ରୀ
- ଶର୍ଟ ସର୍କିଟରୁ ନିଆଁ ଲାଗିଥିବା କହିଲା ତବଲିଘି ଜମାତ
- ତଦନ୍ତ ନିର୍ଦ୍ଦେଶ ଦେଲେ ଇମ୍ରାନ୍ ଖାନ
- ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା

ପାକିସ୍ତାନର ଲିଆକତ୍‌ପୁର ନିକଟସ୍ଥ ରହିମ୍ ୟାର୍ ଖାନ୍‌ଠାରେ ତେଜ୍‌ଗାମ ଏକ୍ସପ୍ରେସରେ ନିଆଁ ଲାଗିଯାଇଛି।

ପାକିସ୍ତାନର ପୂର୍ବ ପଞ୍ଜାବ ପ୍ରଦେଶସ୍ଥିତ ଲିଆକତ୍‌ପୁର ନିକଟରେ ଗୁରୁବାର ସକାଳେ ଏକ ଯାତ୍ରୀବାହୀ ଟ୍ରେନ୍‌ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କରାଚୀରୁ ରାୱଲପିଣ୍ଡି ଯାଉଥିବା ତେଜ୍‌ଗାମ୍ ଏକ୍ସପ୍ରେସ୍‌ରେ ଦୁଇଟି ରୋଷେଇ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହେବାରୁ ୭୪ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏହାସହ ଅନେକେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଇସ୍‌ଲାମିକ୍ ପ୍ରବକ୍ତା ଥିଲେ। ସେମାନେ ଏକ ଧାର୍ମିକ ସମ୍ମିଳନୀରେ ଯୋଗଦେବା ପାଇଁ ଯାଉଥିବାବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି।

କରାଚୀରୁ ୨୦୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ତେଜ୍‌ଗାମ୍ ଏକ୍ସପ୍ରେସ୍ ରାୱଲପିଣ୍ଡି ଅଭିମୁଖେ ଯାଉଥିଲା। ସେଥିରେ ଥିବା ଜଣେ ଯାତ୍ରୀ ସକାଳେ ଗ୍ୟାସ୍ ସିଲିଣ୍ଡର ଜାଳି ଜଳଖିଆ ପ୍ରସ୍ତୁତ କରୁଥିବାବେଳେ ଲିଆକତ୍‌ପୁର ନିକଟସ୍ଥ ରହିମ୍ ୟାର୍ ଖାନ୍‌ଠାରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଫଳରେ ଅଗ୍ନିକାଣ୍ଡ ଘଟି ଚାହୁଁ ଚାହୁଁ ତିନୋଟି ବଗିକୁ ନିଆଁ ବ୍ୟାପିଯାଇଥିଲା। ନିଆଁ ଲାଗିଥିବା ଅବସ୍ଥାରେ ଟ୍ରେନ୍‌ଟି ପ୍ରାୟ ୨ କି.ମି. ଯାଏ ଗଡ଼ିଥିଲା। ପ୍ରାଣ ବିକଳରେ ଯାତ୍ରୀମାନେ ଟ୍ରେନ୍‌ରୁ ତଳକୁ ଡେଇଁବାରେ ଲାଗିଥିଲେ। ତଳେ ପଡ଼ି ଅନେକ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ନିଆଁରେ ଦଗ୍ଧ ହୋଇ ପ୍ରାଣ ହରାଇଛନ୍ତି। ୭୪ ମୃତକଙ୍କ ମଧ୍ୟରେ ଅନେକ ମହିଳା ଓ ଶିଶୁ ଅଛନ୍ତି। ସେହିପରି ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ପୋଡ଼ିଯାଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜିଲା ଜରୁରୀ ଅଧିକାରୀ ଆର୍‌ୱାଇକେ ବକିର ହୁସେନ କହିଛନ୍ତି। ଦୀର୍ଘ ସମୟର ଉଦ୍ୟମ ପରେ ୧୦ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଉଦ୍ଧାର କାର୍ଯ୍ୟରେ ସେନା ହେଲିକପ୍ଟର ନିୟୋଜିତ ହୋଇଥିଲା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଡିଏନ୍‌ଏ ପରୀକ୍ଷା କରି ମୃତକମାନଙ୍କ ପରିଚୟ ସ୍ପଷ୍ଟ କରାଯିବ ବୋଲି ଜଣାପଡ଼ିଛି। ମୃତକଙ୍କ ପରିବାରକୁ ୧୫ ଲକ୍ଷ ଓ ଆହତଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବା ପାଇଁ ସରକାର ଘୋଷଣା କରିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଏହାକୁ ନେଇ ଶୋକବ୍ୟକ୍ତ କରିଛନ୍ତି। ସେ ଦୁର୍ଘଟଣାର ତଦନ୍ତ ସହ ଆହତଙ୍କ ଚିକିତ୍ସା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଳମନ୍ତ୍ରୀ ଶେଖ୍ ରଶିଦ୍ ଅହମଦ କହିଛନ୍ତି, ମୃତାହତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ତବଲିଘି ଜମାତ୍ (ଇସ୍‌ଲାମିକ୍ ପ୍ରବକ୍ତା)। ରାୱଲପିଣ୍ଡିରେ ହେବାକୁ ଥିବା ଏକ ବଡ଼ ଧାର୍ମିକ ସମାଗମରେ ଯୋଗଦେବା ପାଇଁ ସେମାନେ ଯାଉଥିଲେ। ଟ୍ରେନ୍‌ରେ ଗ୍ୟାସ୍‌ରେ ରୋଷେଇ କରିବା ବେଆଇନ ବୋଲି ସେ କହିଛନ୍ତି। ତେବେ ତବଲିଘି ଜମାତ୍ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଗ୍ୟାସ୍ ସିଲିଣ୍ଡର ଯୋଗୁ ନୁହେଁ, ବରଂ ଶର୍ଟ ସର୍କିଟ ହେବା ଫଳରେ ଏହି ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟ ସମ୍ପର୍କରେ ବୁଧବାର ରାତିରେ ଟ୍ରେନ୍ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ସେମାନେ ଏଥିପ୍ରତି ଧ୍ୟାନ ନ ଦେବାରୁ ଏଭଳି ଘଟିଥିବା ସେମାନେ କହିଛନ୍ତି। ପାକିସ୍ତାନରେ ଏହା ହେଉଛି ଚଳିତବର୍ଷର ଦ୍ୱିତୀୟ ବଡ଼ ଟ୍ରେନ୍ ଦୁର୍ଘଟଣା। ଗତ ଜୁଲାଇରେ ଆକ୍‌ବର ବୁଗ୍‌ତି ଏକ୍ସପ୍ରେସ ଲାହୋରରୁ କ୍ୱେଟା ଯାଉଥିବାବେଳେ ପଞ୍ଜାବର ୱାଲହର ଷ୍ଟେଶନରେ ଅନ୍ୟ ଏକ ଟ୍ରେନ୍‌ରେ ଧକ୍କାହେବା ଫଳରେ ୨୪ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅଭ୍ୟାସ ଅବସରରେ ଭାରତୀୟ ମହିଳା ହକି ଦଳ।

ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି, ୱାର୍ଲ୍ଡ ଲିଗ୍ ଏବଂ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ପରି ଅନେକ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ଦେଶ ବିଦେଶରେ ଚର୍ଚ୍ଚାରେ ରହିଥିବା କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ଆଉ ଏକ ସମ୍ମାନଜନକ ପ୍ରତିଯୋଗିତା। ନଭେମ୍ବର ୧ ଓ ୨ ତାରିଖରେ ଏଠାରେ ଆୟୋଜନ ହେବ ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ୍। ଏଥର କଳିଙ୍ଗର ହକି କଫ୍ଲେକ୍ସରେ ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରଥମଥର ପାଇଁ ଏଠାରେ ମହିଳା ଦଳର ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଭାରତୀୟ ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଆମେରିକା। ଭାରତ ବିଶ୍ୱ ର‍ୟାଙ୍କିଙ୍ଗ୍‌ର ୯ମ ସ୍ଥାନରେ ଥିବାବେଳେ ଆମେରିକା ୧୩ତମ ସ୍ଥାନ ପାଇଛି। ତେବେ ନିକଟ ଅତୀତରେ ଉତ୍ସାହୀ ପ୍ରଦର୍ଶନ କରିଥିବାରୁ ଆମେରିକା ଘରୋଇ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବା ଏକପ୍ରକାର ନିଶ୍ଚିତ। ଆମେ ଏଠାକୁ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଆସିଛୁ ବୋଲି ଆମେରିକା ଦଳର ଅଧିନାୟିକା କାଥଲିନ ଶାର୍କି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆମେ ଘରୋଇ ପରିବେଶରୁ ଫାଇଦା ନେବା ସହ ନିଜ ଦକ୍ଷତା ଅନୁସାରେ ଖେଳି ଆଗକୁ ବଢ଼ିବାକୁ ଚେଷ୍ଟା କରିବୁ ବୋଲି ଭାରତୀୟ ଦଳର ଅଧିନାୟିକା ରାଣୀ ରାମପାଲ କହିଛନ୍ତି।

ପୁରୁଷ ବିଭାଗରେ ଭାରତ ପ୍ରତିପକ୍ଷ ରୁଷିଆ ସହିତ ମୁକାବିଲା କରିବ। ବିଶ୍ୱ ର‍ୟାଙ୍କିଙ୍ଗ୍‌ରେ ଭାରତ ୫ ଓ ରୁଷିଆ ୨୨ତମ ସ୍ଥାନରେ ରହିଛି। ଗତ ଜୁନ୍‌ରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲରେ ରୁଷିଆ କଳିଙ୍ଗ ଷ୍ଟାଡିୟମରେ ଖେଳିବାର ଅଭିଜ୍ଞତା ରଖିଛି। ସେତେବେଳେ ଯଦିଓ ଏହି ଦଳ ବଡ଼ ବ୍ୟବଧାନରେ ଭାରତ ନିକଟରୁ ହାରିଥିଲା ଏଥର କିନ୍ତୁ ଭିନ୍ନ ଧରଣର ଖେଳ ଦେଖିବାକୁ ମିଳିବ ବୋଲି ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ୍ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରୁଷିଆକୁ କୌଣସି ପରିସ୍ଥିତିରେ ହାଲ୍‌କା ଭାବେ ନେବୁ ନାହିଁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି।

ଉପରାଜ୍ୟପାଳ ଭାବେ ଶପଥ ନେଲେ ମୁର୍ମୁ, ମାଥୁର

ଗିରୀଶ ଚନ୍ଦ୍ର ମୁର୍ମୁ

ଶ୍ରୀନଗର/ଲେହ,୩୧।୧୦(ପି.ଟି.): ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତି ଠିକ୍ ୧୨ଟାରେ ଜମ୍ମୁ-କଶ୍ମୀରର ଭୂଗୋଳ ଓ ଇତିହାସ ବଦଳିଯାଇଥିଲା। ଏହା ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ରୂପାନ୍ତରିତ ହୋଇଥିଲା। ନୂଆ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଥମ ଉପରାଜ୍ୟପାଳ ଭାବେ ଦୁଇଜଣ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ଓ ରାଧାକୃଷ୍ଣ ମାଥୁର ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଉକ୍ତ ରାଜ୍ୟକୁ ଦୁଇଭାଗ କରି ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ଅଗଷ୍ଟ ୫ରେ ନିଷ୍ପତ୍ତି ନେଇଥିଲେ। ୮୮ଦିନ ଧରି ଉପତ୍ୟକାରେ କଟକଣା ଜାରି ରହିବା ସହ ଦୋକାନ ବଜାର ବନ୍ଦ ରହିଥିଲାବେଳେ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ଗଠନ ହୋଇଛି। ବିଶ୍ୱାସର ଦୃଢ଼ ସଂଯୋଗ ସୃଷ୍ଟି ଏହି ନୂଆ ବ୍ୟବସ୍ଥାର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଅଧିକ ରିପୋର୍ଟ: ପୃଷ୍ଠା-୯

ଆଜିର ସମ୍ପାଦକୀୟ

ଏକ ଚେତାବନୀ

Vencobb CHICKEN
31.10.2019

Dist	Farm Gate/Kg	With Skin/Kg	Skinless /Kg
BBSR	63	110	120
CTC	64	111	121
DKL	63	110	120
BDK	66	114	124
BLS	68	116	126
ANG	65	113	123
BHM	59	105	115

Issued in the Interest of Consumers
*Conditions Apply

ମହାରାଷ୍ଟ୍ରରେ କ୍ଷମତା ଯୁଦ୍ଧ

ଉଦ୍ଧବ ନେବେ ଚୂଡ଼ାନ୍ତ ନିଷ୍ପତ୍ତି

ମୁମ୍ବାଇ,୩୧।୧୦

- ରାଜ୍ୟପାଳଙ୍କୁ ଭେଟିଲା ଶିବସେନା
- ଏକ୍‌ନାଥ ସିନ୍ଧେ ବିଧାୟକ ଦଳ ନେତା
- ପାୱାର-ସଞ୍ଜୟଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା

ଏକ୍‌ନାଥ ସିନ୍ଧେ

ଆଦିତ୍ୟ ଠାକ୍‌ରେ

ମହାରାଷ୍ଟ୍ରରେ ଭାଜପା ଓ ଶିବସେନା ମଧ୍ୟରେ କ୍ଷମତା ଲଢ଼େଇ ଜାରି ରହିଛି। ଶିବସେନାର ବରିଷ୍ଠ ନେତା ଏକ୍‌ନାଥ ସିନ୍ଧେ ବୁଧବାର ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟିଛି। ଏହି ସାକ୍ଷାତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଚାଷୀ ସମସ୍ୟା ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା ହୋଇଥିବା ଶିବସେନା ନେତା ଆଦିତ୍ୟ ଠାକ୍‌ରେ କହିଛନ୍ତି। ସେହିପରି ସରକାର ଗଠନ ନେଇ ଦଳ ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ତାଙ୍କ ପୁଅ ତଥା ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବିଦାର ଆଦିତ୍ୟ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟିଥିବା ଜଣାପଡ଼ିଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବାର ସପ୍ତାହେ ପରେ ବି ସରକାର ଗଠନ ନେଇ ଅନିଶ୍ଚିତତା ଦୂର ହୋଇନାହିଁ। କ୍ଷମତା ଭାଗବଣ୍ଟାକୁ ନେଇ ୫୦:୫୦ ସୂତ୍ର ଆପଣାଯାଉ ବୋଲି ଶିବସେନା ଦାବି କରୁଥିବାବେଳେ ଏପରି କୌଣସି ପ୍ରତିଶ୍ରୁତି ନିର୍ବାଚନ ପୂର୍ବରୁ ଦିଆଯାଇ ନ ଥିବା ଭାଜପା ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ବୁଧବାର ଭାଜପା ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ଗୁରୁବାର ଶିବସେନା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ସେନା ଭବନରେ ଅନୁଷ୍ଠିତ ବୈଠକରେ ଆଦିତ୍ୟ ଠାକ୍‌ରେ ବିଧାୟକ ଦଳ ନେତା ପାଇଁ ଅନୁଭବୀ ନେତା ଏକ୍‌ନାଥ ସିନ୍ଧେଙ୍କ ନାମ ପ୍ରସ୍ତାବ ଦେଇଥିଲେ। ସେହିପରି ଗୃହରେ ମୁଖ୍ୟ ସଚେତକ ଭାବେ ସୁନୀଲ ପ୍ରଭୁଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଉଭୟେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ରାତିରେ ଶିବସେନାର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟିଥିଲେ। ସପ୍ତାହେ ମଧ୍ୟରେ ଏହା ହେଉଛି ରାଜ୍ୟପାଳଙ୍କ ସହ ଶିବସେନାର ଦ୍ୱିତୀୟ ସାକ୍ଷାତ। ଠାକ୍‌ରେ ପରିବାରର ପ୍ରଥମ ସଦସ୍ୟ ଭାବେ ବିଧାୟକ ହୋଇଥିବା ଆଦିତ୍ୟ ଏହାକୁ ନେଇ କହିଛନ୍ତି, ଝଡ଼ବର୍ଷାରେ ଚାଷୀଙ୍କ ଫସଲ ନଷ୍ଟ ଓ ମତ୍ସ୍ୟଜୀବୀଙ୍କ ଡଙ୍ଗା ଭାଙ୍ଗିଯାଇଛି। ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସମ୍ପର୍କରେ ରାଜ୍ୟପାଳଙ୍କ ସହ ଆଲୋଚନା ହୋଇଛି। ସରକାର ଗଠନ ☞ପୃଷ୍ଠା–୨

ବହୁ ଚର୍ଚ୍ଚିତ ସନ୍ଦୀପ ନନ୍ଦ ହତ୍ୟା ମାମଲା

୧୦ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ବହୁଚର୍ଚ୍ଚିତ ସନ୍ଦୀପ ନନ୍ଦ ହତ୍ୟା ମାମଲାର ଶୁଣାଣି କରି ଭୁବନେଶ୍ୱର ଚତୁର୍ଥ ଅତିରିକ୍ତ ଜିଲା ଦୌରାଜଜ୍ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୧୦ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ସତ୍ୟ ରଞ୍ଜନ ପ୍ରଧାନ। ଜରିମାନା ଅନାଦାୟ ହେଲେ ଆହୁରି ୬ମାସ ଜେଲ୍ ଭୋଗିବାକୁ ପଡିବ। ୧୯ ଜଣଙ୍କ ସାକ୍ଷ୍ୟ ଓ ୨୪ଟି କାଗଜପତ୍ରକୁ ଆଧାର କରି ବିଚାରପତି ପ୍ରଧାନ ଏହି ରାୟ ଶୁଣାଇଛନ୍ତି। ଆଜୀବନ କାରାଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ଆଶିଷ କୁମାର ବେହେରା (୨୬), ଶୈଳେନ୍ଦ୍ର ସାମନ୍ତରାୟ (୪୧), ସୁନୀଲ କୁମାର ସାମନ୍ତରାୟ (୩୬), ଘନଶ୍ୟାମ ବାଉତ (୩୮), ପ୍ରଭାତ ରଞ୍ଜନ ବେହେରା (୪୪), ତ୍ରିଲୋଚନ ବେହେରା (୩୪), ଛବୀନ୍ଦ୍ର ବେହେରା (୩୭), ପ୍ରକାଶଚନ୍ଦ୍ର ବେହେରା (୩୪), ଅଶୋକ କୁମାର ବାଉତ (୩୫) ଓ ବିଷ୍ଣୁପ୍ରସାଦ ବେହେରା (୪୨)। ସମସ୍ତ ଅଭିଯୁକ୍ତଙ୍କ ଘର ଘାଟିକିଆ ଅଞ୍ଚଳରେ।

ସନ୍ଦୀପ ନନ୍ଦ।

ସରକାରୀ ପିପି ଭାବେ ମାମଲା ପରିଚାଳନା କରୁଥିଲେ ଡା. ସୁରେଶ କୁମାର ବାରି। ସହଯୋଗ କରିଥିଲେ ରଞ୍ଜିତ ମହାପାତ୍ର ଓ ସୁଧାଂଶୁ ଶେଖର ପଣ୍ଡା। ୨୦୧୨ ଏପ୍ରିଲ ☞ପୃଷ୍ଠା–୨

ଗୁରୁଦାସ ଦାସଗୁପ୍ତାଙ୍କ ଦେହାନ୍ତ

କୋଲକାତା, ୩୧।୧୦(ପି.ଟି.)

ସିପିଆଇର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଗୁରୁଦାସ ଦାସଗୁପ୍ତା(୮୩)ଙ୍କ ଗୁରୁବାର ସକାଳେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ଦୀର୍ଘଦିନ ଧରି ସେ ଫୁସ୍‌ଫୁସ୍, କର୍କଟ ଓ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ଥିଲେ। ଏଆଇଟିୟୁସିର ସେ ଜଣେ ବରିଷ୍ଠ ନେତା ଥିଲେ। ୧୯୮୫ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ପରେ ଲୋକ ସଭାକୁ ୨୦୦୪, ୨୦୦୯ରେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ତ୍ରୀ ଓ ଝିଅ ଅଛନ୍ତି। ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ବାପୁନି
ପରିବାରବର୍ଗ

ଜାଗୃତି
ପରିବାରବର୍ଗ

ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବିଜେଡି ସଭ୍ୟ ସଂଗ୍ରହ ଅବଧି ୩ ସପ୍ତାହ ବୃଦ୍ଧି

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

- ସଂଗ୍ରହ ହେଲେଣି ୪୧ ଲକ୍ଷ ସଭ୍ୟ
- ଢିଲା ନିର୍ବାଚନମଣ୍ଡଳୀକୁ ତାଗିଦ୍

ଅକ୍ଟୋବର ଶେଷ ସୁଦ୍ଧା ବିଜେଡି ପକ୍ଷରୁ ପ୍ରାୟ ୪୧ ଲକ୍ଷଙ୍କୁ ଦଳୀୟ ସଭ୍ୟ କରାଯାଇଥିବା ଜଣାପଡ଼ିଛି। ସେହିପରି ସଭ୍ୟ ସଂଗ୍ରହରେ ଦେଖାଦେଇଥିବା ଉତ୍ସୁକତାକୁ ଦେଖି ଏହି ଅଭିଯାନକୁ ଆହୁରି ୩ ସପ୍ତାହକୁ ବୃଦ୍ଧି କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ଜିଲା ପର୍ଯ୍ୟବେକ୍ଷକ ଓ ଜିଲା ସଭାପତିଙ୍କ ବୈଠକରୁ ଏହା ଜଣାପଡ଼ିଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସଭ୍ୟ ସଂଗ୍ରହ ଏବଂ ଦଳର ଶୀର୍ଷ ନେତୃତ୍ୱ ଦ୍ୱାରା ସ୍ଥିରୀକୃତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରୁଥିବା ଜିଲା ଏବଂ ନିର୍ବାଚନମଣ୍ଡଳୀକୁ ପ୍ରଶଂସା କରାଯାଇଥିଲା। ଅନୁରୂପ ଭାବେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ନ ଥିବା ଜିଲା ଓ ନିର୍ବାଚନମଣ୍ଡଳୀରେ ଥିବା ନେତୃବର୍ଗଙ୍କୁ ତାଗିଦ୍ କରାଯାଇଥିଲା। ପୂର୍ବ ଯୋଜନା ମୁତାବକ କାର୍ଯ୍ୟ ନ ହେଲେ ଦାୟିତ୍ୱରେ ଥିବା ନେତାମାନଙ୍କୁ ଅପସାରଣ କରାଯିବାର ପରୋକ୍ଷ ଚେତାବନୀ ମଧ୍ୟ ଦିଆଯାଇଛି। ବିଶେଷକରି ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟାବଳୀକୁ ନଜରରେ ରଖି ଏପରି ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ୧୭ରୁ ୧୯ ନିର୍ବାଚନମଣ୍ଡଳୀର ସାଙ୍ଗଠନିକ କାର୍ଯ୍ୟ, ସଭ୍ୟ ସଂଗ୍ରହ ଇତ୍ୟାଦିକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିବା ଜଣାପଡ଼ିଛି। ସଭ୍ୟ ସଂଗ୍ରହରେ ଯୁବ, ମହିଳା ବର୍ଗକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ଜଣାପଡ଼ିଛି। ନିକଟରେ ଦଳ ପକ୍ଷରୁ 'ଓଡ଼ିଶା- ମୋ ପରିବାର' କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହା ଦଳକୁ ଆହୁରି ଲୋକଙ୍କ ନିକଟତର କରାଇବ ବୋଲି ମତ ପ୍ରକାଶ ପାଇଥିଲା। ଏହି ସାଙ୍ଗଠନିକ ବୈଠକରେ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ, ଅମର ଶତପଥୀ, ପ୍ରମିଳା ମଲ୍ଲିକ, ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ମହାନ୍ତି, ଦେବାଶିଷ ସାମନ୍ତରାୟ, ଚନ୍ଦ୍ରସାରଥି ବେହେରା, ବିଜୟ ନାୟକ, କିଶୋର ମହାନ୍ତି, ଲାଲ୍‌ବିହାରୀ ହିମିରିକା ପ୍ରମୁଖ ବୈଠକରେ ଯୋଗଦାନ କରିଥିଲେ।

#MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ

ଆଭାସ ବରାଳ

ଜ୍ୟୋତିର୍ମୟୀ ସାହୁମଲ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

ଉଦ୍ଧବ ନେବେ...

ପ୍ରଥମ ପୃଷ୍ଠାରୁ...

ନେଇ ତାଙ୍କର କିଛି କହିବାର ନାହିଁ। ଏସମ୍ପର୍କରେ ଯାହା କହିବାର ଅଛି ଉଦ୍ଧବଜୀ କହିବେ। ତାଙ୍କ କଥା ଚୂଡ଼ାନ୍ତ ବୋଲି ଆଦିତ୍ୟ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିବସେନା ମୁଖ୍ୟମନ୍ତ୍ରୀ ପଦ ପାଇଁ ନିଜ ଦାବିରୁ ଓହରି ନ ଥିବା ଏହାର ମୁଖପତ୍ର 'ସାମ୍ନା'ରେ ସଙ୍କେତ ଦିଆଯାଇଛି। ଭାଜପା ନିଜ ସହଯୋଗୀଙ୍କୁ ନେଇ 'ବ୍ୟବହାର କର ଓ ଫିଙ୍ଗ' ନୀତି ଆପଣାଇଥିବା ଏଥିରେ କୁହାଯାଇଛି। ପ୍ରକାଶ ଯେ, ନିର୍ବାଚନରେ ଭାଜପାକୁ ୧୦୫ ଓ ଶିବସେନାକୁ ୫୬ ଆସନ ମିଳିଛି। ଏନ୍‌ସିପି ୫୪ ଆସନରେ ସଫଳତା ପାଇଥିବାବେଳେ କଂଗ୍ରେସକୁ ୪୪ ଆସନ ମିଳିଛି। ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୪୫ ହୋଇଥିବାବେଳେ ଭାଜପାର ଏକଜିଦିଆ ଆଭିମୁଖ୍ୟ ଶିବସେନା ସହ ବିରୋଧୀଙ୍କୁ ନିକଟତର କରିଛି ବୋଲି ବିଶ୍ଳେଷକମାନେ ମତଦେଇଛନ୍ତି।

୫-ଟି ବ୍ୟବସ୍ଥାକୁ ନେଇ ଅପରାଜିତା-ଅରୂପ ଲଢ଼େଇ

ପ୍ରଶାସନିକ ପ୍ରଶିକ୍ଷଣ ବେଳେ ଶିଖିଛୁ, ନୂଆ ନୁହେଁ: ଅପରାଜିତା

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

- ମୁଖ୍ୟମନ୍ତ୍ରୀ ହେଲେ ବଦଳାଇ ଦେବେ: ଅରୂପ
- ୫-ଟି ନାଁରେ ପ୍ରହସନ ଚାଲିଛି: ସୁର

ଆଇଏଏସ୍ ପ୍ରଶିକ୍ଷଣ ସମୟରେ ୫-ଟି ପାଠ ପଢାଯାଉଥିଲା। ରାଜ୍ୟ ସରକାର ଲାଗୁ କରିଥିବା ୫-ଟି ଏକ ଅଭିନବ ପଦକ୍ଷେପ ନୁହେଁ। ଏଥିରେ କୌଣସି ନୂତନତ୍ୱ ନାହିଁ, ଏହା ବହୁତ ପୁରୁଣା କଥା ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଅପରାଜିତା କହିଛନ୍ତି ଯେ, ଏହା ସୁଶାସନର ପକ୍ଷ ନୁହେଁ। ଶାସକ ବିଜେଡି ୨୦ବର୍ଷ ଧରି ରାଜ୍ୟରେ ଶାସନ କରୁଥିବାବେଳେ ହଠାତ୍ ଏବେ କାହିଁକି ୫-ଟି ଅଣାଗଲା। ରାଜ୍ୟ ସରକାର ୫-ଟିର ଏକ ଅଲଗା ବିଭାଗ କରି ଜଣକୁ ଦାୟିତ୍ୱ ଦେଇ ବିଭାଗୀୟ ମନ୍ତ୍ରୀ ଏବଂ ସଚିବମାନଙ୍କୁ ଦୁର୍ବଳ କରୁଛନ୍ତି। ଗୃହ ଏବଂ ସ୍ୱାସ୍ଥ୍ୟ ବିଭାଗ ପରି ଅନେକ ବିଭାଗର ସଚିବ ଏବଂ ମନ୍ତ୍ରୀଙ୍କ ପାରିବା ପଣିଆ ଓ ଯୋଗ୍ୟତା ଉପରେ ରାଜ୍ୟ ସରକାର ବର୍ତ୍ତମାନ ପ୍ରଶ୍ନ ଉଠାଉଛନ୍ତି। ୫-ଟି ପାଇଁ ଅଲଗା ବିଭାଗ କରିବା ପରିବର୍ତ୍ତେ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ସଚିବ ଏବଂ ମନ୍ତ୍ରୀମାନଙ୍କୁ ସଶକ୍ତ ଏବଂ ସକ୍ଷମ କରାଯାଉ। ଏହାଦ୍ୱାରା କାର୍ଯ୍ୟ ହେଉ କିନ୍ତୁ ଏହାକୁ ଏକ ଅଲଗା ବିଭାଗ କରି ଜଣକୁ ସମସ୍ତ କ୍ଷମତା ଦେବା ଠିକ୍ ନୁହେଁ। ପ୍ରଚଳିତ ବ୍ୟବସ୍ଥାକୁ ଅଧିକ ସୁଦୃଢ କରାଗଲେ ଜନସାଧାରଣ ଉପକୃତ ହେବେ ବୋଲି ଅପରାଜିତା କହିଛନ୍ତି।

ଅପରାଜିତାଙ୍କ ଏଭଳି ମନ୍ତବ୍ୟକୁ ସମାଲୋଚନା କରି ବିଜେଡି ନେତା ଅରୂପ ପଟ୍ଟନାୟକ କହିଛନ୍ତି, ଆଇଏଏସ୍/ଆଇପିଏସ୍ ଟ୍ରେନିଂ ସମୟରେ ଯାହା ହୁଏ ଜାଣିଛି। ଆଇପିଏସ୍ ଟ୍ରେନିଂରେ ପରେଡ ଶିଖାଯାଏ। ଲୋକଙ୍କୁ କିପରି ହ୍ୟାଣ୍ଡେଲ କରାଯିବ ସେକଥା ଟ୍ରେନିଂ ଯାଏନାହିଁ। ସେହି ଟ୍ରେନିଂଗୁଡିକରେ ଲୋକଙ୍କ ସହିତ କେମିତି ମିଶିବ, ବସିବ ଏଗୁଡିକ ଶିଖାଯାଏ ନାହିଁ। ସେହି ଭଦ୍ର ମହିଳା ଟ୍ରେନିଂରେ ୫-ଟି ଶିଖିଥିବେ। ଯେତେବେଳେ ସିଏ ମୁଖ୍ୟମନ୍ତ୍ରୀ ହେବେ ସେତେବେଳେ ୫-ଟି ଉଠାଇଦେବେ ବୋଲି ଅରୂପ କହିଛନ୍ତି। ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି, ୫-ଟି ଏକ ବିଭାଗ ନୁହେଁ ବରଂ ଏହା ଏକ ଚାଟର। ୫-ଟିର ଚିନ୍ତା, ଚେତନା, ଭିନ୍ନ ଅଟେ। ସରକାରୀ କର୍ମଚାରୀଙ୍କୁ ସୁପରିଚାଳିତ କରିବା ଉଦ୍ଦେଶ୍ୟ ହୋଇଥିବା ବେଳେ ଜଣେ ପୂର୍ବତନ ପ୍ରଶାସିକାଙ୍କ ପାଖରୁ ଏପରି ମନ୍ତବ୍ୟ ଆଶା କରାଯାଇ ନ ପାରେ। କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ସରକାରଙ୍କ ୫-ଟି ନା ଚା। ଏଇଠି କ୍ୟାପିଟାଲ ହସ୍ପିଟାଲରେ ରୋଗୀ ପଡିଛନ୍ତି, ସାଲାଇନ ଚାଲିଛି। ଏଠି ହସ୍ପିଟାଲରେ ବେଡ୍ ନାହିଁ ରୋଗୀ ତଳେ ଗଡୁଛନ୍ତି, ଏମାନେ ବାହାରେ ବୁଲୁଛନ୍ତି। ଆଗ ରାଜଧାନୀ ଅବସ୍ଥା ଦେଖ। ୫-ଟି ଏକ ପ୍ରହସନ। ଏଠାରେ ଲୋକଙ୍କୁ ସେବା ନ ଦେଇ ବାହାରେ ବାହାବା ନେବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ସୁର କହିଛନ୍ତି।

୧୦ ଅଭିଯୁକ୍ତଙ୍କୁ...

୧ରେ ଖଣ୍ଡଗିରି କଳିଙ୍ଗନଗର ଛକରେ ଘଟିଥିଲା ଏହି ହତ୍ୟାକାଣ୍ଡ। ଘାଟିକିଆ ଅଞ୍ଚଳର ସନ୍ଦୀପଙ୍କ ଗୋଷ୍ଠୀ ସହ ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ବହୁଦିନ ହେବ ଶତ୍ରୁତା ଲାଗି ରହିଥିଲା। ଘଟଣାଦିନ ସନ୍ଦୀପ ତା'ର ଦୁଇ ବନ୍ଧୁ ଦେବାଶିଷ କର ଓ ଲୋକନାଥ ମହାପାତ୍ରଙ୍କ ସହ ଘାଟିକିଆ ଛକସ୍ଥିତ ଏକ ଦୋକାନରୁ ଚା' ପିଇ ବାଇକଯୋଗେ କଳିଙ୍ଗ ନଗର ଛକରେ ପହଞ୍ଚିଥିଲେ। ପୂର୍ବରୁ ସେଠାରେ ଯୋଜନାବଦ୍ଧଭାବେ ଜଗି ରହିଥିବା ୧୦ଜଣ ଅଭିଯୁକ୍ତ ଲୁହାରଡ୍, ହକି ଷ୍ଟିକ ଓ ବିଭିନ୍ନ ମାରଣାସ୍ତ୍ରରେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଉଦ୍ଧାର କରି ଖଣ୍ଡଗିରି ଥାନାଞ୍ଚଳରେ ଥିବା ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସନ୍ଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସନ୍ଦୀପଙ୍କର ସେଠାରେ ମୃତ୍ୟୁ ଘଟିଥିଲା। ଏନେଇ ଖଣ୍ଡଗିରି ଥାନା ପୋଲିସ ଆଇପିସି ଦଫା ୨୯୪, ୩୪୧, ୩୦୨ ଓ ୩୪ରେ ମାମଲା ନଂ.୧୨୬/୧୨ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ଆଜି ଚନ୍ଦ୍ରଙ୍କ ସହ ଶନି ଓ କେତୁଙ୍କ ସଂଯୋଗ ପ୍ରଭାବରେ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର ଅନିବାର୍ଯ୍ୟ ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ।

ବୃଷ

ଆପଣଙ୍କ ରାଶିକୁ ଶୁଭଗ୍ରହମାନେ ଦେଖୁଥିବାରୁ ଆଜି ବୈଷୟିକ ସୁଖ, ସମ୍ପଦ ପ୍ରଦାନ କରିବାରେ ସହାୟକ ହେବେ। କିନ୍ତୁ ଶନି ସଂସ୍ପର୍ଶରେ ଚନ୍ଦ୍ର ଉଦାସୀନତା ସୃଷ୍ଟିକରି ଭୋଗ ବିଳାସ ପ୍ରତି ବୈରାଗ୍ୟ ଭାବ ଉଦ୍ରେକ କରିପାରନ୍ତି। ଆପଣ ଘର ସକାଶେ, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ।

ମିଥୁନ

ସପ୍ତମ କେନ୍ଦ୍ରସ୍ଥ ଏକାଧିକ ଗ୍ରହ ହେତୁ ବିବାଦରେ ପଶିଲେ ଅପଦସ୍ଥ ହେବେ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ପରାଜୟ ସ୍ୱୀକାର କରିବାକୁ ପଡିପାରେ। ପାଖପଡୋଶୀଙ୍କ ହସ୍ତକ୍ଷେପ ଯୋଗୁ ଘରୋଇ ବ୍ୟାପାରରେ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ନିଜର ମତ ବଦଳାଇ ଅସହଯୋଗ କରିବେ।

କର୍କଟ

କର୍ମସ୍ଥାନକୁ ଧନାଧିପଙ୍କ ଦୃଷ୍ଟିଜନିତ ଅର୍ଥଲାଭ ସହ ଏକ ନୂତନ ପରିବେଶରେ ସହାନୁଭୂତିର ସହ ସହାବସ୍ଥାନରୁ ନିଜକୁ ଭାଗ୍ୟବାନ୍ ମନେ କରିପାରନ୍ତି। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପୂର୍ବାହ୍ନରେ ଲାଭକରି ସାମୟିକ ଖୁସି ରହିବେ। ଶିଳ୍ପ, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ।

ସିଂହ

ରବିଙ୍କ ଦୁର୍ବଳତା ସାଇନୋଇସାଟିସ୍ ଭଳି ରୋଗ ଜନିତ ମୁଣ୍ଡବ୍ୟଥା କିମ୍ବା କ୍ରନିକ୍ ରୋଗ ପୀଡାକୁ ନିମନ୍ତ୍ରଣ କରିପାରେ। ତଥାପି କର୍ତ୍ତବ୍ୟର ଦ୍ୱାହି ଦେଇ ଅନ୍ୟ ପାଇଁ ନିଜେ କଷ୍ଟ ସ୍ୱୀକାର କରିପାରନ୍ତି। କର୍ମକ୍ଷେତ୍ରରେ ଅପରାହ୍ନ ସମୟରେ କାରଣ ନ ଥାଇ ମଧ୍ୟ ଦୋଷୀସାବସ୍ତ୍ୟ ହେବାର ଆଶଙ୍କା ରହିଛି।

କନ୍ୟା

ଶନିଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ସନ୍ତାନ ହେତୁକ ସମସ୍ୟାରେ ବ୍ୟସ୍ତତା ସୃଷ୍ଟି କରିବ। କିଛି ମତ ମନ୍ତବ୍ୟ ଦେବା ପୂର୍ବରୁ ଭାବିଚିନ୍ତି କହିବା ଭଲ ହେବ ଅନ୍ୟଥା ଅଶାନ୍ତି ସୃଷ୍ଟି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାରେ ବନ୍ଧୁ ସାହାଯ୍ୟ କରିବେ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

ତୁଳା

ଅଭାବ ଅସୁବିଧା ଲାଗି ରହିଥିବା ଯୋଗୁ ଇଚ୍ଛା ଥିଲେ ମଧ୍ୟ କେତେକ ଅଭିଳଷିତ କାମ ଅଧୁରା ରହିଯିବ। ସ୍ୱାମୀ କିମ୍ବା ପତ୍ନୀଙ୍କ କ୍ଷୋଭ, ସନ୍ତାନଙ୍କ ବେଖାତିର କାମ ସାଙ୍ଗକୁ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ମାନସିକ ସ୍ଥିରତା ହରାଇବେ। ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର ହେତୁ ସ୍ୱରୂପ ହୋଇପାରେ।

ବିଛା

କେବଳ କଳ୍ପନା ମାଧ୍ୟମରେ ମାନସିକ ସ୍ତରରେ ଆନନ୍ଦ ଅନୁଭବ କରିବେ, ଯେହେତୁ ବାସ୍ତବତା ବହୁ ଦୂରରେ ରହିଯିବ। କର୍ମକ୍ଷେତ୍ରରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କୁ ସାହାଯ୍ୟ ମାଗିବେ। ଗୃହସୀମାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

ଧନୁ

ପାପଗ୍ରହମାନେ ରାଶିକୁ ପ୍ରଭାବିତ କରୁଥିବାରୁ ନିଜର ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇ ଅନ୍ତରଙ୍ଗମାନଙ୍କ ଆନ୍ତରିକତାକୁ ହରାଇ ପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରିବାରରେ କାହାକୁ ସନ୍ଦେହ କରି ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହେବାର ସମ୍ଭାବନା ରହିଛି।

ମକର

ଗ୍ରହମାନଙ୍କ ପ୍ରତିକୂଳ ସ୍ଥିତିଜନିତ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବିତ ସମୟରେ କାର୍ଯ୍ୟ ସମ୍ପନ୍ନ ହେବା କାରଣରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆଲୋଚନା ପରିସରରେ ଆପଣ ଯୁକ୍ତିଯୁକ୍ତ କଥା କହି, ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ଉଚ୍ଚ ବର୍ଗର ବ୍ୟକ୍ତିବିଶେଷଙ୍କ ଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ।

କୁମ୍ଭ

ରାହୁଙ୍କ ପ୍ରଭାବରେ ଆପଣ ଭୁଲ୍ ନିଷ୍ପତ୍ତି ନେଇ ହରଡ଼ଘଣାରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପିଲାମାନଙ୍କର କିଛି ସମସ୍ୟାକୁ ନେଇ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ତଥାପି ଜମିଜମା, ପରିବହନରେ ସମସ୍ୟା କମିଯାଇପାରେ।

ମୀନ

କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିପାରେ। ସ୍ୱାସ୍ଥ୍ୟ ସମସ୍ୟା ସୁଧୁରି ଯିବ ଓ ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ରହିବ ନାହିଁ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। ଅଭାବ ନ ଥିଲେ ମଧ୍ୟ ଶାନ୍ତି ପାଇବା କଷ୍ଟକର ହୋଇପାରେ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷର ନାଗ ପଞ୍ଚମୀ ଶୁକ୍ରବାର, ନଭେମ୍ବର ୧ ତାରିଖ, ବିଶ୍ୱ ଶୁଦ୍ଧ ଶାକାହାରୀ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୬ମି. ମଧ୍ୟେ, ଘ୬।୨୧ମି. ଗତେ ଘ୯।୩୭ମି. ମଧ୍ୟେ, ଘ୧୧।୫୨ମି. ଗତେ ଘ୨।୫୩ମି. ମଧ୍ୟେ ଅମୃତବେଳା। ଦିବା ଘ୮।୪୮ମି. ମଧ୍ୟେ ଘ୧୧।୫୫ମି. ଗତେ, ଘ୧୧।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୫ମି. ଗତେ ଘ୧୧।୩୦ମି. ମଧ୍ୟେ ରାହୁକାଳ।

classifieds Everyday
0674-2580101, 2549302

automobile

SALE

Honda- (Suv)- BRV-Id Tech 1.5 Diesel 2017- Aug-Owner Driven- 6900km only. 9437025786. D-68151

2012 December, Renault Duster, 3.5Lacs for Immediate sale. Contact-9937050101. D-68305

real estate

SALE

2BHK flat near Garage Chhaka, Bhubaneswar, Bhubaneswari Temple nearby. Buyer: 8328890345. D-68304

ପାଟ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689. D-66797

Plot and Duplex are available for sale in Patia, Contact: 7008492713. D-67099

Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826. D-68407

ପାରାଦ୍ୱୀପ ଏସସର ପେଟ୍ରୋଲ ଟାଙ୍କି (କଟକ-ପାରାଦ୍ୱୀପ ରାସ୍ତା) ପାଖରେ ୨୫ ଡେସିମିଲ ଘରବାଡି ଜମି ପାଚେରି ଏବଂ ଗେଟ୍ ସହ ୫୫ ଲକ୍ଷରେ ବିକ୍ରି ହେବ । ଯୋଗାଯୋଗ: ୯୯୩୮୨୧୯୪୩୪, ୯୧୧୪୩୯୫୭୦୬ ଧ-୧୪୯୭୭

4BHK duplex with gated community at Balianta (Land-1400 & construction-2200 @ 60,00,000/-, 2600 @ 70,00,000/-) Mplanets: 9938219397, 9861022055. D-14975

Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412. D-68022

କଟକ-ଚଣ୍ଡୀପୁର ଧାକୁଲେଇପୀଠରୁ

ଡାକ୍ତରଙ୍କଠାରୁ ନିରାଶ ହୋଇ ଗୁଣିଆଙ୍କ ପାଖରେ ଚିକିତ୍ସା କରାଇବା ପରେ ଜଣେ ଅସୁସ୍ଥ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ପରେ ଅର୍ଥ ଅଭାବରୁ ପରିବାର ଲୋକେ ମୃତଦେହକୁ ଭାରରେ ପ୍ରାୟ ୩୦ କିଲୋମିଟର ବାଟ ବୋହି ନେଇଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ ଟେମ୍ପାଲି ଗ୍ରାମର ମୁଡେ କାଲମାରି (୩୦)ଙ୍କୁ ଜ୍ୱର ସହ ହାତ ଗୋଡ଼ ବିନ୍ଧା ହୋଇଥିଲା। ପରିବାର ଲୋକେ ତାଙ୍କୁ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସା ହୋଇପାରିବ ନାହିଁ, ଘରକୁ ନେଇଯାଅ ବୋଲି ଡାକ୍ତର କହିଥିଲେ। ବାଧ୍ୟହୋଇ ସେମାନେ ଗୁଣିଆଙ୍କ ପାଖକୁ ତାଙ୍କୁ ନେଇ ୨ ଦିନ ଚିକିତ୍ସା ଚାଲିବା ପରେ ଗତ ବୁଧବାର ରାତିରେ ମୁଡେଙ୍କ ମୃତ୍ୟୁ ହୋଇଥିଲା।

ଚୋର ଧରିବାକୁ ଆସି ଫସିଗଲେ ଗୁଣିଆ

ରାଜକନିକା, ୩୧।୧୦ (ଡି.ଏନ୍.ଏ.)

ଚୋର ଧରିବା କି ଡାହାଣୀ ଛଡ଼ାଇବାକୁ ହେଲେ ଗାଁଗହଳିରେ ଖୋଜା ପଡ଼ନ୍ତି ଗୁଣିଆ। ବାଉଁଶ କାଠିରେ ତିଆରି ପାତିଆ ବ୍ୟବହାର କରି ଗୁଣିଆ ଚୋର ଧରନ୍ତି। ଲୋକମାନେ ବି ଗୁଣିଆ କଥାକୁ ଅନ୍ଧ ଭଳି ବିଶ୍ୱାସ କରି ସେ ଧରିଥିବା ଲୋକକୁ ଚୋର ବିବେଚିତ କରିବା ସହ ନାନା ନିର୍ଯାତନା ଦେବା ଘଟଣା ବହୁ ସମୟରେ ନଜରକୁ ଆସେ। ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ଗୁଣିଆକୁ ପରୀକ୍ଷା କରିବା ପାଇଁ ଯୁବକମାନେ କରିଥିବା ପ୍ରୟାସକୁ ଚାରିଆଡେ ପ୍ରଶଂସା କରାଯାଉଛି। ଥାନା ଅଧୀନ ଲୁହାରମୁହଁ ଗ୍ରାମକୁ ଚୋର ଧରିବାକୁ ଆସିଥିବା ଜଣେ ଗୁଣିଆଙ୍କ ମିଛ ଧରା ପଡ଼ିଯିବା ପରେ ସେ ଅଗ୍ରିମ ନେଇଥିବା ୫ ହଜାର ଟଙ୍କା ଫେରାଇବା ସହ ଗ୍ରାମବାସୀଙ୍କୁ ଭୁଲ୍ ମାଗିଥିବା ଜଣାପଡ଼ିଛି।

ଘଟଣା ମୁତାବକ, ଉକ୍ତ ଗ୍ରାମର କାସିମୁଦିନ ଖାଁଙ୍କ ଘରୁ ଗତ ୨୬ ତରିଖ ରାତିରେ ସୁନା କାନଫୁଲ ଚୋରି ହୋଇଥିଲା। ଚୋର ଧରିବା ପାଇଁ ଗାଁ କମିଟି ସୁପାରିସ କ୍ରମେ କାସିମୁଦିନ ଭଦ୍ରକ ତିହିଡ଼ି ଅଞ୍ଚଳର ଜଣେ ଗୁଣିଆକୁ ଡାକିଥିଲେ। ହେଲେ ଗ୍ରାମର କେତେଜଣ ଯୁବକ ଗୁଣିଆକୁ ପରୀକ୍ଷା କରିବାକୁ ସ୍ଥିର କରି ମୋବାଇଲ ଚୋରି ହୋଇଥିବା ନାଟକ କରିବା ସହ ଚୋରକୁ ଧରିବାକୁ କହିଥିଲେ। ଗୁଣିଆ ଜଣକ ଗ୍ରାମର ଜଣେ ବୃଦ୍ଧଙ୍କ ଦେହରେ ପାତିଆ ଲଗାଇ ସେ ଚୋରି କରିଥିବା କହିଥିଲେ। ଏହାପରେ ଗୁଣିଆଙ୍କ ମିଛ ପଦାରେ ପଡ଼ିଯାଇଥିଲା।

■ ୮ ରାଜ୍ୟ ସଭା କମିଟି ପୁନର୍ଗଠିତ

ପ୍ରସନ୍ନ ଆଚାର୍ଯ୍ୟ ପିଟିଶନ୍ସ କମିଟି ଅଧ୍ୟକ୍ଷ

ନୂଆଦିଲ୍ଲୀ,୩୧।୧୦

ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଗୁରୁବାର ୮ଟି ଗୃହ କମିଟିର ପୁନର୍ଗଠନ କରିଛନ୍ତି। ଦଳୀୟ ସହକର୍ମୀ ନାରାୟଣ ଲାଲ୍‌ପଞ୍ଚରିୟାଙ୍କ ସ୍ଥାନରେ ଭାଜପା ନେତା ପ୍ରଭାତ ଝାଙ୍କୁ ଏଥିକ୍ସ କମିଟିର ଅଧ୍ୟକ୍ଷ କରାଯାଇଥିବାବେଳେ ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପିଟିଶନ୍ସ କମିଟି ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ଏହି ପଦବୀରେ ପ୍ରଭାତ ଝା ଥିଲେ। ରାଜ୍ୟ ସଭା ସଦସ୍ୟମାନଙ୍କ ବିରୋଧରେ ଅଭିଯୋଗ ଆସିଲେ ଏଥିକ୍ସ କମିଟି ଏହାର ଅନୁଧ୍ୟାନ କରିଥାଏ। ଉପରାଷ୍ଟ୍ରପତି ନାଇଡୁ କଂଗ୍ରେସ ଏମ୍‌ପି ଡ. ଟି. ସୁବ୍ବରାମି ରେଡ୍ଡୀଙ୍କୁ ସବ୍‌ଅର୍ଡିନେଟ ଲେଜିସ୍‌ଲେଶନ କମିଟି ଅଧ୍ୟକ୍ଷ ନିଯୁକ୍ତ କରିଥିବାବେଳେ ଏ. ନବନୀଥ କ୍ରିଷ୍ଣନ୍‌ଙ୍କୁ ସରକାରୀ ଆସ୍ୟୁରାନ୍ସ କମିଟି ଅଧ୍ୟକ୍ଷ, ଭାଜପା ଏମ୍‌ପି ଓମ୍‌ପ୍ରକାଶ ମାଥୁରଙ୍କୁ ଗୃହ କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ବିଜେଡି ଏମ୍‌ପି ଅମର ପଟ୍ଟନାୟକଙ୍କୁ ସବ୍‌ଅର୍ଡିନେଟ ଲେଜିସ୍‌ଲେଶନ୍ କମିଟି ସଦସ୍ୟ ଏବଂ ଦଳର ଗଣମାଧ୍ୟମ ସଂଯୋଜକ ସସ୍ମିତ ପାତ୍ରଙ୍କୁ ରାଜ୍ୟସଭା ପ୍ରିଭିଲେଜ୍ କମିଟିର ସଦସ୍ୟ ମନୋନୀତ କରାଯାଇଛି। ନିୟମ ଅନୁଯାୟୀ ରାଜ୍ୟ ସଭା ଅଧ୍ୟକ୍ଷ ବିଜ୍‌ନେସ୍ ଆଡଭାଇଜରି କମିଟି ଓ କମିଟି ଅଫ୍ ରୁଲ୍ସର ମୁଖ୍ୟ ଓ ଉପାଧ୍ୟକ୍ଷ ପ୍ରିଭିଲେଜ୍ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିଥାନ୍ତି। ବିଜ୍‌ନେସ୍ ଆଡଭାଇଜରି କମିଟିର ନୂଆ ସଦସ୍ୟମାନେ ହେଲେ କଂଗ୍ରେସର ବି.କେ. ହରିପ୍ରସାଦଯ, ଭାଜପାର ନାରାୟଣ ଲାଲ୍ ପଞ୍ଚରିୟା ଓ ଡ. ବିନୟ ପି. ସହସ୍ରବୁଦ୍ଧେ, ଟିଆର୍‌ଏସ୍‌ର ଡ. କେ. କେଶବ ରାଓ। ଏହା ବ୍ୟତୀତ ଗୃହର ନେତା ଓ ବିରୋଧୀ ଦଳ ନେତା ଏହି କମିଟିର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ। ସେହିପରି ରୁଲ୍ସ କମିଟିର ନୂଆ ସଦସ୍ୟ ହେଲେ ଭାଜପାର ଡ. ସତ୍ୟନାରାୟଣ ଜଟିୟା, ସ୍ୱପନ ଦାସ ଗୁପ୍ତା ଏବଂ ୱାଇ.ଏସ୍. ଚୌଧରୀ, କଂଗ୍ରେସର ପି.ଏଲ୍. ପୁନିଆ, ଅକାଳୀ ଦଳର ନରେଶ ଗୁଜରାଲ ଏବଂ ସ୍ୱାଧୀନ ସଦସ୍ୟ ସୁଭାଷ ଚନ୍ଦ୍ର ଓ ଅମର ସିଂ।

ମନ୍ଦିରରେ ସାଙ୍କେତିକ ଚିହ୍ନକୁ ନେଇ ଗୋଷ୍ଠୀ ସଂଘର୍ଷ

ମାଲକାନଗିରି, ୩୧।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଗୋରେଇଗୁଡ଼ାସ୍ଥିତ ଏକମନ୍ଦିରରେ ସାଙ୍କେତିକ ଚିହ୍ନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ମାଲକାନଗିରି ଆଦର୍ଶ ଥାନା ପକ୍ଷରୁ ସେଠାରେ ପୋଲିସ ମୁତୟନ କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି।



ଜିଲା ଚିଠି

କୋରାପୁଟ

ପରବ ପାଇଁ ଜାଗା

୧୯୯୬ରେ କୋରାପୁଟ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଆରମ୍ଭ ହୋଇଥିଲା 'ପରବ'। ବର୍ତ୍ତମାନ ଏହି ଉତ୍ସବ ୨୪ ବର୍ଷରେ ପହଞ୍ଚିଛି। ଇତିମଧ୍ୟରେ ପରବର କଳେବର ବୃଦ୍ଧି ହୋଇଛି। ରୂପରେଖ ମଧ୍ୟ ଅଧିକ ମାର୍ଜିତ ଓ ଚିତ୍ତାକର୍ଷକ ହୋଇଛି। ଏଥିସହିତ ପରବ ରାଜ୍ୟସ୍ତରୀୟ ଲୋକ ମହୋତ୍ସବର ମାନ୍ୟତା ପାଇ ସାରିଛି। କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଆରମ୍ଭ ହୋଇଥିବା ପରବ ସମୟକ୍ରମେ ପଡ଼ୋଶୀ ଜିଲା ତଥା ରାଜ୍ୟର ଅଧିକାଂଶ ଜିଲା ପାଇଁ ଅଗ୍ରଦୂତ ସାଜିଛି। ଫଳରେ ପଡ଼ୋଶୀ ମାଲକାନଗିରି ଜିଲାରେ ମାଲ୍ୟବନ୍ତ, ରାୟଗଡ଼ାରେ ଚଇତି, ନବରଙ୍ଗପୁରରେ ମଣ୍ଡେଇ ଆରମ୍ଭ ହୋଇଛି। ପରବରେ ରାଜସ୍ଥାନ, ଆସାମ, ଗୁଜରାଟ, ମହାରାଷ୍ଟ୍ର, ଆନ୍ଧ୍ର, ଜମ୍ମୁ-କଶ୍ମୀର, ପଶ୍ଚିମବଙ୍ଗ, କର୍ନାଟକ, ତାମିଲନାଡୁ ଏପରି କି ପଡ଼ୋଶୀ ଶ୍ରୀଲଙ୍କା ଦେଶର କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ଦେଖିବାର ସୁଯୋଗ ପାଇଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ସେହିପରି ପରବ ମାଧ୍ୟମରେ ଜିଲାର ବୈପାରିଗୁଡ଼ା ବ୍ଲକର ସିରିବେଡ଼ା କଳାକାରଙ୍କ ଦୁରୁଆ ନାଚ ଜାତୀୟସ୍ତରରେ ପହଞ୍ଚିଛି। ଲକ୍ଷ୍ମୀପୁର ବ୍ଲକ ଖଜୁରିପୁଟ ଗ୍ରାମ କଳାକାରଙ୍କ ଢେମସା ନୃତ୍ୟ ନିମନ୍ତେ ରାଜ୍ୟ ସରକାର ସେହି ଗାଁକୁ 'ଲୋକକଳା ଗ୍ରାମ' ଭାବେ ଘୋଷଣା କରିଛନ୍ତି। ଏହାପରେ ବି ଏହି ରାଜ୍ୟସ୍ତରୀୟ ଉତ୍ସବ ପାଳନ ପାଇଁ ବର୍ତ୍ତମାନ ସୁଦ୍ଧା କୋରାପୁଟରେ ଏକ ସ୍ଥାୟୀ ପଡ଼ିଆ ନାହିଁ। ଯାହାଦ୍ୱାରା ପରବ କେତେବେଳେ ରେଲୱେ ପଡ଼ିଆ, ପୋଲିସ ପଡ଼ିଆ, ଷ୍ଟାଡିୟମ ତ ଆଉ କେତେବେଳେ ସରକାରୀ ମହାବିଦ୍ୟାଳୟ ପଡ଼ିଆରେ ଆୟୋଜିତ ହେଉଛି। ପ୍ରତିବର୍ଷ ପ୍ରସ୍ତୁତି ବୈଠକରେ କେବଳ ପରବ କେଉଁ ସ୍ଥାନରେ ହେବ ସେନେଇ ଆଲୋଚନା ସରଗରମ ହେଉଛି। ପରବର୍ତ୍ତୀ ସମୟରେ ଏଥିରେ ଶିଥିଳତା ପ୍ରକାଶ ପାଉଛି। ୨୦୧୭ରେ ପରବର ମୁଖ୍ୟ ମହୋତ୍ସବ ପାଳନ ପାଇଁ ସ୍ଥାନୀୟ କୁମ୍ଭା ୧ ମୌଜାର ପ୍ରାୟ ୨୫ ଏକର ଜାଗାରେ ତରବରିଆ ଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ସଚିବଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରାୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ପରମୁହୂର୍ତ୍ତରେ କୋରାପୁଟ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ସ୍ଥାନକୁ ସଂରକ୍ଷିତ ଜଙ୍ଗଲ ଦର୍ଶାଯାଇଥିଲା। ପରେ ସେଠାରେ ନିର୍ମାଣ ହେବାକୁ ଥିବା ପରବ ପଡ଼ିଆ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଚଳିତ ବର୍ଷ ମଧ୍ୟ ସେହି ପଡ଼ିଆରେ ପରବ ହେବ ବୋଲି ଚିନ୍ତା କରାଯାଇଛି। ଏଥିପାଇଁ ଜିଲାପାଳଙ୍କ ସହିତ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉକ୍ତ ସ୍ଥାନ ପରିଦର୍ଶନ କରି ସେଠାରେ ନିର୍ମାଣ କାର୍ଯ୍ୟ କିପରି ପୁନର୍ବାର ଆରମ୍ଭ ହେବ ସେ ନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ତଥାପି ବନ ବିଭାଗ ସବୁଜ ସଙ୍କେତ ଦେଇ ନ ଥିବାରୁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପରବ ପଡ଼ିଆକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

– ଅମିତାଭ ବେହେରା

ଜଙ୍ଗଲକୁ ନେଇ ଯୁବତୀଙ୍କୁ ଗଣବଳାତ୍କାର

କୁଆଁରମୁଣ୍ଡା,୩୧।୧୦(ଡି.ଏନ୍.ଏ.)

୩ ଅଭିଯୁକ୍ତ ଗିରଫ

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଖୁଖୁଣ୍ଡୁବାହାଲ ଗ୍ରାମ ନିକଟ ଜଙ୍ଗଲରେ ଗତ ମଙ୍ଗଳବାର ରାତିରେ ଜଣେ ଯୁବତୀ(୧୮)ଙ୍କୁ ୩ଜଣ ଯୁବକ ଗଣବଳାତ୍କାର କରିଥିଲେ। ବୁଧବାର ଏ ସଂକ୍ରାନ୍ତରେ କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଏହି ଘଟଣାରେ ବୀରମିତ୍ରପୁର ଥାନା ପୋଲିସ କୁଆଁରମୁଣ୍ଡା ଫାଣ୍ଡି ଅଧୀନ ଡୁମେରଯୋର ପଞ୍ଚାୟତ କର୍ଲାବୁଡ଼ ଗ୍ରାମରେ ଚଢାଉ କରି ୩ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବିଜୟ ଓରାମ(୨୫), ରଞ୍ଜିତ ଟପ୍ପୋ(୨୬) ସଞ୍ଜିତ୍ ଟପ୍ପୋ(୨୭)। ଏ ନେଇ ବୀରମିତ୍ରପୁର ଥାନାରେ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୭୬(୨)(ଏନ୍)/୩୭୬ଡି,୩୬୨ରେ ଏକ ମାମଲା(ନଂ.୧୩୪/୧୯) ହୋଇଛି। ସଂପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗୁରୁବାର ଡାକ୍ତରୀମାଇନା କରାଇଛି। ରାଉରକେଲା ସରକାରୀ ହସ୍‌ପିଟାଲରେ ପୀଡିତାଙ୍କର ମଧ୍ୟ ଡାକ୍ତରୀମାଇନା କରାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୩ ଯୁବକ ମଙ୍ଗଳବାର ସମ୍ପୃକ୍ତା ଯୁବତୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ କୁଆଁରମୁଣ୍ଡାକୁ ଡାକି ଆଣିଥିଲେ। ରାତି ହେବାପରେ ଯୁବକମାନେ ତାଙ୍କୁ ଖୁଖୁଣ୍ଡୁବାହାଲ ଗ୍ରାମ ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ଜଣେ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ। ଫଳରେ ଯୁବତୀ ଜଣକ ଚେତାଶୂନ୍ୟ ହୋଇ ପଡିଥିଲେ। ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିବାରୁ ଯୁବକମାନେ ତାଙ୍କୁ ଜଙ୍ଗଲରେ ଛାଡି ଫେରାର ହୋଇଯାଇଥିଲେ। ବୁଧବାର ସକାଳେ ପୀଡ଼ିତାଙ୍କ ଚେତା ଫେରିବା ପରେ ବହୁ କଷ୍ଟରେ ସେ ଘରେ ପହଞ୍ଚି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ବୁଧବାର ରାତି ପ୍ରାୟ ୯ଟାରେ ପୀଡିତାଙ୍କ ସହ ପରିବାର ଲୋକେ କୁଆଁରମୁଣ୍ଡା ଫାଣ୍ଡିରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

ধরিত্রী

বাংলাদেশ সীমান্তে ৩৬৫ কিমি বেড়া নির্মাণ : শুরু ৩৬৫ দিনে শেষ হবে তো?

সীমান্তে কাঁটাতার বসানো নিয়ে বিতর্ক নতুন নয়। ১৯৯৯ সালে বেনাপোল সীমান্তে কাঁটাতার বসানোর সময় বিএসএফ ও বিজিবির মধ্যে সংঘর্ষে ১৫ জন নিহত হয়েছিলেন। ২০০১ সালে ভারতের সুপ্রিম কোর্ট নির্দেশ দেয় যে, সীমান্তের ১৫০ গজের মধ্যে কোনো বেড়া দেওয়া যাবে না। ২০১১ সালে ভারত সরকার ঘোষণা দেয় যে, সীমান্তে কাঁটাতার বসানো হবে না। ২০১৫ সালে ভারত ও বাংলাদেশ সীমান্ত চুক্তি সই করে। ২০১৯ সালে ভারত সরকার ঘোষণা দেয় যে, সীমান্তে কাঁটাতার বসানো হবে না। ২০২১ সালে ভারত সরকার ঘোষণা দেয় যে, সীমান্তে কাঁটাতার বসানো হবে না। ২০২৩ সালে ভারত সরকার ঘোষণা দেয় যে, সীমান্তে কাঁটাতার বসানো হবে না। ২০২৫ সালে ভারত সরকার ঘোষণা দেয় যে, সীমান্তে কাঁটাতার বসানো হবে না।



ঢাকা থেকে ৩৬৫ কিমি দূরে ৩৬৫ দিনে ৩৬৫ কিমি বেড়া নির্মাণ

'ଶାସକ ଦଳ ନେତାଙ୍କୁ ବଞ୍ଚାଇବାକୁ ଆତ୍ମହତ୍ୟା ରୂପ ଦିଆଯାଉଛି'

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ

- ଠିକ୍ ତଦନ୍ତ ନ ହେଲେ ଆନ୍ଦୋଳନ ଧମକ ଦେଲା କଂଗ୍ରେସ
- ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ପ୍ରତିନିଧି ଦଳ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ଜୋରଦାର ବର୍ଷିଛି। ଏହି ଘଟଣାକୁ ନେଇ ଭାଜପା ବାରମ୍ବାର ଆନ୍ଦୋଳନ କରୁଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ଏହି ଘଟଣାର ସିବିଆଇ ତଦନ୍ତ ଦାବି ମଧ୍ୟ କରିଛି। ଖୋଦ୍ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ଘଟଣାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି। ନିରଞ୍ଜନଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ମିତାରାଣୀଙ୍କ ମୃତ୍ୟୁ ରହସ୍ୟର ସିବିଆଇ ତଦନ୍ତ ଦାବିରେ ରାଜଭବନ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ଏହି ଅବସରରେ ନିରଞ୍ଜନ କହିଛନ୍ତି, ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଶାସକ ଦଳ ସଦସ୍ୟ। ସେଥିଲାଗି ଅଭିଯୁକ୍ତକୁ ବଞ୍ଚାଇବାକୁ ଏହି ହତ୍ୟାକାଣ୍ଡକୁ ଆତ୍ମହତ୍ୟା ରୂପ ଦେବାର ଚେଷ୍ଟା କରାଯାଉଛି। ଘଟଣାର ଉଚିତ ତଦନ୍ତ ହେବା ଦରକାର। ଯଦି ସ୍ମିତାରାଣୀଙ୍କୁ ଆତ୍ମହତ୍ୟା କରିବାର ଥିଲା ତେବେ ସେ ଗେଷ୍ଟହାଉସକୁ କାହିଁକି ଗଲେ। ତାଙ୍କୁ ଗେଷ୍ଟ ହାଉସ ଡକାଯାଇ କିଛି ଅଘଟଣ ଜାଣିଶୁଣି କରାଯାଇଛି। ଯଦି ସେଠାରେ ସେ ଆତ୍ମହତ୍ୟା କଲେ ତେବେ ସଙ୍ଗେସଙ୍ଗେ ପୋଲିସକୁ ଟେଲିଫୋନ କରିବାର ଥିଲା। ସେମିତି ନ କରି ପୋଲିସ ଆସିବା ଆଗରୁ କାହିଁକି ହସ୍ପିଟାଲ ନିଆଗଲା ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ନିରଞ୍ଜନଙ୍କ ଅଧକ୍ଷତାରେ ପିସିସିର ଏକ କମିଟି ପୀଡିତାଙ୍କ ପରିବାର ପାଇଁ ନ୍ୟାୟ ଦାବିରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୩ ତାରିଖରେ ପିସିସି ପକ୍ଷରୁ ଏକ ତଥ୍ୟ ଅନୁଧାନ କମିଟି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ଅଧ୍ୟକ୍ଷତାରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାର ସ୍ଥାନୀୟ ଜିଲା ଆରକ୍ଷୀ ଅଧୀକ୍ଷକ ଓ ପରିବାରବର୍ଗଙ୍କୁ ସାକ୍ଷାତ କରି ନିରପେକ୍ଷ ତଦନ୍ତ ସହ ପରିବାରବର୍ଗଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଯଦିଘଟଣାର ନିରପେକ୍ଷ ତଦନ୍ତ କରିବାରେ ବିଳମ୍ବ ହୁଏ ତେବେ ରାଜ୍ୟରେ କଂଗ୍ରେସ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ନିରଞ୍ଜନ କହିଛନ୍ତି।

ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଲାଗି ଏମ୍‌ଓୟୁ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଜେ-ପିଏଏଲ୍ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଗୁରୁବାର ଏମ୍‌ଓୟୁ ସ୍ୱାକ୍ଷରିତ।

- ଜେ-ପିଏଏଲ୍, ରାଜ୍ୟ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର
- ମହିଳା ସଶକ୍ତୀକରଣ, କୃଷି ଉତ୍ପାଦନ ବୃଦ୍ଧି, ଦାଦନ ସମସ୍ୟା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଗବେଷଣାଭିତ୍ତିକ ସହଯୋଗ ଉପରେ ଗୁରୁତ୍ୱ

ରାଜ୍ୟର ବିଭିନ୍ନ କ୍ଷେତ୍ରରୁ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଗୁରୁବାର ରାଜ୍ୟ ସରକାର ଅବ୍‌ଦୁଲ ଲତିଫ୍ ଜମିଲ ପଭର୍ଟି ଆକ୍ସନ ଲାବ୍(ଜେ-ପିଏଏଲ) ଦକ୍ଷିଣ ଏସିଆ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣା ସର୍ତ୍ତ ଅନୁଯାୟୀ ଜେ-ପିଏଏଲ ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ସହ ବିକାଶମୂଳକ କାର୍ଯ୍ୟକ୍ରମକୁ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଦିଗରେ ରାଜ୍ୟ ସରକାରଙ୍କୁ ବୈଷୟିକ ସହାୟତା ଯୋଗାଇ ଦେବ। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅନୁରୂପ ଏହି ବୁଝାମଣାପତ୍ର ନୀତି ନିର୍ଦ୍ଧାରଣ ପାଇଁ ଗବେଷଣାଭିତ୍ତିକ ସହଯୋଗ ଯୋଗାଇ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା, ଟିମ୍‌ୱାର୍କ ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଜେ-ପିଏଏଲ ଶ୍ରମ, ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଦାରିଦ୍ର୍ୟ ଦୂରୀକରଣ ଓ ବିକାଶମୂଳକ ଯୋଜନା ବିଷୟରେ ତଥ୍ୟ ସଂଗ୍ରହ କରି ତା'ର ମୂଲ୍ୟାୟନ କରିବ। ଏଥିସହିତ ଏହିସବୁ କାର୍ଯ୍ୟର ମୂଲ୍ୟାୟନ ଓ ସୁପରିଚାଳନା ପାଇଁ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯିବ। ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ କର୍ମଶାଳାର ଆୟୋଜନ କରାଯିବ।

ଦାରିଦ୍ର୍ୟ ଦୂରୀକରଣ ପାଇଁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ଗ୍ରହଣ କରିଥିବା କାର୍ଯ୍ୟକ୍ରମର ସୁଫଳ ଯେପରି ସର୍ବାଧିକ ହିତାଧିକାରୀ ପାଇପାରିବେ ସେ ଦିଗରେ ଉଭୟ କାର୍ଯ୍ୟ କରିବେ। ରାଜ୍ୟ ସରକାର ଓ ଜେ-ପିଏଏଲ ଦକ୍ଷିଣ ଏସିଆ ନିୟମିତ ବିଭିନ୍ନ ନୀତି ଉପରେ ବାର୍ଷିକ ଆଲୋଚନା କରି ସରକାରଙ୍କ ପ୍ରାଥମିକତା କ୍ଷେତ୍ର ଚୟନ କରିବେ। ଏଥିସହିତ ତଥ୍ୟ ଆଦାନପ୍ରଦାନ କରିବା ଏବଂ ମିଳିତ ଭାବେ ଅଭିନବ ଉପାୟ ଅବଲମ୍ବନ କରିବା ସହିତ ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ କରି କାର୍ଯ୍ୟକ୍ରମଗୁଡ଼ିକର ମୂଲ୍ୟାୟନ କରିବେ। ପୁଷ୍ଟିହୀନତା, ମହିଳା ସଶକ୍ତୀକରଣ, ଦାଦନ ଶ୍ରମିକ ସମସ୍ୟା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ଏବଂ କୃଷି ଉତ୍ପାଦନ ଆଦି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ନୀତି ସମ୍ପର୍କରେ ନିୟମିତ ଆଲୋଚନା କରି ସାଧାରଣ ଲୋକଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିବା ଦିଗରେ ପଦକ୍ଷେପ ନିଆଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରିମଣ୍ଡଳ ସଦସ୍ୟ, ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ, ମୋ ସ୍କୁଲ ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, କୃଷି ଉତ୍ପାଦନ କମିଶନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଖାରବେଳ ଭବନଠାରେ ଅନୁଷ୍ଠିତ ଏହି ବୁଝାମଣାପତ୍ରରେ ରାଜ୍ୟ ସରକାରଙ୍କ ତରଫରୁ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ ଜେ-ପିଏଏଲ ପକ୍ଷରୁ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଶୋଭିନୀ ମୁଖାର୍ଜୀ ଦସ୍ତଖତ କରିଥିଲେ। ଏହି ଏମ୍‌ଓୟୁ ସ୍ୱାକ୍ଷର ଫଳରେ ଓଡ଼ିଶାର ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହୋଇପାରିବ। ଓଡ଼ିଶା ସରକାରଙ୍କ ସହ ମିଶି କାର୍ଯ୍ୟ କରିବାକୁ ଜେ-ପିଏଏଲର ପ୍ରବଳ ଉତ୍ସାହ ରହିଥିଲା ବୋଲି ମୁଖାର୍ଜୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜେ-ପିଏଏଲ୍‌ର ସହ ପ୍ରତିଷ୍ଠାତା ଅଭିଜିତ୍ ବାନାର୍ଜୀ ଚଳିତ ବର୍ଷ ଅର୍ଥନୀତିରେ ନୋବେଲ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

D.D. Autonomous College, Keonjhar.

WALK-IN-INTERVIEW

Walk-in-Interview will be conducted for engagement of Guest Faculty for two years regular B.Ed. Programme, at D.D.(Autonomous) College, Keonjhar for the Session 2019-20 on dt.05.11.2019 at 11:00 A.M in the College. The candidate should be of M.Sc. with M.Ed. Degree (55% Marks in both).

Interested candidates have to submit their biodata with all Original Testimonials and one recent passport size photograph, attached to the biodata form on the date of interview.

The undersigned reserves the right to stop/ cancel the interview /engagement at any time in case of arising situation without assigning any reason thereof.

Sd./-
Principal
D.D. (Auto) College,
Keonjhar

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCPMBBS2019050, ତା.25.10.2019ଗିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର କଳାହାଣ୍ଡି ଜିଲ୍ଲାରେ ନର୍ଲା ରୋଡ଼ ରେଳ ଷ୍ଟେସନ ନିକଟରେ ଇଲେକ୍ଟ୍ରିକ୍ ଲୋକୋ ସମୟାନୁସାର ପରୀକ୍ଷା ଓ ମରାମତି (POH) କାରଖାନାର ସ୍ଥାପନା ସମ୍ବନ୍ଧୀୟ ରୋଡ୍ କୁସିଙ୍ଗଗୁଡ଼ିକର ସର୍ବେକ୍ଷଣ, ମାଟି ଅନ୍ୱେଷଣ, ବ୍ରିଜଗୁଡ଼ିକ ନିମନ୍ତେ ଭୂ-ବୈଷୟିକ ଅଧ୍ୟୟନ, ଜଙ୍ଗଲ ଡାଇଭର୍ସନ (Diversion) ପ୍ରସ୍ତାବ ଇତ୍ୟାଦି ନିମନ୍ତେ ଜେନେରାଲ ଆରେଞ୍ଜମେଣ୍ଟ ଡ୍ରଇଂର ଡିଜାଇନ୍ ଏବଂ ପ୍ରସ୍ତୁତି, ନକ୍ସା (Plan) ପ୍ରସ୍ତୁତି ଭଳି ପ୍ରାଥମିକ କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 55.13 ଲକ୍ଷ,
EMD (ଟଙ୍କାରେ) : 1,10,300/-, ଟେଣ୍ଡର ଲଥ୍‌ପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.11.2019 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପୂରର ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
PR-69/CC/19-20 ଭୁବନେଶ୍ୱର

କାର୍ଯ୍ୟରୁ ଅନ୍ତର ହେଲେ ୩ ଅତିରିକ୍ତ ସରକାରୀ ଓକିଲ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ରାଜ୍ୟ ସରକାର ୩ ଜଣ ଅତିରିକ୍ତ ସରକାରୀ ଓକିଲ(ଏପିପି)ଙ୍କୁ କାର୍ଯ୍ୟରୁ ଅନ୍ତର କରିଛନ୍ତି। ସେମାନେ ହେଲେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନାୟକ, ସୁଧାଂଶୁ ମିଶ୍ର ଏବଂ ବଂଶୀଧର ଦାସ। ଗୁରୁବାର ଏ ନେଇ ଆଇନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେବେ କେଉଁ କାରଣରୁ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି ତାହା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇ ନାହିଁ।

ଟିକେଟ ରଦ୍ଦ ପ୍ରକ୍ରିୟାରେ ଓଟିପି ବ୍ୟବସ୍ଥା

ଏସ୍‌ଏମ୍‌ଏସ୍‌ରେ ସମ୍ପୂର୍ଣ୍ଣ ସୂଚନା ସହ ଶୀଘ୍ର ମିଳିବ ଅର୍ଥ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଭାରତୀୟ ରେଳପଥ ଟିକଟ ରଦ୍ଦ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ଏକ ବିଶେଷ ପଦକ୍ଷେପ ନେଇଛି। ରଦ୍ଦ ଟିକଟ ବା ପ୍ରତୀକ୍ଷା ସୂଚୀରୁ ସମ୍ପୂର୍ଣ୍ଣ ବାଦ୍ କରାଯାଇଥିବା ଟିକଟ ବିପକ୍ଷରେ ଅର୍ଥ ଫେରସ୍ତ ପ୍ରକ୍ରିୟାରେ ନୂଆ କରି ଓଟିପି ବ୍ୟବସ୍ଥା କରାଯାଇଛି। ଟିକଟ ରଦ୍ଦ କଲେ କିମ୍ବା ପ୍ରତୀକ୍ଷା ସୂଚୀରୁ ଟିକଟ ବାଦ୍ କଲେ ଯାତ୍ରୀମାନେ ଓଟିପି ପ୍ରମାଣ ଜରିଆରେ ଯାତ୍ରାଭଡ଼ା ଫେରସ୍ତ ପାଇବେ। ଏହି ବ୍ୟବସ୍ଥା କେବଳ ଇ-ଟିକଟ କ୍ଷେତ୍ରରେ କରାଯାଇଛି, ଯାହା ଆଇଆର୍‌ସିଟିସି ଅଧିକୃତ ଏଜେଣ୍ଟଙ୍କ ଜରିଆରେ କଟାଯାଇଥିବା ଟିକଟ ବିପକ୍ଷରେ ମିଳିବ। ପରବର୍ତ୍ତୀ ସମୟରେ ଏହାକୁ ବ୍ୟକ୍ତିଗତ କ୍ଷେତ୍ରରେ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।

ଯଦି କୌଣସି ଯାତ୍ରୀ ଟିକଟ ରଦ୍ଦ କରିବାକୁ ଚାହାନ୍ତି, ତେବେ ତାଙ୍କୁ ଆଇଆରସିଟିସି ୱେବସାଇଟ ଜରିଆରେ ରଦ୍ଦ କରିବାକୁ ପଡ଼ିବ। ସବୁ ପ୍ରକ୍ରିୟା ଶେଷ ହେବା ପରେ ଅର୍ଥ ଫେରସ୍ତ ଲାଗି ବୁକିଂ ବେଳେ ଦେଇଥିବା ଫୋନ ନମ୍ବରରେ ଏକ ଓଟିପି(ୱାନ ଟାଇମ୍ ପାସୱାର୍ଡ) ଆସିବ। ଯାତ୍ରୀଙ୍କୁ ଏହି ଓଟିପିକୁ ସମ୍ପୃକ୍ତ ଏଜେଣ୍ଟଙ୍କୁ ଦେବାକୁ ପଡ଼ିବ, ଯାହାକୁ ଭରିଲେ ଯାତ୍ରୀ ଟିକଟ ଅର୍ଥ ଫେରସ୍ତ ପାଇପାରିବେ। ଏହା ଦ୍ୱାରା ଫେରସ୍ତ ହୋଇଥିବା ପ୍ରକୃତ ରାଶି ବିଷୟରେ ଯାତ୍ରୀଙ୍କ ନିକଟକୁ ମଧ୍ୟ ଏସ୍‌ଏମ୍‌ଏସ୍ ଜରିଆରେ ସୂଚନା ଯିବ। ଏହାଦ୍ୱାରା ପୂର୍ବାପେକ୍ଷା ଖୁବ୍ କମ୍ ସମୟରେ ଅର୍ଥ ଫେରସ୍ତ ଆସିବ ବୋଲି ଜଣାପଡ଼ିଛି। ଅଧିକାଂଶ ସମୟରେ ଏଜେଣ୍ଟମାନେ ନାନା ବାହାନା କରି ଯାତ୍ରୀଙ୍କ ଟିକଟ ଅର୍ଥର ଅର୍ଦ୍ଧାଧିକ ରାଶି ରଖିଦିଅନ୍ତି। ଏହା ଦ୍ୱାରା ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ ବୋଲି ଆଇଆରସିଟିସି ପକ୍ଷରୁ କୁହାଯାଇଛି। ଖୁବ୍ ଶୀଘ୍ର ବ୍ୟକ୍ତିଗତ ସ୍ତରରେ ଏହା କରିବାକୁ ଯୋଜନା କରାଯାଉଛି ବୋଲି ଜଣାପଡ଼ିଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସଂସାଧନ ପ୍ରବନ୍ଧ ବିଭାଗ, ଭୁବନେଶ୍ୱର

ଟେଣ୍ଡର ସୂଚନା
(କେବଳ ଇଲେକ୍ଟ୍ରୋନିକ ଟେଣ୍ଡର ମାଧ୍ୟମରେ)

ଇଲେକ୍ଟ୍ରୋନିକ୍ ଟେଣ୍ଡର- ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ସୁରକ୍ଷା ପରିସର ବହିର୍ଭୂତ ସ୍ଥାନ, ସଂଲଗ୍ନ ଗୃହ ଏବଂ ପାରିପାର୍ଶ୍ୱିକ ସ୍ଥାନରେ ଥିବା ଶୌଚାଳୟଗୁଡ଼ିକର ଦୈନିକ ସଫେଇ କାର୍ଯ୍ୟ ନିମନ୍ତେ ବାର୍ଷିକ କଣ୍ଟ୍ରାକ୍ଟ ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କଣ୍ଟ୍ରାକ୍ଟରମାନଙ୍କଠାରୁ ଉପରୋକ୍ତ ଆନୁମାନିକ ବାର୍ଷିକ ୧୧ ଲକ୍ଷ ମୂଲ୍ୟର କାର୍ଯ୍ୟ ପାଇଁ ଜାନୁୟାରୀ ୧, ୨୦୨୦ଠାରୁ ଜୁନ୍ ୩୦, ୨୦୨୦ ପର୍ଯ୍ୟନ୍ତ ଛ'ମାସର ସମୟସୀମା ପାଇଁ ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କଠାରୁ **ଇ-ଟେଣ୍ଡର** ଆହ୍ୱାନ କରୁଛି। ଏହି କଣ୍ଟ୍ରାକ୍ଟଗୁଡ଼ିକ କଣ୍ଟ୍ରାକ୍ଟରମାନଙ୍କର ସନ୍ତୋଷଜନକ କାର୍ଯ୍ୟ ଆଧାରରେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅନ୍ତର୍ଗତ ସର୍ବାଧିକ ଦୁଇବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ। **ଏମ୍‌ଏସ୍‌ଟିସି ପୋର୍ଟାଲରେ 'ଟେଣ୍ଡର ଗ୍ରହଣର ଶେଷ ତାରିଖ' ଡିସେମ୍ବର ୦୨, ୨୦୧୯ ଦିନ ୧୨.୦୦ଟା ପର୍ଯ୍ୟନ୍ତ ରହିଛି।**

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବା ପାଇଁ ଆରବିଆଇ ୱେବ୍‌ସାଇଟ୍ www.rbi.org.inର 'ଟେଣ୍ଡର ବିଭାଗ'ରେ ଲଗ୍‌ଇନ୍ କରନ୍ତୁ ତଥା ଟେଣ୍ଡର ଅପ୍‌ଲୋଡ଼ କରିବା ପାଇଁ https://mstcecommerce.com ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ

See Career Appointment on every Wednesday & Saturday

ଆଲ୍ଲାହାବାଦ ବ୍ୟାଙ୍କ
କିଟ୍ ଶାଖା
କୋଏଲ କ୍ୟାମ୍ପସ୍, କିଟ୍, ପଟିଆ, ଭୁବନେଶ୍ୱର - ୭୫୧୦୨୪

ଦଖଲ ନୋଟିସ୍
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ଉପରେ ନିମ୍ନତମ ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କ

ସଂକ୍ଷେପରେ

ମାଡ଼ିଆସୁଛି ବାତ୍ୟା 'ମହା'

ଚେନ୍ନାଇ, ୩୧।୧୦(ପି.ଟି.): ଆରବସାଗରରେ ମାଡ଼ିଆସୁଛି ବାତ୍ୟା'ମହା'। ଏହା ଲାକ୍ଷାଦ୍ୱୀପ ମୁହାଁ ହେଉଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ରୂପ ଧାରଣ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଘଣ୍ଟାପ୍ରତି ୧୧୦ କି.ମି. ବେଗରେ ପବନ ବହିବା ସହ ବର୍ଷା ଲାଗିରହିବ। ଦକ୍ଷିଣ-ପୂର୍ବ ଆରବ ସାଗର ଅଞ୍ଚଳ ଓ ଲାକ୍ଷାଦ୍ୱୀପରେ ଏହା ତାଣ୍ଡବ ରଚିବାର ଆଶଙ୍କା କରାଯାଉଛି। ସମୁଦ୍ରରେ ୧ ମିଟରରୁ ଉର୍ଦ୍ଧ୍ୱ ଜୁଆର ଏହି ସମୟ ମଧ୍ୟରେ ଦେଖାଦେବ। ତେଣୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବା ଲାଗି ବାରଣ କରାଯାଇଛି। ବାତ୍ୟା ପ୍ରଭାବରେ ଲାକ୍ଷାଦ୍ୱୀପ, ତାମିଲନାଡୁ, ପୁଡୁଚେରୀରେ ୨୪ ଘଣ୍ଟାକାଳ ପ୍ରବଳ ବର୍ଷା ହେବ ବୋଲି ଜଣାପଡ଼ିଛି।

ବ୍ରିଟେନ୍‌ରେ ଭାରତୀୟ ବଂଶୋଦ୍ଭବ ଏମ୍‌ପି ନିଲମ୍ବିତ

ଲଣ୍ଡନ, ୩୧।୧୦(ପି.ଟି.): ବ୍ରିଟିଶ୍ ପାର୍ଲାମେଣ୍ଟରେ ଭାରତୀୟ ବଂଶୋଦ୍ଭବ ଏମ୍‌ପି କେଇଥ ଭାଜ୍‌ଙ୍କୁ ଗୁରୁବାର ୬ ମାସ ଲାଗି ନିଲମ୍ବିତ କରାଯାଇଛି। ପୁରୁଷ ବେଶ୍ୟାଙ୍କ ପାଇଁ ସେ କୋକେନ କିଣିବା ଲାଗି ଇଚ୍ଛା ପ୍ରକାଶ କରିବାରୁ ତାଙ୍କ ପ୍ରତି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଲେବର ପାର୍ଟି ଏମ୍‌ପି ଭାଜ୍ ଆଇନ ପ୍ରତି ଅବହେଳା ପ୍ରଦର୍ଶନ କରିଥିବାରୁ ପାର୍ଲାମେଣ୍ଟ ଷ୍ଟାଣ୍ଡାର୍ଡ୍ସ କମିଟି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅପରେଶନ ଭିଡିଓ ଜାରି କଲା ଆମେରିକା

ୱାଶିଂଟନ/ବେରୁଟ୍,୩୧।୧୦(ଏ.ପି.)

ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ମୁଖ୍ୟ ଅବୁ ବକର୍ ଅଲ୍-ବାଗ୍‌ଦାଦିଙ୍କୁ ସିରିଆର ଇଡ୍‌ଲିବ୍ ପ୍ରଦେଶର ଏକ ସୁଡ଼ୁଙ୍ଗରେ କିପରି ହତ୍ୟା କରାଯାଇଥିଲା ସେନେଇ ଆମେରିକା ପ୍ରଥମଥର ପାଇଁ ଏକ ଭିଡିଓ ଜାରି କରିଛି।

ଅନ୍ୟପକ୍ଷରେ ବାଗ୍‌ଦାଦିଙ୍କ ମୃତ୍ୟୁରେ ମର୍ମାହତ ଏହି ଆତଙ୍କବାଦୀ ସଙ୍ଗଠନ ନୂଆ ନେତା ଚୟନ କରିଛି। ଅବୁ ଇବ୍ରାହିମ୍ ଅଲ୍-ହାଶିମି ବାଗ୍‌ଦାଦିଙ୍କ ଉତ୍ତରାଧିକାରୀ ବୋଲି ଗୁରୁବାର ଆଇଏସ୍ ପକ୍ଷରୁ ଜାରି ଏକ ଅଡିଓ ଟେପ୍‌ରେ କୁହାଯାଇଛି।

ଆଇଏସ୍‌ର ସେଣ୍ଟ୍ରାଲ ମିଡିଆ ଆର୍ମ ଅଲ୍-ଫୁର୍କାନ ଫାଉଣ୍ଡେଶନ ପକ୍ଷରୁ ଜାରି ଅଡିଓ ଟେପ୍‌ରେ କୁହାଯାଇଛି ଯେ, ସିରିଆର ଜରାବ୍ଲୁସ୍‌ରେ ରବିବାର ଆମେରିକାର ଅପରେଶନ ବେଳେ ବାଗ୍‌ଦାଦି ଆତ୍ମଘାତୀ ବିସ୍ଫୋରଣରେ ନିହତ ହୋଇଛନ୍ତି। ତାଙ୍କ ମୃତ୍ୟୁର କିଛି ସମୟ ପରେ ଘନିଷ୍ଠ ସହଯୋଗୀ ଅବୁ ହାସନ ଅଲ୍-ମୁଜାହିର ମଧ୍ୟ ନିହତ ହୋଇଥିବା କୁହାଯାଇଛି। ଏହାସହ ନୂଆ ଖଲିଫାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ପାଇଁ ଅନୁଗାମୀଙ୍କୁ ପରାମର୍ଶ ଦିଆଯାଇଥିବାବେଳେ ଆମେରିକାକୁ ଖୁସିରେ ଉତ୍ସବ ନ ପାଳିବାକୁ ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ ଆମେରିକା ସେନା ପକ୍ଷରୁ ପ୍ରଥମଥର ପାଇଁ ଅପରେଶନ ବେଳର ଭିଡିଓ ଫୁଟେଜ୍ ଗୁରୁବାର ଜାରି କରାଯାଇଛି। ୪୮ ବର୍ଷୀୟ ବାଗ୍‌ଦାଦିଙ୍କୁ ଇଡ୍‌ଲିବ୍‌ରେ କିପରି ନିପାତ କରାଗଲା ସେନେଇ ଏଥିରେ ଦର୍ଶାଯାଇଛି। ୱାଶିଂଟନରେ ପେଣ୍ଟାଗନ୍ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆମେରିକା ସେଣ୍ଟ୍ରାଲ କମାଣ୍ଡ କମାଣ୍ଡର କେନେଥ ମେକ୍‌କେଞ୍ଜିଏ ଏହି ଭିଡିଓ ସହ କେତେକ ଫଟୋ ଜାରି କରିଛନ୍ତି।

ବାଗ୍‌ଦାଦିଙ୍କ ଉତ୍ତରାଧିକାରୀ ହାଶିମି

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅମିନି, ଜାମିନି, ମଧ୍ୟସ୍ଥି
ମନା କରିଛନ୍ତି ଅଗସ୍ତି ।

ଅମିନମାନେ ଜମି ମାପକରି ମାଲିକାନା ସାବ୍ୟସ୍ତ କରନ୍ତି। ଯେତେ ଠିକ୍ ମାପ କଲେ ବି ଦୁଇପକ୍ଷ ସନ୍ତୁଷ୍ଟ ହୋଇ ପାରି ନ ଥାନ୍ତି। ଜାମିନିମାନେ ବ୍ୟକ୍ତିଗତ ମୁଚାଲିକା ଦେଇ ଥାନା ବା କୋର୍ଟରୁ ଲୋକକୁ ଆଣିଥାନ୍ତି। ସେହି ଲୋକ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହେ । ହାଜିର ହୋଇ କୈଫିୟତ ଦେବାକୁ ଦୌଡ଼େ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହରକତ ହୁଏ। ସେହିପରି ବର ଓ କନ୍ୟା ପକ୍ଷକୁ ମଙ୍ଗେଇ ମଧ୍ୟସ୍ଥ ବାହାଘର ସ୍ଥିର କରେ। ଦେବା ନେବାରେ ଅସୁବିଧା ହେଲେ ଦୁଇପକ୍ଷ ତାକୁ ଗାଳି ଦିଅନ୍ତି। ଏ ତିନୋଟିଯାକ କାମ ଅପ୍ରୀତିକର ହୋଇଥିବା ସ୍ଥଳେ ଏପରି କାମ ନ କରିବା ପାଇଁ ଅଗସ୍ତି ଋଷି ମନା କରିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଅସକରାକୁ ଅସକରା
ଦଇବ ଦେଇଛି ଭେଟ କରି ।

କୁହାଯାଏ ବିବାହ ସ୍ୱର୍ଗରେ ସ୍ଥିର ହୋଇଥାଏ। ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। ଯେଉଁଠି ଏଇଭଳି ଯୋଡ଼ିଥାଏ, ସେଠି ଈଶ୍ୱରଙ୍କ କୃତ ବୋଲି ଭାବିନେବାକୁ ସମସ୍ତେ ବାଧ ହୋଇଥାନ୍ତି। ବର ଓ କନ୍ୟା ଉଭୟେ ସମଶ୍ରେଣୀର ହୋଇଥିବା ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ

ୱାଶିଂଟନ,୩୧।୧୦(ଏଏଫ୍‌ପି)

ଆମେରିକା କଂଗ୍ରେସ ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟାକୁ ଗୁରୁବାର ଔପଚାରିକ ରୂପ ଦେଇଛି। ପ୍ରଥମ ଥର ଲାଗି ଆମେରିକା କଂଗ୍ରେସ ସଦସ୍ୟମାନେ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆଗେଇବା ଲାଗି ଭୋଟ ଦେଇଛନ୍ତି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ ଯାହାକୁ ଜନସାଧାରଣ ଦେଖିପାରିବେ ବୋଲି ବାଚସ୍ପତି ନାନ୍ସି ପେଲୋସି କହିଛନ୍ତି। ଏଭଳି ପ୍ରକ୍ରିୟା ବେଆଇନ ଓ ତାଙ୍କ ବିରୋଧରେ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି। ଯଦି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହୁଏ ତେବେ କ୍ଷମତାରୁ ବିଦାହେବାରେ ଆମେରିକା ଇତିହାସରେ ସେ ହେବେ ତୃତୀୟ ରାଷ୍ଟ୍ରପତି। ୨୦୨୦ରେ ପୁନଃ ନିର୍ବାଚିତ ହେବା ଲାଗି ୟୁକ୍ରେନ୍‌ର ସହାୟତା ପାଇବାକୁ ଟ୍ରମ୍ପ୍ କ୍ଷମତାର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା।

'ୀ୭୦ ଉଚ୍ଛେଦ ଲାଗି ସର୍ଦ୍ଦାର ପଟେଲ ଉତ୍ସାହିତ କରିଥିଲେ'

କେଭଡ଼ିୟା(ଗୁଜରାଟ), ୩୧।୧୦

ପରାଜୟ ଭୟରେ ଭାରତର ଏକତା ନଷ୍ଟ କରିବାକୁ ଚାହୁଁଛି ପାକ୍



ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଠାଇବା ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପଛରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉତ୍ସାହ ରହିଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଆତଙ୍କବାଦ ଦୂର କରିବା ଓ ସେଠାକାର ବିକାଶକୁ ବତ୍ସୁଗୁଣିତ କରିବା ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଦି କହିଛନ୍ତି, ଜମ୍ମୁ-କଶ୍ମୀର ଓ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ କରି କେବଳ ସୀମାରେଖା ଆଙ୍କିବା ଆମର ଉଦ୍ଦେଶ୍ୟ ନୁହେଁ। ଭାରତର ଏକତା, ଅଖଣ୍ଡତା ଓ ରହିଆସିଥିଲା। ପାକିସ୍ତାନ ଯୁଦ୍ଧ ହାରିବା ଭୟରେ ଭାରତର ଏକତାକୁ ନଷ୍ଟକରିବାକୁ ଚାହୁଁଛି। ଆତଙ୍କବାଦ ଯୋଗୁ ୩ ଦଶନ୍ଧିରେ ୪୦ ହଜାର ଲୋକ ମଲେଣି। ତଥାପି ବିଭିନ୍ନତା ମଧ୍ୟରେ ଏକତାର ଆଦର୍ଶ ଭାରତ ଦେଖାଇ ଆସିଛି। ପଟେଲ ୫୦୦ରୁ ବୋଲି ମୋଦି ପ୍ରକାଶ କରିଥିଲେ।

ଅଧିକ ରାଜ୍ୟକୁ ଯୋଡ଼ି ଦେଶର ଏକତାକୁ ବଜାୟ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୧୪ରୁ ତାଙ୍କ ଜନ୍ମଦିବସକୁ ଜାତୀୟ ଏକତା ଦିବସ ଭାବେ ପାଳନ କରାଯାଇଆସୁଛି। ପ୍ରଧାନମନ୍ତ୍ରୀ ଗୁରୁବାର ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ପୁଷ୍ପମାଲ୍ୟ ଅର୍ପଣ କରି ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଏହି ଅବସରରେ ଅନୁଷ୍ଠିତ ଏକ୍ତା ପରେଡ୍‌କୁ ଦେଖିଥିଲେ। କେନ୍ଦ୍ର ସରକାରଙ୍କ ପଦକ୍ଷେପ ପଟେଲଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିଛି ବୋଲି ମୋଦି ପ୍ରକାଶ କରିଥିଲେ।

ୟେମେନରେ ୨୦୧୫ରୁ ନିହତ ହେଲେଣି ଲକ୍ଷେ

କାଇରୋ,୩୧।୧୦

ୟେମେନରେ ଲାଗିରହିଥିବା ଗୃହଯୁଦ୍ଧରେ ୨୦୧୫ରୁ ବର୍ତ୍ତମାନ ସୁଦ୍ଧା ଲକ୍ଷେରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଲେଣି। ଏଥିରେ ୧୨ ହଜାରରୁ ଅଧିକ ସାଧାରଣ ଲୋକଙ୍କ ଜୀବନ ଯାଇଥିବା ଆର୍ମଡ୍ କନ୍‌ଫ୍ଲିକ୍ଟ ଲୋକେଶନ ଆଣ୍ଡ ଇଭେଣ୍ଟ ଡାଟା ପ୍ରୋଜେକ୍ଟ (ଏସିଏଲ୍‌ଇଡି) ରିପୋର୍ଟରେ କୁହାଯାଇଛି। ୨୦୧୪ରେ ଇରାନ ସମର୍ଥିତ ବିଦ୍ରୋହୀ ଉତ୍ତର ଓ କେନ୍ଦ୍ରୀୟ ୟେମେନକୁ ଅକ୍ତିଆର କରିବା ପରେ ଆରବ ଜଗତର ଏହି ଦରିଦ୍ରତମ ଦେଶରେ ସଂଘର୍ଷ ସୃଷ୍ଟି ହୋଇଥିଲା। ଏହାର କିଛିମାସ ପରେ ସୌଦି ନେତୃତ୍ୱରେ ମିଳିତ ଶକ୍ତି ହୌଥି ବିଦ୍ରୋହୀକୁ ପ୍ରତିହତ କରିବା ଲାଗି ଏୟାରଷ୍ଟ୍ରାଇକ୍ ଆରମ୍ଭ କରିଥିଲା। ଏହି ଆକ୍ରମଣରେ ସ୍କୁଲ, ହସ୍ପିଟାଲ ଆଦି କ୍ଷତିଗ୍ରସ୍ତ ହେବା ସହ ହଜାର ହଜାର ନିରୀହ ଲୋକ ପ୍ରାଣ ହରାଇଥିଲେ। ହୌଥି ବିଦ୍ରୋହୀମାନେ ସୌଦି ଆରବ ଉପରେ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ କରିବା ସହ ଲୋହିତ ସାଗରରେ ଥିବା ଏହାର ଜାହାଜଗୁଡ଼ିକୁ ଟାର୍ଗେଟ କରିଥିଲେ। ଏହି ସଂଘର୍ଷରେ ଗତବର୍ଷ ୩୦,୮୦୦ ଲୋକଙ୍କ ମୃତ୍ୟୁ ଘଟିଥିଲାବେଳେ ଚଳିତ ବର୍ଷ ପ୍ରାୟ ୨୦ ହଜାର ନିହତ ହେଲେଣି ବୋଲି ଏସିଏଲ୍‌ଇଡି ପକ୍ଷରୁ କୁହାଯାଇଛି।

ଆର୍ଗନ-୪୦ର ସନ୍ଧାନ ପାଇଲା ଚନ୍ଦ୍ରଯାନ-୨

ବେଙ୍ଗାଲୁରୁ,୩୧।୧୦: ଭାରତ ପଠାଇଥିବା ଚନ୍ଦ୍ରଯାନ-୨ର ପ୍ଲେଲୋଡ୍ (ଚେସ୍-୨) ଚନ୍ଦ୍ରର ଏକ୍ସୋସ୍ପିୟରରେ ଆର୍ଗନ-୪୦ର ସନ୍ଧାନ କରିଥିବା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସୂଚନା ଦେଇଛି। ଚନ୍ଦ୍ରପୃଷ୍ଠରେ ଥିବା ରେଡିଓଜେନିକ୍ ଗ୍ୟାସ୍ ମଧ୍ୟରେ ଆର୍ଗନ-୪୦ ହେଉଛି ନିଷ୍କ୍ରିୟ ଗ୍ୟାସ ଆର୍ଗନର ଏକ ଆଇସୋଟପ। ଏହା ଚନ୍ଦ୍ର ଏକ୍ସୋସ୍ପିୟରର ମୁଖ୍ୟ ଉପାଦାନ। ପୋଟାସିୟମ-୪୦ର ରେଡିଓଆକ୍ଟିଭ ଡିସିଣ୍ଟିଗ୍ରେଶନ୍‌ରୁ ଏହାର ସୃଷ୍ଟି ବୋଲି ଇସ୍ରୋ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଚନ୍ଦ୍ରପୃଷ୍ଠାରୁ ବହୁ ଗଭୀରରେ ପୋଟାସିୟମ-୪୦ ନ୍ୟୁକ୍ଲାଇଡ୍ ରହିଛି। ଆର୍ଗନ-୪୦ର ସନ୍ଧାନ କରିବା ଇସ୍ରୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଏହି ଆଇସୋଟପ୍ ସମ୍ପର୍କରେ ଏହା ପ୍ରଥମ ଅଧ୍ୟୟନ ନୁହେଁ। ପୂର୍ବରୁ କଲରାଡୋ ବୁଲ୍ଡର ବିଶ୍ୱବିଦ୍ୟାଳୟର ଆର୍. ରିଚାର୍ଡ ହଗ୍ସ ଚନ୍ଦ୍ରପୃଷ୍ଠରେ ଥିବା ଉପରୋକ୍ତ ଗ୍ୟାସ ସମ୍ପର୍କରେ ଅଧ୍ୟୟନ କରିଥିଲେ।

ଇତିହାସର ଆଇନାରେ

ନଭେମ୍ବର ୧ର ପ୍ରମୁଖ ଘଟଣା

୧୯୮୪ ନଭେମ୍ବର ୧ରେ ଶିଖ୍‌ବିରୋଧୀ ହିଂସାକାଣ୍ଡ ଭାରତରେ ବ୍ୟାପିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଦୁଇ ଶିଖ୍ ଅଙ୍ଗରକ୍ଷୀ ହର୍‌ଦ୍ୱାପ ସିଂ ଓ ଅବ୍‌ତାର ସିଂ ହତ୍ୟାକରିବାର ଦିନକ ପରେ ଏହା ଦଙ୍ଗାର ରୂପ ନେଇଥିଲା। ଦୁଇ ଶିଖ୍ ଅପରାଧୀଙ୍କୁ ହତ୍ୟା କରାଯାଇଥିବାବେଳେ ଲୋକମାନଙ୍କ କ୍ରୋଧ ବଢ଼ିଯାଇଥିଲା। ବିକ୍ଷୋଭ, ପୋଡ଼ାଜଳା ସହ ହିଂସା ଉଗ୍ରରୂପ ଧାରଣ କରିଥିଲା।

୨୦୧୨ ନଭେମ୍ବର ୧ରେ ସାଉଦି ଆରବର ରାଜଧାନୀ ରିୟାଧ୍‌ରେ ଗୋଟିଏ ତେଲବୋଝେଇ ଟ୍ୟାଙ୍କର ଏକ ବ୍ରିଜ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇ ବିସ୍ଫୋରଣ ହେବାରୁ ଏଥିରେ ୨୬ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୧୩୫ ବ୍ୟକ୍ତି ଏଥିରେ ଆହତ ହୋଇଥିଲେ। ପ୍ରଥମେ ଏହା ପଛରେ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଇଥିଲା। ପରେ ଡ୍ରାଇଭରଙ୍କ ଅସାବଧାନତାରୁ ତୈଳ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY ASTROLOGY

FINANCE FINANCE

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
9716592470
Brahma Sahi, Nayagarh

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା।
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101
7310644390
Vishal Mansion, Mahatma Gandhi Road, UP

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
Call or SMS Now
8146524009

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 19880ରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ବ୍ୟାଙ୍କ ପ୍ରା. ଲି୫ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି । ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS BUSINESS

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ । ଚାକିରି + ୨

ନୟାଗଡ଼ ଜିଲା ଆରଟିଓ କାର୍ଯ୍ୟାଳୟ ନିକଟରୁ ଗୁରୁବାର ଟାଉନ ପୋଲିସ ଜଣେ ଦଲାଲଙ୍କୁ ଗିରଫ କରିଛି। ଏସ୍‌ପି ଶଶିଭୂଷଣ ଶତପଥୀ ଘଟଣାସ୍ଥଳରେ ଚଢ଼ାଉ କରି ସମ୍ପୃକ୍ତ ଦଲାଲ୍‌କୁ ଧରିଥିଲେ। ଗିରଫ ଦଲାଲ୍ ଜଣାଙ୍କ ହେଲେ ନୟାଗଡ଼ ସଦର ଥାନା ଜାମୁସାହି ଗ୍ରାମର ମୁରଲୀଧର ରାଉତ।

ସଂକ୍ଷେପରେ

ଲାଞ୍ଚ ମାମଲା: ଶିଳ୍ପକେନ୍ଦ୍ର ସଂଯୋଜକ ଦଣ୍ଡିତ

କଟକ ଅଫିସ, ୩୧।୧୦: ନୂଆପଡ଼ା ଜିଲା ଶିଳ୍ପକେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ରାୟ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲା ଶିଳ୍ପକେନ୍ଦ୍ରରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଏକ ଫାଇଲ କାମ କରିବା ପାଇଁ ବିରଜା ଶଙ୍କର ସାହୁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ସେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏ ନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫/୨୦୦୭) ରୁଜୁ ହୋଇଥିଲା। ଏହି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ରାୟଙ୍କୁ ଦୁର୍ନୀତି ନିବାରଣ ଆଇନର ପୃଥକ ଧାରାରେ ଦଣ୍ଡିତ କରିଛନ୍ତି। ଗୋଟିଏ ଧାରାରେ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଜେଲ୍ ଓ ୩ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅର୍ଥ ଅନାଦାୟେ ଅଧିକ ୨ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସେହିପରି ଅନ୍ୟ ଏକ ଧାରାରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୨ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଆଉ ଅଧିକ ୧ ମାସ ଜେଲ୍ ଦଣ୍ଡାଦେଶ ହୋଇଛି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକ ସମୟରେ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ସେକ୍ ହାଜିରୁଦ୍ଦିନ ମାମଲା ପରିଚାଳନା କରୁଥିଲେ।

ଡିସେମ୍ବର ୧ରୁ ବିମାନବନ୍ଦର ରନ୍‌ୱେ ରିକାର୍ପେଟିଂ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ଡିସେମ୍ବର ୧ରୁ ଆରମ୍ଭ ହେବ ଭୁବନେଶ୍ୱର ବିମାନବନ୍ଦର ରିକାର୍ପେଟିଂ କାମ। ପୂର୍ବରୁ ଏହା ୧ ନଭେମ୍ବରରୁ କରାଯିବା ପାଇଁ ସ୍ଥିର କରାଯାଇଥିଲା। ମରାମତି କାର୍ଯ୍ୟ ଚାଲୁଥିବା ସମୟରେ ଅର୍ଥାତ୍ ରାତି ୧୦ଟାରୁ ଭୋର ୫ଟା ୩୦ ମଧ୍ୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ବନ୍ଦ ରହିବ। ପୂର୍ବରୁ ବିମାନବନ୍ଦର କର୍ତ୍ତୃପକ୍ଷ ଏନେଇ ସୂଚନା ଦେଇ ସାରିଛନ୍ତି। ଆସନ୍ତା ବର୍ଷ ୧ ଏପ୍ରିଲଠାରୁ ୩୦ ଜୁନ୍ ପର୍ଯ୍ୟନ୍ତ ସକାଳ ୧୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିବ। ଏହାକୁ ଲକ୍ଷ୍ୟ ରଖି ଗତ ୨୭ରେ ପ୍ରକାଶ ପାଇଥିବା ଶୀତକାଳୀନ ସମୟସୂଚୀରେ ବିମାନ ଚଳାଚଳର ସମୟ ନିର୍ଦ୍ଧାରଣ କରାଯାଇଛି।

ଚେନ୍ନାଇ ଚାଲାଣ ବେଳେ ୧୨ ଯୁବତୀ, ୫ ନାବାଳିକା ଉଦ୍ଧାର

ଜୟପୁର,୩୧।୧୦(ଡି.ଏନ୍.ଏ./ନି.ପ୍ର.): ତାମିଲନାଡୁ ଚାଲାଣ ହେଉଥିବା ୧୭ ଜଣ ଝିଅଙ୍କୁ ବୁଧବାର ରାତିରେ ଜୟପୁର ଟାଉନଥାନା ପୋଲିସ ଉଦ୍ଧାର କରିଛି। ସେଥିରେ ୫ ଜଣ ନାବାଳିକା ରହିଛନ୍ତି। ଚାଲାଣରେ ସମ୍ପୃକ୍ତ ଥିବା ଦଲାଲଙ୍କୁ ପୋଲିସ ଗିରଫ କରିବା ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଦଲାଲ ଜଣକ ହେଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ନୂଆକୋଟ ଗ୍ରାମର ସୁବାସ ହରିଜନ (୨୬)। ଜୟପୁର ଏସ୍‌ଡିପିଓ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ବରୁଣ ଗୁଣ୍ଡୁପାଲା ଏହି ସୂଚନା ଦେଇଛନ୍ତି।

ଆଜଠୁ କଟକଣା: ନଷ୍ଟଦ୍ଧାଞ୍ଚଳ ହେଲା ଗହୀରମଥା

ରାଜନଗର/ମହାକାଳପଡ଼ା, ୩୧।୧୦ (ଡି.ଏନ୍.ଏ.)

ବିରଳ ସାମୁଦ୍ରିକ କଇଁଛ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ କଟକଣା ଜାରି କରିଛି ରାଜନଗର ବନବିଭାଗ। ଅଲିଭ୍‌ରିଡ୍‌ଲେଙ୍କ ଅନ୍ତର୍ଭୁକ୍ତିଶାଳ ଭାବେ ପରିଚିତ ଗହୀରମଥାକୁ କଇଁଛଙ୍କ ଆଗମନ ଆରମ୍ଭ ହୋଇଥିବାରୁ ନଭେମ୍ବର ୧ରୁ ଆସନ୍ତା ମେ ୩୧ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ନିଷିଦ୍ଧାଞ୍ଚଳରେ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଆଦି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଧାମରା ମୁହାଣରୁ ଦେବୀ ମୁହାଣ ଯାଏଁ ସମୁଦ୍ର କୂଳଠାରୁ ୨୦ କି.ମି. ପର୍ଯ୍ୟନ୍ତ ମାଛ ଧରିବାକୁ ବାରଣ କରାଯାଇଛି। ଏଥିସହିତ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିଠାରେ ଦୁଇଟି ଅଫିସର କ୍ୟାମ୍ପ ସହ ଏକକୁଳା, ସାତଭାୟା, ଜଉଦିଆ, ଦୋବନ୍ଧି, ଶାସନପେଟା, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାୱାଖାନା, ରାମତାରା ଓ ବନ୍ଦର ଆଦି ସ୍ଥାନରେ ଟର୍ଚ୍ଚଲ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯାଇଛି। ଅଫିସର କ୍ୟାମ୍ପରେ ୫ ଜଣ ଲେଖାଏଁ କର୍ମଚାରୀ ଓ ଅନ୍ୟ ୧୪ଟି କ୍ୟାମ୍ପରେ ୩ଜଣ ଲେଖାଏଁ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏହାବାଦ୍ ବାବୁବାଲି ଓ ଶାସନପେଟାରେ ଏପିଆର୍ ଫୋର୍ସ ମୁତୟନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ବେଆଇନ ଟ୍ରଲର ଚଳାଚଳ ଉପରେ ନଜର ରଖିବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ୍ ପୋଲିସ୍, ମତ୍ସ୍ୟବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯିବ। ଦୁଇଟି ସ୍ପିଡ୍‌ବୋଟ୍ ଗହୀରମଥା–୧ ଓ ଗହୀରମଥା–୨ ଏବଂ ଗୋଟିଏ ସପୋର୍ଟ ଟ୍ରଲର ଅଲଭିଆ ପାଟ୍ରୋଲିଂରେ ସାମିଲ ହେବେ। ଏଥିସହ ବାବୁବାଲିଠାରେ ଭଦ୍ରକ ଡିଭିଜନ ପକ୍ଷରୁ ଗୋଟିଏ କ୍ୟାମ୍ପ କରାଯିବା ସହିତ ଗୋଟିଏ ସ୍ପିଡବୋଟ୍ ନିୟୋଜିତ ହେବ। କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କୋଷ୍ଟଗାର୍ଡ, ଡିଆର୍‌ଡିଓ, ମେରାଇନ ପୋଲିସ ଓ ମତ୍ସ୍ୟ ବିଭାଗକୁ ଚିଠି ଦିଆଯାଇଛି ବୋଲି ଗହୀରମଥା ରେଞ୍ଜ ଅଧିକାରୀ ଦେବାଶିଷ ଭୋଇ ସୂଚନା ଦେଇଛନ୍ତି।

ସେବା ମନୋବୃତ୍ତି ରଖି କାର୍ଯ୍ୟ କର: ନବୀନ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ସାଲିଆସାହିଠାରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ

ଗାନ୍ଧୀ ଜୟନ୍ତୀରୁ ବିଜେଡି ପକ୍ଷରୁ ଆରମ୍ଭ କରାଯାଇଥିବା ଜନସମ୍ପର୍କ ପଦଯାତ୍ରା ଗୁରୁବାର ସମାପ୍ତ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱର(ଉତ୍ତର) ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲିଆସାହିରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇ ଜୟପ୍ରକାଶ ଜୟନ୍ତୀ(ଅକ୍ଟୋବର ୧୧)ରେ ସମାପ୍ତ ହୋଇଥାଏ। ଚଳିତ ଥର ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିଥିବାରୁ ଅକ୍ଟୋବର ୩୧ ଯାଏ ପଦଯାତ୍ରା ଅବଧି ବୃଦ୍ଧି କରାଯାଇଥିଲା। ରାଜଧାନୀର ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ଯୋଗଦେଇଥିବାବେଳେ ତୃଣମୂଳସ୍ତରରେ ସ୍ଥାନୀୟ ବିଜେଡି ନେତା ପଦଯାତ୍ରା ଆୟୋଜନ କରିଥିଲେ। ପଦଯାତ୍ରାର ଶେଷ ଦିବସରେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ, ଦଳୀୟ କର୍ମୀ ସର୍ବଦା ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବା ଆବଶ୍ୟକ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ଉଚିତ। ନୂଆକରି ଆରମ୍ଭ ହୋଇଥିବା 'ଓଡ଼ିଶା–ମୋ ପରିବାର' କାର୍ଯ୍ୟକ୍ରମ ଜରିଆରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ରକ୍ତଦାନ ଏବଂ ବାହାରେ ରହୁଥିବା ନିକ୍ଷେପିତ ଓଡ଼ିଆଙ୍କ ଉତ୍ତ୍ରାନ ପାଇଁ କାର୍ଯ୍ୟ କରିବା ଉଚିତ। ଓଡ଼ିଶାବାସୀଙ୍କ ଭଲପାଇବା ତାଙ୍କୁ ଋଣୀ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ ଦଳୀୟ ସଭାପତିଙ୍କ ନିର୍ଦ୍ଦେଶ ନିଷ୍ଠାର ସହ ପାଳନ ହେବା ନେଇ ମତ ରଖିଥିଲେ। ରାଜ୍ୟ ତଥା ଭୁବନେଶ୍ୱର ସାଙ୍ଗଠନିକ ଜିଲାର ଶତାଧିକ କର୍ମୀ ଏବଂ ସାଧାରଣ ଜନତା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅଶୋକ ପଣ୍ଡା, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅନନ୍ତ ନାରାୟଣ ଜେନା, ପ୍ରଣବ ବଳବନ୍ତରାୟ, ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଓଏସ୍‌ଆଇସି ଅଧ୍ୟକ୍ଷ ଚିନ୍ମୟ ସାହୁ, ବିଜେଡି ନେତା ସଂଗ୍ରାମ ପାଇକରାୟ ଏବଂ ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

ଜଙ୍ଗଲରେ ନାବାଳିକାଙ୍କୁ ଗଣବଳାତ୍କାର

ଦେବଗଡ,୩୧।୧୦(ଡି.ଏନ.ଏ.)

ଦେବଗଡ ଥାନା ଅଞ୍ଚଳର ଜଣେ ନାବାଳିକା ଦଶମ ଶ୍ରେଣୀ ଛାତ୍ରୀ ଗଣବଳାତ୍କାରର ଶିକାର ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଦୁଇଜଣ ଯୁବକ ତାଙ୍କୁ ଗାଁ ପାଖ ଜଙ୍ଗଲକୁ ନେଇ ବଳାତ୍କାର କରିଥିବା ପୀଡିତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଜିଲା ଡାକ୍ତରଖାନାରେ ପୀଡିତାଙ୍କ ଡାକ୍ତରୀମାଇନା କରିଛି। ଗୁରୁବାର ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ସମ୍ପୃକ୍ତା ପୀଡିତା ବିଛଣାପୁରସ୍ଥିତ ତାଙ୍କ ପିଉସୀ ଘରକୁ ବୁଲିବାକୁ ଆସିଥିଲେ। ରାତି ପ୍ରାୟ ୭ଟାରେ ପରିସ୍ରା କରିବା ନିମନ୍ତେ ଘରପଛ ପଟକୁ ଯାଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ନାବାଳିକା ଘରକୁ ଫେରି ପିଉସୀଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ଅଭିଯୁକ୍ତଙ୍କୁ ଚିହ୍ନିଥିବା ପ୍ରକାଶ କରିଥିଲେ। ବୁଧବାର ପୀଡିତା ସମ୍ପର୍କୀୟମାନଙ୍କ ସହ ଦେବଗଡ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ।

ଓଡ଼ିଶାରେ 'ଏକତା ପାଇଁ ଦୌଡ଼'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

'ପଟେଲ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଭାରତ ମହାଶକ୍ତି ହୋଇଥାନ୍ତା'

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଏକତା ପାଇଁ ଦୌଡ଼ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଦେଶର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ତମ ଜୟନ୍ତୀ ଅବସରରେ ଗୁରୁବାର ଦେଶବ୍ୟାପୀ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତାକା ଦେଖାଇ ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସର୍ଦ୍ଦାର ପଟେଲ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ସମ୍ଭବତଃ ଭାରତ ପୃଥିବୀର ମହାଶକ୍ତି ହୋଇସାରନ୍ତାଣି। ଯେଉଁ ସର୍ଦ୍ଦାରଙ୍କ ଯୋଗୁ ଦେଶରେ କୃଷି, ସମବାୟ, ସୁରକ୍ଷା ଓ ପ୍ରଶାସନ ଦ୍ୱାରା ଏକ ଲୌହ ଢାଞ୍ଚା ତିଆରି କରାଯାଇ ପାରିଥିଲା ସେହି ସର୍ଦ୍ଦାରଙ୍କୁ ଦେଶ ମନେପକାଇ ନ ଥିଲା। ମାତ୍ର ଆଜି ଦେଶରେ ତାଙ୍କ ଜୟନ୍ତୀ ଅର୍ଥାତ୍ ରାଷ୍ଟ୍ରୀୟ ଏକତା ଦିବସ ମଧ୍ୟ ସର୍ଦ୍ଦାର ପଟେଲଙ୍କର ସହ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ଦ୍ଦାରଙ୍କ ପୃଥିବୀର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି ''ଷ୍ଟାଚ୍ୟୁ ଅଫ୍ ୟୁନିଟ୍'' ସ୍ଥାପନା କରି ସର୍ଦ୍ଦାରଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ଦେଇଛନ୍ତି। ଓଡିଶାର ନୀଳଗିରି ତାହାର ପ୍ରମାଣ ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଦେଶର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଶହୀଦ ବାଜି ରାଉତ, ବକ୍ସି ଜଗବନ୍ଧୁ, ଶହୀଦ ଭଗତ ସିଂହ, ମଙ୍ଗଲ୍ ପାଣ୍ଡେ, ସର୍ଦ୍ଦାର ପଟେଲ, ହରେକୃଷ୍ଣ ମହତାବ ଏବଂ ପଣ୍ଡିତ ଗୋପବନ୍ଧୁ ଦାସ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛନ୍ତି। ଭୁବନେଶ୍ୱର ରେଳ ଷ୍ଟାଡିୟମଠାରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ରନ୍ ଅଫ୍ ୟୁନିଟ୍ କାର୍ଯ୍ୟକ୍ରମରେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଫଟୋରେ ଧର୍ମେନ୍ଦ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଅର୍ଦ୍ଧ ସାମରିକ ବାହିନୀର ଯବାନ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ତଥା ଜନସାଧାରଣଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ।

ପରିବାରର ୬ଜଣଙ୍କୁ ହତ୍ୟା ମାମଲାର ରାୟ ପ୍ରକାଶ

୬ ଦୋଷୀଙ୍କୁ ଆଜୀବନ ଜେଲ

ଚଣ୍ଡୁଆ/ଯୋଡ଼ା, ୩୧।୧୦(ଡି.ଏନ.ଏ.)

- ଜଣେ ମହିଳାଙ୍କୁ ୩ ବର୍ଷ ଜେଲଦଣ୍ଡ
- ଗୁଣିଗାରେଡ଼ି ସନ୍ଦେହରେ ଘଟିଥିଲା ହତ୍ୟାକାଣ୍ଡ

ଆଜକୁ ୫ ବର୍ଷ ତଳେ କେନ୍ଦୁଝର ଜିଲା ଚଣ୍ଡୁଆ ଉପଖଣ୍ଡ ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଗୁଣିଗାରେଡ଼ି ସନ୍ଦେହରେ ଗୁରା ମୁଣ୍ଡାଙ୍କ ପରିବାରର ୬ଜଣଙ୍କୁ କେତେଜଣ ଲୋକ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଚଣ୍ଡୁଆ ଅତିରିକ୍ତ ଜିଲା ଦୌରାଜଜ୍ ଦୋଳଗୋବିନ୍ଦ ବାରିକ ୨୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ୩୦୨ ଦଫାରେ ଦୋଷୀମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ମାନା ମୁଣ୍ଡା(୩୦), ବାଗୁନ ମୁଣ୍ଡା(୩୨), ଉମା ମୁଣ୍ଡା(୩୨), ଡୁମା ମୁଣ୍ଡା(୩୦), ରତ୍ନା ମୁଣ୍ଡା(୩୮) ଓ ଈଶ୍ୱର ମୁଣ୍ଡା(୨୩)। ଏଥିସହ ଦୋଷୀମାନେ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବେ ବୋଲି କୋର୍ଟ କହିଛନ୍ତି। ସେହିପରି ଜଣେ ମହିଳା ଅପରାଧୀ ପାଣ୍ଡ୍ରି ମୁଣ୍ଡାଙ୍କୁ ଉଇଚ ହଣ୍ଟିଂ ଅପରାଧରେ ୩ ବର୍ଷ କାରାଦଣ୍ଡ ଶହ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ତା୧୩।୭।୨୦୧୫ରିଖରେ ଲହଣ୍ଡା ଗ୍ରାମରେ ଘଟିଥିଲା ଏହିଲୋମହର୍ଷଣକାରୀ ହତ୍ୟାକାଣ୍ଡ। ଗୁଣିଗାରେଡ଼ି ସନ୍ଦେହରେ ଉଦ୍ଭୁତିଯାଇଥିଲା ଗୁରା ମୁଣ୍ଡାଙ୍କ ପରିବାର। ସେତେବେଳେ ଏହି ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଥିଲା।

ଜବତ ପଲିଥିନ ଛଡ଼ାଇ ନେଲେ

ଚାନ୍ଦବାଲି, ୩୧।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ପକ୍ଷରୁ ଗୁରୁବାର ଅପରାହ୍ନରେ କେତେକ ଦୋକାନରୁ ଜବତ କରାଯାଇଥିବା ପଲିଥିନକୁ ବ୍ୟବସାୟୀମାନେ ଛଡ଼ାଇ ନେଇଥିବା ଜଣାଯାଇଛି। ଅପରାହ୍ନ ପ୍ରାୟ ୪ଟା ବେଳେ ଏନ୍‌ଏସିର ୨ଜଣ କର୍ମଚାରୀ ପୋଲିସ ସହାୟତାରେ ଚାନ୍ଦବାଲି ସହରର କେତେକ ଦୋକାନରେ ଚଢ଼ାଉ କରିଥିଲେ। ଦୋକାନରୁ ପଲିଥିନ ଜବତ ସହ ପ୍ରାୟ ୨ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ ଏନ୍‌ଏସି କର୍ମଚାରୀ। ଏ ନେଇ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଏନ୍‌ଏସି ପକ୍ଷରୁ ରସିଦ ପ୍ରଦାନ କରାଯାଇଥିଲା। ତେବେ ହଠାତ୍ କେତେଜଣ ଲୋକ ଆସି ଏନ୍‌ଏସି କର୍ମଚାରୀଙ୍କୁ ବିରୋଧ କରିବା ସହିତ ସେମାନଙ୍କୁ ଘେରି ଯାଇଥିଲେ। ଆଦାୟ କରାଯାଇଥିବା ଜରିମାନା ଅର୍ଥ ଫେରାଇ ଦେବାକୁ ବାଧ କରିଥିଲେ। ଏପରିକି ସେମାନେ ଏନ୍‌ଏସିର ଜଣେ ପୁରୁଷ ଓ ମହିଳା କର୍ମଚାରୀଙ୍କୁ ଠେଲାପେଲା କରିବା ସହିତ ଜରିମାନା ଟଙ୍କା ଓ ଜବତ ପଲିଥିନ ଛଡ଼ାଇ ନେଇଥିଲେ। ଖବର ପାଇ ପୋଲିସ ଗାଡ଼ି ଆସି ଏନ୍‌ଏସି କର୍ମଚାରୀଙ୍କୁ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଉଦ୍ଧାର କରିଥିଲା। ଏ ନେଇ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଏନ୍‌ଏସି ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ସୂଚନା ମିଳିଛି।

ଏନ୍‌ଏସି କର୍ମଚାରୀଙ୍କଠାରୁ ଲୋକେ ଜବତ ପଲିଥିନ ଓ ଟଙ୍କା ଛଡ଼ାଉଥିବା ବେଳେ ଉତ୍

ଅନୁ ମଲିକଙ୍କ ଭଳି ଜଣେ ମି#ଟୁ ଅଭିଯୁକ୍ତଙ୍କୁ ଇଣ୍ଡିଆନ୍ ଆଇଡଲରେ ପୁଣି ବିଚାରକ ଭାବେ ନିଆଯିବା ଉଚିତ୍ ନ ଥିଲା।

-ସୋନା ମହାପାତ୍ର,
ଗାୟିକାର

ହ୍ୱାଇଟ୍ ହାଉସ୍ ପରିଦର୍ଶନ କରିବ
ହିରୋ ଡଗ୍ କୋନାନ

ୱାଶିଂଟନ: ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ମୁଖ୍ୟ ଅବୁ ବକର୍ ଅଲ-ବାଗ୍‌ଦାଦିଙ୍କ ମୃତ୍ୟୁର କାରଣ ସାଜିଥିବା ହିରୋ ଡଗ୍ 'କୋନାନ୍' ଖୁବ୍‌ଶୀଘ୍ର ହ୍ୱାଇଟ୍ ହାଉସ୍ ପରିଦର୍ଶନରେ ଆସିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଟୁଇଟର୍‌ରେ କୋନାନ୍‌ର ଫଟୋ ସହ ଏହା ଘୋଷଣା କରିଛନ୍ତି। ସେହି କୁକୁରକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିବାରେ ଲାଗିଛି। ଟ୍ରମ୍ପ୍ ଆମେରିକାର ସାମରିକ କୁକୁରର ନାମ ଟୁଇଟର୍‌ରେ ସାର୍ବଜନୀନ କରିଛନ୍ତି। ସିରିଆରେ ଆମେରିକୀୟ ସ୍ୱତନ୍ତ୍ର ବଳର ଅପରେଶନ୍‌ରେ ସାମିଲ ଥିବା ବେଲ୍‌ଜିଆନ୍ ମାଲିନୋଇସ୍ କୋନାନ୍ ଆହତ ହୋଇଥିଲା। ଏହି ଅଣ୍ଡିରା କୁକୁର ଆସନ୍ତା ସପ୍ତାହରେ ମଧ୍ୟପ୍ରାଚ୍ୟ ଛାଡ଼ିବ ଓ ହ୍ୱାଇଟ୍ ହାଉସ୍‌କୁ ଯିବ ବୋଲି ଟ୍ରମ୍ପ୍ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ପେଣ୍ଟାଗନ ସୁରକ୍ଷା ଦୃଷ୍ଟିରୁ ଏହାର ନାମ ଗୋପନ ରଖିଥିଲା। ଟ୍ରମ୍ପ୍ ବୁଧବାର 'ଡେଲି ୱେର୍' ପକ୍ଷରୁ ଏକ ଏଡିଟେଡ୍ ଫଟୋକୁ ଶେୟାର କରିଥିଲେ। ସେଥିରେ ସେ କୋନାନ୍‌କୁ ସମ୍ମାନିତ କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ଉକ୍ତ ଖବରକାଗଜକୁ ଧନ୍ୟବାଦ ଦେଇ ଟ୍ରମ୍ପ୍ ଲେଖିଛନ୍ତି, ଅତ୍ୟନ୍ତ ସୁନ୍ଦର। କିନ୍ତୁ ଏହାର ଲାଇଭ୍ ଭର୍ସନ ଖୁବ୍‌ଶୀଘ୍ର ମଧ୍ୟପ୍ରାଚ୍ୟ ଛାଡ଼ି ହ୍ୱାଇଟ୍ ହାଉସ୍‌କୁ ଆସୁଛି। ସୋସିଆଲ ମିଡିଆରେ ଏହି ଫଟୋ ଭାଇରାଲ ହୋଇଛି। ପ୍ରକାଶ ଯେ, ରବିବାର ବାଗଦାଦିଙ୍କ ମୃତ୍ୟୁ ନେଇ ଟ୍ରମ୍ପ୍ ଘୋଷଣା କରିଥିଲେ। ବାଗ୍‌ଦାଦିଙ୍କୁ ଗୋଡ଼ାଇବାକୁ ଯାଇ 'ଟ୍ୟାଲେଣ୍ଟେଡ୍ ଡଗ୍' ଆହତ ହୋଇଛି ବୋଲି ସେ କହିଥିଲେ। ଇତିମଧ୍ୟରେ କୋନାନ୍‌ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଥିବା ପେଣ୍ଟାଗନ ପକ୍ଷରୁ କୁହାଯାଇଛି।

ହାପି ବାର୍ଥଡେ ଇଲିଆନା

ମୁମ୍ବାଇ: ନିଜ ମନପସନ୍ଦର ସେଲିବ୍ରିଟିଙ୍କୁ ଅଧିକ ଜାଣିବାର ସୁଯୋଗ ଦେଇଥାଏ ସୋସିଆଲ ମିଡିଆ। ଏଣୁ ସେଲିବ୍ରିଟିମାନେ ମଧ୍ୟ ନିଜ ଫ୍ୟାନ୍‌ମାନଙ୍କୁ ଆକର୍ଷିତ କରି ବାନ୍ଧି ରଖିବାପାଇଁ ସୋସିଆଲ ମିଡିଆର ଭରପୂର ଫାଇଦା ଉଠାଇଥାନ୍ତି। ଏଭଳି ଜଣେ ସେଲିବ୍ରିଟି ହେଲେ ସୁନ୍ଦରୀ ଇଲିଆନା ଡି'କ୍ରୁଜ୍। ବି-ଟାଉନ୍‌ର ଏହି ବୋଲ୍ଡ ଅଭିନେତ୍ରୀ ସୋସିଆଲ ମିଡିଆରେ କିଭଳି ଚର୍ଚ୍ଚାରେ ରହିବେ, ସେ ବିଦ୍ୟା ତାଙ୍କୁ ଭଲ ଭାବେ ଜଣା। ତେବେ ଇଲିଆନା ଶୁକ୍ରବାର ଅର୍ଥାତ୍ ନଭେମ୍ବର ୧ରେ ପାଳନ କରିବେ ନିଜର ହାପି ବାର୍ଥ୍ ଡେ। ଏଥିପାଇଁ ଜନ୍ମଦିନ ପୂର୍ବରୁ ନିଜ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଏକ ହଟ୍-ଫଟୋ ଶେୟାର କରି ଫ୍ୟାନ୍‌ମାନଙ୍କୁ ଇଲିଆନା ଦେଇଛନ୍ତି ବାର୍ଥ୍ ଡେ ଟ୍ରିଟ୍, ଯାହାକୁ ନେଇ ଏବେ ଚର୍ଚ୍ଚା ହିଁ ଚର୍ଚ୍ଚା। ଇଲିଆନାଙ୍କ ଫ୍ୟାନ୍‌ମାନେ ତାଙ୍କ ବାର୍ଥ୍ ଡେ ସେଲିବ୍ରେଶନ ବାବଦରେ ଜାଣିବାକୁ ଉତ୍ସୁକତାର ସହ ଅପେକ୍ଷା କରିଥିବାବେଳେ ସୋସିଆଲ ମିଡିଆରେ ତାଙ୍କର ଏଭଳି ଫଟୋ ଚହଳ ସୃଷ ି କରିଛି। ଫଟୋରେ ଇଲିଆନା ଏକ ନୀଳ ରଙ୍ଗର ବିକିନୀ ପିନ୍ଧିଥିବା ଦେଖିବାକୁ ମିଳିଛି। ଏହାସହ ସେ ସନ୍-ଗ୍ଲାସ୍ ମଧ୍ୟ ପିନ୍ଧିଛନ୍ତି। ଫଟୋଟି ଶେୟାର କରି ସେ କ୍ୟାପଶନ୍ ଦେଇଛନ୍ତି 'ଲାଷ୍ଟ ବିଟ୍ ଅଫ୍ ସନ୍ ବିଫୋର ଦ ବାର୍ଥ ଡେ'। ଇଲିଆନା ନିଜ ଜନ୍ମଦିନ ଠିକ୍ ପୂର୍ବରୁ ଏଭଳି ପୋଷ୍ଟ କରି ଫ୍ୟାନ୍‌ମାନଙ୍କୁ ଖୁସି କରିଦେଇଛନ୍ତି। ଏବେ ଶୁକ୍ରବାର ସେ କିଭଳି ନିଜ ବାର୍ଥ୍ ଡେ ସେଲିବ୍ରେଶନ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର। ଇଲିଆନାଙ୍କ ବିକିନୀ ଫଟୋକୁ ସୋସିଆଲ ମିଡିଆରେ ଖୁବ୍ ଲାଇକ୍, ଶେୟାର ଓ କମେଣ୍ଟ ମିଳୁଛି। ଅନ୍ୟପକ୍ଷରେ ଇଲିଆନା ସେହି ଅଭିନେତ୍ରୀମାନଙ୍କ ମଧ୍ୟରୁ ଅନ୍ୟତମ, ଯେଉଁମାନେ ଖୁବ୍ କମ୍ ସମୟରେ ନିଜ ସୌନ୍ଦର୍ଯ୍ୟ, ଅଭିନୟ ଏବଂ ନିଆରା ବ୍ୟକ୍ତିତ୍ୱ ସାହାଯ୍ୟରେ ବଲିଉଡ୍‌ରେ ସଫଳତା ହାସଲ କରିପାରିଛନ୍ତି। ଆଗକୁ ସେ ମଲ୍ଟି ଷ୍ଟାରର କମେଡି ଫିଲ୍ମ 'ପାଗଲ୍‌ପନ୍ତି'ରେ ନଜରକୁ ଆସିବେ। ଫିଲ୍ମରେ ତାଙ୍କ ବିପକ୍ଷରେ ଜନ୍ ଆବ୍ରାହମ୍‌ଙ୍କୁ ଦେଖିବାକୁ ମିଳିବ। ନଭେମ୍ବର ୨୨ରେ ଫିଲ୍ମଟି ରିଲିଜ୍ ହେବ। ଏହାଛଡ଼ା 'ଦ ବିଗ୍ ବୁଲ୍' ଫିଲ୍ମରେ ଇଲିଆନା ଅଭିଷେକ୍ ବଚ୍ଚନଙ୍କ ବିପକ୍ଷରେ ନଜରକୁ ଆସିବେ। 'ଦ ବିଗ୍ ବୁଲ୍' ୨୦୨୦ରେ ରିଲିଜ୍ ହେବ। ତେବେ ୩୩ ବର୍ଷୀୟା ଇଲିଆନାଙ୍କୁ ଆମ ତରଫରୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

କାଘକ ସୁନାଦାନ୍ତ



ବର୍ଲିନ: ବାଘର ସୁନାଦାନ୍ତ। କଥାଟା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ଚିକିତ୍ସା ବିଜ୍ଞାନ ଚମତ୍କାର ଯୋଗୁ ହିଂସ୍ର ବାଘ 'କାରା' ପାଟିରେ ଲାଗିଛି ସୁନାର କୃତ୍ରିମ ଦାନ୍ତ। ଏହି ଘଟଣା ଏବେ ଇଟାଲୀରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ଅବାଧ ଶିକାର ଏବଂ ଚୋରା ଚାଲାଣ ଯୋଗୁ ବାଘ ଏବେ ବିରଳ ପ୍ରଜାତିର ଅନ୍ତର୍ଭୁକ୍ତ ହୋଇଛି। ବିଶେଷ କରି ରୟାଲ ବେଙ୍ଗଲ ଟାଇଗର ପ୍ରଜାତିର ବାଘ ବଂଶ ଏବେ ବିପଦରେ। ଭାରତ, ଚାଇନା ଏବଂ ଇଟାଲୀ ଭଳି ଦେଶ ବାଘ ଶିକାର ଏବଂ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଚୋରାଚାଲାଣ ପାଇଁ ଦୁର୍ନାମ ମୁଣ୍ଡାଇଛନ୍ତି। ୫ବର୍ଷ ତଳେ ଶିକାରୀଙ୍କ କବଳରୁ 'କାରା'କୁ ଉଦ୍ଧାର କରାଯାଇଥିଲା। ଅଗଷ୍ଟରେ ଖେଳଣା ସହ ଖେଳୁଥିବାବେଳେ ଏହାର ଡାହାଣ ପାର୍ଶ୍ୱ ମୁଖ୍ୟ ଦାନ୍ତଟି ଭାଙ୍ଗି ଯାଇଥିଲା। ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ ବିଶେଷଜ୍ଞ। ଡେନମାର୍କର ପ୍ରାଣୀବିଜ୍ଞାନୀମାନେ ଜର୍ମାନୀରେ ବାଘଟିର ସଫଳ ଅସ୍ତ୍ରୋପଚାର କରିଥିଲେ। ୩ ସପ୍ତାହ ପରେ କୃତ୍ରିମ ସୁନା ଦାନ୍ତ ସହ 'କାରା' ଏବେ ସ୍ୱାଭାବିକ ଜୀବନ ଜିଉଁଛି।

'କାରା'ର ଦାନ୍ତ ଅପରେଶନ କରି ବାହାର କରିବା ଏବଂ ସେହି ସ୍ଥାନରେ ସୁନାର ଦାନ୍ତ ଲଗାଇବାକୁ ବେଶ୍ ପରିଶ୍ରମ କରିଥିଲେ ଡାକ୍ତରୀଦଳ। ଦୁଇ ପର୍ଯ୍ୟାୟରେ କରାଯାଇଥିବା ସର୍ଜରି ପାଇଁ ସେମାନଙ୍କୁ ଲାଗିଥିଲା ୪ ଘଣ୍ଟା ସମୟ। ଏଥିପୂର୍ବରୁ ଅଗଷ୍ଟରେ କ୍ଷତିଗ୍ରସ୍ତ ହୋଇଥିବା ଦାନ୍ତର ଆବଶ୍ୟକ ଚିକିତ୍ସା ମଧ୍ୟ କରାଯାଇଥିଲା। ଏ ନେଇ ବିଶେଷଜ୍ଞ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, ଦାନ୍ତ ଲଗାଯିବା ପରେ 'କାରା'କୁ ୩ ସପ୍ତାହ ଯାଏ ହାଡ଼ ନ ଥିବା ମାଂସ ଖାଇବାକୁ ଦିଆଯାଇଥିଲା। ପ୍ରଥମେ ପ୍ରଥମେ ଧାତୁ ତିଆରି ଦାନ୍ତ ସହ ସେ ବେଶ୍ ଅସହଜ ମନେ ହେଉଥିଲା। ଦୀର୍ଘ ଦିନ ଧରି ସୁନା ଦାନ୍ତକୁ ଜିଭ ଲଗାଇ ଚାଟୁଥିଲା। ବାଘର ଦାନ୍ତ ପ୍ରତ୍ୟାରୋପଣ ଘଟଣା ବେଶ୍ ଖୁସି ଦେଇଛି। ଏବେ ସେ ଠିକ୍ ଭାବେ ମାଂସ ଖାଇପାରୁଛି। ହେଞ୍ଚାଳ ଛାଡ଼ିବା ସମୟରେ ତା' ପାଟିର ସୁନା ଦାନ୍ତ ଝଟକୁଛି। ସର୍ଜରି ପରେ କରାଯାଇଥିବା ଏକ୍ସ-ରେରୁ ଉକ୍ତ ସୁନା ଦାନ୍ତ ଠିକ୍ ଭାବେ ଯୋଡ଼ି ହୋଇସାରିଥିବା ଜଣାପଡ଼ିଛି।

ଦିନରେ ଶୋଇଲେ କମେ ମେଦବହୁଳତା

ହାଓ୍ୱାର୍ଡ: ଦିନରେ ଶୋଇଲେ ମେଦବହୁଳତା କମ୍ ହୋଇଥାଏ। ଏନେଇ ହାଓ୍ୱାର୍ଡ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ହୋଇଛି। ଦିନରେ ଶୋଇଲେ ଶରୀର ୧୦ ପ୍ରତିଶତ ଚର୍ବି କମିଯାଇଥାଏ। ଫଳରେ ମେଦବହୁଳତା ଦୂରେଇ ରହିଥାଏ। ନିୟମିତ ଦିନବେଳେ ଘଣ୍ଟାଏ ଶୋଉଥିବା ଲୋକଙ୍କ ସ୍ୱାସ୍ଥ୍ୟ ଅନ୍ୟ ଲୋକଙ୍କ ତୁଳନାରେ ସୁସ୍ଥ ରହିଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ପୂର୍ବରୁ କୁହାଯାଉଥିଲା ଯେ, ଦିନ ବେଳେ ଶୋଇଲେ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ। ମାତ୍ର ଏହି ରିପୋର୍ଟରେ ଏହାକୁ ଖଣ୍ଡନ କରାଯାଇଛି। ଦିନରେ କିଛି ସମୟ ଶୋଇଲେ ମାନସିକ ଅବସାଦ ଦୂର ହୋଇଥାଏ ବୋଲି ଗବେଷକ କହିଛନ୍ତି।

ହଳଦୀ ପାଣିର ଔଷଧୀୟ ଗୁଣ

ନୂଆଦିଲ୍ଲୀ: ପ୍ରତିଦିନ ସକାଳେ ହଳଦି ପାଣି ପିଇଲେ ବହୁ ଫାଇଦା ମିଳିଥାଏ । ହଳଦି ପାଣିରେ କରକ୍ୟୁମିନ୍ ଅଧିକ ଥିବାରୁ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଉପଶମ କରିବାରେ ଏହା ସହାୟକ ହୁଏ। ରକ୍ତ ଶର୍କରାସ୍ତରକୁ ଏହା ସ୍ୱାଭାବିକ କରିଥାଏ। ଫଳରେ ଡାଇବେଟିସ୍ ରୋଗରୁ ମୁକ୍ତି ମିଳିଥାଏ। ହଳଦି ପାଣି ପିଇବା ଦ୍ୱାରା କିଡ୍‌ନୀ ଏବଂ ଲିଭରଜନିତ ରୋଗ ଆଶଙ୍କା କମ୍ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହାଦ୍ୱାରା ପେଟ ସମସ୍ୟାରୁ ମୁକ୍ତି ମିଳେ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀରକୁ ସତେଜ ରଖିବାରେ ସହାୟକ ହୋଇଥାଏ। ଅଧଗ୍ଲାସ ହଳଦି ପାଣି ନିୟମିତ ପିଇଲେ ରକ୍ତ ପରିଷ୍କାର ହୋଇଥାଏ। ଫଳରେ ମୁହଁରେ ବ୍ରଣ ଉଠି ନ ଥାଏ।

କୁକୁର ଦୂରକରେ ମାନସିକ ଅବସାଦ

ବେଜିଂ: କୁକୁରଙ୍କ ସହିତ କିଛି ସମୟ କାଟିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ସୁପ୍ରଭାବ ପଡ଼ିଥାଏ। ଏନେଇ ଚାଇନାର ବେଜିଂ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଏହା ଉଲ୍ଲେଖ ରହିଛି। ଘରେ ପୋଷା କୁକୁର ସହିତ କିଛି ସମୟ ଖେଳିଲେ ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ। ଚାଇନାରେ ତାଲିମ୍ ପ୍ରାପ୍ତ କିଛି କୁକୁରଙ୍କ ସହାୟତାରେ ମାନସିକ ଅବସାଦ ଭୋଗୁଥିବା ରୋଗୀଙ୍କ ଚିକିତ୍ସା ସହଜରେ କରାଯାଇପାରୁଛି। ଏପରି କୁକୁରଙ୍କୁ ଲୋକେ କିଣି ଘରେ ପୋଷା ଭାବେ ରଖି ମନକୁ ଶାନ୍ତ କରି ପାରୁଛନ୍ତି। ଅଧ୍ୟୟନରୁ ମିଳିଥିବା ଜ୍ଞାନ ଆଧାରରେ ଏବେ ପୃଥିବୀର ଅନେକ ସ୍ଥାନରେ ଏଭଳି ତାଲିମପ୍ରାପ୍ତ କୁକୁରଙ୍କ ଦ୍ୱାରା ମାନସିକ ରୋଗୀଙ୍କ ଚିକିତ୍ସାର ପ୍ରୟାସ କରାଯାଉଛି।

ଖୋଲିଲା ଜିରୋ ୱେଷ୍ଟ୍ ଇକୋ ଷ୍ଟୋର୍

ହାଇଦ୍ରାବାଦ: ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ଆମ ପରିବେଶକୁ ସବୁଠାରୁ ଅଧିକ ନଷ୍ଟ କରିବା ସହ ବିଭିନ୍ନ ମାରାତ୍ମକ ରୋଗ ସୃଷ୍ଟି କରୁଛି। ବିଶ୍ୱକୁ ପଲିଥିନ୍ ମୁକ୍ତ କରିବା ପାଇଁ ଚାରିଆଡ଼େ ଉଦ୍ୟମ ଆରମ୍ଭ ହୋଇଛି। ତଥାପି ଏହା ସମ୍ପୂର୍ଣ୍ଣ ସଫଳ ହୋଇପାରିନାହିଁ। ହେଲେ ହାଇଦ୍ରାବାଦର ଦମ୍ପତି ଜ୍ୟୋତି ଏବଂ ପଙ୍କଜ ପଲିଥିନ୍‌ର ବ୍ୟବହାରକୁ ବନ୍ଦ କରିବା ପାଇଁ ଏକ ସୁନ୍ଦର ପ୍ରୟାସ ଆରମ୍ଭ କରିଛନ୍ତି। ଲୋକଙ୍କ ଅଭ୍ୟାସକୁ ବଦଳାଇ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଢ଼ିବା ପାଇଁ ଦୁହେଁ ଖୋଲିଛନ୍ତି 'ଜିରୋ ୱେଷ୍ଟ ଇକୋ ଷ୍ଟୋର୍'। ଏହି ଷ୍ଟୋର୍‌ରେ ୧୫୦ ପ୍ରକାର ଦୈନନ୍ଦିନ ବ୍ୟବହୃତ ଜିନିଷ ବିକ୍ରି ହେଉଛି। ଏଠାରେ ରହିଥିବା ସମସ୍ତ ସାମଗ୍ରୀ ଅର୍‌ଗାନିକ୍ ଏବଂ ଏହି ଜିନିଷଗୁଡ଼ିକୁ ରଖିବା ପାଇଁ କାଚ ଏବଂ ଧାତୁ ବାକ୍ସ ବ୍ୟବହାର କରାଯାଉଛି। ସେପ୍ଟେମ୍ବରରେ ଖୋଲିଥିବା ଏହି ଷ୍ଟୋର୍‌ରେ ଚାଉଳ, ବିଭିନ୍ନ ଶସ୍ୟ, ଘର ତିଆରି ଆଚାର, ସ୍ନାକ୍ସ, କଫି ସ୍କ୍ରବ୍, ହର୍ବାଲ୍ ସାବୁନ୍ ସମେତ ମାଟି ପାତ୍ର, ପରିବେଶ ଉପଯୋଗୀ ବାସନକୁସନ ଓ କପଡ଼ା ବ୍ୟାଗ୍ ଆଦି ବିକ୍ରି ହେଉଛି। ଏଠାରେ ଜିନିଷ ରଖୁଥିବା ସ୍ଥାନ(ଶେଲଭ୍) ଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ଏବଂ ସଫାସୁତରା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିକ୍ରି ହେଉଥିବା ଅନେକ ଜିନିଷ ବିଶେଷ କରି ଆଚାର ଏବଂ ବ୍ୟାଗ୍‌ଗୁଡ଼ିକ ମହିଳାଙ୍କ ଦ୍ୱାରା ଘରେ ତିଆରି ହେଉଛି। ଷ୍ଟୋର୍‌ର ଅନ୍ୟ ଏକ ବିଶେଷତ୍ୱ ହେଲା ଗ୍ରାହକ ଏଠାରୁ ଜିନିଷ କିଣିବାକୁ ହେଲେ ସାଥିରେ କପଡ଼ା ବ୍ୟାଗ୍ ନେଇ ଆସିବାକୁ ପଡ଼ିବ। କାରଣ ଏଠାରେ ପ୍ଲାଷ୍ଟିକ୍ ବ୍ୟାଗ୍(ପଲିଥିନ୍) ସମ୍ପୂର୍ଣ୍ଣ ନିଷେଧ। ଦମ୍ପତି ପେସାରେ ଚାର୍ଟାଡ ଆକାଉଣ୍ଟାଣ୍ଟ ହୋଇଥିବାବେଳେ ନିଜେ ପ୍ରଥମେ ଚେନ୍ନାଇସ୍ଥିତ 'ଇକୋ ଇଣ୍ଡିଆନ୍' ନାମକ ଏକ ଷ୍ଟୋର୍‌ରୁ ସମସ୍ତ ଜିନିଷ କିଣୁଥିଲେ। ହେଲେ ସେମାନେ ହାଇଦ୍ରାବାଦ ଫେରିବା ପରେ ସେଠାରେ ଏଭଳି ଏକ ଷ୍ଟୋର୍ ନ ଥିବା ଯୋଗୁ ନିରାଶ ହୋଇଥିଲେ। ତେଣୁ ଚେନ୍ନାଇ, ବାଙ୍ଗାଲୁରୁ, ଗୋଆ ଭଳି ହାଇଦ୍ରାବାଦରେ ମଧ୍ୟ ଏକ ପରିବେଶ ଉପଯୋଗୀ ଷ୍ଟୋର୍ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିଲେ।

୧୦୦ କୋଟି କ୍ଲବ୍‌ରେ
'ହାଉସ୍‌ଫୁଲ୍-୪'

ମୁମ୍ବାଇ: ଅକ୍ଟୋବର ୨୫ରେ ରିଲିଜ୍ ହୋଇଥିବା ମଲ୍ଟି ଷ୍ଟାରର କମେଡ଼ି ଫିଲ୍ମ 'ହାଉସ୍‌ଫୁଲ୍-୪' ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଯାଇଛି। ଫିଲ୍ମ ରିଲିଜ୍ ହେବାର ଦୁଇଦିନ ପର୍ଯ୍ୟନ୍ତ ଭଲ ବ୍ୟବସାୟ କରି ନ ଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ଦର୍ଶକଙ୍କୁ ମନୋରଞ୍ଜନ କରି ଭଲ ବ୍ୟବସାୟ କରିବାରେ ସଫଳ ହୋଇପାରିଛି। ଏହି ସଫଳତାରେ ଫିଲ୍ମର ପୂରା ଟିମ୍ ସେଲିବ୍ରେଶନ କରୁଛି। ଫିଲ୍ମରେ ନେଗେଟିଭ୍ କ୍ୟାରେକ୍ଟରରେ ନଜରକୁ ଆସିଥିବା ଶରଦ କେଲକର ଏନେଇ ଖୁବ୍ ଉତ୍ସାହିତ ଅଛନ୍ତି। ସେ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲ୍‌ରେ ଏକ ସୁନ୍ଦର ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ଫିଲ୍ମର ସଫଳତା ପରେ ସେଲିବ୍ରେଶନ କରୁଥିବା ଦେଖିବାକୁ ମିଳିଛି। ଭିଡିଓରେ ସେ କୁନି କୁନି ପିଲାଙ୍କ ସହ ଫିଲ୍ମର 'ବାଲା' ଗୀତରେ ନାଚି ସେଲିବ୍ରେଶନ କରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଫିଲ୍ମକୁ ସମୀକ୍ଷକମାନେ ଭଲ ରିଭ୍ୟୁ ଦେଇ ନ ଥିଲେ ମଧ୍ୟ ଏହା ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଛି।

ମୁମ୍ବାଇ: ଫିଲ୍ମ ନିର୍ମାତା ସଞ୍ଜୟ ଲୀଲା ଭନ୍‌ସାଲୀ ଗୋଟିଏ ପରେ ଗୋଟିଏ ଫିଲ୍ମର ଘୋଷଣା କରି ଚାଲିଛନ୍ତି। କିଛି ଦିନ ତଳେ ସଞ୍ଜୟ 'ଗଙ୍ଗୁବାଇ' ଫିଲ୍ମର ଘୋଷଣା କରିଥିଲେ। ସେହିପରି ଏଇ ନିକଟରେ ତାଙ୍କର ଆଗାମୀ ପ୍ରୋଜେକ୍ଟର ନାମକୁ ମଧ୍ୟ ସେ ଘୋଷଣା କରିଛନ୍ତି। ଏହି ଫିଲ୍ମର ନାମ ହେଉଛି 'ବେଜୁ ବାୱରା'। ଜଣେ କଳାକାରର

ରଣବୀରଙ୍କ ସହ ପୁଣି ରୋମାନ୍ସ କରିବେ ପ୍ରିୟଙ୍କା

ପ୍ରତିଶୋଧକୁ ନେଇ ଫିଲ୍ମର କାହାଣୀଟି ଆଧାରିତ। ଭନସାଲୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୧ ମସିହା ଦୀପାବଳି ଅବସରରେ ମୁକ୍ତିଲାଭ କରିବ ବୋଲି ଶୁଣିବାକୁ ମିଳିଛି। ଏପର୍ଯ୍ୟନ୍ତ ଫିଲ୍ମର କାଷ୍ଟିଂକୁ ନେଇ କୌଣସି ଘୋଷଣା କରାଯାଇ ନ ଥିଲେ ହେଁ, ଏଥିରେ ରଣବୀର ସିଂଙ୍କୁ ମୁଖ୍ୟ ଭୂମିକାରେ ସାଇନ କରାଯିବ ବୋଲି ଜଣାପଡ଼ିଛି। ଏଥିସହିତ ତାଙ୍କ ଅପୋଜିଟ୍‌ରେ ପ୍ରିୟଙ୍କାଙ୍କୁ ସାଇନ କରାଯିବ ବୋଲି ଚର୍ଚ୍ଚା ହେଉଛି। ଯଦି ଏପରି ହୁଏ ତେବେ ପ୍ରିୟଙ୍କା ଓ ରଣବୀରଙ୍କ ଯୋଡ଼ିକୁ ଦର୍ଶକେ ଚତୁର୍ଥ ଥର ଲାଗି ପରଦାରେ ଏକାଠି ଦେଖିବାକୁ ପାଇବେ। ଏହାପୂର୍ବରୁ ଉଭୟେ 'ବାଜିରାଓ ମସ୍ତାନୀ', 'ଗୁଣ୍ଡେ', ଦିଲ ଧଡ଼କନେ ଦୋ' ଫିଲ୍ମରେ ଏକାଠି କାମ କରିସାରିଛନ୍ତି। ଏହାବ୍ୟତୀତ ପ୍ରିୟଙ୍କା ରଣବୀରଙ୍କ ଫିଲ୍ମ 'ଗୋଲିୟୋଁ କି ରାସଲୀଲାର ରାମଲୀଲା'ର ଏକ ଆଇଟମ୍ ନମ୍ବର ପରିବେଷଣ କରିଥିଲେ। ସେହିପରି ଭନ୍‌ସାଲୀଙ୍କ ସହ ମଧ୍ୟ ରଣବୀର ଚତୁର୍ଥ ଥର ଲାଗି କାମ କରିବାକୁ ଯାଉଛନ୍ତି। ଏହାପୂର୍ବରୁ ରଣବୀର ଭନ୍‌ସାଲୀଙ୍କ ଫିଲ୍ମ 'ରାମଲୀଲା', 'ବାଜିରାଓ ମସ୍ତାନୀ' ଏବଂ 'ପଦ୍ମାବତ୍'ରେ କାମ କରିସାରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ନଭେମ୍ବର ,୨୦୧୯

ଆଭ୍ୟନ୍ତରୀଣ ନିରାପତ୍ତା ମୋଦି ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା।

-ଅମିତ୍ ଶାହ,
ସ୍ୱରାଷ୍ଟ୍ରମନ୍ତ୍ରୀ

ରାଜ୍ୟ ମାନ୍ୟତା ହରାଇଲା ଜମ୍ମୁ ଓ କଶ୍ମୀର

କଶ୍ମୀରରେ ମୁର୍ମୁ, ଲଦାଖରେ ମାଥୁର ଏଲ୍‌ଜି

ଶ୍ରୀନଗର/ଲେହ,୩୧।୧୦(ପି.ଟି.)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ-କଶ୍ମୀର ରାଜ୍ୟ ମାନ୍ୟତା ହରାଇଛି। ଏହି ଭୂଖଣ୍ଡକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ଲାଗି କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଛି। ଲଦାଖ ରାଜଧାନୀ ଲେହରେ ରାଧାକୃଷ୍ଣ ମାଥୁର ଓ ଶ୍ରୀନଗରରେ ଗିରୀଶ ଚନ୍ଦ୍ର ମୁର୍ମୁ ଉପରାଜ୍ୟପାଳ(ଏଲ୍‌ଜି) ଭାବେ ଶପଥ ନେଇଛନ୍ତି।

ଜମ୍ମୁ-କଶ୍ମୀର ହାଇକୋର୍ଟର ମୁଖ୍ୟ ବିଚାରପତି ଗୀତା ମିତ୍ତଲ ଲେହସ୍ଥିତ ସିନ୍ଧୁ ସଂସ୍କୃତି ଅଡିଟୋରିୟମରେ ୧୯୭୭ ବ୍ୟାଚ୍‌ର ତ୍ରିପୁରା କ୍ୟାଡର ଆଇଏଏସ୍ ଅଫିସର ତଥା ପୂର୍ବତନ ପ୍ରତିରକ୍ଷା ସଚିବ ମାଥୁରଙ୍କୁ ଉପରାଜ୍ୟପାଳ ଭାବେ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଲେହ ଓ କାର୍‌ଗିଲ ପାର୍ବତ୍ୟାଞ୍ଚଳ ପରିଷଦର ଅଫିସର, ସେନା ଓ ଅର୍ଦ୍ଧସାମରିକ ବାହିନୀ, ଧାର୍ମିକ ନେତା ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ପରେ ମୁଖ୍ୟ ବିଚାରପତି ଶ୍ରୀନଗର ଯାଇ ରାଜ ଭବନରେ ମୁର୍ମୁଙ୍କୁ ଶପଥ ପାଠ କରାଇଥିଲେ। ଓଡ଼ିଶା ଜନ୍ମିତ ଗିରୀଶ ମୁର୍ମୁ ୧୯୮୫ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର। ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟରତ ଥାଇ ଉପରାଜ୍ୟପାଳ ନିଯୁକ୍ତି ପାଇବାରେ ସେ ହେଉଛନ୍ତି ସମ୍ଭବତଃ ପ୍ରଥମ ଅଫିସର। ଅର୍ଥ ମନ୍ତ୍ରଣାଳୟରେ ବ୍ୟୟ ବିଭାଗ ସଚିବ ମୁର୍ମୁଙ୍କ ନିଯୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ। ଶପଥ ଗ୍ରହଣ ଉତ୍ସବରେ ଭାଜପା ଲୋକ ସଭା ସଦସ୍ୟ ଯୁଗଳ କିଶୋର ଓ ରାଜ୍ୟ ସଭା ସଦସ୍ୟ ତଥା ପିଡିପି ସଭ୍ୟ ନାଜିର ଲଓ୍ୱେଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ଅତିଥି ଯୋଗଦେଇଥିଲେ। ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଗିରୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅତି ଘନିଷ୍ଠ ଭାବେ ଜଣାଶୁଣା। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିଲାବେଳେ ଗିରୀଶ ତାଙ୍କର ଅତିରିକ୍ତ ପ୍ରମୁଖ ସଚିବ ଥିଲେ।

ଜମ୍ମୁ-କଶ୍ମୀର ରାଷ୍ଟ୍ରପତି ଶାସନାଧୀନ ଥିବାରୁ ଦୁଇ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପାଇଁ ଉପରାଜ୍ୟପାଳଙ୍କ ଜରିଆରେ କେନ୍ଦ୍ରର ପ୍ରତ୍ୟକ୍ଷ ଶାସନାଧୀନ ରହିବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏନେଇ ଗୁରୁବାର ସକାଳେ ଦୁଇଟି ଅଲଗା ବିଜ୍ଞପ୍ତି ଜାରି କରିଛନ୍ତି। ପ୍ରଥମ ଥର ଲାଗି ଗୋଟିଏ ରାଜ୍ୟ ଦୁଇଭାଗ ହୋଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହୋଇଛି। ଫଳରେ ରାଜ୍ୟ ସଂଖ୍ୟା ୨୮କୁ ହ୍ରାସ ପାଇବା ସହ କେନ୍ଦ୍ରଶାସିତ ଅଞ୍ଚଳ ସଂଖ୍ୟା ୯କୁ ବୃଦ୍ଧି ପାଇଛି।

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଏଲ୍‌ଜି ଭାବେ ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ଶପଥ ପାଠ କରାଉଛନ୍ତି ହାଇକୋର୍ଟର ମୁଖ୍ୟ ବିଚାରପତି ଗୀତା ମିତ୍ତଲ ।



ଲଦାଖ ରାଜଧାନୀ ଲେହରେ ଉପରାଜ୍ୟପାଳ ଭାବେ ଶପଥ ନେଉଛନ୍ତି ରାଧାକୃଷ୍ଣ ମାଥୁର ।

୧୪୦୦ ଭାରତୀୟ ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡାଟା ଚୋରି

- କମ୍ପାନୀକୁ ଜବାବ ମାଗିଲା ଆଇଟି ମନ୍ତ୍ରଣାଳୟ
- କେନ୍ଦ୍ରକୁ ରାହୁଲଙ୍କ ସମାଲୋଚନା

ନୂଆଦିଲ୍ଲୀ,୩୧।୧୦

ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ପର୍ସନାଲ ଡାଟା (ବ୍ୟକ୍ତିଗତ ଗୋପନୀୟ ତଥ୍ୟ) ଚୋରି ହେବା ସହ ମୋବାଇଲ୍ ମଧ୍ୟ ହ୍ୟାକ୍ ହେଉଛି। ଇସ୍ରାଏଲର ସାଇବର ଇଣ୍ଟେଲିଜେନ୍ସ କମ୍ପାନୀ 'ଏନ୍‌ଏସ୍‌ଓ' ଏକ ସଫ୍ଟୱେର ମାଧ୍ୟମରେ ଭାରତୀୟ ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଉପରେ ନଜର ରଖିଥିବା ଅଭିଯୋଗ ଆଣିଛି ହ୍ୱାଟ୍ସଆପ୍। ଏହି ସଫ୍ଟୱେର ଯୋଗେ ଦେଶର କେତେଜଣ ଖବରଦାତା, ସାମାଜିକ କର୍ମୀ ଓ ଆଇନଜୀବୀଙ୍କ ଉପରେ କମ୍ପାନୀ ନଜର ରଖିଥିଲା। ନଜର ରଖାଯାଉଥିବା ଲୋକଙ୍କ ନାମ ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇ ନ ଥିଲେ ବି ସେମାନଙ୍କୁ ହ୍ୱାଟ୍ସଆପ୍ ପକ୍ଷରୁ ଫୋନ୍ କରି ଏ ସମ୍ପର୍କରେ ଜଣାଇ ଦିଆଯାଇଥିବା କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କୁହାଯାଉଛିକି, ମୋବାଇଲ୍‌ରୁ ଡାଟା ଚୋରି ପାଇଁ ଏନ୍‌ଏସ୍‌ଓ ପକ୍ଷରୁ ସଫ୍ଟୱେର ପେଗାସସ୍‌ର ବ୍ୟବହାର କରାଯାଇଥିଲା। ଏହି ସଫ୍ଟୱେର ଯେକୌଣସି ମୋବାଇଲରେ ଇନ୍‌ଷ୍ଟଲ କରିହେବ। ଏହି ସଫ୍ଟୱେର ଯୋଗେ କେବଳ ହ୍ୱାଟ୍ସଆପ୍‌ରେ ଏକ ମିସ୍‌ଡ୍‌କଲ୍ କରିବା ଦ୍ୱାରା ଉକ୍ତ ମୋବାଇଲଟି ସମ୍ପୂର୍ଣ୍ଣ ଅନ୍ୟଜଣଙ୍କ ନିୟନ୍ତ୍ରଣକୁ ଆସିଯାଇଥାଏ। ଏହି ଉପାୟରେ ଏ ପର୍ଯ୍ୟନ୍ତ ପ୍ରାୟ ୧୪ଶହ ଭାରତୀୟଙ୍କ ଡାଟା ଚୋରି ହୋଇଥିବା ହ୍ୱାଟ୍ସଆପ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଟ୍ସଆପ୍ ପକ୍ଷରୁ ଏନ୍‌ଏସ୍‌ଓ କମ୍ପାନୀ ବିରୋଧରେ ସନ୍ ଫ୍ରାନ୍‌ସିସ୍କୋର ଏକ ଫେଡେରାଲ୍ କୋର୍ଟରେ ମାମଲା ଦାଏର କରାଯାଇଛି। ଅନ୍ୟପଟେ ହ୍ୱାଟ୍ସଆପ୍‌କୁ ଏ ନେଇ ଜବାବ ରଖିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୪ ତାରିଖ ସୁଦ୍ଧା ଚିଠି ଲେଖି ଜବାବ ଦାଖଲ ପାଇଁ ହ୍ୱାଟ୍ସଆପ୍‌କୁ ନିର୍ଦ୍ଦେଶ ଦିଆଯାଇଛି।



ଅନ୍ୟପକ୍ଷରେ ଭାରତୀୟ ୟୁଜର୍ସଙ୍କ ହ୍ୱାଟ୍ସଆପ୍‌ରୁ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଚୋରି ହେବା ଘଟଣା ଗୁରୁବାର ରାଜନୈତିକ ରୂପ ଧାରଣ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏନେଇ ମୁହଁ ଖୋଲି ରାଫାଲ ସହ ଏହାକୁ ତୁଳନା କରିବାକୁ ପଛାଇ ନାହାନ୍ତି। ଭାରତୀୟ ୟୁଜର୍ସଙ୍କ ମୋବାଇଲରୁ ଡାଟା ଚୋରି ପାଇଁ ସଫ୍ଟୱେର ପେଗାସସ୍‌କୁ କିଏ ଓ କିପରି ବ୍ୟବହାର କରିଥିଲା ସେନେଇ ସରକାର ହ୍ୱାଟ୍ସଆପ୍‌କୁ ରିପୋର୍ଟ ମାଗିଥିବାବେଳେ ବେଳେ ରାହୁଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ରାଫାଲ ବିମାନ କ୍ରୟ ବେଳେ ଡସଲ୍ଟ କିପରି ଅର୍ଥ ଯୋଗାଡ଼ କରିଥିଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଏଭଳି ବିବାଦ ଲାଗି କେନ୍ଦ୍ର ସରକାର ଦାୟୀ ବୋଲି କଂଗ୍ରେସ କହିଛି। ଏହାର ତଦନ୍ତ ସୁପ୍ରିମକୋର୍ଟ କଲେ ସତ୍ୟ ପଦାକୁ ଆସିବ ବୋଲି ଦଳ କହିଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ସୁପ୍ରିମକୋର୍ଟ, ହାଇକୋର୍ଟ ଓ ବିରୋଧୀ ଦଳ ନେତାଙ୍କ ବିରୋଧରେ ବି ଏଭଳି ଗୁପ୍ତଚର କାର୍ଯ୍ୟ କରାଯାଉ ନ ଥିବ ବୋଲି କହିବା ଠିକ୍ ନୁହେଁ। ତେବେ ସରକାରଙ୍କ ପକ୍ଷରୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ ସମସ୍ତ ଭାରତୀୟଙ୍କ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଲାଗି ସରକାର ବଦ୍ଧପରିକର ଥିବା ପ୍ରକାଶ କରିଛନ୍ତି। ହ୍ୱାଟ୍ସଆପ୍‌ଠାରୁ ରିପୋର୍ଟ ମିଳିବା ପରେ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

'ଇୟୁ ଏମ୍‌ପିଙ୍କ ଗସ୍ତ କଶ୍ମୀର ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରିବା ପାଇଁ ନୁହେଁ'

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ୟୁରୋପୀୟ ସଂଘ (ଇୟୁ)ର ଏମ୍‌ପିମାନଙ୍କ ଜମ୍ମୁ-କଶ୍ମୀର ଗସ୍ତ ଉକ୍ତ ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରାଇବା ଉଦ୍ଦେଶ୍ୟ ଆଦୌ ନୁହେଁ। ସେଥିପାଇଁ ଏଭଳି ପ୍ରତିନିଧି ଦଳ ଆନୁଷ୍ଠାନିକ ଚ୍ୟାନେଲ ଦେଇ ଆସିବାର ଆବଶ୍ୟକତା ନ ଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୃହତ୍ତର ଜାତୀୟ ସ୍ୱାର୍ଥକୁ ନେଇ ଏହି ଗସ୍ତ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ଥିଲା କି ନାହିଁ ତାହା ଦେଖିବା ହେଉଛି ବଡ଼ କଥା ବୋଲି ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ପ୍ରଥମ ଥର ଲାଗି ଗତ ମଙ୍ଗଳବାର ଇୟୁରୁ ୨୩ ଜଣିଆ ଏମ୍‌ପିଙ୍କର ଏକ ପ୍ରତିନିଧି ଦଳ ସେଠାକୁ ଦୁଇଦିନିଆ ଗସ୍ତରେ ଆସିଥିଲେ। ସେମାନେ ଜମ୍ମୁ-କଶ୍ମୀର ସ୍ଥିତି ଅନୁଧ୍ୟାନ କରିବା ସହ ୩୭୦ ଉଚ୍ଛେଦ ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ମନ୍ତବ୍ୟ ଦେଇଛନ୍ତି। ଏହା ବ୍ୟତୀତ ଆତଙ୍କବାଦ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟକୁ ସେମାନେ ସମର୍ଥନ ଜଣାଇଛନ୍ତ। ସେମାନେ ସରକାରଙ୍କ ସହିତ ନୁହେଁ ଲୋକମାନଙ୍କ ସହ ମିଶିଥିଲେ। ତେଣୁ ଏହା କଶ୍ମୀର ପ୍ରସଙ୍ଗକୁ ଆନ୍ତର୍ଜାତିକୀକରଣ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ରବୀଶ କୁମାର କହିଛନ୍ତି।

କେନ୍ଦ୍ରଶାସିତ ଅଞ୍ଚଳ ଗଠନ ବେଆଇନ: ଚାଇନା

ବେଜିଂ/ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଜମ୍ମୁ-କଶ୍ମୀରକୁ ଦୁଇଭାଗ କରାଯାଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରିବା ବେଆଇନ ବୋଲି ଗୁରୁବାର ଚାଇନା କହିଛି। ଚାଇନାର କେତେକ ଅଞ୍ଚଳକୁ ନିଜ ପ୍ରଶାସନିକ ସୀମାଭୁକ୍ତ କରିବା ଲାଗି ଭାରତ ନିଷ୍ପତ୍ତି ନେଇଥିବାରୁ ଏହା ବେଜିଂର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରିଛି ବୋଲି ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ ଗଣମାଧ୍ୟମକୁ କହିଛନ୍ତି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଲାଗି ଭାରତର ଅଗଷ୍ଟ ୫ ନିଷ୍ପତ୍ତିକୁ ଚାଇନା ପୂର୍ବରୁ ବରୋଧ କରିଥିଲା। ଭାରତ ଏକପାଖିଆ ଭାବେ ଏହାର ଘରୋଇ ଆଇନ ପରିବର୍ତ୍ତନ କରିବା ସହ ପ୍ରଶାସନିକ ବିଭାଜନ କରିଥିବାରୁ ଏହା ଚାଇନା ସାର୍ବଭୌମତ୍ୱ ବିରୋଧରେ ଯାଇଛି। ଏହା ବେଆଇନ ହୋଇଥିବାରୁ କୌଣସି ପ୍ରକାରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ଏବଂ ଚାଇନାର ପ୍ରକୃତ ନିୟନ୍ତ୍ରଣରେ ଥିବା ଅଞ୍ଚଳକୁ ବଦଳାଯାଇପାରିବ ନାହିଁ ବୋଲି ଗେଙ୍ଗ୍ କହିଛନ୍ତି। ଚାଇନାର ଆଞ୍ଚଳିକ ସାର୍ବଭୌମତ୍ୱକୁ ସମ୍ମାନ ଦେବା ସହ ଚୁକ୍ତିନାମାକୁ ମାନିବା ଓ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ବେଜିଂ ନୂଆଦିଲ୍ଲୀକୁ ଆହ୍ୱାନ ଦେଇଛି।

ଅନ୍ୟପକ୍ଷରେ ଚାଇନାର ଅଭିଯୋଗକୁ ଭାରତ କହିଲା ମୁଣ୍ଡ ଖେଳାଅଜି

ଗେଙ୍ଗ୍ ଶୁଆଙ୍ଗ

ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଜମ୍ମୁ-କଶ୍ମୀରର ପୁନର୍ଗଠନ ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପର ଏବଂ ଏହା ଉପରେ ଅନ୍ୟ ଦେଶର ମନ୍ତବ୍ୟ ଆଶା କରାଯାଏ ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜମ୍ମୁ-କଶ୍ମୀର ଓ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ଏକ ବିସ୍ତୀର୍ଣ୍ଣ ଅଞ୍ଚଳକୁ ଚାଇନା ଅକ୍ତିଆର କରି ରଖିଥିବା ନୂଆଦିଲ୍ଲୀ କହିଛି। ତଥାକଥିତ ଚାଇନା-ପାକସ୍ତାନୀ ସୀମା ରାଜନାମା ୧୯୬୩ ଅନୁଯାୟୀ ଚାଇନା ପାକ୍ ଅଧିକୃତ କଶ୍ମୀର (ପିଓକେ)ରୁ ମଧ୍ୟ କିଛି ଭାରତୀୟ ଅଞ୍ଚଳକୁ କବ୍‌ଜା କରି ରଖିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି।

ବ୍ୟାଙ୍କକ୍‌ରେ ଆସିଆନ ସମିଟ୍ ଆରମ୍ଭ

ଯୋଗଦେଇଛନ୍ତି ୧୦ ସଦସ୍ୟ ରାଷ୍ଟ୍ର

ବ୍ୟାଙ୍କକ୍,୩୧।୧୦: ୩୫ତମ ଆସିଆନ୍ (ଦକ୍ଷିଣପୂର୍ବ ଏସିଆ ରାଷ୍ଟ୍ରସଂଘ) ଶିଖର ସମ୍ମିଳନୀ ଗୁରୁବାର ବ୍ୟାଙ୍କକ୍‌ଠାରେ ଆରମ୍ଭ ହୋଇଛି। ଏହା ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଇମ୍ପାକ୍ଟ କନ୍‌ଭେନ୍‌ଶନ କମ୍ପ୍ଲେକ୍ସରେ ଉକ୍ତ ସମ୍ମିଳନୀକୁ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପ୍ରୟୁତ୍ ଚାନ୍-ଓ-ଚା ଉଦ୍‌ଘାଟନ କରିଛନ୍ତି। ଆସିଆନ୍‌ରେ ୧୦ ରାଷ୍ଟ୍ର ସଦସ୍ୟ ରହିଛନ୍ତି। ଉକ୍ତ ଅଞ୍ଚଳରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସହଯୋଗ ବୃଦ୍ଧି କରିବା ଏହି ସଂଗଠନର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଓ ୪ ତାରିଖରେ ଉକ୍ତ ଶିଖର ସମ୍ମିଳନୀରେ ଯୋଗଦେବେ। ଏହି ଅବସରରେ ପୂର୍ବ ଏସିଆ ସମିଟ (ଇଏଏସ୍) ଏବଂ ଆଞ୍ଚଳିକ ବିସ୍ତୃତ ଅର୍ଥନୈତିକ ସମିଟ୍ (ଆର୍‌ସିଇପି) ମଧ୍ୟ ଅନୁଷ୍ଠିତ ହେବ। ୧୦ ସଦସ୍ୟ ରାଷ୍ଟ୍ର ବ୍ୟତୀତ ଭାରତ, ଆମେରିକା, ଚାଇନା, ଜାପାନ, କୋରିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଏହି ସମିଟ୍‌ରେ ଯୋଗ ଦେଉଛନ୍ତି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଆମନ୍ତ୍ରଣକ୍ରମେ ମୋଦି ୨ରୁ ବ୍ୟାଙ୍କକ୍ ଗସ୍ତରେ ଯାଉଥିବା ପୂର୍ବାଞ୍ଚଳ ସଚିବ ବିଜୟ ଠାକୁର ସିଂ କହିଛନ୍ତି। ସେ ୧୬ତମ ଆସିଆନ-ଭାରତ ସମିଟ୍, ୧୪ତମ ପୂର୍ବ ଏସିଆ ସମ୍ମିଳନୀ ଏବଂ ତୃତୀୟ ଆର୍‌ସିଇପି ସମିଟ୍‌ରେ ଯୋଗଦେବେ।

ଶିବସେନା ନେତା ଆଦିତ୍ୟ ଠାକ୍‌ରେଙ୍କ ସହ ଦଳୀୟ ବିଧାୟକମାନେ ଗୁରୁବାର ମୁମ୍ବାଇସ୍ଥିତ ରାଜଭବନରେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ସ୍ମାରକପତ୍ର ଦେଉଛନ୍ତି।

ରାଜନୈତିକ ବିଜ୍ଞାପନ ବନ୍ଦ କରିବ ଟୁଇଟର୍

ନ୍ୟୁୟର୍କ,୩୧।୧୦

ସୋସିଆଲ ମିଡିଆ ଟୁଇଟର ରାଜନୈତିକ ବିଜ୍ଞାପନ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବା ଏହାର ସିଇଓ ଜାକ୍ ଡୋର୍‌ସେ ଘୋଷଣା କରିଛନ୍ତି। ଟୁଇଟର ଜରିଆରେ ବିଶ୍ୱ ସ୍ତରରେ ସମସ୍ତ ରାଜନୈତିକ ବିଜ୍ଞାପନ ବନ୍ଦ କରିବା ଲାଗି ନିଷ୍ପତ୍ତି ହୋଇଛି। ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ ଏବଂ ବିଶ୍ୱବ୍ୟାପୀ ସମସ୍ତ ନିର୍ବାଚନୀ ଓ ରାଜନୈତିକ ବିଜ୍ଞାପନ ପାଇଁ ଲାଗୁ ହେବ। ଆଗକୁ ବ୍ରିଟେନ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିଲାବେଳେ ତାହା ପୂର୍ବରୁ ଟୁଇଟର ଏଭଳି ପଦକ୍ଷେପ ନେଇଛି। ପୂର୍ବରୁ ମଧ୍ୟ ଏହି ସଂସ୍ଥା ରାଜନୈତିକ ବିଜ୍ଞାପନ ଉପରେ କେତେକ କଟକଣା ଲଗାଇଥିଲା।

ରାଜନୈତିକ ବାର୍ତ୍ତା ଅନ୍ୟମାନଙ୍କ ପାଖରେ ପହଞ୍ଚିଥାଏ, ଯେତେବେଳେ ଲୋକେ ଏହି ଆକାଉଣ୍ଟକୁ ଫଲୋ କରନ୍ତି କିମ୍ବା ରିଟୁଇଟ୍ କରନ୍ତି। ଏହାକୁ କିଣାଯାଇ ନ ଥାଏ। ପହଞ୍ଚାଇବା ପାଇଁ ଅର୍ଥ ଦେବା ଏଭଳି ନିଷ୍ପତ୍ତିକୁ ଦୂରେଇ ଦେଇଛି ଏବଂ ନିର୍ଦ୍ଦିଷ୍ଟ ରାଜନୈତିକ ବାର୍ତ୍ତା ଲୋକଙ୍କୁ ପ୍ରଭାବିତ କରୁଛି। ଏହି ନିଷ୍ପତ୍ତିକୁ ଅର୍ଥରେ ସାଲିସ କରାଯିବା ଉଚିତ ନୁହେଁ ବୋଲି ଜାକ୍ କହିଛନ୍ତି। ୨୦୧୮ରେ ଟୁଇଟର ୩ ନିୟୁତ ଡଲାରରୁ କମ୍ ମୂଲ୍ୟର ରାଜନୈତିକ ବିଜ୍ଞାପନ ପାଇଥିଲା ବୋଲି ଏହାର ମୁଖ୍ୟ ଫାଇନାନ୍ସିଆଲ ଅଫିସର ନେଡ୍ ସେଗଲ ଟୁଇଟ୍ କରିଛନ୍ତି। ରାଜନୈତିକ ନେତାମାନଙ୍କ ମିଥ୍ୟା ବିଜ୍ଞାପନକୁ ଅନୁମତି ଦେଉଥିବା ଫେସ୍‌ବୁକ୍ ସମାଲୋଚିତ ହୋଇଛି। ଟୁଇଟର୍‌ର ଏଭଳି ନିଷ୍ପତ୍ତି ଫଳରେ ନେତାଙ୍କ ମିଥ୍ୟା ବିବୃତିର ବିଜ୍ଞାପନ କରୁଥିବା ଫେସ୍‌ବୁକ୍ ଉପରେ ଚାପ ବୃଦ୍ଧି ପାଇବ।

୯ରେ ପିଟିବି ଉଦ୍‌ଘାଟନ କରିବେ ମୋଦି

ନୂଆଦିଲ୍ଲୀ,୩୧।୧୦(ପି.ଟି.)

ଭାରତ-ପାକ୍ ସୀମାର ଉଭୟ ପାର୍ଶ୍ୱରେ ଦୁଇ ଐତିହାସିକ ଗୁରୁଦ୍ୱାରକୁ ସଂଯୋଗ କରୁଥିବା କର୍‌ତାରପୁର କରିଡରର ଆନୁଷ୍ଠାନିକ ଉଦ୍‌ଘାଟନ ଅବସରରେ ପଞ୍ଜାବର ଡେରା ବାବା ନାନକଠାରେ ଅତ୍ୟାଧୁନିକ ଯାତ୍ରୀ ଟର୍ମିନାଲ ବିଲ୍ଡିଂ (ପିଟିବି) କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନଭେମ୍ବର ୯ରେ ଉଦ୍‌ଘାଟନ କରିବେ। ଉଦ୍‌ଘାଟନ ପରେ ମୋଦି ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ। ପରେ ସେ ସୁଲତାନପୁର ଲୋଧି ଯାଇ ଗୁରୁ ନାନକଙ୍କ ୫୫୦ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବେ। କର୍‌ତାରପୁର କରିଡର ପଞ୍ଜାବ ଗୁରୁଦାସପୁରର ଡେରାବାବା ନାନକଙ୍କ ପୀଠକୁ ଅନ୍ତର୍ଜାତୀୟ ସୀମାଠାରୁ ୪ କି.ମି ଦୂରରେ ନରୋୱାଲ ଜିଲାର ଶାକରଗଡ଼ରେ ଥିବା ଦର୍‌ବାର ସାହିବ ଗୁରୁଦ୍ୱାର ସହ ସଂଯୋଗ କରୁଛି। ରାବି ନଦୀକୂଳରେ ଅବସ୍ଥିତ ଉକ୍ତ ଗୁରୁଦ୍ୱାରରେ ନାନକ ଦେବ ୧୮ ବର୍ଷ ବିତାଇଥିଲେ।

ପାକ୍‌ରେ ପହଞ୍ଚିଲେ ୧୧୦୦ ଭାରତୀୟ ଶିଖ୍

ଲାହୋର,୩୧।୧୦(ପି.ଟି.)

ଗୁରୁ ନାନକଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ଲାଗି

ଅନ୍ୟର ସମ୍ପତ୍ତି ପ୍ରତି ଲୋଲୁପ ଦୃଷ୍ଟି ନ ପକାଇଲେ, ତୁମ ସମ୍ପତ୍ତି ବୃଦ୍ଧି ପାଇବାର ସୁଯୋଗ ପାଇବ। - ପ୍ଲାଟୋ

ଆଜି କ'ଣ କେଉଁ

ଭୁବନେଶ୍ୱର

- ସେଣ୍ଟ ଜାଭିୟର ସ୍କୁଲ ପକ୍ଷରୁ ବିଜ୍ଞାନ ମେଳା, କେଦାରଗୌରୀ ବିହାର, ପୂର୍ବାହ୍ନ ୧୦ଟା।
- ବିଏମ୍‌ସି ସମ୍ମୁଖରେ ବିକ୍ଷୋଭ, ବିଏମ୍‌ସି ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଦୁର୍ନୀତି ନିବାରଣ ସାଚତନତର ସପ୍ତାହ ସମାରୋପ, ରବିନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।
- ଅଖଣ୍ଡ ଶାନ୍ତି ଜ୍ଞାନଯଜ୍ଞ ଶିବିର, ଶ୍ରୀଶ୍ରୀ ଭୀମେଶ୍ୱର ମନ୍ଦିର ପ୍ରାଙ୍ଗଣ, ଭୀମଟାଙ୍ଗୀ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀ ରାମଚରିତ ମାନସ ପାରାୟଣା, ନିକୁଞ୍ଜ ବିହାରୀ ମନ୍ଦିର ପ୍ରାଙ୍ଗଣ, ସକାଳ ୭ଟା ଓ ପ୍ରବଚନ, ରାତି ୭ଟା।

ପୁରୀ

- ନିର୍ମାଲ୍ୟ ସଜ୍ଜାନ ସମାରୋହ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

ଡିଜିଟାଇଜେଶନ ଉପରେ ଗୁରୁତ୍ୱ ଦେବ ରାଜ୍ୟ ଅଭିଲେଖାଗାର

- 'ସଂସ୍କୃତି ଚର୍ଚ୍ଚା'କୁ ନେଇ ନୂଆ ପୁସ୍ତକ
- ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଉପରେ ଗୁରୁତ୍ୱ
- କାର୍ଯ୍ୟକ୍ଷମ ହେବ ସମ୍ବଲପୁର ଅଭିଲେଖାଗାର

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ପୁରାତନ ପୁସ୍ତକର ସଂରକ୍ଷଣ ଉପରେ ଗୁରୁତ୍ୱ ଦେବ ରାଜ୍ୟ ଅଭିଲେଖାଗାର। ନଷ୍ଟ ହୋଇଯାଉଥିବା ଦସ୍ତାବିଜ, ନଥି ଓ ପୋଥିକୁ କିଭଳି ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ। ଏଥିପାଇଁ ବିଶେଷଜ୍ଞମାନଙ୍କ ପରାମର୍ଶ ଲୋଡ଼ାଯିବ। ଅଭିଲେଖାଗାରରେ ଥିବା ଐତିହାସିକ ନଥିପତ୍ରଗୁଡ଼ିକର ଡିଜିଟାଇଜେଶନ କରାଯାଇ ଏହାକୁ ଇଣ୍ଟରନେଟ୍‌ରେ ଉପଲବ୍ଧ କରାଯିବ। ଫଳରେ ସମଗ୍ର ବିଶ୍ୱବାସୀ ଏହାକୁ ଦେଖିପାରିବେ ଓ ଆବଶ୍ୟକୀୟ ତଥ୍ୟ ପାଇପାରିବେ। କେବଳ ଏତିକି ନୁହେଁ, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ମଧ୍ୟ ଗୁରୁତ୍ୱ ଦେବ ରାଜ୍ୟ ଅଭିଲେଖାଗାର। ଏଥିଲାଗି ଜଗନ୍ନାଥ ସଂସ୍କୃତି ଉପରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ତଥ୍ୟକୁ ଆଧାର କରି ଏକ ନୂତନ ପ୍ରକାଶନୀ କରାଯିବ। ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷଣାରତ ସ୍କଲାରମାନେ ଏଥିପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି ରାଜ୍ୟ ଅଭିଲେଖାଗାର ନବନିଯୁକ୍ତ ଅଧୀକ୍ଷକ ଡ. ସେଖ୍ ସୁଲେମାନ୍ ଅଲ୍ଲୀ। ଗତ ୨୯ ତାରିଖରେ ଅଭିଲେଖାଗାର ଅଧୀକ୍ଷକଭାବେ ଦାୟିତ୍ୱ ଗ୍ରହଣ କରିଥିବା ସୁଲେମାନ୍ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ପୁରାତନ ନଥିପତ୍ରର ସଂରକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟୟବରାଦ ହେଉଥିବାବେଳେ ଏହାକୁ ଠିକ୍‌ଭାବେ ବିନିଯୋଗ କରିବା ଦିଗରେ ଆମେ ଗୁରୁତ୍ୱ ଦେବୁ। ଟେଣ୍ଡର ଡକାଯାଇ ବିଭିନ୍ନ ସଂସ୍ଥାକୁ ଏନେଇ ଦାୟିତ୍ୱ ଦିଆଯିବ। ଇତିମଧ୍ୟରେ ଅନେକ ପୁସ୍ତକ ଓ ଦସ୍ତାବିଜର ଡିଜିଟାଇଜେଶନ କରାଯାଇଥିବାବେଳେ ଆଗାମୀଦିନରେ ଡିଜିଟାଇଜେଶନ ଓ କମ୍ପ୍ୟୁଟରୀକରଣକୁ ଅଧିକ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନର ପିଢ଼ି ସହ ଦେଶ, ବିଦେଶରେ ରହୁଥିବା ଗବେଷକ ଏବଂ ବିଶେଷଜ୍ଞମାନେ ହାତପାନ୍ତାରେ ଯେପରି ସମସ୍ତ ତଥ୍ୟ ପାଇପାରିବେ ସେଥିପାଇଁ ଡିଜିଟାଇଜେଶନ ହୋଇଥିବା ଏବଂ ହେବାକୁ ଥିବା ସମସ୍ତ ତଥ୍ୟ ଇଣ୍ଟରନେଟ୍‌ରେ ଉପଲବ୍ଧ କରାଯିବ। ରାଜ୍ୟ ଅଭିଲେଖାଗାର ପକ୍ଷରୁ ପ୍ରତିମାସରେ ହେଉଥିବା 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରାଯିବ। ଆଜି ପର୍ଯ୍ୟନ୍ତ 'ସଂସ୍କୃତି ଚର୍ଚ୍ଚା'ର ଯେତେକ ସଂସ୍କରଣ ହୋଇଛି ତାହାକୁ ନେଇ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶ ପାଇବ। ସମ୍ବଲପୁରରେ ରାଜ୍ୟ ଅଭିଲେଖାଗାରର ଏକ ଶାଖା ରହିଥିବାବେଳେ ଚଳିତବର୍ଷ ଠାରୁ ତାହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ପୂର୍ବରୁ ରାଜ୍ୟ ସଂଗ୍ରହାଳୟ କ୍ୟୁରେଟର ଥିବା ସୁସ୍ମିତା ମନ୍ତ୍ରୀ ରାଜ୍ୟ ଅଭିଲେଖାଗାରର ଭାରପ୍ରାପ୍ତ ଅଧୀକ୍ଷକଭାବେ ଦାୟିତ୍ୱ ତୁଲାଉଥିଲେ। ୨୦୧୭ ଅଗଷ୍ଟ ୨ରୁ ମନ୍ତ୍ରୀ ଏହି ଦାୟିତ୍ୱରେ ରହିଥିଲେ। ତେବେ ଅଭିଲେଖାଗାରର ବରିଷ୍ଠ ଅଧିକାରୀଭାବେ କାର୍ଯ୍ୟ କରୁଥିବା ଡ. ସେଖ୍ ସୁଲେମାନ୍ ଅଲ୍ଲୀଙ୍କ ପଦୋନ୍ନତି ପରେ ସେ ଅଧୀକ୍ଷକଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଅଭିଲେଖାଗାର କର୍ମଚାରୀଙ୍କ ସହ ମିଳିମିଶି ଏହାର ଉନ୍ନତୀକରଣ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ଏହାସହ କର୍ମଚାରୀ ଅଭାବ ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ପରାମର୍ଶ ନେବେ ବୋଲି ଅଲ୍ଲୀ କହିଛନ୍ତି। ନିକଟରେ ରାଜଭବନ ପାଠାଗାରରୁ ବହୁ ବିରଳ ଓ ପୁରାତନ ପୁସ୍ତକକୁ ସଂରକ୍ଷିତ କରି ରଖିବା ପାଇଁ ଅଭିଲେଖାଗାରକୁ ଅଣାଯାଇଛି। ଏହାର ଡିଜିଟାଇଜେଶନ ସହ ଖୁବ୍‌ଶୀଘ୍ର ଏହାକୁ ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଯିବ ବୋଲି ଅଭିଲେଖାଗାର ପକ୍ଷରୁ ସୂଚନା ଦିଆଯାଇଛି।

ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ଆନାକୋଣ୍ଡା ଏନକ୍ଲୋଜର

ବାରଙ୍ଗ/ନରାଜି, ୩୧।୧୦(ଡି.ଏନ୍.ଏ.): ଦୀର୍ଘଦିନର ଅପେକ୍ଷା ପରେ ଗୁରୁବାର ପର୍ଯ୍ୟଟକଙ୍କ ପାଇଁ ପ୍ରାଣୀଉଦ୍ୟାନ ନନ୍ଦନକାନନର ଆନାକୋଣ୍ଡା ଏନକ୍ଲୋଜର ଖୋଲାଯାଇଛି। ସରୀସୃପ ଏନକ୍ଲୋଜର ନଂ.୪୬କେ ରେ ରହିଥିବା ଆନାକୋଣ୍ଡାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଗହଳି ଲାଗିଥିଲା। ଗତ ୨୨ତାରିଖରେ ଚେନ୍ନାଇର ମାଦ୍ରାସ କ୍ରୋକୋଡାଇଲ ଟ୍ରଷ୍ଟରୁ ନନ୍ଦନକାନନକୁ ୮ଟି ଆନାକୋଣ୍ଡାକୁ ଅଣାଯାଇଥିଲା। ଏଥିରେ ୫ଟି ମାଈ ଓ ୨ଟି ଅଣ୍ଡିରା ରହିଥିବାବେଳେ ଗୋଟିଏ ଲିଙ୍ଗ ନିରୂପଣ ହୋଇପାରି ନାହିଁ। ଏମାନଙ୍କୁ ଏକ ସ୍ୱତନ୍ତ୍ର ସେଲରେ ରଖାଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଥିଲା। ସେମାନେ କିଭଳି ନନ୍ଦନକାନନ ପରିବେଶ ସହିତ ଖାପଖୁଆଇ ଚଳିପାରିବେ ସେଥିପାଇଁ ଖୁଆଡ ମଧ୍ୟରେ କାଠ ଗଣ୍ଡି, ପଥର ରଖାଯାଇଥିବା ବେଳେ ଛୋଟ ଛୋଟ ଗୁମ୍ଫା କରାଯାଇଛି। ସେହିପରି ତାଙ୍କର ଖାଦ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ସମସ୍ତ ଆନାକୋଣ୍ଡାଙ୍କ ବୟସ ୨.୫ରୁ ୩ ବର୍ଷ ହୋଇଥିବା ବେଳେ ଏମାନଙ୍କ ଲମ୍ବ ୪ଫୁଟ ବୋଲି ଜଣାପଡିଛି।

ପୁଞ୍ଜିନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି ଓଡ଼ିଶା

ନୂଆଦିଲ୍ଲୀଠାରେ ଆୟୋଜିତ ବୈଠକରେ ଅନ୍ୟମାନଙ୍କ ସହ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର।

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବା ସହ ବିଦେଶୀ ପୁଞ୍ଜିନିବେଶକମାନଙ୍କୁ ଆକର୍ଷିତ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଏବଂ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ସଫଳ ରୂପାୟନ ଫଳରେ ଓଡ଼ିଶାରେ ପୁଞ୍ଜିନିବେଶ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥିବା ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଗୃହମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। 'ରାଜ୍ୟଗୁଡ଼ିକରେ ଘରୋଇ ଓ ବିଦେଶୀ ପୁଞ୍ଜିନିବେଶ କ୍ଷେତ୍ରରେ ଅଭିବୃଦ୍ଧି' ଉପରେ ନୂଆଦିଲ୍ଲୀଠାରେ ଆୟୋଜିତ ବୈଠକରେ ଯୋଗଦେଇ ମନ୍ତ୍ରୀ ମିଶ୍ର 'ମେକ୍ ଇନ୍ ଓଡ଼ିଶା' ଏବଂ 'ଇନ୍‌ଭେଷ୍ଟମେଣ୍ଟ ମିଟ୍'ର ସଫଳତା ସମ୍ପର୍କରେ କହିଥିଲେ। ୨୦୨୪-୨୫ ଆର୍ଥିକବର୍ଷ ସୁଦ୍ଧା ଦେଶରେ ୫ ଟ୍ରିଲିୟନ୍ ଆମେରିକୀୟ ଡଲାର ଅର୍ଥ ବ୍ୟବସ୍ଥା ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ପୁଞ୍ଜିନିବେଶ କ୍ଷେତ୍ରରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ବୈଠକରେ ମତ ବିନିମୟ ହୋଇଥିଲା। ଜାତୀୟସ୍ତରରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଏହି ଅବସରରେ ଆଲୋଚନା ହୋଇଥିଲା। ବିଭିନ୍ନ ରାଜ୍ୟରୁ ଯୋଗଦେଇଥିବା ମନ୍ତ୍ରୀମାନଙ୍କୁ ନେଇ 'ମେକ୍ ଇନ୍ ଇଣ୍ଡିଆ' ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଥିଲା। ବାଣିଜ୍ୟ ଓ ଉଦ୍ୟୋଗ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ସମେତ କେନ୍ଦ୍ରର ବିଭିନ୍ନ ମନ୍ତ୍ରାଳୟର ବରିଷ୍ଠ ପଦାଧିକାରୀମାନେ କର୍ମଶାଳାରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଶାସନ ସଚିବ ହେମନ୍ତ ଶର୍ମା ଏହି ବୈଠକରେ ଉପସ୍ଥିତ ରହି ରାଜ୍ୟ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ।

ଘରୋଇ ଓ ବିଦେଶୀ ପୁଞ୍ଜିନିବେଶ ସମ୍ପର୍କିତ ଦିଲ୍ଲୀରେ ଉଚ୍ଚସ୍ତରୀୟ ବୈଠକ

- ଶ୍ରୀମନ୍ଦିର ଭିତର ଭିଡିଓ ଭାଇରାଲ ଘଟଣା

ଟିକ୍‌ଟକ୍ କରିଥିବା ନାବାଳିକା ଧରାପଡ଼ିଲେ

ପୁରୀ ଅଫିସ/ ନିମାପଡ଼ା, (ଡି.ଏନ.ଏ.)୩୧।୧୦

ଗତ ସୋମବାର ଶ୍ରୀମନ୍ଦିର ଭିତର ବେଢାର ଭିଡ଼ିଓ ଭାଇରାଲ ହୋଇଥିଲା। ଜଣେ ନାବାଳିକା ମନ୍ଦିର ଭିତରେ ଟିକ୍‌ଟକ୍ ଭିଡିଓ କରି ଏହାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଘଟଣାରେ ସିଂହଦ୍ୱାର ଥାନା ପୋଲିସ ଟିକ୍‌ଟକ୍ ଭିଡିଓ କରିଥିବା ସମ୍ପୃକ୍ତା ନାବାଳିକାଙ୍କୁ ବୁଧବାର ବିଳମ୍ବିତ ରାତିରେ ନିମାପଡ଼ା ଅଞ୍ଚଳରୁ ଧରି ପୁରୀ ଆଣିଥିଲା। ଗୁରୁବାର ତାଙ୍କୁ ପଚରାଉଚରାବେଳେ ନାବାଳିକା ଜଣକ ଦୋଷ ସ୍ୱୀକାର କରିବା ସହ ଆଉ କେବେହେଲେ ଏଭଳି କାମ କରିବେ ନାହିଁ ବୋଲି କହି କ୍ଷମା ପ୍ରାର୍ଥନା କରିଛନ୍ତି। ପୋଲିସ ସିଆରପିସି ଧାରା ୪୧(କ) ଅନୁସାରେ ତାଙ୍କୁ ନୋଟିସ୍ ଦେଇ ଛାଡ଼ିଦେଇଥିବା ଜଣାପଡ଼ିଛି।

ସମ୍ପୃକ୍ତା ନାବାଳିକାଙ୍କ ଟିକ୍‌ଟକ୍ ଆକାଉଣ୍ଟରୁ ପୋଲିସ ତାଙ୍କ ସମ୍ପର୍କରେ ସୂଚନା ପାଇଥିଲା। ବୁଧବାର ରାତିରେ ସିଂହଦ୍ୱାର ପୋଲିସର ଏକ ଟିମ୍ ନାବାଳିକାଙ୍କ ଗାଁ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳକୁ ଯାଇଥିଲା। କିନ୍ତୁ ସେ ଘରେ ନ ଥିଲେ। ଝିଅ ଏକ ସାଂସ୍କୃତିକ ଅନୁଷ୍ଠାନ ସହିତ ନିମାପଡ଼ା ଯାଇଥିବା ତାଙ୍କ ମା' ବାପା କହିଥିଲେ। ପୋଲିସ ତାଙ୍କ ମା' ବାପାଙ୍କୁ ଗାଡ଼ିରେ ବସାଇ ନିମାପଡ଼ା ଯାଇଥିଲା। ନିମାପଡ଼ା ପୋଲିସ ସହାୟତାରେ ସିଂହଦ୍ୱାର ପୋଲିସ ସେଠାରୁ ନାବାଳିକାଙ୍କୁ ଧରି ପୁରୀ ଆଣିଥିଲା। ତାଙ୍କ ମା' ବାପାଙ୍କ ଉପସ୍ଥିତିରେ ପଚରାଉଚରା କରାଯାଇଥିଲା। ନାବାଳିକା ତାଙ୍କ ବଡବୋଉଙ୍କ ସହ ମନ୍ଦିରକୁ ଆସିଥିବା ବେଳେ ଟିକ୍‌ଟକ୍ ଭିଡିଓ କରିଥିଲେ। ଗତ ୨୮ ତାରିଖରେ ଏହି ଟିକ୍‌ଟକ୍ ଭିଡିଓ ଭାଇରାଲ ହେବା ପରେ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଆବାହକ ଅନିଲ କୁମାର ସାହୁ ସିଂହଦ୍ୱାର ଥାନାରେ ଏତଲା ଦେବା ପରେ ମାମଲା ରୁଜୁ ହୋଇଥିଲା।

କ୍ଷମା ପ୍ରାର୍ଥନା ପରେ ଛାଡ଼ିଲା ପୋଲିସ

ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ଭୁବନେଶ୍ୱର ଆଇଜି ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।

ଆଜିଠାରୁ ହୋମ ଆଣ୍ଡ ଡେକୋର ପ୍ରଦର୍ଶନୀ

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): କ୍ରେଡାଇ ଭୁବନେଶ୍ୱର ହୋମ ଆଣ୍ଡ ଡେକୋର ଏବଂ ୧୬ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର ଶନିବାରଠାରୁ ସ୍ଥାନୀୟ ଜନତା ମୈଦାନଠାରେ ଆରମ୍ଭ ହେଉଛି। କ୍ରେଡାଇ ଭୁବନେଶ୍ୱର, ଉତ୍କଳ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ୟୁସିସିଆଇ), ବେଙ୍ଗଲ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ଜିଏସ୍ ମାର୍କେଟିଂ ଆସୋସିଏଶନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଏହା ନଭେମ୍ବର ୧୧ ଯାଏ ଚାଲିବ। ଦିନ ୨ରୁ ରାତି ୯ଟା ଯାଏ ଲୋକମାନଙ୍କ ପାଇଁ ଏହା ଖୋଲା ରହିବ। ହୋମ ଆଣ୍ଡ ଡେକୋର ପ୍ରଦର୍ଶନୀରେ ରିୟଲ ଇଷ୍ଟେଟ ଡେଭଲପର୍ସ ମାନେ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିବେ। ଏଥିରେ ରିୟଲ ଇଷ୍ଟେଟ ସମ୍ପର୍କିତ ଉପକରଣ କମ୍ପାନୀ ଏବଂ ବ୍ୟାଙ୍କ ମଧ୍ୟ ନିଜର ଷ୍ଟଲ ସ୍ଥାପନ କରିବେ। ଚଳିତ ବର୍ଷ ଫେୟାରରେ ୫୦୦ ଷ୍ଟଲ ରହିଛି। ୭ଟି ଦେଶ ଏବଂ ୧୦ ରାଜ୍ୟ ଏଥିରେ ଅଂଶ ଗ୍ରହଣ କରୁଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେସନ କାନ୍ତିଲାଲ ପଟେଲ, ସାଧାରଣ ସମ୍ପାଦକ ଉମେଶ ପଟ୍ଟନାୟକ, ଏକଜିବିଶନ କମିଟି ଅଧକ୍ଷ ପ୍ରକାଶ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

ପିକଅପ୍ ଭ୍ୟାନକୁ ପିଟିଲା ବସ, ୨ ଆହତ

ବାଲିପାଟଣା,୩୧।୧୦(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ନୂଆଗାଁ ଛକ ନିକଟରେ ଗୁରୁବାର ଏକ ପିକଅପ ଭ୍ୟାନ ପଛକୁ ବସ ଧକ୍କା ଦେବା ଫଳରେ ଏଥିରେ ବସିଥିବା ୨ଜଣ ଆହତ ହୋଇଥିଲେ। ଆହତଦ୍ୱୟ ହେଲେ ମଝିହରା ବସ୍ତିର ମିର ଜିହାନ ଅଲ୍ଲି, ବନମାଳୀପୁରର ବଳରାମ ସେନାପତି। ଏମାନଙ୍କୁ ଚିକିତ୍ସା ପାଇଁ ବାଲିପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଗୁରୁବାର ସକାଳେ ଉତ୍ତରା ଅଭିମୁଖେ ଏହି ଦୁଇ ଗାଡି ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

ହିଂସା ପରିତ୍ୟାଗ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସରେ ଉପସ୍ଥିତ ଅତିଥି।

ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶର ଏକତା, ସଂହତି ଓ ସାର୍ବଭୌମତ୍ୱ ପାଇଁ ଜୀବନବ୍ୟାପୀ କାର୍ଯ୍ୟ କରିଥିଲେ। ତାଙ୍କ ଦୃଢ଼ମନା ବ୍ୟକ୍ତିତ୍ୱ ଦେଶର ନିରାପତ୍ତା, ଅଖଣ୍ଡ ଭାରତ ଏବଂ ରାଷ୍ଟ୍ରର ବିକାଶକୁ ଆଗକୁ ନେବାରେ ଅତୁଳନୀୟ ଭୂମିକା ଗ୍ରହଣ କରିଥିଲା। ସେ ଦେଶ ପାଇଁ ଅନେକ କାର୍ଯ୍ୟ କରିଥିଲେ ମଧ୍ୟ ଶେଷରେ ହିଂସାର ଶିକାର ହୋଇ ନିଜ ଅଙ୍ଗରକ୍ଷୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ। ତେଣୁ ହିଂସା ପରିହାର କରି ମାନବୀୟ ମୂଲ୍ୟବୋଧରେ ଭଲ କାର୍ଯ୍ୟ କରି ଦେଶ ପାଇଁ ଗୌରବ ଆଣିବାକୁ ଓଡ଼ିଶା ଉଚ୍ଚ ମାଧ୍ୟମିକ ପରିଷଦ ଉପାଧକ୍ଷ ପ୍ରଫେସର ଅଶୋକ କୁମାର ଦାଶ ଯୁବସମାଜକୁ ଆହ୍ୱାନ ଦେଇଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଗୁରୁବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଜୀବନରେ ଆଗକୁ ବଢ଼ିବା ପାଇଁ ସଂକଳ୍ପର ଆବଶ୍ୟକତା ରହିଛି। ଭାରତ ଏକ ବହୁ ଭାଷାଭାଷୀ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏଠାରେ ବିବିଧତା ମଧ୍ୟରେ ଏକତା ରହିଛି। ସମସ୍ତଙ୍କୁ ନେଇ ଦେଶର ବିକାଶ ପଥରେ ଯାତ୍ରା କରିବା ଇନ୍ଦିରା ଗାନ୍ଧୀଙ୍କ ଆହ୍ୱାନ ଥିଲା। ଜୀବନରେ ଲୋଭ ନ କରି ତ୍ୟାଗ ଉପରେ ବିଶ୍ୱାସ କରିବାକୁ ସେ କହିଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବଂ ସମୟର ସଦୁପଯୋଗ କରି ଦେଶ ଓ ଜାତିର ବିକାଶ ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମିଶ୍ର ଏହି ଅବସରରେ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ଇ



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।

- ବିନୋବା ଭାବେ

ସଂକ୍ଷେପରେ

ବସ୍ତିମୁକ୍ତ ଭୁବନେଶ୍ୱର, ଉଚ୍ଛେଦ ହେବ ୪ ବସ୍ତି

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ମିଳିତ ଏନ୍‌ଫୋର୍ସମେଣ୍ଟ ଦଳ ଦ୍ୱାରା ନଭେମ୍ବର ପ୍ରଥମ ସପ୍ତାହରେ ୪ଟି ବସ୍ତିରେ ଉଚ୍ଛେଦ କରାଯିବ। ଶୁକ୍ରବାର ନୀଳମାଧବ ବସ୍ତିର 'ସି' ବ୍ଲକ୍‌ରେ ଉଚ୍ଛେଦ କରାଯିବାକୁ ଥିବା ବେଳେ ଆସନ୍ତା ୪ ତାରିଖ ଦିନ ଗୌଡ ବସ୍ତି, ବାରବସ ବସ୍ତି ଓ ଲକ୍ଷ୍ମୀପୁର ବସ୍ତିରେ ଉଚ୍ଛେଦ କରାଯିବ। ଆସନ୍ତା ୮ ତାରିଖ ଯାଏ ଦଳ ଦ୍ୱାରା ଲଗାତାର ଉଚ୍ଛେଦ ଥିବା ବେଳେ ଏହି ଦୁଇ ଉଚ୍ଛେଦ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଛି ବୋଲି ଜଣାପଡ଼ିଛି। ବସ୍ତିବାସିନ୍ଦାଙ୍କ ପାଇଁ ହାଉସିଂ ସ୍କିମ୍‌ରେ ଘର କରିବା ଲାଗି ଚନ୍ଦ୍ରଶେଖରପୁର କେୟାର ହସ୍ପିଟାଲ ନିକଟରେ ସ୍ଥାନ ଚିହ୍ନଟ ହୋଇଥିଲା। ଏ ପରିପ୍ରେକ୍ଷୀରେ ପୂର୍ବରୁ ନୀଳମାଧବ ବସ୍ତିର ବ୍ଲକ ଏକୁ ଭଙ୍ଗାଯାଇଥିଲା। ରାଜୀବ ଆବାସ ଯୋଜନା (ଆରଏୱାଇ)ରେ ନିର୍ମିତ ଘର ବାହାରିବାରୁ ବ୍ଲକ୍ ବି ଓ ସିରେ ଉଚ୍ଛେଦ କରାଯାଇପାରି ନ ଥିଲା। ଏବେ ସେମାନଙ୍କ ସ୍ଥାନାନ୍ତର କରାଯିବା ସହ ଉକ୍ତ ସ୍ଥାନରେ ଉଚ୍ଛେଦ କରାଯିବ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି। ସେହିପରି ଖଣ୍ଡଗିରିରୁ ବାରଙ୍ଗକୁ ଯୋଡୁଥିବା ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ଗୌଡ ବସ୍ତି, ବାରବସ ବସ୍ତି ଓ ଲକ୍ଷ୍ମୀପୁର ବସ୍ତିରେ ଥିବା ଜବରଦଖଲ ସ୍ଥାନକୁ ଉଚ୍ଛେଦ କରାଯିବ। ୨୦୦ ଫୁଟର ରାସ୍ତା ନିର୍ମାଣ ସକାଶେ ଏହି ଉଚ୍ଛେଦ କରାଯିବ ବୋଲି ବିଡିଏ ପକ୍ଷରୁ ଜଣାପଡ଼ିଛି।

ଟିକେଟ ଜାଲିଆତି କରି 'ମୋ ବସ୍' କଣ୍ଡକ୍ଟର ଗିରଫ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ଟିକେଟ ଜାଲିଆତି ଅଭିଯୋଗରେ 'ମୋ ବସ' କଣ୍ଡକ୍ଟରଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କଟକ ଜିଲା ବାଙ୍କୀ ଥାନା ବ୍ରହ୍ମପୁରା ଅଞ୍ଚଳର ସୁନୀଲ କୁମାର ସାହୁ। ସୂଚନା ମୁତାବକ, ମଞ୍ଚେଶ୍ୱରରୁ ଡୁମଡୁମା ଯାଉଥିବା 'ମୋ ବସ'ରେ ଗୁରୁବାର ଯାଞ୍ଚ ଅଧିକାରୀ ତଦାରଖ କରିଥିଲେ। ବସରେ ପ୍ରାୟ ୮ ଯାତ୍ରୀଙ୍କୁ ଅଭିଯୁକ୍ତ ଜାଲ ଟକେଟ ଦେଇଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା। ଏନେଇ ଯାଞ୍ଚ ଅଧିକାରୀ ବିମଳ ପ୍ରସାଦ ବାରିକ ଅଭିଯୁକ୍ତ ସୁନୀଲଙ୍କ ନାମରେ ବାଣୀବିହାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୫୫/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା।

ରେଳ ଷ୍ଟେଶନରୁ ବ୍ୟାଗ୍ ଚୋରି, ୨ ଗିରଫ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ବୁଧବାର ଚୋରି ଅଭିଯୋଗରେ ଆରପିଏଫ୍ ସ୍ପେଶାଲ ଟାସ୍କଫୋର୍ସ ଓ ଜିଆରପି ମିଳିତ ଚଢ଼ଉ କରି ଭୁବନେଶ୍ୱର ରେଳ ଷ୍ଟେଶନରୁ ୨ଜଣଙ୍କୁ ଗିରଫ କରିଛି। ସୂଚନା ଯେ, ତାପସ କୁମାର ଦାସ ନାମକ ବ୍ୟକ୍ତିଙ୍କଠାରୁ ଷ୍ଟେସନସ୍ଥିତ ନୂଆ ବୁକିଂ କାଉଣ୍ଟର ପାଖରେ ଦୁଇ ଅଭିଯୁକ୍ତ ବ୍ୟାଗ୍ ଓ ମୋବାଇଲ ଫୋନ୍ ଛଡ଼େଇ ନେଇଥିଲେ। ଜିଆରପି ଥାନାରେ ଅଭିଯୋଗ ପରେ ମିଳିତ ଚଢ଼ଉରେ ଉଭୟ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଏନେଇ ଜିଆରପି ଥାନାରେ (କେସ ନଂ. ୧୬୭/୨୦୧୯)ଆଇପିସି ଧାରା-୩୭୯/୩୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଜଟଣୀର ଜିତେନ୍ଦ୍ର ବିଶୋଇ ଓ ବାଣପୁର ଅଞ୍ଚଳର ଲଲାଟ ପାଇକରାୟ ବୋଲି ସୂଚନା ମିଳିଛି।

ଶ୍ରୀକପିଳେଶ୍ୱର ମନ୍ଦିର ଅନ୍ତରୀଣ ଟ୍ରଷ୍ଟବୋର୍ଡ ଗଠନ ପାଇଁ ଅନୁମୋଦନ

ପୁରୁଣା ଭୁବନେଶ୍ୱର, ୩୦। ୧୦ (ଡି.ଏନ.ଏ.): ଦୀର୍ଘଦିନ ପରେ ଶ୍ରୀକପିଳେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ଼ ଗଠନ ପାଇଁ ଅନୁମୋଦନ ହୋଇଛି। ଏହି ବୋର୍ଡରେ ଖୋର୍ଦ୍ଧା ଜିଲାପାଳ, ଉପଜିଲାପାଳ, ବିଏମସିର ଡେପୁଟି କମିଶନର, କମିଶନରେଟ୍ ପୋଲିସ ଜୋନ-୨ର ଏସିପି, ବରିଷ୍ଠ ଆଇନିଜୀବୀ ରୁଦ୍ରପ୍ରସାଦ ନନ୍ଦ, ଆଇନିଜୀବୀ ପ୍ରଶାନ୍ତ ପଟ୍ଟନାୟକ, ଆଇନିଜିବୀ ପି. ବସ୍ତିଆ, ଏହି ବୋର୍ଡ଼ରେ ଟ୍ରଷ୍ଟି ଭାବେ ରହିଛନ୍ତି ବୋଲି ଦେବୋତ୍ତର କମିଶନର ପକ୍ଷରୁ ପ୍ରକାଶିତ ନୋଟିସ୍‌ରେ କୁହାଯାଇଛି।

ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ ପାଇଁ ବିଏମ୍‌ସିର ପ୍ରସ୍ତୁତି ଆରମ୍ଭ

ନୂଆ କମିଟି ଉପରେ ଗୁରୁଦାୟିତ୍ୱ

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୩୧।୧୦

ଭାରତର ନଂ.୧ ସ୍ମାର୍ଟସିଟି ଭୁବନେଶ୍ୱର ସ୍ୱଚ୍ଛ ସର୍ବେକ୍ଷଣରେ ବହୁ ପଛରେ। ଦେଶର ୪ ହଜାର ୨୩୭ ସହର ମଧ୍ୟରେ ଭୁବନେଶ୍ୱର କ୍ରମାଗତ ଭାବେ ୨୦୧୭ରେ ୯୪ତମ, ୨୦୧୮ରେ ୨୧୮ତମ ଓ ୨୦୧୯ରେ ୨୮୮ତମ ସ୍ଥାନରେ ରହିଆସିଛି। ଏପରିକି ଚଳିତବର୍ଷ ବ୍ରହ୍ମପୁର ମହାନଗର ନିଗମ ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ଠାରୁ ଆଗରେ ଅର୍ଥାତ୍ ୨୧୬ ତମ ସ୍ଥାନରେ ରହିଛି। ଜାତୀୟ ସ୍ତରରେ ଏପରି ଖରାପ ପ୍ରଦର୍ଶନକୁ ବଦଳାଇ ନୂଆ ଧାରା ସୃଷ୍ଟି ପାଇଁ ବିଏମ୍‌ସି ଅଣ୍ଟା ଭିଡ଼ିଛି। ସ୍ୱଚ୍ଛ ସର୍ବେକ୍ଷଣରେ ଏଥର ସହରକୁ ଶୀର୍ଷ ଆଡକୁ ନେବାକୁ ବିଏମ୍‌ସି ନୂଆ କମିଟି ଗଠନ କରି ଗୁରୁଦାୟିତ୍ୱ ନ୍ୟସ୍ତ କରିଛି। ଆଡିଶନାଲ କମିଶନର ସୁରଥଚନ୍ଦ୍ର ମଲ୍ଲିକ କମିଟିର ମଙ୍ଗ ଧରିଥିବାବେଳେ ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶୁଭେନ୍ଦୁ ସାହୁ ସହରର ସ୍ୱଚ୍ଛତା ଉପରେ ଧ୍ୟାନ ଦେବେ ବୋଲି ଜଣାପଡ଼ିଛି। କମିଟିରେ ବିଏମ୍‌ସି ମୁଖ୍ୟଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର, ମୁଖ୍ୟ ବିତ୍ତ ଅଧିକାରୀ ଲାବଣ୍ୟ ଶବର, ଡେପୁଟି କମିଶନର ସରିତା ଧନୱାର, ସଂଘମିତ୍ରା ସାହୁ ଓ ଶ୍ୟାମସୁନ୍ଦର ସେଠୀ ରହିଥିବା ଜଣାପଡ଼ିଛି। ସହରରେ ସ୍ୱଚ୍ଛତା ଆଣିବାକୁ ବିଏମ୍‌ସି ଦ୍ୱାରା ଆରମ୍ଭ କରାଯାଇଥିବା 'ମୁଁ ସଫେଇବାଲା' ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ସ୍ଥିର କରାଯାଇଛି।

ଆଡିଶନାଲ କମିଶନର ମଲ୍ଲିକ କହିଛନ୍ତି, ଭୁବନେଶ୍ୱରକୁ ସ୍ୱଚ୍ଛ ରଖିବା ପାଇଁ ଲୋକଙ୍କୁ ଏବେଠାରୁ ସଚେତନ କରାଯିବ। ସହରର ୩ଟି ଜୋନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଯଥା ପଥପ୍ରାନ୍ତ ନାଟକ, ମାଇକ୍ ଯୋଗେ ପ୍ରଚାର, ଡଷ୍ଟବିନ୍ ବାଣ୍ଟିବା ପରି କାର୍ଯ୍ୟ ହାତକୁ ନିଆଯିବା ସହ ସ୍ୱଚ୍ଛତା ଆପଣାଇବା ପାଇଁ ପୋଷ୍ଟର ବ୍ୟାନର ଲଗାଯିବ। ପ୍ରାଥମିକ ଭାବେ ଏବେ 'ମୁଁ ସଫେଇବାଲା ଅଭିଯାନ'କୁ ସ୍କୁଲ ଓ ଆପାର୍ଟମେଣ୍ଟ ସ୍ତରରେ ଆରମ୍ଭ କରାଯାଇଥିବାବେଳେ ଆଗକୁ ସବୁ ଲୋକଙ୍କ ପାଖରେ ପହଞ୍ଚାଯିବ। ବିଭିନ୍ନ ପ୍ରତିଯୋଗିତା କରାଯାଇ ସ୍ୱଚ୍ଛ ରହୁଥିବା ପରିବାରକୁ ଫିଲ୍ମ ଟିକେଟ ଓ ଅନ୍ୟ ପୁରସ୍କାର ଦିଆଯାଇ ଉତ୍ସାହିତ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣରେ ସହରକୁ ଆଗକୁ ଆଣିବାକୁ ହେଲେ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଡେପୁଟି କମିଶନର ସେଠୀ କହିଛନ୍ତି, ଇନ୍‌ଫର୍‌ମେଶନ, ଏଜୁକେଶନ ଓ କମ୍ୟୁନିକେଶନ (ଆଇଇସି) କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନ କରିବ ବିଏମ୍‌ସି। ପ୍ରାଚୀର ସଚେତନତା ବାର୍ତ୍ତା, ସ୍କୁଲ ପିଲାଙ୍କୁ ସ୍ୱଚ୍ଛତା ଶିକ୍ଷା ପରି ବହୁ କାର୍ଯ୍ୟକ୍ରମ ଏବେ ବିଏମ୍‌ସି ହାତକୁ ନେଇଛି। ଆଗାମୀ ଦିନରେ ହେବାକୁ ଥିବା ସ୍ୱଚ୍ଛ ସର୍ବେକ୍ଷଣରେ ଏହା ନିଶ୍ଚୟ ବିଏମ୍‌ସିକୁ ଲାଭ ଦେବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଲୋକଙ୍କ ମତାମତ, କେନ୍ଦ୍ରୀୟ ଟିମ୍‌ଙ୍କ କ୍ଷେତ୍ର ପରିଦର୍ଶନ, ସାର୍ଟିଫିକେଶନ ଓ ସେବା ସ୍ତରରେ ପ୍ରଗତିକୁ ମାପଦଣ୍ଡ କରି ସ୍ୱଚ୍ଛ ସର୍ବେକ୍ଷଣ କରାଯାଏ।

- ଡଷ୍ଟବିନ୍ ବଣ୍ଟାଯିବ, ପଥପ୍ରାନ୍ତ ନାଟକ କରାଯିବ
- ପ୍ରମୁଖ ଭୂମିକା ନେବ 'ମୁଁ ସଫେଇବାଲା' ଅଭିଯାନ

ଜଙ্গଲ ଓ ପରିବେଶ ମନ୍ତ୍ରୀ ବିକ୍ରମକେଶରୀ ଆରୁଖ ସ୍ମୃତି ଉପବନ ବୁଲି ଦେଖୁଛନ୍ତି।

'ସ୍ମୃତି ବନ' ଅଚାନକ ପରିଦର୍ଶନ କଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁରୁବାର ଅପରାହ୍ନରେ ପାତ୍ରପଡ଼ାସ୍ଥିତ 'ସ୍ମୃତି ବନ' ଏବଂ ଔଷଧୀୟ ବୃକ୍ଷ ଜ୍ଞାନକେନ୍ଦ୍ରକୁ ଅଚାନକ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ସେ 'ସ୍ମୃତି ବନ'ର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ 'ସ୍ମୃତି ବନ'ରେ ଅନେକ ଦୁର୍ମୂଲ୍ୟ ବୃକ୍ଷଚାରା ରୋପଣ କରାଯାଇଥିବାରୁ ଏଠାରେ ବୁନ୍ଦା ଜଳସେଚନ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ସିଟି ଡିଏଫ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ମନ୍ତ୍ରୀ ଚନ୍ଦକା ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ମୌଜାରେ ହେବାକୁ ଥିବା ଓଡ଼ିଶା ରାଜ୍ୟ ଫରେଷ୍ଟ ଏକାଡେମୀର ଜମିକୁ ବୁଲି ଦେଖିଥିଲେ। ଏହି ଏକାଡେମୀ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୭.୪୪ ଏକର ଜମି ଯୋଗାଇ ଦିଆଯାଇଛି। ୪୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଏକାଡେମୀ ଏବଂ ତା'ର ପାରିପାର୍ଶ୍ୱିକ ଅଞ୍ଚଳକୁ ମନ୍ତ୍ରୀ ଆରୁଖ ବୁଲି ଦେଖିଥିଲେ। ମନ୍ତ୍ରୀଙ୍କ ଏହି ପରିଦର୍ଶନ ସମୟରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ସନ୍ଦୀପ ତ୍ରିପାଠୀ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକେଇବା ଘଟଣା

ପୋଲିସ ଉପସ୍ଥିତିରେ ଖୋଲାଗଲା କାର୍ଯ୍ୟାଳୟ

ପୁରୁଣା ଭୁବନେଶ୍ୱର, ୩୧। ୧୦ (ଡି.ଏନ.ଏ.)

ବୁଧବାରଠାରୁ ଏକ ଦାବିକୁ ନେଇ ପୂଜାପଣ୍ଡା ସେବାୟତ ସଞ୍ଚିକାନ୍ତ ପୂଜାପଣ୍ଡା ଏବଂ ବ୍ରାହ୍ମଣ ନିଯୋଗ ସେବାୟତ ବିରଞ୍ଚି ନାରୟଣ ପତି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗାଳି ଗୁଲଜ

ଶ୍ରୀଲିଙ୍ଗରାଜ ମନ୍ଦିର

କରିବା ସହ ତାଙ୍କ କାର୍ଯ୍ୟାଳୟକୁ ତାଲା ପକେଇ ଦେଇଥିଲେ। ଏହି ଘଟଣାର ୨୪ଘଣ୍ଟା ପରେ ଗୁରୁବାର ପୂର୍ବାହ୍ନରେ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଉପସ୍ଥିତିରେ ମନ୍ଦିର କାର୍ଯ୍ୟାଳୟ ତାଲା ଖୋଲା ଯାଇଥିଲା। ପରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ପୂର୍ବବତ୍ ନିଜ କାର୍ଯ୍ୟରେ ଯୋଗଦାନ କରିଥିଲେ। ସୂଚନାଥାଉ କି ବୁଧବାର ଏକ ଅପ୍ରୀତିକର ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ. ୨୧୦/୧୯ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିଲା।

ପୋଲିସ ଉପସ୍ଥିତିରେ କାର୍ଯ୍ୟାଳୟ ଖୋଲାଯାଉଛି।

ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି

ବୁଧବାର ଘଟଣାକୁ ନେଇ ଦେବୋତ୍ତର କମିଶନର ଏକ ସ୍ୱତନ୍ତ୍ର ଚିଠି ଯୋଗେ ବିଶୃଙ୍ଖଳା ଘଟାଇଥିବା ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ କମିଶନରେଟ ପୋଲିସ୍ କମିଶନର, ଡିସିପି, ଲିଙ୍ଗରାଜ ଥାନା ଆଇଆଇସିଙ୍କୁ ଚିଠି ମଧ୍ୟରେ ଅବଗତ କରାଯାଇଛି। ଏଥିସହ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁଙ୍କ ଜୀବନ ପ୍ରତି ବିପଦ ଦର୍ଶାଇ ତାଙ୍କୁ ସୁରକ୍ଷା ପ୍ରଦାନ କରାଯିବାକୁ ମଧ୍ୟ ଚିଠିରେ ଉଲ୍ଲେଖ ରହିଛି ।

ଆଜି ହେବ ଅଡିଟ୍

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ, ଶୁକ୍ରବାରଠାରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ ଅଧୀନରେ ଥିବା ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମେତ ପାର୍ଶ୍ୱଦେବ ପୀଠ ଯଥା:- ଅନନ୍ତ ବାସୁଦେବ ମନ୍ଦିର, କେଦାରଗୌରୀ ମନ୍ଦିରର ଅଡିଟ୍ କରିବାକୁ ସୂଚନା ଦିଆଯାଇଛି। ଏଥିରେ ଏଜିର ଅଡିଟରଙ୍କୁ ସହଯୋଗ କରିବା ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମହିଳାଙ୍କୁ ଅସଦାଚରଣ ଘଟଣା, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ମହିଳାଙ୍କୁ ମାଡ଼ ମାରି ପୋଷାକ ଚିରିଥିବା ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚନ୍ଦ୍ରଶେଖରପୁର ଥାନା ଅଧୀନ ହରେକୃଷ୍ଣ ବସ୍ତି ଅଞ୍ଚଳର ସିଲୁ ମହାକୁଡ଼। ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ସିଲୁ ପ୍ରଚୁର ମଦ୍ୟପାନ କରି ହରେକୃଷ୍ଣ ବସ୍ତି ଅଞ୍ଚଳରେ ଜଣେ ମହିଳାଙ୍କ ଘର ନିକଟରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାକୁ ମହିଳା ଜଣକ ବିରୋଧ କରିବାରୁ ତାଙ୍କୁ ଟଣାଓଟରା କରି ମାଡ଼ ମାରିବା ସହ ତାଙ୍କ ପୋଷାକ ଭିଡ଼ି ଚିରି ଦେଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତ ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୪୧୯/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରି ପଚରା ଉଚରା ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହୋଇଥିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସହରାଞ୍ଚଳ ଆଶ୍ରୟ କେନ୍ଦ୍ରକୁ ମିଳିଲା ବ୍ୟାଟେରି ଗାଡ଼ି

ଆଭାରାଣୀ ଚୌଧୁରୀଙ୍କୁ ଗାଡ଼ି ଚାବି ହସ୍ତାନ୍ତର କରାଯାଉଛି।

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଡ. ସବିତା ମହାନ୍ତି ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚାଳିତ ସହରାଞ୍ଚଳ ଆଶ୍ରୟ କେନ୍ଦ୍ରକୁ ଏକ ବ୍ୟାଟେରିଚାଳିତ ଗାଡି ପ୍ରଦାନ କରାଯାଇଛି। ସହରାଞ୍ଚଳର ବାସହୀନ ଲୋକଙ୍କ ଉଦ୍ଧାର ନିମନ୍ତେ ଏହି ବ୍ୟାଟେରି ଚାଳିତ ଗାଡି ଉପଯୋଗୀ ହେବ। ଏହି ଅବସରରେ ଫାଉଣ୍ଡେଶନର କର୍ମକର୍ତ୍ତା ଶୁଭକାନ୍ତ ପାଢୀ ଓ ସବିତା ଜେନା ଗଡ଼ନାୟକ ଗାଡିର ଚାବି ଓଡ଼ିଶା ପତିତା ଉଦ୍ଧାର ସମିତିର ସମ୍ପାଦିକା ଆଭାରାଣୀ ଚୌଧୁରୀଙ୍କୁ ହସ୍ତାନ୍ତର କରିଛନ୍ତି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ସଂସ୍ଥାମାନଙ୍କୁ ଡ. ସବିତା ମହାନ୍ତି ଫାଉଣ୍ଡେଶନ ପକ୍ଷରୁ ସର୍ବଦା ସହଯୋଗ କରାଯାଏ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଲିତେନ୍ଦୁ ମହାନ୍ତି, ଲଲାଟେନ୍ଦୁ ମହାନ୍ତି, ନିହାର ରଞ୍ଜନ ମଲ୍ଲିକ, ତପ୍ତୟ ମହାପାତ୍ର, ମାତୃମୟୀ ପ୍ରିୟଦର୍ଶିନୀ, ପ୍ରିୟମ୍ବଦା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଭିଜିଲାନ୍ସ ସପ୍ତାହ ପାଳିଲା ବିଏମ୍‌ସି

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ଅକ୍ଟୋବର ୨୮ରୁ ନଭେମ୍ବର ୨ ଯାଏ ଭିଜିଲାନ୍ସ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହାର ମୁଖ୍ୟାଳୟଠାରେ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯେଉଁଥିରେ ମୁଖ୍ୟ ବିତ୍ତ ଅଧିକାରୀ ଲାବନ୍ୟ ଶବର ଉପସ୍ଥିତ ରହି ସମସ୍ତଙ୍କୁ ଶପଥପାଠ କରାଇଛନ୍ତି। କାୟ, ମନ, ବାକ୍ୟରେ ସାଧୁତା ଅବଲମ୍ବନ କରିବା ସହ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା, କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରିବା, ସଚ୍ଚୋଟତା ଓ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବାକୁ ଶପଥ ନେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆୟୁକ୍ତ ସୁରଥ ଚନ୍ଦ୍ର ମଲ୍ଲିକ, ଅବନୀ ପଟ୍ଟନାୟକ, ନଗର ଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର ଓ ବିଏମ୍‌ସିର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

ଭିଜିଲାନ୍ସ ସପ୍ତାହ ଅବସରରେ ବିଏମ୍‌ସି ମୁଖ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ।

ପୂର୍ବତଟ ରେଳପଥର ରାଷ୍ଟ୍ରୀୟ ଏକତା ଦିବସ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ପୂର୍ବତଟ ରେଳପଥ ପକ୍ଷରୁ ମୁଖ୍ୟାଳୟ ରେଳସଦନ ଠାରେ ଗୁରୁବାର ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ମହାପ୍ରବନ୍ଧକ ବିଦ୍ୟା ଭୂଷଣ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲା। ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶ ଅଖଣ୍ଡତା ସୁରକ୍ଷା ଦେବାକୁ

ଅନ୍ୟମାନଙ୍କୁ ସବୁବେଳେ ସନ୍ଦେହ କଲେ, ଜୀବନଟା ଶୂନ୍ୟ ବା ଏକୁଟିଆ ହୋଇଯାଏ।

- ଏଲିଏଟ୍

ସଂକ୍ଷେପରେ

ଆଜି ହାଇକୋର୍ଟ ବାର୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇପାରେ ବଡ଼ ନିଷ୍ପତ୍ତି

କଟକ ଅଫିସ, ୩୧।୧୦: ଆଇନଜୀବୀଙ୍କ କୋର୍ଟ ବର୍ଜନ ସମ୍ପର୍କରେ ହାଇକୋର୍ଟ ଓ ସର୍ବୋଚ୍ଚ ଅଦାଲତଙ୍କ ନୋଟିସ୍ ପରେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଆନ୍ଦୋଳନରତ ଓକିଲଙ୍କ ବିରୋଧରେ କଡା ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ ଶୁକ୍ରବାର ହାଇକୋର୍ଟ ବାର୍ ସାଧାରଣ ପରିଷଦର ଏକ ଜରୁରୀ ବୈଠକ ବସିବ। ଏହି ବୈଠକରେ ହାଇକୋର୍ଟ, ସୁପ୍ରିମ୍‌କୋର୍ଟ ଏବଂ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ନିର୍ଦ୍ଦେଶ ସହିତ ଆଇନଜୀବୀଙ୍କ କୋର୍ଟ ବର୍ଜନ ସମ୍ପର୍କିତ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ସୂଚନାଥାଉ କି, ଉପରୋକ୍ତ ପ୍ରସଙ୍ଗକୁ ନେଇ ପୂର୍ବରୁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ହାଇକୋର୍ଟ ବାର୍ ସମେତ ଓଡ଼ିଶାର ୧୬ଟି ଜିଲାରେ ଥିବା ୬୮ଟି ବାର୍ ଆସୋସିଏଶନକୁ ନୋଟିସ୍ ଜାରି କରିବା ସହ ଆନ୍ଦୋଳନରତ ସମସ୍ତ ବାର୍‌ର ସଭାପତି ଓ ସମ୍ପାଦକଙ୍କୁ ୩ୀ ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାର୍ କାଉନ୍‌ସିଲ୍ ପକ୍ଷରୁ ଦର୍ଶାଯାଇଛି ଯେ, ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସମ୍ପୂର୍ଣ୍ଣ ବେଆଇନ ଓ ଅଯୌକ୍ତିକ। ଏହା ଦ୍ୱାରା ସରକାରଙ୍କ ରାଜସ୍ୱ ହାନି ହେବା ସହ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ତେବେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ କହିବା ଅନୁଯାୟୀ ଆସୋସିଏଶନ ନିଜର ଦାବିକୁ ନେଇ ଅଟଳ ରହିବ। ତେବେ ଶୁକ୍ରବାର ହେବାକୁ ଥିବା ବୈଠକରେ ଆନ୍ଦୋଳନର ରୂପରେଖ କ'ଣ ହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

କେନ୍ଦ୍ରାପଡ଼ା ରୋଡ୍ ରେଲୱେ ଷ୍ଟେଶନ ନାମ ପରିବର୍ତ୍ତନ ପାଇଁ କେନ୍ଦ୍ରକୁ ସୁପାରିସ

କଟକ ଅଫିସ,୩୧।୧୦: ୬୦ ଦଶକରେ ଜଗତ୍‌ପୁରଠାରେ ରେଲୱେ ଷ୍ଟେଶନ ସ୍ଥାପିତ ହୋଇଥିଲା। ଏହି ସମୟରେ ଉକ୍ତ ଷ୍ଟେଶନର ନାମ କେନ୍ଦ୍ରାପଡ଼ା ରୋଡ୍ ରେଲୱେ ଷ୍ଟେଶନ ରଖାଯାଇଥିଲା। ତେବେ କେନ୍ଦ୍ରାପଡ଼ାକୁ ରେଳପଥ ସଂଯୋଗ ଯୋଜନା ହେବା ପରଠାରୁ ଜଗତ୍‌ପୁରବାସୀ ଏହି ଷ୍ଟେଶନର ନାମ ପରିବର୍ତ୍ତନ କରି ଜଗତ୍‌ପୁର ରେଲୱେ ଷ୍ଟେଶନ ନାମରେ ନାମିତ କରିବାକୁ ଦାବି କରି ଆସୁଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଏହି ଦାବିକୁ ରାଜ୍ୟ ସରକାର ଗ୍ରହଣ କରିବା ସହ ଉକ୍ତ ଷ୍ଟେଶନର ନାମ ପରିବର୍ତ୍ତନ କରିବାକୁ କେନ୍ଦ୍ର ଗୃହ ବିଭାଗ, ଇଷ୍ଟକୋଷ୍ଟ ରେଲ୍‌ୱେ ସାଧାରଣ ପରିଚାଳକଙ୍କୁ ପତ୍ର ଲେଖିଛନ୍ତି। ସରକାରଙ୍କ ଅତିରିକ୍ତ ସଚିବ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସଚିବଙ୍କୁ ଏହି ରେଲୱେ ଷ୍ଟେଶନର ନାମ ପରିବର୍ତ୍ତନ କରିବାକୁ ସୁପାରିସ କରିଛନ୍ତି। ପ୍ରକାଶଥାଉ କି, କିଛିଦିନ ତଳେ ଜଗତ୍‌ପୁର ଶାନ୍ତି କମିଟି ସଦସ୍ୟ ଗୋବର୍ଦ୍ଧନ ସାହୁ ଏବଂ ଓଡ଼ିଶା ଲିଗାଲ ଆଣ୍ଡ ସୋସିଆଲ୍ ଆସୋସିଏଶନ ସଭାପତି ବିପିନ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ରେଲୱେ ଷ୍ଟେଶନର ନାମ ପରିବର୍ତ୍ତନ କରିବାକୁ କଟକ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିକୁ ଜିଲାପାଳ ଗ୍ରହଣ କରି ଉକ୍ତ ଷ୍ଟେଶନର ନାମ ଜଗତ୍‌ପୁର ରେଲୱେ ଷ୍ଟେଶନ କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ।

ଧାନକିଣାରେ ନୂଆ ନିୟମ

ଚାଷୀଙ୍କ ଆଖି ଦେଖି ମଣ୍ଡି ଧାନ ରଖିବ

କଟକ ଅଫିସ, ୩୧।୧୦

- ମଣ୍ଡିରେ ଲାଗିବ ଆଇରିସ୍ ସ୍କାନର
- ଆଧାର କାର୍ଡ ବାଧତାମୂଳକ

ଚଳିତ ଖରିଫ ଋତୁ ପାଇଁ ଧାନକିଣାରେ ନୂଆ ନିୟମ ପ୍ରଣୟନ ହେବାକୁ ଯାଉଛି। ଚାଷୀଙ୍କ ଆଖିକୁ ଦେଖି ମଣ୍ଡି ଧାନ ରଖିବ। ଏଥିପାଇଁ ପ୍ରତ୍ୟେକ ମଣ୍ଡିକୁ ଆଇରିସ୍ ସ୍କାନର ମେଶିନ ଯୋଗାଇ ଦିଆଯିବ। ଉକ୍ତ ମେଶିନରେ ଚାଷୀଙ୍କ ଆଖି ଡୋଳାର ପ୍ରତିଛବି ରହିବ। ଚାଷୀ ମଣ୍ଡିକୁ ଧାନ ନେଇ ଯିବା ସମୟରେ ଉକ୍ତ ମେଶିନ ସହିତ ତାଙ୍କ ଆଖିର ମେଳ କରାଯିବ। ପରେ ସମ୍ପୃକ୍ତ ଚାଷୀଙ୍କଠାରୁ ମଣ୍ଡି ଧାନ କିଣାଯିବ। ଏଥିସହିତ ଆଧାର କାର୍ଡକୁ ମଧ୍ୟ ବାଧତାମୂଳକ କରାଯାଇଛି। ବିନା ଆଧାର କାର୍ଡରେ ଚାଷୀ ଧାନ ବିକ୍ରି କରିପାରିବେ ନାହିଁ। ଏହି ନୂଆ ନିୟମ ଦ୍ୱାରା ଧାନ କିଣାରେ ସ୍ୱଚ୍ଛତା ଆସିପାରିବ ବୋଲି ସରକାର ଚିନ୍ତା କରୁଛନ୍ତି। କାରଣ ଏହି ବ୍ୟବସ୍ଥା ଦ୍ୱାରା ବ୍ୟବସାୟୀମାନେ ମଣ୍ଡିରେ ଧାନ ବିକ୍ରି କରିପାରିବେ ନାହିଁ। ଯେପରି ପ୍ରକୃତ ଚାଷୀ ମଣ୍ଡିରୁ ଲାଭବାନ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଧାନକିଣା ସମ୍ପର୍କିତ ଅନୁଷ୍ଠିତ ତାଲିମ ଶିବିରରେ ଜିଲା ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି।

ଏହି ଶିବିରରେ ରାଜ୍ୟ ଯୋଗାଣ ନିଗମର ମୁଖ୍ୟ ପରିଚାଳକ ଅଶୋକ କୁମାର ପଣ୍ଡା, ଯୋଗାଣ ବିଭାଗର ଅଧିକାରୀ ଦୀପକ ବେହେରା, କ୍ୱାଲିଟି ଆନାଲିଷ୍ଟ ଗଣେଶ ପାଣି, ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର ଉପସ୍ଥିତ ଥିଲେ। ସୂଚନାଥାଉ କି, ଜିଲାରେ ମୋଟ୍ ୨୦୪ ପ୍ରାଥମିକ କୃଷି ସମବାୟ ସମିତି ରହିଛି। ଚଳିତବର୍ଷ ପାଇଁ ଜିଲାରେ ୫୦,୬୨୦ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଗତ ଖରିଫ ଋତୁରେ ଜିଲାରୁ ୧୨ ଲକ୍ଷ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରାଯାଇଥିବାବେଳେ ଚଳିତବର୍ଷ ଅଧିକ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି। ଯେଉଁଦିନ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ ଉକ୍ତଦିନ ମିଲର୍‌ଙ୍କୁ ଧାନ ହସ୍ତାନ୍ତର କରାଯିବ। ଚାଷୀଙ୍କୁ ଧାନ ସଂଗ୍ରହର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଟଙ୍କା ପଇଠ କରାଯିବ। କୁଇଣ୍ଟାଲ ପ୍ରତି ୧୮୧୫ ଟଙ୍କା ଧାର୍ଯ୍ୟ କରାଯାଇଛି। ମୁଖ୍ୟତଃ ଧାନର ଗୁଣାତ୍ମକ ମାନ ଉପରେ ଗୁରୁତ୍ୱ ଦିଆଯାଉଥିବା ସହକାରୀ ଯୋଗାଣ ଅଧିକାରୀ ମିଶ୍ର କହିଛନ୍ତି।

ସୂଚନାଥାଉ କି, ସରକାରଙ୍କ ସମସ୍ତ ବ୍ୟବସ୍ଥା ପରେ ମଧ୍ୟ ଜିଲାରେ ଚାଷୀ ଅଭାବୀ ଧାନ ବିକ୍ରିର ସାମ୍ନା କରିଥାଏ। କାରଣ ଧାନ ଚାଷ ସମୟରେ ଚାଷ କରିବା ପାଇଁ ଅର୍ଥ ଅଭାବରୁ ଚାଷୀ ମହାଜନ ପାଖରୁ ଟଙ୍କା କରଜ ଆଣିଥାଏ। ଏହି ଟଙ୍କାକୁ ଶୁଝିବା ପାଇଁ ଚାଷୀ ଜଣକ ମଣ୍ଡି ବଦଳରେ ମହାଜନକୁ ହିଁ ଧାନ ବିକ୍ରି କରିଥାନ୍ତି। ଜିଲାର ଟାଙ୍ଗୀ ଅଞ୍ଚଳର ଜଣେ ଚାଷୀ ନାମ ଗୋପନ ରଖି କହିଛନ୍ତି, ମଣ୍ଡିରେ ହିଁ ବେପାରି ବସିଥାନ୍ତି। ମଣ୍ଡି କର୍ମଚାରୀମାନେ ବେପାରୀଙ୍କ ଧାନକୁ ଆଦରର ସହିତ ଗ୍ରହଣ କରୁଥିବାବେଳେ ଚାଷୀଙ୍କୁ ଅପେକ୍ଷା କରିବାକୁ ପଡ଼ିଥାଏ। ଧାନ ବିକ୍ରି କରିବା ପାଇଁ ଜଣେ ଚାଷୀ ୫ ଦିନ ମଣ୍ଡିକୁ ଦୌଡ଼ିବା ଅପେକ୍ଷା ବେପାରୀ ହାତରେ ଧାନ ଟେକିଦେବାକୁ ଉଚିତ ମଣିଥାଏ। ତେବେ ଏ ସବୁ ବ୍ୟବସ୍ଥାରେ ଚଳିତବର୍ଷସୁଦ୍ଧାର ଆଣିବା ପାଇଁଉପରୋକ୍ତ ନୂଆ ନିୟମ କରାଯାଇଥିବା ଜିଲା ଯୋଗାଣ ଅଧିକାରୀ ମହାପାତ୍ର କହିଛନ୍ତି।

କଟକ ଶହୀଦ ଭବନରେ ଅନୁଷ୍ଠିତ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

ଗଣକବି ବୈଷ୍ଣବ ପାଣି ଥିଲେ ଗୀତିକାର

କଟକ ଅଫିସ,୩୧।୧୦

ଗଣକବି ବୈଷ୍ଣବ ପାଣି ଥିଲେ ଗୀତିକାର, ଲେଖକ, ମଞ୍ଚ ଉପସ୍ଥାପକ, ନିର୍ଦ୍ଦେଶକ। ଆଜି ଆମ ଦେଶରେ ଗୋଟିଏ ଭାଷାକୁ ଆମ ଉପରେ ଲଦିଦେବାକୁ ଚେଷ୍ଟା କରାଯାଉଛି। ଏହାକୁ ନେଇ ଆମେ ପ୍ରତିବାଦ କରୁଛେ ଏବଂ ଆମ ଭାଷାକୁ ବିଭିନ୍ନ ସଙ୍ଗଠନ ମାଧ୍ୟମରେ ବଞ୍ଚାଇବାକୁ ଚେଷ୍ଟା କରୁଛେ। ଗଣକବି ଥିଲେ ଏପରି ଏକ ବ୍ୟକ୍ତିତ୍ୱ, ଯିଏକି ନିଜ ଭାଷାକୁ ବଞ୍ଚାଇବା ପାଇଁନିଜ ଲେଖା ଏବଂ ଗୀତରେ ଲୋକଙ୍କୁ ସଂଘର୍ଷ କରିବାକୁ ପ୍ରେରଣା ଦେଉଥିଲେ ବୋଲି ଖାଦ୍ୟଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଗୁରୁବାର କଟକ ଶହୀଦ ଭବନରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜ୍ୟୋତିରେଖା ନାୟକ ଉପସ୍ଥିତ ଥିଲେ। ଏଥିରେ ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ସଭାପତି ତଥା ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କହିଥିଲେ, ୨୦୧୦ରୁ ଗଣକବିଙ୍କ ଜୟନ୍ତୀ ସମାରୋହ ପାଳନ କରିଆସୁଛୁ। ଯେପରି ରାଜ୍ୟ ତଥା ରାଜ୍ୟ ବାହାରେ ଗଣକବିଙ୍କ ବିଷୟରେ ଲୋକେ ଜାଣିପାରିବେ ସେ ନେଇ ସଂସଦ ଉଦ୍ୟମ ଜାରି ରଖିଛି। ଆସନ୍ତା ୧୯ରେ ଭୁବନେଶ୍ୱରରେ ଗଣକବିଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଗଣକବିଙ୍କ ବିଭିନ୍ନ ପାଣ୍ଡୁଲିପି ଲୋକଲୋଚନକୁ ଆଣିବା ସହ ଆଜିର ଯୁବପିଢି ଯେପରି ଗଣକବିଙ୍କ ବିଷୟରେ ଜାଣିପାରିବେ ସେଦିଗରେ ଚେଷ୍ଟା ଜାରି ରହିଛି। ଗୋଠପଡାସ୍ଥିତ ତାଙ୍କ ଜନ୍ମସ୍ଥାନରେ ଗଣକବିଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏଥିସହ ଖାନ୍‌ନଗରରେ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇପାରିଛି। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଡ. ନଟବର ଶତପଥୀ, ଆଇଜି ପର୍ସୋନେଲ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅଭିନେତା ସତ୍ୟବ୍ରତ ତ୍ରିପାଠୀଙ୍କୁ ଗଣକବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଶ୍ରଦ୍ଧା ମହିଳା ସମିତି ପକ୍ଷରୁ ବୈଷ୍ଣବ ପାଣିଙ୍କ ରଚିତ ଗୀତାଭିନୟ ବିଚିତ୍ରା ପରିବେଷିତ ହୋଇଥିବାବେଳେ ଅତିଥିମାନଙ୍କ ଦ୍ୱାରା ବୈଷ୍ଣବ ପାଣିଙ୍କ ଆତ୍ମକାହାଣୀ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ପୂର୍ବତନ ଖଣି ଅଧିକାରୀଙ୍କୁ ଜେଲ୍‌ଦଣ୍ଡ

କଟକ ଅଫିସ, ୩୧।୧୦

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜଣେ ଅବସରପ୍ରାପ୍ତ ଖଣି ଅଧିକାରୀଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। ସେ ହେଲେ କେନ୍ଦୁଝର ଜିଲା ବଡ଼ବିଲ୍‌ଠାରେ ଥିବା ଓଡ଼ିଶା ଖଣି ନିଗମ ସେଣ୍ଟ୍ରାଲ ୱାର୍କସପ୍‌ର ପୂର୍ବତନ ଡେପୁଟି ମ୍ୟାନେଜର (ମେକାନିକାଲ) ବରିନ୍ଦର ସିଂ। ତାଙ୍କ ବିରୋଧରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୫୮/୨୦୦୦) ରୁଜୁ ହୋଇଥିଲା। ସିଂ ୧୨ ଲକ୍ଷ ୫୪ ହଜାର ୩୭୦ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଆଗତ ଉକ୍ତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ସିଂଙ୍କୁ ୪ ବର୍ଷ ଜେଲ୍ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ସିଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ୨୦୦୦ ସେପ୍ଟେମ୍ବର ୨୨ରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ଓ ଅଫିସକୁ ଯାଞ୍ଚ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଡି.ଡି. ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

ଟୋଲ୍ ଫ୍ରି ପାଇଁ ଦାବିପତ୍ର ପ୍ରଦାନ

କଟକ ଅଫିସ,୩୧।୧୦

ପ୍ରତ୍ୟେକ ଆଇନଜୀବୀଙ୍କୁ ଜାତୀୟ ରାଜପଥ ପ୍ରବେଶ ଶୁଳ୍କ ଓ ଅନ୍ୟାନ୍ୟ ରାଜପଥ କର ଛାଡ଼ କରିବା ପାଇଁ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆସୋସିଏଶନର ଉପସଭାପତି ଓ କ୍ରିମିନାଲ କୋର୍ଟ ବାର୍‌ର ପୂର୍ବତନ ସଭାପତି ଅକ୍ଷୟ କୁମାର ପତି, ଦିଲ୍ଲୀପ ପଟ୍ଟନାୟକ, ଆକାଶ ଭୂୟାଁ, ମେହେବୁବ ଅଲ୍ଲି, ସୁଶାନ୍ତ ବରାଳ, ମୁକ୍ତିକାନ୍ତ ଦାଶ, ଅକ୍ଷୟ ସାହୁଙ୍କ ନେତୃତ୍ୱରେ ଆଇନଜୀବୀମାନେ କ୍ରିମିନାଲ କୋର୍ଟ ସମ୍ମୁଖରୁ ଗୁରୁବାର ଶୋଭାଯାତ୍ରାରେ ବାହାରି ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପରିବହନ କମିଶନର ଡା. ଚନ୍ଦ୍ରଶେଖର କୁମାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ରାଷ୍ଟ୍ରୀୟ ଏକତା ଦିବସରେ ଶପଥପାଠ

କଟକ ଅଫିସ, ୩୧।୧୦

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁରୁବାର କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.ପି. କୋଚେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ଅକ୍ଷୁଣ୍ଣ ରଖିବା ପାଇଁ କାର୍ଯ୍ୟ କରିବାକୁ ଶପଥପାଠ କରାଇଥିଲେ। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଏଆଇଜି, ସମସ୍ତ ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

ନାଗ ଚତୁର୍ଥୀ ଅବସରରେ ଗୁରୁବାର କଟକ ବାଉଁଶଗଳିସ୍ଥିତ ସଚ୍ଚିଦାନନ୍ଦ ମଠ ପରିସରସ୍ଥ ଗଛ ମୂଳରେ ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରୁଛନ୍ତି।

ଷ୍ଟିର୍ ଖୋଲିବା ବେଳେ ପେଟ ମେଲା ହେବା ଘଟଣା

ପୀଡ଼ିତାଙ୍କୁ ଭେଟିଲେ ଆଇନସେବା ପ୍ରାଧିକରଣ ଅଧିକାରୀ

କଟକ ଅଫିସ, ୩୧।୧୦

ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଷ୍ଟିର୍ ଖୋଲାଯିବା ପରେ ଜଣେ ମହିଳାଙ୍କ ପେଟ ମେଲା ହୋଇଯିବା ଘଟଣାକୁ ନେଇ ବିଭିନ୍ନ ମହଲରେ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଆଇନସେବା ପ୍ରାଧିକରଣଙ୍କ ସହକାରୀ ସଚିବ ଜ୍ୟୋତିରଞ୍ଜନ ଦାଶ ଓ ସଂସ୍ଥା ଅଧିକାରୀ କମଳାକାନ୍ତ କର ମେଡିକାଲରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିଥିଲେ। ପରେ ସେମାନେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତି ଓ ପ୍ରସୂତି ରୋଗ ବିଭାଗର ମୁଖ୍ୟ ମାୟା ପାଢୀଙ୍କ ସହିତ ଆଲୋଚନା କରିଥିଲେ। ପୀଡ଼ିତାଙ୍କୁ ଯେପରି ଉପଯୁକ୍ତ ଚିକିତ୍ସା ମିଳେ ସେଥିପ୍ରତି ସେମାନେ ଗୁରୁତ୍ୱ ଦେଇଥିଲେ। ତେବେ ଏହି ଘଟଣାରେ ଉଭୟ ମା' ଓ ଶିଶୁ ସୁରକ୍ଷିତ ଥିବା ପ୍ରାଧିକରଣଙ୍କ ଅଧିକାରୀ ଦ୍ୱୟ ସୂଚନା ଦେଇଛନ୍ତି। ସୂଚନାଥାଉ କି, ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ପୂଜା ନାୟକ ନାମ୍ନୀ ଜଣେ ମହିଳା ପ୍ରସବ ନିମନ୍ତେ ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ପୂଜାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ଗତ ବୁଧବାର ପୂଜାଙ୍କ ଷ୍ଟିର୍ ଖୋଲାଯିବା ସମୟରେ ପୁନର୍ବାର ତାଙ୍କ ପେଟଟି ମେଲା ହୋଇଯାଇଥିବା ଖବର ପ୍ରଚାରିତ ହୋଇଥିଲା। ଏ ସମ୍ପର୍କରେ ଆଇନସେବା ପ୍ରାଧିକରଣଙ୍କ ପାରାଲିଗାଲ ଭଲ୍ୟୁଣ୍ଟିୟର ବିଭୂତି ରାୟ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କୁ ଭେଟି ଅବଗତ କରାଇଥିଲେ। ଘଟଣା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ତାହା ଚର୍ଚ୍ଚାର ପରିସରକୁ ଆସିଥିଲା।

କୃଷିରେ ୫-ଟିକୁ ଗୁରୁତ୍ୱ ଦେବାକୁ କୃଷିମନ୍ତ୍ରୀଙ୍କ ପରାମର୍ଶ

କଟକ ଅଫିସ, ୩୧।୧୦

କୃଷକଙ୍କ ଉନ୍ନତି ଓ ଆୟକୁ ବୃଦ୍ଧି କରିବା ପାଇଁ ତୃଣମୂଳ ସ୍ତରରେ ଯୋଜନାବଦ୍ଧ ଭାବେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରିବା ଉପରେ ଗୁରୁତ୍ୱ ଦେବା ଦରକାର। ରାଜ୍ୟରେ ପନିପରିବା, ମତ୍ସ୍ୟ, ଦୁଗ୍ଧ ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରିବାରେ ସୁଯୋଗ ରହିଛି। ଏଥିପାଇଁ ୫-ଟି କୁ ପାଳନ କରିବା ଲାଗି ଗୁରୁତ୍ୱ ଦେବାକୁ ଗୁରୁବାର ଯୋଜାସ୍ଥିତ ମାରିଟାଇମ୍ ମ୍ୟୁଜିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଜିଲା ସ୍ତରରେ କାର୍ଯ୍ୟକାରୀ ହେଉଥିବା

ତ୍ୱରାନ୍ୱିତ ହେବ ଜନଜାତିଙ୍କ ବିକାଶ

ବିଭାଗ ଓ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ପରାମର୍ଶ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଜନଜାତି ଶିକ୍ଷା, ସ୍ୱାସ୍ଥ୍ୟ, ସଶକ୍ତୀକରଣ, ପୁଷ୍ଟି ଓ ଖାଦ୍ୟ ନିରାପତ୍ତା ଦିଗରେ ବିଶେଷ ଧ୍ୟାନ ଦେବା ନିମନ୍ତେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଦିନିକିଆ ପରାମର୍ଶଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କର୍ମଶାଳାରେ ଜନଜାତିଙ୍କ ସାଂପ୍ରତିକ ପ୍ରସଙ୍ଗ ଓ ଆହ୍ୱାନକୁ ଆଧାର କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଜନଜାତି ବିକାଶ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଏହି ପୁନଃ ଅଭିମୁଖୀକରଣ କର୍ମଶାଳାରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଆର୍. ବାଲକ୍ରିଷ୍ଣନ୍, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଏସ୍ସିଏସ୍ଟିଆର୍ଟିଆଇ ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା ଏବଂ କ୍ଷେତ୍ର ବିଶେଷଜ୍ଞମାନେ ଯୋଗଦେଇଥିଲେ। ଏହିଅବସରରେ ଆଦିବାସୀ ଉନ୍ନୟନ ସଂସ୍ଥାର କାର୍ଯ୍ୟଧାରାର ଫଳପ୍ରଦ ଓ ଆନୁଷ୍ଠାନିକ ପ୍ରକ୍ରିୟା, ଜନଜାତି ବିକାଶର ମୁଖ୍ୟ ପ୍ରସଙ୍ଗ, ଆହ୍ୱାନ ଓ ଲକ୍ଷ୍ୟ ପୂରଣ ଦିଗରେ ଥିବା ବିଭିନ୍ନ ସମସ୍ୟା ଓ ଆଇଟିଡିଏର ସୁଦୃଢ଼ୀକରଣ ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ଜନଜାତିମାନଙ୍କ ସାମଗ୍ରିକ ବିକାଶ ପାଇଁ ଆବଶ୍ୟକତା ଅନୁସାରେ ନୂତନ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଜନଜାତି ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ବିଭିନ୍ନ ବିଭାଗ ଓ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ସହ ମିଳିତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ଉପରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଇଟିଡିଏଗୁଡ଼ିକ ଜନଜାତି କଳା ଓ ସଂସ୍କୃତିର ସୁରକ୍ଷା ସହିତ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ କାର୍ଯ୍ୟ କରିବାକୁ ଉପସ୍ଥିତ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଆଗାମୀଦିନରେ ବିଶେଷଜ୍ଞମାନଙ୍କ ମତାମତକୁ ଆଧାର କରି ଜନଜାତି ବିକାଶ ପାଇଁ ନୂତନ ଯୋଜନା, କାର୍ଯ୍ୟଧାରା ଓ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ଜନଜାତି ପରିବାରଗୁଡ଼ିକର ଜୀବନ ଓ ଜୀବିକାରେ ଉନ୍ନତି, ଅର୍ଥନୈତିକ ବିକାଶ, ସେମାନଙ୍କ ବାସ୍ତବ ସ୍ଥିତି ଓ ଆବଶ୍ୟକତା ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱୟରେ ସ୍ୱାସ୍ଥ୍ୟ ଓ ପୌଷ୍ଟିକ, ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯିବ।

ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି ପ୍ରସଙ୍ଗ

ଦୁର୍ନୀତି କଲେ ଅଭିଶାପ ପଡ଼ିବ: ଧର୍ମେନ୍ଦ୍ର

ପୁରୀ ଅଫିସ, ୩୧।୧୦

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ନେଇ ବିଭିନ୍ନ ସମୟରେ ଅଭିଯୋଗ ଉଠୁଛି। ଫଳରେ ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ ସମାଲୋଚନାର ଶିକାର ହେବାକୁ ପଡୁଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଦୁର୍ନୀତି କଲେ ଅଭିଶାପ ପଡ଼ିବ। ଗୁରୁବାର ପୁରୀ ଗସ୍ତ ଅବସରରେ ଗଣମାଧ୍ୟମକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉଛି ମୋଦି ସରକାରଙ୍କର ଏକ ମହତ୍ୱାକାଂକ୍ଷୀ ଯୋଜନା। ଏଥିରେ ରାଜ୍ୟ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି। ଛୋଟ ମନ କଲେ କାମ ହେବ ନାହିଁ। ଏହି ଯୋଜନା ପାଇଁ କେନ୍ଦ୍ର ସରକାର ୬୦ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ଦେଉଛନ୍ତି। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେବା ଦରକାର। ଯେଉଁମାନେ ପ୍ରକୃତରେ ଘର ପାଇବାକୁ ଯୋଗ୍ୟ ତାହାର ଠିକ୍ ତାଲିକା କରାଯାଇ ସେହିମାନଙ୍କୁ ଏଥିରେ ସାମିଲ କରାଯାଉ। ସେହିପରି ଫନୀ ଘରଭଙ୍ଗା ସହାୟତା ପ୍ରଦାନରେ ଅନିୟମିତତା ହୋଇଥିବା ଶୁଣିଲି। ବହୁ ଥିଲାବାଲା ଲୋକ ଅର୍ଥାତ ଯେଉଁମାନଙ୍କର କୋଠାଘର ଅଛି, ବାତ୍ୟାରେ ଆଂଶିକ କିମ୍ବା ଆଦୌ ଘର କ୍ଷତି ହୋଇନି ସେମାନଙ୍କୁ ଘରଭଙ୍ଗା ସହାୟତା ଦିଆଯାଇଛି। ଏଥିରେ ଭୁଲ୍ଭଟକା ହୋଇଥାଇପାରେ, କିନ୍ତୁ ଏହାକୁ ସୁଧାରିବା ଆବଶ୍ୟକ। ଜଣେ ଯୋଗ୍ୟ ବ୍ୟକ୍ତି ଆବାସ ସହାୟତାରୁ ବଞ୍ଚିତ ନ ହେବା ପ୍ରତି ପ୍ରଶାସନ ଧ୍ୟାନ ଦେବା ଉଚିତ।

'ନବଜାଗରଣ ଆଣିବାରେ ରାମକୃଷ୍ଣ ମଠ କେନ୍ଦ୍ରବିନ୍ଦୁ ହେଉ'

ଭୁବନେଶ୍ୱର,୩୧।୧୦(ବ୍ୟୁରୋ)

ଓଡିଶାକୁ ନବଜାଗରଣ କରିବାରେ ରାମକୃଷ୍ଣ ମଠ ଓ ମିଶନ କେନ୍ଦ୍ରବିନ୍ଦୁ ହେଉ ବୋଲି ଗୁରୁବାର ଏହାର ଶତବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସମାଜକୁ ସ୍ୱାଭିମାନୀ କରିବା ଏବଂ ଦୈନନ୍ଦିନ ଜୀବନର ଜଞ୍ଜାଳରୁ ମୁକ୍ତ କରି ସମାଧାନର ରାସ୍ତା ବାହାର କରିବା, ସମାଜକୁ ଜାଗରଣ କରିବା ଭଳି ସ୍ୱାମୀ ବିବେକାନନ୍ଦଙ୍କ ବିଚାରକୁ ଓଡିଶାର ନୂଆପିଢି ପାଖରେ ଆଧୁନିକ ଢଙ୍ଗରେ ପହଞ୍ଚାଇପାରିଲେ ହିଁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତି ଏହା ଠିକ୍ ଶ୍ରଦ୍ଧାଞ୍ଜଳି ହେବ। ଓଡିଶା ଶାଖାର ଏହି ମଠକୁ ପୂଜ୍ୟ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ବ୍ରହ୍ମାନନ୍ଦଜୀ ମହାରାଜ ୧୯୧୯ ଅକ୍ଟୋବରରେ ସ୍ଥାପନା କରିଥିଲେ। ରାଜଧାନୀ ଭୁବନେଶ୍ୱରସ୍ଥିତ ରାମକୃଷ୍ଣ ମଠ ସ୍ଥାପନା ଦିନଠାରୁ ତା'ର ଧ୍ୟେୟ ଓ ଉଦ୍ଦେଶ୍ୟ ପାଇଁ କାମ କରି ଆସୁଛି। ଓଡିଶାର ରାମକୃଷ୍ଣ ମିଶନ ଓ ମଠର ସ୍ଥାପନାକୁ ଶହେବର୍ଷ ପୂରଣ ହୋଇଥିବାରୁ ଏହା ସହ ଜଡିତ ସମସ୍ତ ସାଧୁସଙ୍ଗ ଓ ପଦାଧିକାରୀମାନଙ୍କୁ ଧର୍ମେନ୍ଦ୍ର ଅଭିନନ୍ଦନ ଜଣାଇଛନ୍ତି। ବଲାଙ୍ଗୀର ରାଜ ପରିବାରର ପ୍ରତ୍ୟକ୍ଷ ସହଯୋଗୀ ଫଳରେ ଏଠାରେ ଭବ୍ୟ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇପାରିଛି। ସେହିପରି ମନୁଷ୍ୟ ମନରେ କ୍ଷଣକ୍ଷଣରେ ଉତ୍ସାହ ଓ ନିରୁତ୍ସାହ ଆସେ। ଏହି ଉତ୍ସାହକୁ ନିରନ୍ତର ବନାଇ ରଖିବା ନିରୁତ୍ସାହକୁ କାଟି ତାକୁ ଉତ୍ସାହରେ ପରିଣତ କରିବା ଭଳି ସ୍ୱାମିଜୀଙ୍କ ଦୁଇଶବ୍ଦ ବାରମ୍ବାର ପଢିଲେ ହିଁ ସମାଧାନର ରାସ୍ତା ବାହାରିପାରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବେଆଇନ ଟିକେଟ ବୁକିଂ କରି ଯୁବକ ଗିରଫ

ଖଇରା, ୩୧।୧୦(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୋଟିଆକୋଇଲି ଗ୍ରାମର ରାଜେଶ ବାରିକ ସରକାରୀ ଆଇଡି ହ୍ୟାକ୍ କରି ରେଲୱେ ଟିକେଟ କାଟିବା ଅଭିଯୋଗରେ ଖଡଗପୁର ରେଲୱେ ପୋଲିସ ଗୁରୁବାର ପୂର୍ବାହ୍ନରେ ତାଙ୍କୁ ଗିରଫ କରିଛନ୍ତି। ରାଜେଶ 'ବାରିକ କମ୍ୟୁନିକେଶନ' ନାମରେ ଏକ ଦୋକାନ ଖୋଲି ରେଲୱେ ଟିକେଟ ବୁକିଂ କରୁଥିଲେ। ଖଡ୍ଗପୁର ରେଲୱେ ପୋଲିସ ଖବରପାଇ ବାଲେଶ୍ୱର ରେଲୱେ ପୋଲିସ ସହାୟତାରେ କୋଟିଆକୋଇଲି ଗ୍ରାମକୁ ଯାଇ ଉକ୍ତ ଦୋକାନ ଉପରେ ଚଢାଉ କରିଥିଲେ। ତାଙ୍କୁ ଗିରଫ କରାଯିବା ସହ ଏକ କମ୍ପ୍ୟୁଟର, ପ୍ରିଣ୍ଟର ମେଶିନ, ମୋବାଇଲ ଫୋନ, ନଗଦ ୧ହଜାର ୫୦ଟଙ୍କା ଓ ତତ୍କାଳ ଟିକେଟ ଜବତ କରିଥିଲେ। ତାଙ୍କ ନାମରେ ମାମଲା (ନଂ.୮୮୪/୧୯) ରୁଜୁ ହୋଇଛି।

ଏଟ୍ଆଇଭି ରୋଗୀଙ୍କୁ ଅସ୍ତ୍ରୋପଚାର ପରେ ୨୪ ଘଣ୍ଟା ଦନ୍ତ ବିଭାଗ ବନ୍ଦ ରହିବା ଘଟଣା

ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦାଖଲ କଲା କମିଟି

ସମ୍ବଲପୁର,୩୧।୧୦(ବ୍ୟୁରୋ): ସମ୍ବଲପୁର ବୁର୍ଲା ଭିମସାରରେ ମଙ୍ଗଳବାର ୨୪ ଘଣ୍ଟା ଧରି ଦନ୍ତ ବିଭାଗ ବନ୍ଦ ରହିବା ଘଟଣାର ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇଛି। ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଲାଲମୋହନ ନାଏକଙ୍କୁ ଡାକ୍ତର ପ୍ରଭାତୀ ଦତ୍ତଙ୍କ ନେତୃତ୍ୱରେ ଗଠିତ ୫ ଜଣିଆ କମିଟି ରିପୋର୍ଟ ପ୍ରଦାନ କରିଛନ୍ତି। ବୁଧବାର ସୁଦ୍ଧା ତଦନ୍ତ ସରିଥିଲା। ଆଉ କିଛି ଲୋକଙ୍କୁ ପଚରାଉଚୁରା ବାକି ରହିଥିଲା। ତେଣୁ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ଦିଆଯାଇଛି। ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆଉ ୨ ଦିନ ସମୟ ଲାଗିବ ବୋଲି ଜଣେ ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅକ୍ଟୋବର ୨୮ ତାରିଖରେ ଜଣେ ଏଟ୍ଆଇଭି ରୋଗୀଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା। ଏହାପରେ ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଓ ଜଣେ ୭ ବର୍ଷ ବାଳକର ଦାନ୍ତ ବାହାର କରାଯାଇଥିଲା। ଏହାକୁ ନେଇ ଦନ୍ତ ବିଭାଗ ମୁଖ୍ୟ ଡାକ୍ତର ଅନୁପ ଶତପଥୀ ଅଧୀକ୍ଷକଙ୍କୁ ଚିଠି ଲେଖି ୨୪ ଘଣ୍ଟା ଅପରେଶନ କକ୍ଷ ବନ୍ଦ ରଖିବାକୁ କହିଥିଲେ। ଡାକ୍ତର ପି.କେ. ସ୍ୱାଇଁ ଏଥିରେ ଅବହେଳା କରିଥିବା ଦର୍ଶାଇଥିଲେ। ହେଲେ ଏହି ଘଟଣାରେ ଡାକ୍ତର ସ୍ୱାଇଁ କହିଥିଲେ, ଏହି ଘଟଣା ମିଛରେ ପ୍ରଚାର କରାଯାଉଛି। ସେଭଳି କିଛି ହୋଇନାହିଁ। ତାଙ୍କୁ ଷଡଯନ୍ତ୍ର କରି ଫସାଇ ଦିଆଯାଉଛି। ଜଣେ ସହକର୍ମୀ ଡାକ୍ତର ଏଥିରେ ସାମିଲ ଅଛନ୍ତି ବୋଲି କହିଥିଲେ।

ସରକାରୀ ପଲିଟେକ୍ନିକ୍, ଢେଙ୍କାନାଳ
(C.D.T.P., ଦୂରଭାଷ ନମ୍ବର: ୨୨୬୫୪୧)

No.: KK-78: ଏତଦ୍ଦ୍ୱାରା ଢେଙ୍କାନାଳ ଜିଲ୍ଲାର ଅଣକୁଶଳୀ ଯୁବକ ଯୁବତୀମାନଙ୍କୁ ଜଣାଇ ଦିଆଯାଉଛି ଯେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ସି.ଡି.ଟି.ପି. (CDTP) ମାଧ୍ୟମରେ କର୍ମକୁଶଳତା ବୃଦ୍ଧି କରି ଆତ୍ମ ନିର୍ଭରଶୀଳ କରାଇବା ନିମନ୍ତେ ଏହି ଜିଲ୍ଲାରେ ନିମ୍ନଲିଖିତ ଟ୍ରେଡଗୁଡ଼ିକରେ ତାଲିମ କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାକେନ୍ଦ୍ର ତଥା ଅନୁମୋଦିତ ଶାଖା ଶିକ୍ଷାକେନ୍ଦ୍ର ମାନଙ୍କରେ ଚାଲୁହେବ। ଇଚ୍ଛୁକଥିବା ଅଣକୁଶଳୀ ଶିକ୍ଷିତ ଯୁବକ ଯୁବତୀ ସରକାରୀ ପଲିଟେକ୍ନିକ୍, ଢେଙ୍କାନାଳରୁ ବିନାମୂଲ୍ୟରେ ଆବେଦନ ଫର୍ମ ନେଇ ଏବଂ ଉପଯୁକ୍ତ ଭାବେ ପୂରଣ କରି ଆସନ୍ତା ୧୩।୧୧।୨୦୧୯ ତାରିଖ ସୁଦ୍ଧା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିବା ଆବଶ୍ୟକ। ନିମ୍ନଲିଖିତ ଟ୍ରେନିଂ ଗୁଡ଼ିକରେ ତାଲିମ ନିମନ୍ତେ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଦେୟ ଦେବାକୁ ହେବ ନାହିଁ କିମ୍ବା ଷ୍ଟାଇପେଣ୍ଡ (Stipend) ପାଇବା ବ୍ୟବସ୍ଥା ନାହିଁ।

କ୍ର.ନଂ.	ତାଲିମ ବିଭାଗ	ତାଲିମ ଅବଧି (ଘଣ୍ଟାରେ)	ତାଲିମ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା	ଶିକ୍ଷାକେନ୍ଦ୍ର ଅଞ୍ଚଳର ନାମ
୦୧	କମ୍ପ୍ୟୁଟର ଫଣ୍ଡାମେଣ୍ଟାଲ ଏମ୍.ଏସ୍. ଅଫିସ୍ ଓ ଇଣ୍ଟରନେଟ	୧୨୦ଘ.	ଅଷ୍ଟମ	ସଦର ବ୍ଲକ
୦୨	ରିପେୟାର ଏଣ୍ଡ ମେଣ୍ଟେନାନ୍ସ ଅଫ୍ ସେଲ୍ଫୁଲାର ଫୋନ	୨୧୦ଘ.	ଅଷ୍ଟମ	ସଦର ମହକୁମା
୦୩	ବେସିକ ସିଭିଙ୍ଗ ଅପରେଟର	୨୭୦ଘ.	ଅଷ୍ଟମ	ଓଡ଼ାପଡ଼ା ବ୍ଲକ ଓ ସଦର ବ୍ଲକ
୦୪	ମେସିନ ଏମ୍ବିଓଡେରି ଅପରେଟର	୨୧୦ଘ.	ପଞ୍ଚମ	ଓଡ଼ାପଡ଼ା ବ୍ଲକ

ବି.ଦ୍ର.: କୌଣସି ଟ୍ରେଡ୍‌ରେ ଆବଶ୍ୟକ ସଂଖ୍ୟକ ଆବେଦନକାରୀ ନ ମିଳିଲେ ସେହି ଟ୍ରେଡ୍‌ରେ ତାଲିମ ହେବ ନାହିଁ।

14024/11/0006/1920 **ଅଧ୍ୟକ୍ଷ, ସରକାରୀ ପଲିଟେକ୍ନିକ୍, ମହିଷାପାଟ, ଢେଙ୍କାନାଳ**

No. I-31

ଓଡ଼ିଶା ସରକାର
କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା

File No. LA-5/19-CTC-2993/RRCS Dtd. 13.08.2019 ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛିକି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଜିଲ୍ଲା ରେ ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଜଳସେଚନ ପ୍ରକଳ୍ପର ଦର୍ପଣୀ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର (appropriate Government) ସରକାରୀ ବୟରେ ମୋଜ - **ମାଛପଙ୍କି (ଅତିରିକ୍ତ)** , **ଥାନା- ଚୌଦ୍ୱାର-୭**, **ତହସିଲ ଙ୍କ- ୧୫**, ଜିଲ୍ଲା- **କଟକ**ରେ ନିମ୍ନ ତପସିଲ ମତେ ପ୍ରାୟ ଏ. **୯.୬୪୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି |

ତେଣୁ ନ୍ୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩ (RFCTLAR & R Act. 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (appropriate Government) ଏତଦ୍ଦ୍ୱାରା ନିମ୍ନ ଅନୁସୂଚି ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି |

ନ୍ୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ-ଅର୍ଜନ , ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩ (RFCTLAR &r Act. 2013) ୧୧(୧) ଧାରା ଅନୁଜା ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଠି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ |

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗୀତା , ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ ବିଷୟରେ କୌଣସି ଆପତ୍ତି ଥାଏ , ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିଜଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ |

ପ୍ରକଳ୍ପ ସମ୍ପର୍କୀୟ ବିବରଣୀ :-

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ରେଙ୍ଗାଲି ଜଳ ସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ରେଙ୍ଗାଲି କଣାଲ, ଡିଭିଜନ ନଂ -VII , ଜଗତପୁର , **କଟକ**

୩. କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଅବଶ୍ୟକତାର କାରଣ -ସର୍ବ ଜ୍ଞାଣିନ ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିବା

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ .....ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ

୫.ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନକ ବିବରଣୀ- ଉପଜିଲ୍ଲାପାଳ, କଟକ

୬. ଜମିର ବିବରଣୀ :-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଂଚଳ	ଖାତା ନଂ	ପ୍ଲଟ ନଂ	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
କଟକ	**ଚୌଦ୍ୱାର**	**ମାଛପଙ୍କି (ଅତିରିକ୍ତ)**	ଗ୍ରାମାଞ୍ଚଳ	ସଂଲଗ୍ନ	ସଂଲଗ୍ନ	ସଂଲଗ୍ନ	ସଂଲଗ୍ନ	

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .1.220...ଶରଙ୍କିତ ସରକାରୀ ଜମି ପ୍ରତିବଦନ ପାଇଁ ଉଦ୍ଦିଷ୍ଟ |

ଉକ୍ତ ଭୂମିର ଏକ ନକ୍ସା ଭୂ -ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ |

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ , ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ |

ମୌଜା- ମାଛପଙ୍କି (ଅତିରିକ୍ତ)
ତହସିଲ- ଟାଙ୍କି, ଚୌଦ୍ୱାର, ଥାନା- ଚୌଦ୍ୱାର-୭, ତହସିଲ ଙ୍କ- ୧୫, କଟକ
ଦର୍ପଣୀ ଶାଖା କେନାଲ, କୁରତା- ୫୭.୯୨୫ କିମି ଠାରୁ ୫୯.୮୮୦
Additional Proposal

କ୍ରମିକ ନମ୍ବର	ଖତିୟାନ ନମ୍ବର	ପ୍ଲଟ ନମ୍ବର	ମୋଟ ରକବା	ପୂର୍ବ ଅଧିଗ୍ରହଣ ରକବା	ଅତିରିକ୍ତ ଅଧିଗ୍ରହଣ ରକବା	ପ୍ରଜାର ନାମ ପିତା ର ନାମ ଜାତି ଓ ବାସସ୍ଥାନ
୧	୨	୩	୪	୫	୬	୮
୦	୭୦	୧୩୭	୦.୧୯୦	୦.୧୦୦	୦.୦୯୦	କହ୍ନେଇ ଦେହୁରୀ, ପି- ଗଦେଇ ଦେହୁରୀ ଓଗର, ଜା- ସଅର, ବା- ନିଜଗା
୨	୭୮	୧୩୫	୦.୫୯୦	୦.୨୦୦	୦.୭୧୦	କହ୍ନେଇ ଦେହୁରୀ, ପି- ଗଦେଇ ଦେହୁରୀ ଓଗର, ଜା- ସଅର, ବା- ନିଜଗା
୩	୧୦୦	୧୦୦୯ ୫୩	୦.୧୮ ୦	-	୦.୧୮ ୦	ଗୋପୀନାଥ ନାୟକ, ପି- ଘନ ନାୟକ , ଜା- ଗୋପାଳ,ବା- ବ୍ରହ୍ମପୁର
୪	୧୦୩	୧୫୦	୧.୫୦୦	-	୧.୫୦୦	ଶ୍ରୀ ଗୋପାଳ ଜିଉ ଠାକୁର, ଶ୍ରୀ ଜପିକାମାଳ ଜିଉ ବିଜେ କଡଫୁଇ ପ୍ରଭୁ, ମାଙ୍ଗଁକ, ଗୋବିନ୍ଦ ଚନ୍ଦ ମଣ୍ଡଳ, ଗିରିନ୍ଦ୍ରନାଥ ମଣ୍ଡଳ, ପିତା- ଉମେଶ ଚନ୍ଦ ମଣ୍ଡଳ, ପିତାମ୍ବର ନାଥ ମଣ୍ଡଳ, ହିରେନ୍ଦ୍ର ନାଥ ମଣ୍ଡଳ, ମନିନ୍ଦ୍ରନାଥ ମଣ୍ଡଳ, କଳିଙ୍କ ଚନ୍ଦ ମଣ୍ଡଳ, ପି- ସ୍ୱରେନ୍ଦ୍ର ନାଥ , ଖଗିନ୍ଦ୍ର ନାଥମଣ୍ଡଳ, ଦେବିପ୍ରସନ୍ନ ନାଥମଣ୍ଡଳ, ପି- ଜଗିନ୍ଦ୍ର ନାଥମଣ୍ଡଳ, ଜା- ସକଦଂ କଣିକ, ବା- ଜଗତ୍ପୁର ପ୍ରଭୁ
୫	୧୩୭	୧୫୮	୧.୮୬୦	୦.୧୦୦	୦.୮୫୦	ଗଣେଶ ଚନ୍ଦ୍ର ପ୍ରଧାନ , ପି- ହରେକୃଷ୍ଣ ପ୍ରଧାନ ଜା- ମହ୍ନା

କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଆସନ୍ତା ୧ ଓ ୨ ତାରିଖରେ ଖେଳାଯିବ। ଏଥିରେ ଭାରତୀୟ ପୁରୁଷ ଦଳ ରୁଷିଆ ଓ ମହିଳା ଦଳ ଆମେରିକା ବିପକ୍ଷରେ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଘରୋଇ ପରିବେଶରୁ ଫାଇଦା ଉଠାଇ ଭାରତୀୟ ପୁରୁଷ ଓ ମହିଳା ଦଳ ଭଲ ପ୍ରଦର୍ଶନ କରିବା ଆଶା କରାଯାଉଛି...

କଳିଙ୍ଗରେ ହକି ଉତ୍ସାହ

ହକି ପାଇଁ କଳିଙ୍ଗ ଷ୍ଟାଡିୟମ୍ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେଥିପାଇଁ ରାଜ୍ୟ ସରକାର ଓ କ୍ରୀଡ଼ା ବିଭାଗର ଆନ୍ତରିକତା ମୁଖ୍ୟତଃ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ୍ ପାଇଁ ଯାହାକିଛି ସୁବିଧା ସୁଯୋଗ ରହିଛି ତାହା ଏଠାରେ ଉପଲବ୍ଧ। ପୁଣି କଳିଙ୍ଗ ଷ୍ଟାଡିୟମ୍ ଚଳଚଞ୍ଚଳ ହେବାକୁ ଯାଉଛି। ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡା ମହୋତ୍ସବ ଅଲିମ୍ପିକ୍ସ ୨୦୨୦ ଟୋକିଓଠାରେ ଅନୁଷ୍ଠିତ ପ୍ରଦର୍ଶନ ମାଧ୍ୟମରେ ଭାରତୀୟ ମହିଳା ଏବଂ ପୁରୁଷ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛନ୍ତି। ଏଫ୍‌ଆଇଏଚ୍ ହକି ର‍ୟାଙ୍କିଙ୍ଗରେ ଭାରତୀୟ ପୁରୁଷ ଦଳ ବର୍ତ୍ତମାନ ୫ମ ସ୍ଥାନରେ ରହିଥିବା ବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୧ମ ସ୍ଥାନରେ ରହିଛି। ସେହିପରି ଭାରତୀୟ ମହିଳା ଦଳ ୯ମ ସ୍ଥାନରେ ରହିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ଆମେରିକା ୧୩ତମ ସ୍ଥାନରେ ରହିଛି। ମହିଳା ହକିରେ

ହେବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଅଲିମ୍ପିକ୍ସ କ୍ୱାଲିଫାୟର୍ସ ହକି ମ୍ୟାଚ୍ ଖେଳାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଉଭୟ ପୁରୁଷ ଏବଂ ମହିଳା ହକିରେ ଯୋଗ୍ୟତା ପର୍ଯ୍ୟାୟରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ମୁଖ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ଲକ୍ଷ୍ୟରେ ରହିଛି। ଏଫଆଇଏଚ୍ ହକି ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ପୁନର୍ବାର କଳିଙ୍ଗ ଷ୍ଟାଡିୟମ୍‌କୁ ମନୋନୀତ କରାଯାଇଛି। ଫଳରେ ରାଜ୍ୟରେ ହକି ନେଇ ଉତ୍ସାହ ପରିଲକ୍ଷିତ ହୋଇଛି।

ଏହି ମେଗା ପ୍ରତିଯୋଗିତା ନଭେମ୍ବର ୧ ଏବଂ ୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ମହିଳା ବିଭାଗରେ ଭାରତ ଏବଂ ଆମେରିକା ଏବଂ ପୁରୁଷ ବିଭାଗରେ ଭାରତ ଏବଂ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଦୁଇଟିରେ ଘରୋଇ ପରିବେଶରେ ଭଲ ନେଦରଲାଣ୍ଡ ୧ମ ସ୍ଥାନରେ ରହିଛି। ଭାରତ ମହିଳା ଏବଂ ପୁରୁଷ ହକି ଦଳ ଖେଳିବାକୁ ଥିବା ୨ଟି ମ୍ୟାଚର ଗୋଲ ସ୍କୋର ଭିତ୍ତିରେ ବିଜେତା ନିର୍ଣ୍ଣୟ କରାଯିବା ସହିତ ସେହିଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଆମେରିକା ମହିଳା ଦଳ ମ୍ୟାଚର ବହୁ ପୂର୍ବରୁ ଆସି ରାଜ୍ୟ କ୍ରୀଡା ବିଭାଗର ଭୂୟସୀ ପ୍ରଶଂସା କରିଛି। ଆୟୋଜନକୁ ନେଇ ବେଶ୍ ସନ୍ତୋଷ ପ୍ରକାଶ କରିବା ସହ ଆମ ଉତ୍ସାହ ବଢାଇବାରେ ସହାୟକ ହୋଇଛି। ଏପରିକି ୨୦୨୨ ହକି ବିଶ୍ୱକପ ପାଇଁ ବେଲଜିୟମ୍, ମାଲେସିଆ ସହିତ ଭାରତ ଦୃଢ଼ ଦାବିଦାର ରହିଛି। ଆୟୋଜକ ଲିଷ୍ଟରୁ ଜର୍ମାନୀ ଏବଂ ସ୍ପେନ ହଟିଯିବା ପରେ ଭାରତର ନାମ ଏହି ମେଗା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ଯଦି ଭାରତ ମ୍ୟାଚ୍ ଆୟୋଜକ ହୁଏ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ମୁଖ୍ୟ ଭେନ୍ୟୁ ହେବା ଏକପ୍ରକାର ନିଶ୍ଚିତ ମନେ ହେଉଛି।

ନିର୍ମଳ କୁମାର ମିଶ୍ର

ବାଂଲାଦେଶର ଭାରତ ଗସ୍ତ

ଭାରତ ଗସ୍ତରେ ବାଂଲାଦେଶ ୩ଟି ଟି୨୦ ଓ ୨ ଟେଷ୍ଟ ମ୍ୟାଚ୍ ଖେଳିବ। ରବିବାର ପ୍ରଥମ ଟି୨୦ ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯିବ। ସେହିପରି ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ଭାରତ ଐତିହାସିକ ଇଡେନଗାର୍ଡେନରେ ବାଂଲାଦେଶ ବିପକ୍ଷରେ ତା'ର ପ୍ରଥମ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ...

ବାଂଲାଦେଶ କ୍ରିକେଟ ଦଳ ଭାରତ ଗସ୍ତରେ ଆସି ପହଞ୍ଚିଛି। ୩ଟି ଟି୨୦ ଏବଂ ୨ଟି ଟେଷ୍ଟ ମ୍ୟାଚ ଖେଳିବା ପାଇଁ ବାଂଲାଦେଶ ଏକ ୨୪ଦିନିଆ ଟୁରରେ ଭାରତ ଆସିଛି। ଟେଷ୍ଟ ସିରିଜ ନୂତନ ରୂପେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦ୍ୱାରା ଘୋଷିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ୨୦୨୧ କାର୍ଯ୍ୟସୂଚୀ ଅନ୍ତର୍ଗତ ହୋଇଛି। ଫଳରେ ଏହି ଗସ୍ତର ଗୁରୁତ୍ୱ ବଢିଯାଇଛି। ସେହିପରି ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଏହି ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଭାରତର ପ୍ରସ୍ତୁତିରେ ବେଶ୍ ସହାୟ ହେବ। ଦ୍ୱିତୀୟଥର ପାଇଁ ବାଂଲାଦେଶ ଟିମ୍ ଟେଷ୍ଟ ସିରିଜ ଖେଳିବାକୁ ଭାରତ ଗସ୍ତରେ ଆସିଛି। ପ୍ରଥମ ଟି୨୦ ମ୍ୟାଚ ନଭେମ୍ବର ୩ ତାରିଖରେ ଦିଲ୍ଲୀର ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ସେହିପରି ୨ୟ ଟି୨୦ ମ୍ୟାଚ ନଭେମ୍ବର ୭ ତାରିଖରେ ରାଜକୋଟରେ ଏବଂ ୩ୟ ଟି୨୦ ମ୍ୟାଚ ୧୦ତାରିଖରେ ନାଗପୁରର ବିଦର୍ଭ ଷ୍ଟାଡିୟମରେ ଖେଳାଯିବ। ଅନ୍ୟପଟେ ୧ମ ଟେଷ୍ଟ ମ୍ୟାଚ ନଭେମ୍ବର ୧୪ରୁ ୧୮ତାରିଖ ପର୍ଯ୍ୟନ୍ତ ଇନ୍ଦୋରରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ମ୍ୟାଚ ୨୨ ରୁ ୨୬ ତାରିଖ ପର୍ଯ୍ୟନ୍ତ କୋଲକାତାର ଐତିହାସିକ ଇଡେନଗାର୍ଡେନ ଷ୍ଟାଡିୟମରେ ଖେଳାଯିବ। ଏହି ଟେଷ୍ଟ ଦିବାରାତ୍ରଭିତ୍ତିକ ହେବ। ପ୍ରଥମଥର ପାଇଁ ଭାରତ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ଭେଟିବ।

ତାରକା ଅଲରାଉଣ୍ଡର ଶକିବ ଅଲ ହାସନଙ୍କୁ ଆଇସିସି ବାସନ୍ଦ କରିବା ଦ୍ୱାରା ବାଂଲାଦେଶକୁ ଜବରଦସ୍ତ ଝଟ୍‌କା ଲାଗିଛି। ତାଙ୍କୁ ବିଭିନ୍ନ ସମୟରେ ଦୁର୍ନୀତି କରିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେ ଏହାକୁ ଆଇସିସିକୁ ଜଣାଇ ନାହାନ୍ତି। ଯାହା ଫଳରେ ତାଙ୍କୁ ୨ ବର୍ଷ ବାସନ୍ଦ କରାଯାଇଛି। ସେହିପରି ଟି୨୦ ସିରିଜରୁ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ବାଂଲାଦେଶ ଉଭୟ ଫର୍ମାଟରେ ଭାରତ ଠାରୁ ଢେର ପଛରେ ରହିଛି। ସମସ୍ତ ଫର୍ମାଟରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ବିରାଟ କୋହଲିଙ୍କ ନେତୃତ୍ୱରେ ବେଶ୍ ଉଚ୍ଚକୋଟୀର ରହିଛି। ଘରୋଇ ପରିବେଶରେ ଏହି ସିରିଜ ଖେଳାଯିବାକୁ ଥିବା ବେଳେ ବାଂଲାଦେଶ ପାଇଁ ବେଶ୍ କଠିନ ହେବ। ଟିମ୍ ଇଣ୍ଡିଆ ବ୍ୟାଟିଂ ଓ ବୋଲିଂରେ ବେଶ୍ ଭଲ ପ୍ରଦର୍ଶନ କରିଆସୁଛି। ଅଭିଜ୍ଞ ଏବଂ ଯୁବ ଖେଳାଳିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଥିବା ରୁ ସମସ୍ତ ବିଦେଶ ଟୁରଗୁଡିକରେ ବେଶ୍ ସଫଳତା ପାଇଛି ଟିମ୍ ଇଣ୍ଡିଆ। ଏହି ଗସ୍ତ ଟି୨୦ ସିରିଜରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦିଆଯିବା ସମ୍ଭାବନା ରହିଛି। ଘରୋଇ ସିରିଜରେ ଦକ୍ଷିଣ ଆଫ୍ରିକାକୁ ଟିମ୍ ଇଣ୍ଡିଆ ଚକ୍‌ମା ଦେଇଛି। ଉଭୟ ସ୍ପିନ୍ ଏବଂ ପେସ୍ ବୋଲରମାନଙ୍କ ସଫଳ ପ୍ରଦର୍ଶନ ସହିତ ବ୍ୟାଟିଂରେ ଓପନର ହିସାବରେ ରୋହିତ ଶର୍ମା ବେଶ୍ ସଫଳତା ପାଇଛନ୍ତି। ଫଳରେ ଟେଷ୍ଟ ସିରିଜର ଫଳାଫଳ ଭାରତ ସପକ୍ଷରେ ଯାଇଛି।

ଉଭୟ ଦେଶ ମଧ୍ୟରେ ୨୦୦୦ ମସିହାରୁ ଟେଷ୍ଟ ସିରିଜ ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ ମୋଟ ୬ଟି ସିରିଜରେ ୯ଟି ଟେଷ୍ଟ ମ୍ୟାଚ ଖେଳାଯାଇଛି। ଏଥି ମଧ୍ୟରୁ ବାଂଲାଦେଶରେ ୮ଟି ଟେଷ୍ଟ ମ୍ୟାଚ ଖେଳାଯାଇଥିବା ବେଳେ ଭାରତରେ ଗୋଟିଏ ସିରିଜ ୨୦୧୬-୧୭ରେ ଖେଳାଯାଇଛି। ୭ଟି ଟେଷ୍ଟ ମ୍ୟାଚ ଭାରତ ଜିତିଥିବା ବେଳେ ୨ଟି ଟେଷ୍ଟ ମ୍ୟାଚ ବିନା ହାରଜିତ୍‌ରେ ସମାପ୍ତ ହୋଇଛି। ବାଂଲାଦେଶ ସହିତ ଟେଷ୍ଟ ସିରିଜରେ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୬୮୭/୬ ରହିଛି। ଭାରତ ହାଇଦ୍ରାବାଦରେ ଏହି ସ୍କୋର ହାସଲ କରିଥିଲା। ସେହିପରି ବାଂଲାଦେଶ ଢାକାଠାରେ ସର୍ବାଧିକ ୪୦୦ ରନ୍ ହାସଲ କରି ଟେଷ୍ଟ ମ୍ୟାଚରେ ଟିମ୍ ଇଣ୍ଡିଆ ସର୍ବାଧିକ ୫ଥର ୫ଶହ ରନ୍‌ରୁ ଊର୍ଦ୍ଧ୍ୱ ସଂଗ୍ରହ କରିଛି। ବାଂଲାଦେଶର ସର୍ବନିମ୍ନ ସ୍କୋର ୯୧ ରନ୍ ୨୦୦୦ ମସିହାରେ ଢାକାଠାରେ ରହିଥିବା ବେଳେ ଟିମ୍ ଇଣ୍ଡିଆର ୨୪୩ ରନ୍ ରହିଛି। ଅଧିନାୟକ ବିରାଟ କୋହଲି ଏବଂ ଉଇକେଟକିପର ରିଦ୍ଧିମାନ ଶାହା ୨ଟି ଲେଖାଏଁ ଟେଷ୍ଟ ମ୍ୟାଚ ଖେଳିଛନ୍ତି। କୋହଲି ୨୫୬ ରନ୍ କରିଛନ୍ତି। ଅନ୍ୟପଟେ ବାଂଲାଦେଶ ପକ୍ଷରୁ ମୁଶଫିକର ରହେମନ୍ ଏବଂ ତମିମ ଇକ୍‌ବଲ ଉଭୟ ଖେଳାଳି ସର୍ବାଧିକ ୪ଟି ଲେଖାଏଁ ଟେଷ୍ଟ ମ୍ୟାଚ ଖେଳି ଯଥାକ୍ରମେ ସର୍ବାଧିକ ୩୩୭ ଏବଂ ୨୯୬ ରନ୍ କରିଛନ୍ତି। ବୋଲିଂ ରେକର୍ଡ ଦୃଷ୍ଟିରୁ ଭାରତ ପକ୍ଷରୁ ବର୍ତ୍ତମାନର ଟିମ୍‌ରେ ଥିବା ସଫଳ ବୋଲରମାନେ ହେଲେ ଇଶାନ୍ତ ଶର୍ମା (୫ଟି ଟେଷ୍ଟ ୧୩ଟି ଉଇକେଟ), ରବିଚନ୍ଦ୍ରନ ଅଶ୍ୱିନୀ (୨ଟି ଟେଷ୍ଟ ୧୧ଟି ଉଇକେଟ୍), ରବୀନ୍ଦ୍ର ଜାଡ଼େଜା (୧ଟି ଟେଷ୍ଟ ୬ ଉଇକେଟ୍) ଏବଂ ଉମେଶ ଯାଦବ (୨ଟି ଟେଷ୍ଟ ୩ଟି ଉଇକେଟ)।

ସେହିପରି ଟି୨୦ ଫର୍ମାଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଟିମ୍ ଇଣ୍ଡିଆ ଅପେକ୍ଷାକୃତ ଶକ୍ତିଶାଳୀ ମନେହେଉଛି। ଉଭୟ ଦେଶ ମଧ୍ୟରେ ମୁକାବିଲା ଦକ୍ଷିଣ ଆଫ୍ରିକା ଠାରେ ୨୦୦୭-୦୮ ୱାର୍ଲ୍ଡ ଆଇସିସି ଟି୨୦ ମ୍ୟାଚରୁ ଆରମ୍ଭ ହୋଇଥିଲା। ସମସ୍ତ ୮ଟି ମ୍ୟାଚ ଆଇସିସି ବିଶ୍ୱକପ୍, ୱାର୍ଲ୍ଡ ଟି୨୦, ଏସିଆ କପ୍ ଏବଂ ଶ୍ରୀଲଙ୍କାରେ ଖେଳାଯାଇଥିବା ନିଦହାସ ଟ୍ରାଇ ସିରିଜରେ ଖେଳାଯାଇଥିଲା ଓ ସମସ୍ତ ମ୍ୟାଚରେ ଭାରତ ବିଜୟୀ ହୋଇଛି। ପ୍ରଥମ ଥର ପାଇଁ ଉଭୟ ଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦ୍ୱିପାକ୍ଷିକ ଟି୨୦ ସିରିଜ ଖେଳାଯାଉଛି। ଘରୋଇ ମାଟିରେ ଖେଳାଯାଉଥିବାରୁ ଟିମ୍ ଇଣ୍ଡିଆ ବେଶ୍ ଶକ୍ତିଶାଳୀ ମନେ ହେଉଛି। ମାତ୍ର ଟି୨୦ରେ ବାଂଲାଦେଶ ବିଶ୍ୱର ଯେ କୌଣସି ଦଳକୁ ହରାଇବାର କ୍ଷମତା ରଖୁଛି। ଯେହେତୁ ଟି୨୦ ସିରିଜରୁ ବାଂଲାଦେଶର ଏହି ଟୁର ଆରମ୍ଭ ହେଉଛି ଟିମ୍ ଇଣ୍ଡିଆ ଏହାକୁ ବେଶ୍ ଗୁରୁତ୍ୱ ଦେଇ ସିରିଜ ବିଜୟୀ ହେବାକୁ ଚାହିଁବ।

ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୮ଟି ଟି୨୦ ମ୍ୟାଚ ମଧ୍ୟରୁ ଟିମ୍ ଇଣ୍ଡିଆର ସର୍ବାଧିକ ସ୍କୋର ୧୮୦/୫ ରହିଛି। ଭାରତ ଏହା ଇଂଲଣ୍ଡର ନଟିଂହାମଠାରେ ସ୍କୋର କରିଥିଲା। କଲମ୍ବୋରେ ବାଂଲାଦେଶର ସର୍ବାଧିକ ସ୍କୋର ୧୬୬/୬ ଉଇକେଟ୍ ରହିଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିବାକୁ ଗଲେ ଯଦିଓ ଟିମ୍ ଇଣ୍ଡିଆ ସମସ୍ତ ମ୍ୟାଚ ଜିତିଛି ତଥାପି ତେବେ କେତେଗୁଡିକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷର ସମ୍ମୁଖୀନ ହୋଇଛି।

ତାରିଖ	ମ୍ୟାଚ୍	ଭେନ୍ୟୁ
୩ ନଭେମ୍ବର	୧ମ ଟି୨୦	ନୂଆଦିଲ୍ଲୀ
୭ ନଭେମ୍ବର	୨ୟ ଟି୨୦	ରାଜକୋଟ
୧୦ ନଭେମ୍ବର	୩ୟ ଟି୨୦	ନାଗପୁର
୧୪-୧୮ ନଭେମ୍ବର	ପ୍ରଥମ ଟେଷ୍ଟ	ଇନ୍ଦୋର
୨୨- ୨୬ ନଭେମ୍ବର	ଦ୍ୱିତୀୟ ଟେଷ୍ଟ	କୋଲକାତା

ଅଲ୍‌ବିଦା ଲି

ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ତଥା ଚାଇନା ମହିଳା ବ୍ୟାଡ୍‌ମିଣ୍ଟନ ତାରକା ଲି ଜୁଇରୁଇ ମାତ୍ର ୨୮ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ସଫଳତାର ଶୀର୍ଷକୁ ଛୁଇଁଥିବା ଲି ଇଞ୍ଜୁରି କାରଣରୁ ଏହି ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ପ୍ରାୟ ସବୁ ଟପ୍ ଟାୟାର ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିବା ଲିଙ୍କ ପାଇଁ ଅବସର ନିଷ୍ପତ୍ତି ବେଶ୍ କଷ୍ଟକର ଥିଲା...

ଆଉ ଜଣେ ମହିଳା ବ୍ୟାଡମିଣ୍ଟନ ଖେଳାଳି ଅବସର ନେଇଛନ୍ତି। ସେ ହେଉଛନ୍ତି ଚାଇନାର ପୂର୍ବତନ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ଲି ଜୁଇରୁଇ। ମାତ୍ର ୨୮ ବର୍ଷ ବୟସରେ ଏହି ମହାନ୍ ଆକ୍ରମଣାତ୍ମକ ଖେଳାଳି ଜଣକ ବ୍ୟାଡ୍‌ମିଣ୍ଟନକୁ ଅଲବିଦା କରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଏହି ମହିଳା ତାରକା ତାଙ୍କ ପେସାଦାର କ୍ୟାରିୟରରେ ସବୁ ପ୍ରକାର ସଫଳତା ଅର୍ଜନ କରିଛନ୍ତି। ନିଜ ସମୟରେ ସେ ଆଧିପତ୍ୟ ବିସ୍ତାର କରି ବେଶ୍ ସଫଳତା ହାସଲ କରିଛନ୍ତି। ରିଓ ଅଲିମ୍ପିକ୍ସରେ ଆହତ ହେବା ପରେ ଅବଶ୍ୟ ତାଙ୍କ କ୍ୟାରିୟର ଭିନ୍ନ ମୋଡ଼ ନେଇଥିଲା। ୨୦୧୦ ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ମାତ୍ର ୧୯ ବର୍ଷରେ ନିଜର ଉପସ୍ଥିତି ଜାହିର କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ସାଇନା ନେହ୍ୱାଲ ଓ ନିଜ ଦେଶର ଲିଓ ଜିନଙ୍କୁ ହରାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶ୍ୱ ଶ୍ରେଷ୍ଠ ଇଭେଣ୍ଟଗୁଡିକରେ ଲିଙ୍କର ଆଧିପତ୍ୟ ଦେଖିବାକୁ ମିଳିଥିଲା। ତାଙ୍କୁ ହରାଇବା ନିହାତି କଷ୍ଟକର ଥିଲା। ଲଣ୍ଡନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ପୂର୍ବରୁ ସେ ୨୦୧୨ ଅଲ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ମଧ୍ୟ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଏହାପରେ ସେ ୨୦୧୩ ଓ ୨୦୧୪ରେ ବିଶ୍ୱଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ରିଓ ଅଲିମ୍ପିକ୍ସରେ ସେ ଫେଭରାଇଟ ବିବେଚିତ ହେଉଥିଲେ। ତେବେ ଇଞ୍ଜୁରି କାରଣରୁ ସେ ସେମିରେ ସ୍ପେନର କାରୋଲିନା ମାରିନ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ସେ ଗୋଟିଏ ବର୍ଷ ବ୍ୟାଡମିଣ୍ଟନରୁ ଦୂରେଇ ରହିଥିଲେ। ଏହାପରେ ଅବଶ୍ୟ ସେ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିଲେ। ବ୍ୟାଡମିଣ୍ଟନକୁ ଫେରିବା ପରେ ଲିଙ୍ଗ୍‌ସୁଇ ଚାଇନା ମାଷ୍ଟର୍ସ, ୟୁଏସ୍ ଓପନ୍ ଓ କାନାଡ଼ା ଓପନ ଟାଇଟଲ ହାସଲ କରିଥିଲେ। ତେବେ ସେ ତାଙ୍କ ପୂର୍ବ ଚମକ ହରାଇଥିଲେ। ଟପ୍ ଟାୟାର ଇଭେଣ୍ଟରେ ତାଙ୍କର ଚମକ ଦେଖିବାକୁ ମିଳି ନ ଥିଲା। ଗତମାସରେ ସେ କୋରିଆ ଓପନ ଖେଳିଥିଲେ। ତେବେ ପ୍ରଥମ ରାଉଣ୍ଡରେ ହିଁ ତାଙ୍କୁ ରିଟାୟାର୍ଡ ହେବାକୁ ପଡିଥିଲା। ସ୍ୱଳ୍প ସମୟର ଜାଜ୍ୱଲ୍ୟମାନ କ୍ୟାରିୟରରେ ସେ ୧୪ଟି ସୁପର ସିରିଜ ଟାଇଟଲ ଜିତିଥିଲେ। ୨୦୧୩ରେ ସେ ବିଡବ୍ଲ୍ୟୁଏଫ୍ ଫିମେଲ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିଲେ।

ମାତ୍ର ୭ ବର୍ଷ ବୟସରୁ ସେ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲେ। ନିଜ ହୋମଟାଉନ ଚୋନଗିଙ୍ଗ୍‌ରେ ସେ ସ୍ଥାନୀୟ କ୍ଲବ୍‌ରେ ଟ୍ରେନିଂ ଓ ଖେଳ ଆରମ୍ଭ କରିଥିଲେ। ସେ ମୋଟ ଉପରେ ମହିଳା ସିଙ୍ଗଲ୍ସରେ ୨୭ଟି ଟାଇଟଲ ଜିତିଛନ୍ତି। ୨୦୧୨ ଡିସେମ୍ବରରେ ସେ ବିଶ୍ୱ ର‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। କ୍ୟାରିୟରରେ ସେ ୩୩୦ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୭୯ଟି ପରାଜୟ ବରଣ କରିଛନ୍ତି। ତାଙ୍କ ସଫଳତା ଆଗାମୀ ପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି କୁହାଯାଇପାରେ।

ପ୍ରମୋଟେଡ୍

କରପଶନ ପାଇଁ ପ୍ରଲୋଭିତ ପରେ
ନ ଜଣାଇବା ହିଁ ଦୋଷ
ବାଂଲାଦେଶ ଅଧିନାୟକ ଶକିବ
ସସ୍‌ପେଣ୍ଡ ଦୁଇ ବର୍ଷ
ଆଇସିସିର ନିର୍ଦ୍ଦେଶ
ପି.ସି. କାରବାର ଦୁର୍ନୀତି ବଢ଼ଇ
ଚାଲେ ଫାଇଭ୍‌ଟି ଚାଷ ।।୧

ଇଟାଲୀର ହୋଣ୍ଡା ରାଇଡର ବୋର୍ଗା
ମୋଟୋ ତିନି ଚାମ୍ପିୟନ
ଦୁର୍ଘଟଣା ପାଇଁ ହାରିଲା ଆରୋନ
ଲରୋଞ୍ଜ୍ ନମ୍ବର ୱାନ
ବିଶ୍ୱ ଟାଇଟଲ ମାନ
ଯୋଗ ଥିଲେ ଭୋଗ ପୋର୍ତ୍ତାପରି ଲୋକ
କୀର୍ତ୍ତି ସହ ପାଏ ଧନ ।।୨

ରାଇଜର ଆଥଲେଟ ଜଉନାଙ୍କୁ
ମିଳୁ ପ୍ରୋତ୍ସାହନ ରାଶି
ସହାୟତା ଲୋଡି ଅନୁରୋଧ କଲେ
ଜିଲାପାଳ ପାଖେ ଆସି
ମଦ ବିକ୍ରି ପାଇଁ ବିଶି
ପ୍ରୋତ୍ସାହନ ଦିଏ ସରକାର ଏଠି
ଆତ୍ମହତ୍ୟା ପରେ ଚାଷୀ ।।୩

-ସୁବାସ ଚନ୍ଦ୍ର ପ୍ରଧାନ

ସଂକ୍ଷେପରେ

ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ୫.୨% ହ୍ରାସ

ନୂଆଦିଲ୍ଲୀ,୩୧-୧୦: ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରମୁଖ ଶିଳ୍ପ କ୍ଷେତ୍ର ଅଭିବୃଦ୍ଧି ହାର ୫.୨% ହ୍ରାସ ଘଟିଛି। ଗତ ବର୍ଷ ସମାନ ସମୟରେ ଶିଳ୍ପ କ୍ଷେତ୍ରରେ ୪.୩% ଅଭିବୃଦ୍ଧି ଘଟିଥିଲା। କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ପ୍ରଡକ୍ଟ, ସିମେଣ୍ଟ, ଷ୍ଟିଲ ଏବଂ ବିଦ୍ୟୁତ ଭଳି କ୍ଷେତ୍ରଗୁଡିକର ଉତ୍ପାଦନ ନକାରାତ୍ମକ ସ୍ଥିତିରେ ରହିଛି। ଏହି ସମୟରେ ସାର ଉତ୍ପାଦନ ଉନ୍ନତ ରହିଛି। ଗତ ସମାନ ମାସ ତୁଳନାରେ ଚଳିତ ବର୍ଷ ଏଥିରେ ୫.୪% ଅଭିବୃଦ୍ଧି ରହିଛି। ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ସମୟରେ ପ୍ରମୁଖ ଶିଳ୍ପ କ୍ଷେତ୍ରଗୁଡିକର ଅଭିବୃଦ୍ଧି ୧.୩%କୁ ଖସିଛି। ଏହା ଗତ ସମାନ ସମୟରେ ୫.୫% ରହିଥିବା ସରକାରଙ୍କ ତଥ୍ୟରୁ ସାମ୍ନାକୁ ଆସିଛି।

ଗୋଲ୍ଡ ଆମ୍‌ନେଷ୍ଟି ସ୍କିମ୍ ନେଇ ସରକାରଙ୍କ ପ୍ରସ୍ତାବ ନାହିଁ

ନୂଆଦିଲ୍ଲୀ,୩୧-୧୦: ଚୋରା ସୁନା ଉପରେ କାର୍ଯ୍ୟାନଷ୍ଠାନ ଅନ୍ତର୍ଗତ ଗୋଲ୍ଡ ଆମ୍‌ନେଷ୍ଟି ସ୍କିମ୍ ଆଣିବା ଲାଗି ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। ଏଭଳି ଏକ ସ୍କିମ ଆସିବ ବୋଲି ବୁଧବାର ଗଣମାଧ୍ୟମରେ ଏକ ରିପୋର୍ଟ ଆସିବା ପରେ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଏନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ଲୋକମାନେ ସେମାନଙ୍କ ଚୋରା ସୁନାକୁ ଏହି ସ୍କିମରେ ଘୋଷଣା କରିବା ସହ କିଛି ଟିକସ ଦେଇ ଏହାକୁ ଧଳା କରିପାରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଆୟକର ବିଭାଗ ପକ୍ଷରୁ ଏଭଳି କୌଣସି ସ୍କିମ ଆଣିବାକୁ ପ୍ରସ୍ତାବ ନ ଥିବା କୁହାଯାଇଛି।

ରେକର୍ଡ ଉଚ୍ଚ ସ୍ତରରେ ସେନ୍‌ସେକ୍ସ

ମୁମ୍ବାଇ,୩୧-୧୦: ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସେନ୍‌ସେକ୍ସ ଗୁରୁବାର କାରବାର ବେଳେ ୨୯୩ ପଏଣ୍ଟ ବୃଦ୍ଧି ଘଟିବା ସହ ନୂଆ ରେକର୍ଡ ସ୍ତର ୪୦,୩୪୪.୯୯ ପଏଣ୍ଟ ଛୁଇଁବାକୁ ସକ୍ଷମ ହୋଇଥିଲା। ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ କାରବାର ଆରମ୍ଭ ସମୟରୁ ବେଶ୍ ଦୃଢ଼ ସ୍ଥିତିରେ ରହିଥିଲା। ପୂର୍ବାହ୍ନରେ ଏହା ୨୬୩.୬୯ ବା ୦.୬୬% ଉଚ୍ଚରେ ରହି ୪୦,୩୧୫.୫୬ ସ୍ତର ଛୁଇଁଥିଲା। ଏହାବାଦ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି୨୧.୮୫ ବା ୦.୬୧% ଉଚ୍ଚରେ ରହି ୧୧,୯୧୫.୯୫ ସ୍ତରରେ ରହିଥିଲା।

ସଚ୍ଚୋଟ ଧର୍ମ ଗୁରୁଙ୍କ ସହଯୋଗରେ ଗଢି ଉଠୁଥିବା ସ୍ୱୟଂ ସହାୟକ ଗୋଷ ୍ଠୀଙ୍କୁ ବ୍ୟାଙ୍କଗୁଡିକ ଋଣ ପ୍ରଦାନ ନେଇ କୌଣସି ଅସୁବିଧା ନ ରଖିବା ଉଚିତ।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ

ରିଜର୍ଭ ବ୍ୟାଙ୍କ ଗଭର୍ନର ଭାବେ ମୋଟ କାର୍ଯ୍ୟକାଳର ଦୁଇ ତୃତୀୟାଂଶ ଏନ୍‌ଡିଏ ସରକାର ଏବଂ ୟୁପିଏ ସମୟରେ ୮ ମାସ ସାମିଲ ରହିଛି।
– ରଘୁରାମ ରାଜନ, ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ନର

୧୨ ହଜାର କର୍ମଚାରୀ ଛଟେଇ କରିବ କଗ୍‌ନିଜାଣ୍ଟ

ନୂଆଦିଲ୍ଲୀ,୩୧–୧୦

- ଖର୍ଚ୍ଚକାଟ ଯୋଜନା ହାତକୁ ନେଇଛି
- ବେଶି ପ୍ରଭାବିତ ହେବେ ଘରୋଇ ବଜାର କର୍ମଚାରୀ

ପ୍ରମୁଖ ଆଇଟି କମ୍ପାନୀ କଗ୍‌ନିଜାଣ୍ଟ ଆଗାମୀ ତ୍ରୈମାସିକଗୁଡିକରେ ଏହାର ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ। ଖର୍ଚ୍ଚ କାଟ ଯୋଜନାରେ କମ୍ପାନୀ ଏଭଳି ପଦକ୍ଷେପ ନେବ ବୋଲି ଗୁରୁବାର ସୂଚନା ଦେଇଛି। ଆମେରିକା ଭିତ୍ତିକ ଏହି ଟେକ୍ନୋଲୋଜି କମ୍ପାନୀ ଏହାର ମୋଟ ଶ୍ରମଶକ୍ତି ମଧ୍ୟରୁ ଅଧିକାଂଶ ଅଂଶ ଭାରତରେ କାର୍ଯ୍ୟ କରୁଛି। ଗତ କିଛି ମାସ ଧରି ବିଭିନ୍ନ କୌଶଳରେ ପରିବର୍ତ୍ତନ କରାଯାଉଥିବା କମ୍ପାନୀର ସିଇଓ ବ୍ରାଏନ ହମ୍ଫ୍ରିଏସ୍ କହିଛନ୍ତି। ପ୍ରତିଦ୍ୱନ୍ଦ୍ୱିତାମୂଳକ ଉପସ୍ଥିତିକୁ ଆହୁରି ଉନ୍ନତ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। କମ୍ପାନୀର ପରିଚାଳନା ମଡେଲକୁ ସରଳୀକରଣ, ଖର୍ଚ୍ଚକାଟ କାର୍ଯ୍ୟକ୍ରମ ଏବଂ ଅଭିବୃଦ୍ଧିକୁ ଧ୍ୟାନରେ ରଖି ପୁଞ୍ଜି ଖର୍ଚ୍ଚ ଯୋଜନା ରହିଛି। ଏହି ଆଧାରରେ ସାରା ବିଶ୍ୱରେ କମ୍ପାନୀର ୧୦ରୁ ୧୨ ହଜାର ମଧ୍ୟମରୁ ବରିଷ୍ଠ ସ୍ତରର ଆସୋସିଏଟଙ୍କୁ ଛଟେଇ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। କମ୍ପାନୀ ଏହାର ମୋଟ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୨% ବା ୫ରୁ ୭ ହଜାର କର୍ମଚାରୀଙ୍କୁ ତୁରନ୍ତ ଭିତ୍ତିରେ ଛଟେଇ କରିବ। ସେହିଭଳି ପୁନଃ କୁଶଳୀ ଏବଂ ନିଯୁକ୍ତି ବର୍ଗରେ ଆଉ ୫ ହଜାର କର୍ମଚାରୀ ପ୍ରଭାବିତ ହେବେ ବୋଲି ଜଣାପଡିଛି। କେଉଁ ଦେଶରୁ କେତେ କର୍ମଚାରୀ ଛଟେଇ ହେବେ ସେ ନେଇ କଗ୍‌ନିଜାଣ୍ଟ ପକ୍ଷରୁ କୌଣସି ବିସ୍ତୃତ ସୂଚନା ଦିଆଯାଇ ନାହିଁ। ମାତ୍ର ଭାରତରେ କମ୍ପାନୀର ମୋଟ ଶ୍ରମଶକ୍ତିର ଏକ ଆଖିଦୃଶିଆ ଅଂଶ କାର୍ଯ୍ୟ କରୁଥିବାରୁ ଏଠାରେ ଛଟେଇର ପ୍ରଭାବ କର୍ମଚାରୀଙ୍କ ଉପରେ ଅଧିକ ମାତ୍ରାରେ ପଡିବ ବୋଲି ଆଶଙ୍କା କରାଯାଉଛି। ସେପ୍ଟେମ୍ବର ୨୦୧୯ ସୁଦ୍ଧା କଗ୍‌ନିଜାଣ୍ଟରେ ମୋଟ ୨.୮୯ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। କେବଳ ଭାରତରେ କମ୍ପାନୀର ୨ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀ ରହିଛନ୍ତି। ଏଭଳି ସ୍ଥିତିରେ କମ୍ପାନୀର ସିଇଓ କହିଛନ୍ତି ଯେ, ଅନୁଷ୍ଠାନର ପୂର୍ଣ୍ଣ ଅଭିବୃଦ୍ଧି କ୍ଷମତା ହାସଲ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଆଇଟି ସେବା କ୍ଷେତ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଥିବା ବେଳେ ଏହାକୁ ଧ୍ୟାନରେ ରଖି କଗନିଜାଣ୍ଟକୁ ଏକ ଉନ୍ନତସ୍ଥାନରେ ପହଞ୍ଚାଇବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ସେ ମତ ଦେଇଛନ୍ତି।

ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୭୧.୮%

ଭୁବନେଶ୍ୱର,୩୧–୧୦(ବ୍ୟୁରୋ)

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଅଗଷ୍ଟରେ ୩୨୦ ପଏଣ୍ଟ ଥିଲା। ଏହା ସେପ୍ଟେମ୍ବରରେ ୨ ପଏଣ୍ଟ ବଢି ୩୨୨ ପଏଣ୍ଟ ହୋଇଛି। ତାଳଚେର ଅନୁଗୋଳରେ ଏହା ୩୩୬ ପଏଣ୍ଟ ଥିଲା ଯାହା ୨ ପଏଣ୍ଟ ବଢି ୩୩୮ ପଏଣ୍ଟ ଛୁଇଁଛି। ରାଉରକେଲାରେ ଏହା ୩୧୯ ପଏଣ୍ଟରୁ ବଢି ୩୨୦ ପଏଣ୍ଟ ହୋଇଛି।

ସେପ୍ଟେମ୍ବର ୨୬ ଏବଂ ୨୭ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ ଡାକରା ଦେଇଥିଲେ ସେମାନେ ଏବେ ୬୮.୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୩.୬% ବୃଦ୍ଧି ଘଟି ୭୧.୮% ହୋଇଛି। ନଭେମ୍ବର ପହିଲାରୁ ଏହା ଲାଗୁ ହେବ। ଏହି କର୍ମଚାରୀଙ୍କ ମଧ୍ୟରୁ ୩ ଲକ୍ଷ କର୍ମଚାରୀ ଅକ୍ଟୋବର ୨୨ରେ ଧର୍ମଘଟ କରିଥିଲେ। ଗୁରୁବାର ଅନେକ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ନେଇଛନ୍ତି। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ ୨୧ରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

ବୀମା କର୍ମଚାରୀମାନେ ବର୍ତ୍ତମାନ ୬୧.୪ % ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୩.୭% ବୃଦ୍ଧି ଘଟି ୬୫.୧% ହୋଇଛି। ଏହି ବର୍ଦ୍ଧିତ ଡିଏ ନଭେମ୍ବର ପହିଲାରୁ ସେମାନେ ପାଇବେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୫୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବଢି ୧୫୫% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜାନୁୟାରୀ ପହିଲାରୁ ପାଇବେ। ଓଡିଶା ବ୍ୟତୀତ ଅବସରପ୍ରାପ୍ତ ଓ କାର୍ଯ୍ୟରତ ସରକାରୀ କର୍ମଚାରୀମାନେ ୧୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୨୦% ହୋଇଛି। ଏହା ୨୦୨୦ ଜାନୁୟାରୀ ପହିଲାରୁ ଲାଗୁ ହେବ। କେବଳ ଓଡ଼ିଶାର ଅବସରପ୍ରାପ୍ତ ଏବଂ କାର୍ଯ୍ୟରତ ୮ ଲକ୍ଷ କର୍ମଚାରୀ ବର୍ତ୍ତମାନ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଡିଏରେ ୮% ବୃଦ୍ଧି ହୋଇଛି। ଯାହାର ୫% ପିଛିଲା ଭାବେ ଚଳିତ ବର୍ଷ ଜୁଲାଇ ଏବଂ ଅବଶିଷ୍ଟ ୩% ଜାନୁୟାରୀ ପହିଲାରୁ ଲାଗୁ ହେବ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ୨୦% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ। ଗତ ବର୍ଷ ସେପ୍ଟେମ୍ବର ୪ ଏବଂ ୫ ଦୁଇଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନ ଏବଂ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ମରଣିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନ୍‌ସନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନ୍‌ସନକୁ ଅପେକ୍ଷା କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ।

ଧାର୍ଯ୍ୟ ଲକ୍ଷ୍ୟର ୯୩% ଛୁଇଁଲା ବିତ୍ତୀୟ ନିଅଣ୍ଟ

ନୂଆଦିଲ୍ଲୀ,୩୧–୧୦

ଦେଶର ବିତ୍ତୀୟ ନିଅଣ୍ଟ ବଜେଟ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟର ୯୩% ଛୁଇଁଛି। ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏହା ୬.୫୨ ଲକ୍ଷ କୋଟି ଟଙ୍କା ଛୁଇଁଥିବା ସରକାର ଦେଇଥିବା ତଥ୍ୟରୁ ଏହା ଜଣାପଡିଛି। ସାଧାରଣତଃ ସରକାରଙ୍କ ଖର୍ଚ୍ଚ ଏବଂ ରାଜସ୍ୱ ମଧ୍ୟରେ ରହିଥିବା ଅନ୍ତରକୁ ବିତ୍ତୀୟ ନିଅଣ୍ଟ କୁହାଯାଉଥିବା ବେଳେ ଏହା ସେପ୍ଟେମ୍ବର ୩୦ ସୁଦ୍ଧା ୬,୫୧,୫୫୪ କୋଟି ଟଙ୍କା ରହିଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟ (ସିଜିଏ) ଦେଇଥିବା ସୂଚନାରୁ ଜଣାପଡିଛି। ଗତ ବର୍ଷ ସମାନ ସମୟରେ ଏହା ୯୫.୩% ରହିଥିଲା। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ୭.୦୩ ଲକ୍ଷ କୋଟି ଟଙ୍କାରେ ସୀମିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିଭଳି ବିତ୍ତୀୟ ନିଅଣ୍ଟକୁ ମୋଟ ଜିଡିପିର ୩.୩%ରେ ସୀମିତ ରଖିବାକୁ ଯୋଜନା ରହିଛି। ମାନ୍ଦାବସ୍ଥା ଯୋଗୁ ସରକାର କର୍ପୋରେଟ ଟିକସ ହ୍ରାସ କରିଛନ୍ତି। ଏହା ଦ୍ୱାରା ରାଜକୋଷକୁ ୧.୪୫ ଲକ୍ଷ କୋଟି ଟଙ୍କା ହ୍ରାସ ଘଟିବ। ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ସେପ୍ଟେମ୍ବରରେ ବଜେଟରେ ଧାର୍ଯ୍ୟ ହୋଇଥିବା ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ତୁଳନାରେ ୪୧.୬% ବଢିଛି। ଏହା ଗତ ବର୍ଷ ସମାନ ସମୟରେ ୪୦.୧% ରହିଥିଲା। ସେପ୍ଟେମ୍ବର ଶେଷ ସୁଦ୍ଧା ସରକାର ୮.୧୬ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛନ୍ତି। ୨୦୧୯–୨୯ ଆର୍ଥିକ ବର୍ଷ ଲାଗି ଟିକସ ସଂଗ୍ରହ ଲକ୍ଷ୍ୟ ୧୯.୬୨ ଲକ୍ଷ କୋଟି ଟଙ୍କା ରଖାଯାଇଛି। ସିଜିଏ ତଥ୍ୟ ମୁତାବକ ବର୍ତ୍ତମାନ ସମୟ ସୁଦ୍ଧା ବଜେଟ ଲକ୍ଷ୍ୟର ୫୫.୫% ପୁଞ୍ଜି ସରକାର ଖର୍ଚ୍ଚ କରିଛନ୍ତି।

ଡିଡିଟି, କ୍ୟାପିଟାଲ ଗେନ୍ସ ଟାକ୍ସ କମିବନି

ନୂଆଦିଲ୍ଲୀ,୩୧–୧୦

ସରକାର ପୁଞ୍ଜିବଜାର ନିବେଶକଙ୍କୁ ଖୁସି କରାଇବା ଲାଗି ଲଙ୍ଗଟର୍ମ କ୍ୟାପିଟାଲ ଗେନ୍ସ ଏବଂ ଡିଜିଡେଣ୍ଡ ଡିଷ୍ଟ୍ରିବ୍ୟୁଶନ ଟାକ୍ସ(ଡିଡ଼ିଟି)ରେ କିଛିଟା କୋହଳ ବ୍ୟବସ୍ଥା କରିବା ନେଇ ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମାତ୍ର ଏଭଳି କିଛି ବ୍ୟବସ୍ଥା ସରକାର ଆଣିବେ ନାହିଁ। ଏଭଳି ଘୋଷଣା ଦ୍ୱାରା ରାଜକୋଷକୁ ହେଉଥିବା କ୍ଷତିର ଭରଣା ତଥା ସରକାରଙ୍କ ବିତ୍ତୀୟ ସ୍ଥିତି ଏବେ ଏତେଟା ଉନ୍ନତ ନାହିଁ। ନୂଆ ପଦକ୍ଷେପ ଦ୍ୱାରା ସରକାର ରାଜକୋଷ ତଥା ବିତ୍ତୀୟ ଶୃଙ୍ଖଳାକୁ ପ୍ରଭାବିତ କରିବାକୁ ଚାହୁଁ ନ ଥିବା ଜଣେ ଅଧିକାରୀ ଯୁକ୍ତି ବାଢିଛନ୍ତି।

PARADIP PORT TRUST

e-TENDER CALL NOTICE NO : EM/PED-54/2019

No. EM/PED/TECH-13/2019/983, dt. : 30.10.2019. Name of the work : "Revamping of 11KV HT electrical distribution systems at different locations of Paradip Port." **Estimated Cost :** Rs. 4,03,08,400/-. **Last Date & Time of submission of bid :** 09.12.2019 up to 17.15 hrs. Refer our website for details **https://eprocure.gov.in/eprocure/app**

Executive Engineer (PED-II)
PPT/PR/426/19-20 Dt : 31.10.19

OFFICE OF THE PURI MUNICIPALITY, PURI

No.8618 **Dt.31.10.19**

TENDER CALL NOTICE

Sealed tenders are invited in plain paper from the intending manufactures / Firms / Suppliers having valid Licence / Registration / TIN / PAN number for supply of materials (Cotton Saree and Fabrics) to be submitted to the office of the Executive Officer, Puri Municipality, Puri on or before 07.11.2019 at 2 P.M. through Speed Post / Regd. Post only which will be opened on 08.11.2019 at 4 P.M. The authority reserves the right either to reject or accept the tender without assigning any reason thereof. The tender paper alongwith terms and conditions will be available in the website **www.purimunicipality.nic.in**.

Sd./-
Executive Officer,
Puri Municipality, Puri

ocac ODISHA COMPUTER APPLICATION CENTRE
REQUEST FOR PROPOSAL
Enq. No. : OCAC-SEGP-RES-0001-2019-19042

OCAC invites Request for Proposal (RFP) for selection of System Integrator for Deployment of UIDAI Certified Operators for Aadhaar Enrollment and other Aadhaar services at different parts of the State.

The interested firms may download the RFP document from **www.ocac.in** & **www.odisha.gov.in**. Last date for submission of proposal is **25.11.2019, 12:00 Noon.**

General Manager (Admin), OCAC, Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

OFFICE OF THE COLLECTOR AND DISTRICT MAGISTRATE, KALAHANDI

(Sports Section)

No.430 /Sports **Dated: 30.10.2019**

TENDER CALL NOTICE

Sealed tenders are invited from registered firms / Co-operative Agencies / authorized suppliers of Sports equipments for Sports Hostel, Bhawanipatna.

The details of tender document alongwith terms and condition can be obtained from the District web portal http://**www.kalahandi.nic.in.** The last day of receipt of tender paper is dt.13.11.2019 upto 5.30 P.M. Tender will be opened on dt.14.11.2019.

Sd./-
Additional District Magistrate
Kalahandi

ତହସିଲ କାର୍ଯ୍ୟାଳୟ, ସୋନପୁର

ପତ୍ର ସଂଖ୍ୟା.4693 **ତା-31.10.19**

ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ତହସିଲ କାର୍ଯ୍ୟାଳୟ ଅନ୍ତର୍ଗତ ଫ୍ଲୋରିଶ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ଆଦର୍ଶ ଷ୍ଟଲଫେଡ ଫାର୍ମ୍ସ ପ୍ରାଇଭେଟ ଲିମିଟେଡ ଏବଂ ଆଦର୍ଶ ୱେଲ୍‌ଥ ଭେନଚୁରେ ପ୍ରାଇଭେଟ ସଂସ୍ଥାରେ ସଞ୍ଚୟ କରିଥିବା କ୍ଷୁଦ୍ର ଜମାକାରୀଙ୍କର (୧୦୦୦୦ ଟଙ୍କା ପର୍ଯ୍ୟନ୍ତ) ଟଙ୍କାର ତଦନ୍ତ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆପଣମାନେ ନିମ୍ନରେ ଦିଆଯାଇଥିବା କାଗଜପତ୍ର ଯାଞ୍ଚ ନିମନ୍ତେ ଉପସ୍ଥିତ ହେବେ, ନଚେତ ଆପଣମାନଙ୍କର ସଞ୍ଚୟ କରିଥିବା ଟଙ୍କାକୁ ଖାରଜ କରାଯିବ। ନିର୍ଦ୍ଧାରିତ ସମୟ ପରେ ଆପଣମାନଙ୍କର କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

୧. ବ୍ୟାଙ୍କ ପାସ୍ ବହି
୨. ଆଧାର କାର୍ଡ
୩. ସଞ୍ଚୟ କରିଥିବା ଟଙ୍କାର କାଗଜପତ୍ର ଏବଂ ରସିଦ

କାର୍ଯ୍ୟସୂଚୀ

୧. ରାଜସ୍ୱ ନିରୀକ୍ଷକ, ସୋନପୁର	–	**ତା: ୦୫।୧୧।୨୦୧୯**
୨. ରାଜସ୍ୱ ନିରୀକ୍ଷକ, ବିଶିମୁଣ୍ଡା	–	**ତା: ୦୬।୧୧।୨୦୧୯**
୩. ରାଜସ୍ୱ ନିରୀକ୍ଷକ, ଲଛିପୁର	–	**ତା: ୦୬।୧୧।୨୦୧୯**
୪. ରାଜସ୍ୱ ନିରୀକ୍ଷକ, ଖଲିଆପାଲି	–	**ତା: ୦୬।୧୧।୨୦୧୯**
୫. ରାଜସ୍ୱ ନିରୀକ୍ଷକ, ଖାରୀ	–	**ତା: ୦୫।୧୧।୨୦୧୯**

ସ୍ୱା./- ତହସିଲଦାର, ସୋନପୁର

CUTTACK DEVELOPMENT AUTHORITY
C.D.A. Arunodaya Bhawan, Link Road, Cuttack - 12

TENDER CALL NOTICE

The detail sealed tenders in prescribed format are invited for providing service of data entry operators, tally accountant, computer programmer by Manpower Service Provider in the office of the Cuttack Development Authority, Cuttack. The details are available in the website of CDA i.e. **cdacuttack.nic.in**. The last date of the submission of tender documents is dt.14.11.2019 upto 5.30 P.M.

The opening of tender is dt.15.11.2019 at 11.30 A.M in the Conference Hall of CDA, Cuttack.

Secretary
Cuttack Development Authority

ତହସିଲ କାର୍ଯ୍ୟାଳୟ, ସୋନପୁର

ପତ୍ର ସଂଖ୍ୟା.4692 **ତା-31.10.19**

ନୋଟିସ୍

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ତହସିଲ କାର୍ଯ୍ୟାଳୟରେ ଯେଉଁ କ୍ଷୁଦ୍ର ଜମାକାରୀମାନଙ୍କର ରୋଜଭେଲି ଓ ଫ୍ଲୋରିଶ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାରେ ସଞ୍ଚୟ କରିଥିବା (୧୦୦୦୦ ଟଙ୍କା ପର୍ଯ୍ୟନ୍ତ) ଟଙ୍କାର ତଦନ୍ତ କରାଯାଇନାହିଁ ସେମାନଙ୍କ ଟଙ୍କାର ଆହରଣ ପାଇଁ ୭ଦିନ (ତା–୦୨।୧୧।୨୦୧୯ ରୁ ୦୮।୧୧।୨୦୧୯ ପର୍ଯ୍ୟନ୍ତ) ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସଗୁଡିକରେ ନିମ୍ନରେ ଦିଆଯାଇଥିବା କାଗଜପତ୍ର ଯାଞ୍ଚ ନିମନ୍ତେ ଉପସ୍ଥିତ ହେବେ, ନଚେତ ଆପଣମାନଙ୍କର ସଞ୍ଚୟ କରିଥିବା ଟଙ୍କାକୁ ଖାରଜ କରାଯିବ। ନିର୍ଦ୍ଧାରିତ ସମୟ ପରେ ଆପଣମାନଙ୍କର କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

୧. ଜମାକାରୀଙ୍

> ଜଣେ ବୁକି ତାଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବିଷୟ ସ୍ୱୀକାର କରି ଶକିବ ଅଲ ହସନ ଯେପରି ଦଣ୍ଡିତ ହେଲେ ଦୁଃଖର ବିଷୟ ।
>
> –ମହମ୍ମଦ ଅଶ୍ରଫୁଲ୍, ପୂର୍ବତନ ବାଂଲାଦେଶ ଅଧିନାୟକ

> ଯଦି କାକର ସମସ୍ୟା ସୃଷ୍ଟି ନ କରେ ତେବେ ଇଡେନଗାର୍ଡେନଠାରେ ଦିବାରାତ୍ର ଟେଷ୍ଟ ଆୟୋଜନ ଯୋଜନା ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ ।
>
> –ସଚିନ ତେନ୍ଦୁଲକର, ବ୍ୟାଟିଂ ଆଇକନ୍

ସଂକ୍ଷେପରେ

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରିଜିଜୁ ଅତିଥି

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓ ଶନିବାର ହେବାକୁଥିବା ଅଲିମ୍ପିକ୍ ହକି କ୍ୱାଲିଫାୟର୍ସ ଅବସରରେ ଅତିଥିଭାବେ ଯୋଗଦେବେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ। ସେ କଳିଙ୍ଗ ଷ୍ଟାଡିୟମ କମ୍ପ୍ଲେକ୍ସରେ ଥିବା ହାଇପରଫରମାନ୍ସ ସେଣ୍ଟର ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି। ଅନ୍ତର୍ଜାତୀୟ ହକି ଫେଡେରେଶନ ସଭାପତି ନରିନ୍ଦର ବାତ୍ରା ମଧ୍ୟ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି।

ଇଞ୍ଜିନିୟରଙ୍କ ଅଭିଯୋଗକୁ ଅନୁଷ୍କାଙ୍କ ଖଣ୍ଡନ

ନୂଆଦିଲ୍ଲୀ,୩୧।୧୦(ପି.ଟି.)- ଇଂଲଣ୍ଡରେ ଅନୁଷ୍ଠିତ ବିଶ୍ୱକପ୍‌ବେଳେ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ସ୍ତ୍ରୀ ଅନୁଷ୍କା ଶର୍ମାଙ୍କୁ ଚୟନକର୍ତ୍ତା ଚା' ପରଖି ଥିବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ପୂର୍ବତନ ଉଇକେଟକିପର ଫାରୁକ୍ ଇଞ୍ଜିନିୟର। ବଲିଉଡ ଅଭିନେତ୍ରୀ ଅନୁଷ୍କା ଏହାକୁ ଖଣ୍ଡନ କରିବା ସହ ଖରାପ ମନୋଭାବ ରଖି ମିଛ କୁହାଯାଇଥିବା କହିଛନ୍ତି। ୮୨ ବର୍ଷୀୟ ଇଞ୍ଜିନିୟର ଏକ ଖବରକାଗଜକୁ ସାକ୍ଷାତ୍‌କାର ଦେଇ ୫ ଜଣିଆ ଜାତୀୟ ଚୟନ କମିଟିକୁ ଉପହାସ କରିଛନ୍ତି। ଏମ୍‌ଏସକେ ପ୍ରସାଦଙ୍କ ନେତୃତ୍ୱାଧୀନ କମିଟିରେ ସରନ୍ଦୀପ ସିଂ, ଯତୀନ ପରଞ୍ଜପେ, ଗଗନ ଖୋଡା ଓ ଦବଙ୍ଗ ଗାନ୍ଧୀ ସଦସ୍ୟ ରହିଛନ୍ତି। ଇଞ୍ଜିନିୟର ଦାବି କରିଛନ୍ତି, ୫ ଜଣିଆ କମିଟିର ଜଣେ ସଦସ୍ୟ ଇଂଲଣ୍ଡରେ ଖେଳାଯାଇଥିବା ବିଶ୍ୱକପ୍‌ବେଳେ ଅନୁଷ୍କାଙ୍କୁ ଚା' ଦେଇଥିବା ଦେଖିଛନ୍ତି। ତେବେ ଉକ୍ତ ଚୟନକର୍ତ୍ତାଙ୍କ ନାମ ପ୍ରକାଶ କରିନାହାନ୍ତି। ବିଶ୍ୱକପ୍‌ବେଳେ କୌଣସି ଚୟନକର୍ତ୍ତା ବକ୍ସରେ ବସି ନ ଥିଲେ। ହେଲେ ସେଠାରେ ଭାରତୀୟ ଅଧିନାୟକଙ୍କ ପତ୍ନୀ ବସିଥିଲେ। ଏହାକୁ ବେକାର ଓ ଦୁର୍ବ୍ୟବହାରପୂର୍ଣ୍ଣ କଥା ବୋଲି ଚୟନ କମିଟିର ଜଣେ ସଦସ୍ୟ କହିଛନ୍ତି। ଅନ୍ୟପକ୍ଷରେ ଅନୁଷ୍କା ଭାରତୀୟ କ୍ରିକେଟ ସମ୍ପର୍କିତ ବିବାଦ ମଧ୍ୟକୁ ତାଙ୍କ ନାମକୁ ନ ଟାଣିବା ପାଇଁ କହିଛନ୍ତି। ବିଶ୍ୱକପ୍‌ର କେବଳ ଗୋଟିଏ ମ୍ୟାଚ୍ ମୁଁ ଦେଖିଥିଲି। ତାହା ପୁଣି ଫ୍ୟାମିଲି ବକ୍ସରେ ବସିଥିଲି ଓ ମୁଁ ଚୟନକର୍ତ୍ତାଙ୍କ ବକ୍ସକୁ ଯାଇ ନାହିଁ। ଯଦି କାହାର ଚୟନକର୍ତ୍ତାଙ୍କ ଯୋଗ୍ୟତା ସମ୍ପର୍କରେ କମେଣ୍ଟ କରିବାର ଅଛି, ସେ କରିଯାରନ୍ତି। ଏହା ବ୍ୟକ୍ତିଗତ ମତାମତ। ମାତ୍ର ମୋ ନାମକୁ ବ୍ୟବହାର କରି ମତାମତକୁ ଅତିରଞ୍ଜିତ କରାଯାଉଛି।

ଜଳକ୍ରୀଡ଼ା କେନ୍ଦ୍ର ପରିଦର୍ଶନ କଲେ ସାଇ ଡିଜି

କଟକ ଅଫିସ,୩୧।୧୦- ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଡିଜି ସନ୍ଦୀପ ପ୍ରଧାନ ଜଗତପୁର ଠାରେ ଥିବା ଜଳକ୍ରୀଡ଼ା କେନ୍ଦ୍ର ପରିଦର୍ଶନରେ ଗୁରୁବାର ଆସିଥିଲେ। ଏଠାରେ ପହଞ୍ଚିବା ସହ କେନ୍ଦ୍ରର ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି । ଡିଜି ପ୍ରଧାନ କ୍ରୀଡ଼ାବିତଙ୍କ ସହ ଦୀର୍ଘ ସମୟର ଆଲୋଚନା କରିଥିଲେ। କେନ୍ଦ୍ର ପରିସରରେ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର, ଅତ୍ୟାଧୁନିକ ଜିମ୍ନାସିୟମ ଖୁବଶୀଘ୍ର ନିର୍ମାଣ ହେବ ବୋଲି ଡିଜି ପ୍ରଧାନ ଏହି ଅବସରରେ କହିଛନ୍ତି ।

କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଆମେରିକା ମହିଳା ହକି ଦଳର ଅଭ୍ୟାସ।

କ୍ୱାଲିଫାୟର୍ସ କାର୍ଯ୍ୟସୂଚୀ

- ନଭେମ୍ବର ୧: ଭାରତ ବନାମ ଆମେରିକା, ସମୟ ସନ୍ଧ୍ୟା ୬ଟା (ମହିଳା)
- ଭାରତ ବନାମ ରୁଷିଆ, ସମୟ: ରାତି ୮ଟା
- ନଭେମ୍ବର ୨: ଭାରତ ବନାମ ଆମେରିକା, ସମୟ ସନ୍ଧ୍ୟା ୬ଟା (ମହିଳା)
- ଭାରତ ବନାମ ରୁଷିଆ, ସମୟ: ରାତି ୮ଟା

ଏଫ୍‌ଆଇଏଚ୍ ହକି ଇଣ୍ଡିଆ କୋଚିଂ କୋର୍ସ

ଭୁବନେଶ୍ୱର, ୩୧।୧୦(ଷ୍ଟାର୍ଟ୍ସ ବ୍ୟୁରୋ) ଚଳିତ ବର୍ଷ କେତୋଟି ହକି ଇଣ୍ଡିଆ କୋଚିଂ ଏଜୁକେଶନ ପାଥ୍‌ୱେ କୋର୍ସ ସଫଳତାର ସହ ଆୟୋଜନ ହେବାପରେ ଏଠାରେ ଆଉ ଏକ ବିଶ୍ୱସ୍ତରୀୟ କୋଚିଂ କୋର୍ସ ଆୟୋଜନ ହେବାକୁ ଯାଉଛି। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍) ଏକାଡେମୀ ହକି ଇଣ୍ଡିଆନ କୋଚିଂ ଏଜୁକେଶନ ପାଥ୍‌ୱେ ଲେଭଲ ୧ ଓ ଲେଭଲ ୨ କୋଚିଂ କୋର୍ସ ଆୟୋଜନ କରାଯିବ। ଏହି କୋର୍ସ ପାଇଁ ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର ହିସାବରେ ନେଦରଲାଣ୍ଡର ଏସ୍‌ଭେନ ଭାନଡର ମୋଷ୍ଟ, ବ୍ରିଟେନ୍‌ର ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର୍ସ ମାଇକ ଇରଭିଙ୍ଗ୍ ଓ ଏଫ୍‌ଆଇଏଚ୍ ଏକାଡେମୀ ଏଜୁକେଟର୍ସ ଦକ୍ଷିଣ ଆଫ୍ରିକାର ସୋଆନେଲୋ ଫୋଲୋକୁ ସାମିଲ କରାଯାଇଛି। ଲେଭଲ-୧ କୋଚିଂ କୋର୍ସରେ ଯୋଗଦେବା ପାଇଁ ପାଖାପାଖି ୩୦ ଜଣ ପ୍ରାର୍ଥୀଙ୍କୁ ସାମିଲ କରାଯାଇଛି। ଏହି କୋର୍ସ ଆସନ୍ତା ୩ ତାରିଖରୁ ଆରମ୍ଭ ହୋଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ଲେଭଲ-୨ କୋର୍ସ ପାଇଁ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ମନୋନୀତ ହୋଇଛନ୍ତି। ଏହା ବୁଧବାରଠାରୁ ଆରମ୍ଭ ହୋଇଛି ଏବଂ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କୋର୍ସ ଦ୍ୱାରା ପ୍ରାର୍ଥୀମାନଙ୍କର କୋଚିଂ ସମ୍ପର୍କରେ ଜ୍ଞାନ ଓ ଦକ୍ଷତା ବୃଦ୍ଧି ହେବ ବୋଲି କୁହାଯାଉଛି। ହକିରେ ଅମ୍ପାୟର ଓ କୋଚ୍‌ମାନଙ୍କ ବ୍ୟବହାରିକ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି ଉପରେ ହକି ଇଣ୍ଡିଆ ବହୁ ପୂର୍ବରୁ ଗୁରୁତ୍ୱ ଦେଇଆସୁଛି। ଆଧୁନିକ ହକି ସହିତ ତାଳ ଦେଇ କିପରି ଚାଲିବାକୁ ହେବ, ତା'ଉପରେ ହକି ଇଣ୍ଡିଆ ଗୁରୁତ୍ୱ ଦେଇଆସୁଛି। ଏଫ୍‌ଆଇଏଚ୍ ଏକାଡେମୀ ହକି ଇଣ୍ଡିଆ ସହ ମଳିତ ଭାବେ କାର୍ଯ୍ୟ କରି ବେଶ୍ ସନ୍ତୋଷ ଲାଭ କରିଛି ଓ କୋଚିଂ ଏବଂ ଅମ୍ପାୟରିଂରେ ଉନ୍ନତି ଆଣିବାକୁ ପ୍ରୟାସ ଜାରି ରଖିବ ବୋଲି ହକି ଇଣ୍ଡିଆ ଫାଉଣ୍ଡେଶନ ଓ ଏଫ୍‌ଆଇଏଚ୍ ଡେଭଲପମେଣ୍ଟ ଡାଇରେକ୍ଟର ମାଇକ୍ ଜୋଏସ କହିଛନ୍ତି।

ରୁଷିଆ ବିପକ୍ଷରେ ଭାରତ ଫେଭରାଇଟ

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି) କଳିଙ୍ଗ ଷ୍ଟାଡିୟମ ପୁଣି ଚଳଚଞ୍ଚଳ। ଏଠାରେ ହେବାକୁ ଯାଉଛି ଅନ୍ତର୍ଜାତୀୟ ହକିର ଆଉ ଏକ ମେଗା ଇଭେଣ୍ଟ। ଶୁକ୍ରବାର ଓ ଶନିବାର ଏଫଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସର ମହିଳା ବିଭାଗରେ ଭାରତ-ଆମେରିକା ଏବଂ ପୁରୁଷ ବିଭାଗରେ ଭାରତ-ରୁଷିଆ ମହା ମୁକାବିଲା ହେବ। ୨ ମ୍ୟାଚରେ ବିଜୟ କିମ୍ବା ଆବଶ୍ୟକସ୍ଥଳେ ଗୋଲ ବ୍ୟବଧାନ ଭିତ୍ତିରେ କେଉଁ ଦଳ ୨୦୨୦ ଅଲିମ୍ପିକ୍ସ ପାଇଁ ଟିକେଟ ପାଇବ ତାହା ସ୍ଥିର ହେବ। ଯଦି ବିଜୟ ଏବଂ ଗୋଲ ବ୍ୟବଧାନ ସମାନ ରହେ ତେବେ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ବିଜେତା ନିର୍ଣ୍ଣୟ ହେବ। ଏଥିପାଇଁ ୨ ସପ୍ତାହରୁ ଊର୍ଦ୍ଧ୍ୱ ଭାରତୀୟ ମହିଳା ଓ ପୁରୁଷ ଦଳର କ୍ୟାମ୍ପ ଏଠାରେ ଚାଲିଥିବାବେଳେ ଆମେରକା ଓ ରୁଷିଆ ଦଳ ପାଖାପାଖି ଏକ ସପ୍ତାହ ଧରି ଏଠାରେ

କଳିଙ୍ଗରେ ଆଜିଠାରୁ ଅଲିମ୍ପିକ୍ କ୍ୱାଲିଫାୟର୍ସ

ନିଜର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେଇଛନ୍ତି। ୪ଟି ଯାକ ଦଳ ନିଜ ନିଜ କୋଚ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାର ଶେଷଥରପାଇଁ କଳିଙ୍ଗ ଷ୍ଟାଡିୟମର ଅଭ୍ୟାସ ଗ୍ରାଉଣ୍ଡରେ ଝାଳ ବୁହାଇଛନ୍ତି। ବିଭିନ୍ନ ରଣନୀତି ଅନୁସାରେ ପ୍ରାକ୍ଟିସ କରିବା ସହ ଆଗାମୀ ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିଛନ୍ତି। ଅଲିମ୍ପିକ୍ସ ଟିକେଟ ପାଇଁ ପ୍ରତି ଦଳ ସମ୍ମୁଖରେ ମାତ୍ର ୨ଟି ମ୍ୟାଚର ବ୍ୟବଧାନ। ଏହି ଦୁଇ ମ୍ୟାଚରେ ଯିଏ ଶ୍ରେଷ୍ଠ ପ୍ରଦର୍ଶନ କରିବ ସିଏ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ।

ପୁରୁଷ ବିଭାଗରେ ରୁଷିଆ ବିପକ୍ଷରେ ଭାରତ ଫେଭରାଇଟ ବିବେଚିତ ହେଉଛି। ପୂର୍ବରୁ ଗତ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ର‍ୟାଙ୍କିଙ୍ଗ୍ ଏବଂ ପ୍ରଦର୍ଶନ ଦୃଷ୍ଟିରୁ ଭାରତ ଆଗରେ ରହିଛି। ତେଣୁ ଏଥର ମଧ୍ୟ ଘରୋଇ ଦଳପାଇଁ ସହଜ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗତ ଜୁନ୍‌ରେ ଭୀଷଣ ଗରମ ଅନୁଭବ ହେଉଥିବାରୁ ପରିବେଶ ସହିତ ଦଳ ଠିକ୍‌ଭାବେ ଖାପଖୁଆଇବାରେ ଅସୁବିଧା ହୋଇଥିଲା। ମାତ୍ର ଏଥର ପରିବେଶ ଅପେକ୍ଷାକୃତ ଥଣ୍ଡା ରହିବ ଏବଂ ଭିନ୍ନ ଖେଳ ଦେଖିବାକୁ ମିଳିବ ବୋଲି ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ ଆଶାପ୍ରକାଶ କରିଛନ୍ତି। ମ୍ୟାଚ ଖେଳିବା ପାଇଁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବାରୁ ସେ ଖୁସି ପ୍ରକଟ କରିବା ସହ ଷ୍ଟାଡିୟମ ଭରପୂର ହକିଦର୍ଶକଙ୍କ ଗହଣରେ ମ୍ୟାଚକୁ

ମହିଳା ବିଭାଗରେ ଭାରତ-ଆମେରିକା କଡ଼ା ଟକ୍କର

ରାଣୀ ରାମପାଲଙ୍କ ସହ କରମର୍ଦ୍ଦନ କରୁଛନ୍ତି ଆମେରିକା ଅଧିନାୟିକା କାଥଲିନ୍ ଶାର୍କି।

ଭାରତୀୟ ରକ୍ଷଣଭାଗରେ ଉନ୍ନତି ପରିଲକ୍ଷିତ ହୋଇଛି। ସୁରେନ୍ଦର କୁମାର ଓ ଜୁନିୟର ବିଶ୍ୱକପ ବିଜୟୀ ଦଳ ସଦସ୍ୟ ହରମନପ୍ରୀତ ସିଂଙ୍କ ଉପସ୍ଥିତିରେ ଦଳର ଡିଫେନ୍ସିବିଭାଗ ବେଶ୍ ଦୃଢ଼ ହୋଇଛି। ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ପ୍ରଦର୍ଶନ ଭଲ ରହିଥିବାବେଳେ ବୀରେନ୍ଦ୍ର ଲାକ୍ରା ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଦୁଇ ଖେଳାଳି ଘରୋଇ ଦର୍ଶକଙ୍କଠାରୁ ଅଧିକ ସମର୍ଥନ ପାଇବା ସ୍ୱାଭାବିକ। ବୀରେନ୍ଦ୍ର ଏବଂ ରୁପିନ୍ଦର ପାଲ୍‌ସିଂଙ୍କ ଉପସ୍ଥିତିରେ ଦଳର ବ୍ୟାକ୍ ଲାଇନ୍ ଶକ୍ତିଶାଳୀ ହୋଇଛି। ୨୦୧୮ ଏସିଆନ ଗେମ୍ସରେ ଭାରତୀୟ ଦଳର ଖରାପ ପ୍ରଦର୍ଶନ ପାଇଁ ରୁପିନ୍ଦରଙ୍କୁ ବାଦ୍ ଦିଆ ଯାଇଥିଲା। ମାତ୍ର ପରେ ସେ ପ୍ରଭାବୀ ପ୍ରଦର୍ଶନ କରି ପୁଣି ଦଳରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି। ସେହିପରି କ୍ୱାଲିଫାୟର୍ସ ପାଇଁ ଘୋଷିତ ୧୮ ଜଣିଆ ଦଳରେ ବୀରେନ୍ଦ୍ର ନ ଥିଲେ ହେଁ ବରୁଣ କୁମାର ଆହତ ହେବାରୁ ସେ ନିଜ ଦକ୍ଷତା ଦେଖାଇବାର ଆଉ ଏକ ସୁଯୋଗ ପାଇଛନ୍ତି। ଅଧିନାୟକ ମନପ୍ରୀତଙ୍କ ସମେତ ହାର୍ଦ୍ଦିକ ସିଂ, ନୀଳକାନ୍ତ ଶର୍ମା ଓ ବିବେକ ସାଗର ପ୍ରସାଦଙ୍କ ଉପରେ ଦଳର ମିଡ୍‌ଫିଲ୍ଡ ଭାରତ ରହିବ। ଅଗ୍ରଭାଗରେ ରହିବେ ମନଦୀପ ସିଂ, ଆକାଶଦୀପ ସିଂ, ଏସଭି ସୁନୀଲ, ରମଣଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସିମରନଜିତ ସିଂ।

ଅଲିମ୍ପିକ୍ସ ଯୋଗ୍ୟତା ଏକମାତ୍ର ଲକ୍ଷ୍ୟ: ରାଣୀ

ଭାରତୀୟ ପୁରୁଷ ଦଳ ଅପେକ୍ଷା ମହିଳା ଦଳକୁ କଷ୍ଟକର ପରିସ୍ଥିତି ଦେଇ ଗତିକରିବାକୁ ପଡ଼ିବ। ଆମେରିକା ର‍ୟାଙ୍କିଙ୍ଗ୍‌ରେ ନିମ୍ନରେ ରହିଥିଲେ ହେଁ ନିକଟ ଅତୀତରେ ବହୁତ ଭଲ ପ୍ରଦର୍ଶନ କରିଛି। ଗତ ମହିଳା ହକି ବିଶ୍ୱକପରେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଆମେରିକା। ଏହି ମ୍ୟାଚ ୧-୧ ଗୋଲରେ ଡ୍ର ରହିଥିଲା। ଭାରତ ବିପକ୍ଷ ହେଡ୍ ଟୁ ହେଡ୍ ରେକର୍ଡରେ ମଧ୍ୟ ଆମେରିକା ବହୁ ଉପରେ ରହିଛି। ରାଣୀ ରାମପାଲଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। ତେଣୁ ଆମେରିକାକୁ ଏଠାରେ କଡ଼ା ଟକ୍କର ଦେବା ଆଶା ରହିଛି। ରାଣୀଙ୍କ ବ୍ୟତୀତ ଡ୍ରାଗ୍‌ଫ୍ଲିକର ଗୁରଜିତ କୌର, ଯୁବ ଫରୱାର୍ଡ ଲାଲରେମସିଆମି ଏବଂ ଗୋଲକପର ସବିତାଙ୍କ ଉପରେ ଦଳର ଭାଗ୍ୟ ଅନେକ ପରିମାଣରେ ନିର୍ଭର କରିବ। ଦଳରେ ସ୍ଥାନ ପାଇଥିବା ୩ ଓଡ଼ିଆ ଖେଳାଳି ଲିଲିମା ମିଞ୍ଜ, ଦୀପ୍ ଗ୍ରେସ୍ ଏକ୍କା ଓ ନମିତା ଟପ୍ପୋଙ୍କ ଉପରେ ମଧ୍ୟ ଦଳ ଅନେକ ନିର୍ଭର କରିବ। କଳିଙ୍ଗ ଷ୍ଟାଡିୟମର ୧୬,୦୦୦ ଦର୍ଶକଙ୍କ ସମ୍ମୁଖରେ ଭାରତୀୟ ମହିଳା ଦଳ ପ୍ରଥମଥରପାଇଁ ମ୍ୟାଚ ଖେଳିବ। ତେବେ ଘରୋଇ ପରିବେଶରୁ ଦଳକୁ ଫାଇଦା ମିଳିବ ଏବଂ ନିଜ ଦକ୍ଷତା ଉପରେ ନିର୍ଭର କରି ଭାରତ ଅଲିମ୍ପିକ୍ସ ଯୋଗ୍ୟତା ପାଇବାକୁ ଚେଷ୍ଟା କରିବ ବୋଲି ରାଣୀ ଆଶାପ୍ରକାଶ କରିଛନ୍ତି। ''ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଆମେ ଏସିଆନ ଗେମ୍ସକୁ ଟାର୍ଗେଟ କରିଥିଲୁ। ମାତ୍ର ଦୁର୍ଭାଗ୍ୟବଶତଃ ତାହା ହୋଇ ନ ପାରିବାରୁ ଆମେ ଏହି ଦୁଇ ମ୍ୟାଚ ଉପରେ ଏକାଗ୍ର ରହିଛୁ। କ୍ୱାଲିଫାୟର୍ସ ପାଇଁ ଆମେ ଭଲଭାବେ ନିଜକୁ ପ୍ରସ୍ତୁତ କରିଛୁ। ଷ୍ଟାଡିୟମଭରା ଘରୋଇ ଦର୍ଶକଙ୍କ ଗହଣରେ ଖେଳିବାକୁ ଯାଉଥିଲେ ହେଁ ଆମ ଉପରେ ଚାପ ନାହିଁ। ମ୍ୟାଚ ଆରମ୍ଭ ହ୍ୱିସିଲ ବାଜିବାକ୍ଷଣି ଆମେ ଆମ ରଣନୀତିକୁ ସଫଳ ରୂପ ଦେବାକୁ ଚାହିଁବୁ। କଳିଙ୍ଗ ଷ୍ଟାଡିୟମରେ ଖେଳିବାପାଇଁ ଆମେ ବ୍ୟଗ୍ର'' ବୋଲି ରାଣୀ ପ୍ରକାଶ କରିଛନ୍ତି। ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମଧ୍ୟ ସମାନ ମତ ଦେଇଛନ୍ତି। ''ଏହି ୨ଟି ମ୍ୟାଚକୁ ଆମେ ପୂରା ବର୍ଷ ଅପେକ୍ଷା କରି ରହିଛୁ। ଆମେ ଏହି ମ୍ୟାଚ ଖେଳିବୁ ବୋଲି ନିଶ୍ଚିତ ଥିଲେ ହେଁ କେଉଁ ଦଳ ବିପକ୍ଷରେ ଏବଂ କେଉଁ ଗ୍ରାଉଣ୍ଡରେ ଖେଳିବୁ ପ୍ରଥମେ ଜାଣି ନ ଥିଲୁ। କେବଳ ନିଜକୁ ଭଲଭାବେ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲୁ। ଏବେ ସେ କ୍ଷଣ ଆସିଯାଇଛି ଏବଂ ଆମେ ପ୍ରସ୍ତୁତ'' ବୋଲି ମାରିଜନେ କହିଛନ୍ତି।

ଅନ୍ୟପକ୍ଷରେ ଆମେରିକା ମହିଳା ହକି ଦଳର ଅଧିନାୟିକା କାଥଲିନ୍ ଶାର୍କି କହିଛନ୍ତି ଯେ ଭାରତୀୟ ଦଳର ପ୍ରଦର୍ଶନରେ ନିକଟ ଅତୀତରେ ବହୁତ ଉନ୍ନତି ପରିଲକ୍ଷିତ ହୋଇଛି। ଆମେ ଏହି ଦଳକୁ ଯେତେଥର ଭେଟିଛୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଛି। ତେଣୁ ଆଗାମୀ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ଆଶା। ଗତ କିଛିଦିନ ଧରି ଆମେ ଏଠାରେ ପରିବେଶ ସହିତ ନିଜକୁ ଖାପ୍ ଖୁଆଇବାକୁ ଚେଷ୍ଟା କରୁଛୁ।

ପ୍ରଥମଥର ପାଇଁ ଆନ୍ତଃସ୍କୁଲ ଗେଟ୍‌ବଲ ଆମୃତୃପ୍ତିର ସ୍ଥାନ ନାହିଁ: ରିଡ୍

ଆନ୍ତଃସ୍କୁଲ ଗେଟ୍‌ବଲ ଚାମ୍ପିୟନଶିପ୍ ସମ୍ପର୍କରେ ସୂଚନା ଦେବା ଅବସରରେ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି) ଇଣ୍ଡିଆନ ଗେଟ୍‌ବଲ୍ ୟୁନିୟନ(ଆଇଜିୟୁ) ଆନୁକୂଲ୍ୟରେ ଭୁବନେଶ୍ୱରରେ ପ୍ରଥମଥର ପାଇଁ ଆନ୍ତଃ ସ୍କୁଲ ଗେଟ୍‌ବଲ ଚାମ୍ପିୟନଶିପ୍ ଚଳିତ ମାସ ୩ ତାରିଖରେ ଅନୁଷ୍ଠିତ ହେବ। ୟୁନିଟ୍-୯ ବାଳିକା ବିଦ୍ୟାଳୟ ଗ୍ରାଉଣ୍ଡରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିବେ ବୋଲି ଗୁରୁବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ପ୍ରକାଶ କରିଛନ୍ତି। ଅଂଶଗ୍ରହଣ କରିବାକୁ ଯାଉଥିବା ଦଳଗୁଡ଼ିକ ହେଲା ୟୁନିଟ୍-୧ ବାଳକ, ୟୁନିଟ୍-୧ ବାଳିକା, ୟୁନିଟ୍-୨ ବାଳିକା, କ୍ୟାପିଟାଲ ହାଇସ୍କୁଲ, ବନବାସୀ କଲ୍ୟାଣ ଆଶ୍ରମ, ସତ୍ୟସାଇ ବାଳିକା ବିଦ୍ୟାଳୟ, ୟୁନିଟ୍-୪ ବାଳିକା ଉଚ୍ଚ ବିଦ୍ୟାଳୟ, ରାମକୃଷ୍ଣ ବିଦ୍ୟାପୀଠ ବାଳିକା ଓ ବାଳକ, ଆଇଆର୍‌ସି ଭିଲେଜ, କିସ୍ ସ୍କୁଲ ବାଳିକା ଓ ବାଳକ, ଓଡିଏମ୍ ସ୍କୁଲ ବାଳକ ଏ', ବାଳକ ବି' ଏବଂ ବାଳିକା, ପଳାଶୁଣୀ ହାଇସ୍କୁଲ, ୟୁବିଏସ୍‌ଏସ୍ ଟିମ୍, ଜାଭିୟର କେଦାରଗୌରୀ, ଡିଏଭି ପୋଖରୀପୁଟ, ୟୁନିଟ୍-୯ ବାଳିକା ବିଦ୍ୟାଳୟ, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଡିଏମ୍ ସ୍କୁଲ, ଭିଇଏମ୍ ସ୍କୁଲ ଚନ୍ଦ୍ରଶେଖରପୁର ଓ ରସୁଲଗଡ଼।

ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଲିଗ୍ ମ୍ୟାଚ୍ ପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଏବଂ ସର୍ବାଧିକ ସ୍କୋର କରିଥିବା ପରବର୍ତ୍ତୀ ୨ଟି ଲେଖାଏ ଦଳକୁ ନେଇ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ। ଅତିକମ୍‌ରେ ସେମିଫାଇନାଲରେ ପ୍ରବେଶ କରିଥିବା ଦଳଗୁଡ଼ିକୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ। ତେବେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ

ସଂକ୍ଷେପରେ

ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ଶିବ ଥାପ୍ପା, ପୂଜାଙ୍କୁ ସ୍ୱର୍ଣ୍ଣ

ଟୋକିଓ, ୩୧।୧୦ (ପି.ଟି.)- ଦୁଇ ଭାରତୀୟ ବକ୍ସର ଶିବ ଥାପ୍ପା ଓ ପୂଜାରାଣୀ ଏଠାରେ ଚାଲିଥିବା ଅଲିମ୍ପିକ ଟେଷ୍ଟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନ୍ୟତମ ବକ୍ସର ଆଶିଷଙ୍କୁ କିନ୍ତୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୁରୁଷ ୬୩ କିଗ୍ରା ଫାଇନାଲରେ ଚାରିଥର ଏସିଆନ ପଦକ ବିଜେତା ଶିବ ୫-୦ରେ କାଜାଖସ୍ତାନର ଜାତୀୟ ଚାମ୍ପିୟନ ସନତାଲି ତୋଲତାୟେଭଙ୍କୁ ପରାସ୍ତ କରିଛନ୍ତି। ଥାପ୍ପା ମଧ୍ୟ ବର୍ତ୍ତମାନ ଜାତୀୟ ଚାମ୍ପିୟନ ରହିଥିବାବେଳେ ପୂର୍ବରୁ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ମଧ୍ୟ ଜିତି ସାରିଛନ୍ତି। ସେହିଭଳି ମହିଳା ୭୩ କିଗ୍ରା ବିଭାଗରେ ପୂଜା ଅଷ୍ଟ୍ରେଲିଆର କାଟଲିନ ପାର୍କରଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ୬୯ କିଗ୍ରାରେ କିନ୍ତୁ ଆଶିଷ ନିରାଶ କରିଥିଲେ। ଫାଇନାଲରେ ସେ ଜାପାନର ସିଓ୍ୱନ ଓକାଭାଓ୍ୱାଙ୍କ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାରେ ନିଖାତ୍ ଜରିନ (୫୧ କିଗ୍ରା), ସିମରନଜିତ୍ କୌର (୬୦ କିଗ୍ରା), ସୁମିତ୍ ସାଙ୍ଗୱାନ (୯୧ କିଗ୍ରା) ଓ ଭାଲିଙ୍ଗୁଇ (୭୫ କିଗ୍ରା) ସେମିଫାଇନାଲରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲେ।

ଅଂଶୁମାନଙ୍କୁ ବ୍ରୋଞ୍ଜ ପଦକ

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି): ସିଙ୍ଗାପୁରଠାରେ ଚଳିତ ମାସ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ୮ମ ସିଙ୍ଗାପୁର ଓପନ ପେନ୍‌ଚାକ୍ ସିଲାଟ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ, ସିଙ୍ଗାପୁର, ଚାଇନା, ମାଲେସିଆ, ଫିଲିପାଇନ୍ସ, ୟୁଏସ୍‌ଏ, ଇଣ୍ଡୋନେସିଆ, ଦକ୍ଷିଣ କୋରିଆ ଆଦି ୮ ଦେଶ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଭାରତ ପାଇଁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଅଂଶୁମାନ କୁମାର ଚନ୍ଦ୍ରବଂଶି ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ଚେଞ୍ଜିଂ ଇଭେଣ୍ଟ (ଫାଇଟ୍)ରେ ଏହି ସଫଳତା ହାସଲ କରି ରାଜ୍ୟ ତଥା ଦେଶକୁ ଗର୍ବିତ କରିଛନ୍ତି। ସେ ଗୁରୁବାର ଝାରୁସୁଗୁଡ଼ା ରେଲୱେ ଷ୍ଟେଶନରେ ପହଞ୍ଚିବା ପରେ ପେନ୍‌ଚାକ୍ ସିଲାଟ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

ଓଡ଼ିଶା ଏଫ୍‌ସିର ପ୍ରଥମ ବିଜୟ

ଭୁବନେଶ୍ୱର, ୩୧।୧୦(କ୍ରୀଡ଼ା ପ୍ରତିନିଧି)

ଚଳିତ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫସି ଗୁରୁବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି। ମୁମ୍ବାଇ ଫୁଟବଲ ଏରେନାରେ ଅନୁଷ୍ଠିତ ଲିଗର ଦ୍ୱାଦଶ ମ୍ୟାଚରେ ଘରୋଇ ମୁମ୍ବାଇ ସିଟି ଏଫସିକୁ ୪-୨ ଗୋଲରେ ହରାଇ ନବାଗତ ଓଡ଼ିଶା ଏଫ୍‌ସି ଚମକ ସୃଷ୍ଟି କରିଛି। କ୍ରମାଗତ ଦୁଇଟି ପରାଜୟ ପରେ ଓଡିଶା ଏଫସିର ଏହା ପ୍ରଥମ ବିଜୟ। ଅନ୍ୟ ପକ୍ଷରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଏବଂ ଚେନ୍ନାଇନ ଏଫ୍‌ସି ବିପକ୍ଷରେ କ୍ରମାଗତ ଦୁଇଟି ବାହାର ମ୍ୟାଚ ଖେଳି ସିଜନ ଆରମ୍ଭ କରିଥିବା ମୁମ୍ବାଇ ସିଟିର ଏହା ପ୍ରଥମ ପରାଜୟ। କୋଚିଠାରେ ସେମାନେ ପୂରା ତିନି ପଏଣ୍ଟ ପାଇଥିବା ବେଳେ ଚେନ୍ନାଇଠାରେ ଗୋଟିଏ ପଏଣ୍ଟରେ ସନ୍ତୁଷ୍ଟ ହୋଇଥିଲେ।

ଗୁରୁବାର ମ୍ୟାଚରେ ଦୁଇଟି ଗୋଲ ଦେଇ ଓଡିଶା ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଆରିଡେନ ସାଙ୍କାନା। ଓଡିଶା ଏଫସି ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ମଧ୍ୟାନ୍ତର ସୁଦ୍ଧା ୩-୦ ଗୋଲରେ ଆଗୁଆ ରହିଥିଲା। ଦଳ ପକ୍ଷରୁ ପ୍ରଥମ ଗୋଲ ସିସ୍କୋ ହର୍ନାଣ୍ଡେଜ ଷଷ୍ଠ ମିନିଟରେ ସ୍କୋର କରିଥିଲେ। ଏହି ଗୋଲ ପାଇଁ ତାଙ୍କୁ ପାସ୍ ଦେଇଥିଲେ ସାଙ୍କାନା। ଖେଳର ୨୧ତମ ମିନିଟରେ ସାଙ୍କାନା ତାଙ୍କର ପ୍ରଥମ ଗୋଲ ଦେଇ ଓଡିଶା ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ଦଳ ପକ୍ଷରୁ ତୃତୀୟ ଗୋଲ ୪୧ତମ ମିନିଟରେ ସ୍କୋର କରିଥିଲେ ଜେରୀ ମାଅମିଙ୍ଗଥାଙ୍ଗା। ପ୍ରଥମାର୍ଦ୍ଧରେ ସମ୍ପୂର୍ଣ୍ଣ ନୈରାଶ୍ୟଜନକ ଖେଳ ପ୍ରଦର୍ଶନ କରିଥିବା ମୁମ୍ବାଇ ସିଟି ଦଳ ଦ୍ୱିତୀୟାର୍ଦ୍ଧରେ ମହମଦ ଲାର୍ବିଙ୍କ ଗୋଲ ବଳରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ୫୧ତମ ମିନିଟରେ ପେନାଲଟି କିକ୍ ଯୋଗେ ଏହି ଗୋଲ ସ୍କୋର କରିଥିଲେ ଲାର୍ବି। ତେବେ ୭୩ତମ ମିନିଟରେ ସାଙ୍କାନାଙ୍କ ଦ୍ୱିତୀୟ ଗୋଲ ବଳରେ ଓଡିଶା ଏଫସି ଅଗ୍ରଣୀ ବ୍ୟବଧାନ ୪-୧କୁ ବୃଦ୍ଧି କରିଥିଲା। ମ୍ୟାଚର ଅନ୍ତିମ ମିନିଟରେ ମୁମ୍ବାଇ ସିଟି ପକ୍ଷରୁ ବିପିନ ସିଂ ଗୋଟିଏ ଗୋଲ ଦେଇ ପରାଜୟ ବ୍ୟବଧାନ ୨-୪କୁ ହ୍ରାସ କରିଥିଲେ। ଏହି ମ୍ୟାଚରେ ମାରୁତି ସୁବୁକି ଲିମିଟଲେସ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ଓଡିଶା ଏଫସିର ଡିଫେଣ୍ଡର ଶୁଭମ ଷଡଙ୍ଗୀଙ୍କୁ ଏବଂ ହିରୋ ଅଫ ଦି ମ୍ୟାଚ ପୁରସ୍କାର ତାଙ୍କ ଦଳର ଜେରୀ ମାଅିମିଙ୍ଗଥାଙ୍ଗାଙ୍କୁ ପ୍ରଦାନ କରାଯାଇଥିଲା। ଆଇସଏଲ ଇମର୍ଜିଂ ପ୍ଲେୟର ଅଫ ଦି ମ୍ୟାଚ ପୁରସ୍କାର ମଧ୍ୟ ଓଡିଶା ଦଳକୁ ଯାଇଥିଲା ଏବଂ ଏହା ଗ୍ରହଣ କରିଥିଲେ ନନ୍ଦକୁମାର ସେକର।

ବିଜୟ ହାସଲ ପରେ ଓଡ଼ିଶା ଏଫ୍‌ସି ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

ପୁରସ୍କାର ଗ୍ରହଣ କରୁଛନ୍ତି ଶୁଭମ ଷଡଙ୍ଗୀ।

ଆଇଏସ୍‌ଏଲ୍ ପୁରସ୍କାର

- ଲିମିଟଲେସ ପ୍ଲେୟର ଅଫ ଦି ମ୍ୟାଚ: ଶୁଭମ ଷଡଙ୍ଗୀ
- ହିରୋ ଅଫ ଦି ମ୍ୟାଚ: ଜେରୀ ମାଓ୍ଚିମିଙ୍ଗଥାଙ୍ଗା
- ଇମର୍ଜିଂ ପ୍ଲେୟର ଅଫ ଦି ମ୍ୟାଚ : ନନ୍ଦକୁମାର

ଦୃଢ଼ ସ୍ଥିତିରେ ଓଡ଼ିଶା

କଟକ ଅଫିସ,୩୧।୧୦

ଗୁଆହାଟୀର ଏସିଏ ଷ୍ଟାଡିୟମରେ ବୁଧବାରଠାରୁ ୧୬ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଓଡ଼ିଶା-ଆସାମ ବିପକ୍ଷ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୯୩ ରନରେ ଅଲଆଉଟ ହୋଇଥିବା ବେଳେ ଓଡ଼ିଶା ପ୍ରଥମ ଦିବସ ଷଷ୍ଠ ଅପସାରଣ ସୁଦ୍ଧା ୩ ଉଇକେଟ ବିନିମୟରେ ୧୦୧ରନ କରିବା ସହ ୮ରନର ଅଗ୍ରଣୀ ହାସଲ କରିଛି। ଚଳିତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଏଯାବତ ଉଚ୍ଚକୋଟୀର ରହିଛି। ୩ଟି ମ୍ୟାଚ୍ ଖେଳି ସାରିଥିବା ଓଡ଼ିଶା ଏପର୍ଯ୍ୟନ୍ତ ପରାସ୍ତ ହୋଇନାହିଁ। ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ତ୍ରିପୁରାକୁ ୭୯ରନରେ ଓ ବିହାରକୁ ୪୫ରନରେ ପରାସ୍ତ କରିଥିବା ବେଳେ ଝାଡ଼ଖଣ୍ଡ ବିପକ୍ଷ ୩ୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଉଭୟ ଦଳ ପଏଣ୍ଟ ବାଣ୍ଟି ନେଇଥିଲେ। ଆସାମ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଓଡ଼ିଶା ବିଜୟୀ ହେବ ବୋଲି ଆଶା ରହିଛି।

ଆସାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଏହି ମ୍ୟାଚ୍‌ରେ ଓଡ଼ିଶାର ତାରିଣୀ ପ୍ରସାଦ ନାୟକ ୫ଟି ଓ ଓମ୍‌ପ୍ରକାଶ ସାହୁ ୪ଟି ଉଇକେଟ ଦଖଲ କରି ଆସାମର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଆସାମ ଉଇକେଟ କିପର ଇର୍ଫାନ ଅନସାରୀ ସର୍ବାଧିକ ୨୬ରନ କରିଥିଲେ। ଓଡ଼ିଶାର ଦୁଇ ଓପନର ତନୟ କୁମାର ବିଶ୍ୱାଳ ୧୯ରନରେ ଓ ଆଶୀର୍ବାଦ ସ୍ୱାଇଁ ୩୪ରନରେ, ବ୍ୟାଟିଂ କ୍ରମ ୪ ନମ୍ବରରେ ଆସିଥିବା ସୁଦର୍ଶନ ସ୍ୱାଇଁ ୯ରନରେ ଆଉଟ ହୋଇଛନ୍ତି। ସାଇଦୀପ ମହାପାତ୍ର ୨୩ ଓ ଶୁଭମ ନାୟକ ୨ରନ କରି ଅପରାଜିତ ଅଛନ୍ତି। ଆସାମର ଅଙ୍କୁର ଗୋଗେଇ ୨ଟି ଉଇକେଟ ଦଖଲ କରିଥିଲେ। ଓଡ଼ିଶା ଅବଶିଷ୍ଟ ୭ ଉଇକେଟରେ ବିଶାଳ ଅଗ୍ରଣୀ ହାସଲର ସୁଯୋଗ ସୃଷ୍ଟି କରିଛି ।

ଛତିଶଗଡ଼ଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୩୧।୧୦

ଡେରାଡୁନସ୍ଥିତ ଅଭିମନ୍ୟୁ କ୍ରିକେଟ ଏକାଡେମୀରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬ଉଇକେଟରେ ଛତିଶଗଡ଼ଠାରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ଉଇକେଟ ବିନିମୟରେ ୨୦୯ରନ କରିଥିଲା। ୪ ଉଇକେଟ ହରାଇ ଛତିଶଗଡ଼ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପ୍ରତିଯୋଗିତାରେ ଓଡ଼ିଶା ଏଲିଟ୍ ଗ୍ରୁପ-ସି'ରେ ସ୍ଥାନ ପାଇଛି।

ଛତିଶଗଡ଼ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ପ୍ରଥମ ଓଭରର ଶେଷ ବଲରେ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ସିଦ୍ଧାର୍ଥ ଶିବ ଅଗ୍ରୱାଲଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପରେ ସ୍ୱସ୍ତିକ ସାମଲ ଓ ଦେବାଶିଷ ସାମନ୍ତରାୟ ୨ୟ ଉଇକେଟ ଯୋଡ଼ିରେ ୪୩ରନ ସଂଗ୍ରହ କରିଥିଲେ। ସ୍ୱସ୍ତିକ ୧୫ରନରେ ଆଉଟ ହେବା ପରେ ଓଡ଼ିଶାର ମଧ୍ୟକ୍ରମ ବିଫଳ ହୋଇଥିଲା। ସୌଭାଗ୍ୟ ରଞ୍ଜନ ମିଶ୍ର ୮, କ୍ଷମାସାଗର ବଳ ୩, ସୋମେନ ଚାନ୍ଦ ୧୧ରନରେ ଆଉଟ ହୋଇଥିଲେ। ସ୍ପିନର ରାଜକିଶନ ପଟେଲ ୨୫ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୪୦ବଲରୁ ୮୬ରନ ସଂଗ୍ରହ କରି ଦେବାଶିଷ ଅନ୍ତିମ ପର୍ଯ୍ୟନ୍ତ ଅପରାଜିତ ଥିଲେ। ଜାମେଲା ଭଞ୍ଜନ ମହାପାତ୍ର ୦, ତାରିଣୀ ଶ' ୧୩ ରନ, ରାହୁଲ ଚୌଧୁରୀ ୨ରନ ଓ ପ୍ରୀତ କନୱର ସିଂ ଚୌହ୍ୱାନ ୧ରନରେ ଆଉଟ ହୋଇଥିଲେ। ଛତିଶଗଡ଼ ପକ୍ଷରୁ ଆକାଶ ସାକ୍ସେନା, ଏମ୍. ସାମୁଏଲ ଓ ଆଶିଷ ପାଣ୍ଡେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ୨୧୦ ରନର ବିଜୟଲକ୍ଷ୍ୟକୁ ସହଜରେ ସଂଗ୍ରହ କରିଥିଲା ଛତିଶଗଡ଼। ଓପନର ସାନିଧ ସୁରକତ ଓ ଆଶିଷ ପାଣ୍ଡେ ଓପନିଂ ଯୋଡ଼ିରେ ୧୧୦ରନ ଯୋଗ କରିଥିଲେ। ଆଶିଷ ୫୧ରନର ଧୁଆଁଧାର ଇନିଂସ ଖେଳିଛନ୍ତି। ସାନିଧ ୩୬ରନ, ପ୍ରତୀକ ଯାଦବ ୮ରନ, ସଞ୍ଜିତ ଜିତେନ୍ଦ୍ର ୩୯ରନରେ ଆଉଟ ହୋଇଥିଲେ।

ଦେଓଧର ଟ୍ରଫି: ଭାରତ ବି'ର ବୃହତ୍ ବିଜୟ

ରାଞ୍ଚି, ୩୧।୧୦ (ପି.ଟି.)

ଓପ୍ନର ରୁତୁରାଜ ଗାଏକ୍ୱାଡ ଓ ବାବା ଅପରାଜିତଙ୍କ ଦମ୍‌ଦାର ଶତକ ସହାୟତାରେ ଭାରତ ବି' ଏଠାରେ ଖେଳାଯାଇଥିବା ଦେଓଧର ଟ୍ରଫିର ପ୍ରାରମ୍ଭିକ ଦିନିକିଆ ମ୍ୟାଚ୍‌ରେ ଭାରତ ଏ'କୁ ବୃହତ୍ ୧୦୮ ରନ୍‌ରେ ପରାସ୍ତ କରିଛି। ସ୍ଥାନୀୟ ଝାଡ଼ଖଣ୍ଡ ଷ୍ଟେଟ୍ କ୍ରିକେଟ ଆସୋସିଏଶନ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଗୁରୁବାର ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ବି' ୫୦ ଓଭରରେ ୬ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ଏ' ୪୭.୨ ଓଭରରେ ୧୯୪ ରନ୍ କରି ଅଲ୍‌ଆଉଟ ହେବା ସହ ପରାସ୍ତ ହୋଇଛି। ଏହି ବିଜୟ ସହ ଭାରତ ବି' ୪ ପଏଣ୍ଟ ହାସଲ କରିଛି।

୩୦୩ ରନ୍ ଟାର୍ଗେଟ୍‌ର ପିଛାକରି ଭାରତ ଏ' ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ନିୟମିତ ଭାବେ ଉଇକେଟ ହରାଇଥିଲା। ଅଧିନାୟକ ହନୁମା ବିହାରୀ ସର୍ବାଧିକ ୫୯ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଦଳ ତରଫରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ୨୬, ଅମନଦୀପ ଖାରେ ୨୫, ଓପ୍ନର ଅଭିମନ୍ୟୁ ଈଶ୍ୱରନ ୨୦, ଶାହବାଜ ଅହମ୍ମଦ ୧୮, ବିଷ୍ଣୁ ବିନୋଦ ୧୧, ଦେବଦୂତ ପଡିକାଲ ୧୦ ରନ୍ ସଂଗ୍ରହ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ବି' ତରଫରୁ ରୁଷ୍ କାଲାରିଆ ୩, ମହମ୍ମଦ ସିରାଜ ୨, କ୍ରିଷ୍ଣାପ୍ପା ଗୋଥାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଶତକ ହାସଲ ଅବସରରେ ରୁତୁରାଜ ଗାଏକ୍ୱାଡ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ବି' ତରଫରୁ ରୁତୁରାଜ ଗାଏକ୍ୱାଡ ୮ ଚୌକା ଓ ୪ ଛକା ସହ ୧୨୨ ବଲରୁ ୧୧୩ ରନ୍‌ର ଶତକୀୟ ପାଳି ଖେଳିଥିଲେ। ସେହିପରି ବାବା ଅପରାଜିତ ୬ ଚୌକା ଓ ୨ ଛକା ସହ ୧୦୧ ବଲ୍‌ର ସମ୍ମୁଖୀନ ହୋଇ ୧୦୧ ରନ୍ କରି ରନ୍‌ଆଉଟ ହୋଇଥିଲେ। ବିଜୟ ଶଙ୍କର ୨୬ ରନ୍ କରି ଆଉଟ ହୋଇଥିବା ବେଳେ ଗୋଥାମ ୧୯ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ଏ' ପକ୍ଷରୁ ଜୟଦେବ ଉନାଡକଟ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏ, ସିଦ୍ଧାର୍ଥ କାଉଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ସଂକ୍ଷିପ୍ତ ସ୍କୋର:
ଭାରତ ବି'- ୫୦ ଓଭରରେ ୩୦୨/୬ (ଗାଏକ୍ୱାଡ- ୧୧୩, ଅପରାଜିତ- ୧୦୧, ଅଶ୍ୱିନ- ୨/ ୪୦, ଉନାଡକଟ- ୨/୪୭)। ଭାରତ ଏ'- ୪୭.୨ ଓଭରରେ ୧୯୪ ଅଲ୍‌ଆଉଟ (ବିହାରୀ- ୫୯, କାଲାରିଆ- ୩/୨୦, ସିରାଜ- ୨/୩୦)।

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳ ଘୋଷିତ

ଭୁବନେଶ୍ୱର,୩୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ୨୦୧୯-୨୦ ସିଜନରେ ହେବାକୁ ଥିବା ନାଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ୩ ଲିଗ୍ ମ୍ୟାଚ୍ ପାଇଁ ଗୁରୁବାର ୧୪ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଯାଇଛି। ଗତ ସିଜନ ଚାମ୍ପିୟନ ଓଡ଼ିଶା ସମେତ ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ରାଜ୍ୟର ଦଳ ଅଂଶଗ୍ରହଣ କରିବେ। ସମସ୍ତ ଦଳକୁ ଏ, ବି, ସି, ଡି ଆଦି ୪ ଗ୍ରୁପ୍‌ରେ ଭାଗ କରାଯାଇଛି। ଏ ଓ ବି ଗ୍ରୁପ୍‌ରୁ ୩ ଲେଖାଏ ଏବଂ ସି ଓ ଡିରୁ କେବଳ ଗୋଟିଏ ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍ ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ନାଟକ, ହରିୟାଣା ଓ ଗୋଆ ଭଳି ଦଳଗୁଡ଼ିକୁ ସ୍ଥାନିତ କରାଯାଇଛି। ପ୍ରତ୍ୟେକ ଦଳ ୫ଟି ଲିଗ୍ ମ୍ୟାଚ୍ ଖେଳିବେ। ଓଡ଼ିଶା ଦଳ ତା'ର ପ୍ରଥମ ଦୁଇ ମ୍ୟାଚ୍ ନଭେମ୍ବର ୯ ଓ ୧୦ ତାରିଖରେ ଲକ୍ଷ୍ନୌଠାରେ ଖେଳିବ। ସେହିଭଳି ହରିୟାଣାର ଫରିଦାବାଦଠାରେ ଡିସେମ୍ବର ୧ ଓ ୩ ତାରିଖରେ ଅନ୍ତିମ ଦୁଇ ମ୍ୟାଚ୍ ଖେଳାଯିବାର ଅଛି। ଓଡ଼ିଶା ଦଳ ପାରାମାଉଣ୍ଟ କ୍ରିକେଟ କ୍ଲବର ଟର୍ଫ ଗ୍ରାଉଣ୍ଡରେ ଅଭ୍ୟାସ କରିବ। ମାଗଣାରେ ଅଭ୍ୟାସ ଗ୍ରାଉଣ୍ଡ ଯୋଗାଇଥିବାରୁ କ୍ଲବର ଚେୟାରମ୍ୟାନ ପ୍ରତାପ କୁମାର ଜେନାଙ୍କୁ ଦୃଷ୍ଟିହୀନଙ୍କ ଲାଗି ଉଦ୍ଦିଷ୍ଟ କ୍ରିକେଟ ଆସୋସିଏଶନ (କାଭି) ପକ୍ଷରୁ ଧନ୍ୟବାଦ୍ ଦିଆଯାଇଛି।

ଦୃଷ୍ଟିହୀନ ଓଡ଼ିଶା ଦଳ: ମହମ୍ମଦ ଜାଫର ଇକ୍‌ବାଲ (ଅଧିନାୟକ), କାଳିଆ ପ୍ରଧାନ, ତପନ କୁମାର ଗୌଡ଼, ଦେବରାଜ ବେହେରା, ଅନିଲ ମଲ୍ଲିକ, ନକୁଳ ବଡ଼ନାୟକ, ପଙ୍କଜ ଭୁଇ, ଲିଙ୍ଗରାଜ ରାଉତ୍ରା, ସୁଖରାମ ମାଝି, ସିଙ୍ଗରାଇ ମାଝି, ଧନପତି ଗୌଡ଼, ଜୁଆର ବାରି, ଶୁକଦେବ ସୋରେନ ଓ ଲାଲ୍‌ପ୍ରସାଦ ସୋରେନ। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ବିରଞ୍ଚି ନାରାୟଣ।

ନାଗେଶ ଟ୍ରଫି ପାଇଁ ମନୋନୀତ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଦଳ।

ବକ୍ସିଂ ଆଥ୍‌ଲେଟ୍ ଆମ୍ବାସାଡର ଗ୍ରୁପ୍‌ରେ ମେରୀକମ୍

ନୂଆଦିଲ୍ଲୀ, ୩୧।୧୦ (ପି.ଟି.)

ଆସନ୍ତା ବର୍ଷ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସରେ ବକ୍ସିଂରୁ ପ୍ରତିନିଧିତ୍ୱ ପାଇଁ ଆଇଓସି ପକ୍ଷରୁ ଗଠିତ ୧୦ ଜଣିଆ ଆଥ୍‌ଲେଟ୍ ଆମ୍ବାସାଡର ଗ୍ରୁପ୍‌ରେ ଛ'ଥର ବିଶ୍ୱ ବିଜୟିନୀ ଷ୍ଟାର୍ ଭାରତୀୟ ବକ୍ସର ଏମ୍.ସି. ମେରୀକମ୍‌ଙ୍କୁ ସାମିଲ କରାଯାଇଛି। ଏହି ଗ୍ରୁପ୍‌ରେ ମେରୀକମ୍ ଏସିଆରୁ ପ୍ରତିନିଧିତ୍ୱ କରିବେ, ଯେଉଁଥିରେ ଦୁଇଥର ଅଲିମ୍ପିକ ଓ ବିଶ୍ୱ ସ୍ୱର୍ଣ୍ଣ ପଦକ ବିଜେତା ୟୁକ୍ରେନର କିମ୍ବଦନ୍ତୀ ଭାସେଲ ଲାମାଚେଙ୍କୋ (ୟୁରୋପ୍) ଏବଂ ପାଞ୍ଚଥର ବିଶ୍ୱ ବିଜେତା କ୍ୟୁବାର ଜୁଲିଓ କେସାର ଲା କ୍ରୁଜ (ଆମେରିକା) ପ୍ରମୁଖ ରହିଛନ୍ତି। ୩୬ ବର୍ଷୀୟା ମେରୀକମ୍ ରୁଷିଆରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ଚାମ୍ପିୟନଶିପ୍‌ର ସଦ୍ୟତମ ସଂସ୍କରଣରେ ୫୧ କିଗ୍ରା ବିଭାଗରେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ତାଙ୍କର ଏହା ୮ମ ପଦକ ଥିଲା। ଏଥିସହ ଏହି ମଣିପୁର ଷ୍ଟାର୍ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ସବୁଠାରୁ ସଫଳତମ ବକ୍ସର ହେବାର କୃତିତ୍ୱ ଅର୍ଜନ କରିଥିଲେ। ମେରୀକମ୍ ଏହା ବ୍ୟତୀତ ୫ଥର ଏସିଆ ଚାମ୍ପିୟନ ହୋଇଥିବାବେଳେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ମଧ୍ୟସ୍ୱର୍ଣ୍ଣ ପଦ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧/୨୦୧୯ Bhubaneswar, Friday, November 1/2019

ସଂକ୍ଷେପରେ

୨୪ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମ୍ନି ମିଟ୍

■ ଯୋଗଦେବେ ୮ ହଜାରରୁ ଅଧିକ ପୂର୍ବତନ ଛାତ୍ରୀଛାତ୍ର

ଭୁବନେଶ୍ୱର,୩୧।୧୦(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ ଜୁବ୍ଲି ଆସନ୍ତା ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଲଗାତର ୫ଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମ ମଞ୍ଚରେ ଏକ ନୂଆ କାର୍ଯ୍ୟକ୍ରମ ହେବା ନେଇ ଗୁରୁବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥିର କରାଯାଇଛି। ୨୪ ତାରିଖରେ ରବିବାର ପଡୁଥିବା କାରଣରୁ ଏହି ଦିନ ବହୁ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଡକାଯାଇ ଏକ କାର୍ଯ୍ୟକ୍ରମ ହେବ। ଏଥିରେ ପ୍ରାୟ ୮ ହଜାରରୁ ଅଧିକ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଏକାଠି କରିବାକୁ ସ୍ଥିର କରାଯାଇଛି। ସବୁ ବିଭାଗର ମୁଖ୍ୟମାନଙ୍କୁ ଏନେଇ ଦାୟିତ୍ୱ ଦିଆଯାଇଛି। ବିଭାଗୀୟ ମୁଖ୍ୟମାନେ ପୂର୍ବତନ ଛାତ୍ରଙ୍କ ସହ ଯୋଗାଯୋଗ ବ୍ୟବସ୍ଥା କରି ସମସ୍ତଙ୍କୁ ଏକାଠି କରିବାର ଦାୟିତ୍ୱ ନେବେ। ଏହିଦିନ ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟରେ ଥିବା ଭଲ ପ୍ରତିଭାବାନ ପିଲାଙ୍କୁ ନେଇ କରାଯିବ। ଏହାସହ ପୂର୍ବତନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଯେଉଁମାନେ ଉଚ୍ଚ ପଦ ପଦବୀରେ ଅଛନ୍ତି ସେମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯିବାର କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି। ଆଜିର ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ମଧ୍ୟ ଯୋଗଦେଇଥିଲେ। ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

ଆଜିଠାରୁ ସିଲ୍‌କ ଇଣ୍ଡିଆ ଏକ୍ସପୋ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ): ନଭେମ୍ବର ୧ରୁ ୟୁନିଟ୍-୩ସ୍ଥିତ ଇଡ଼କୋ ପ୍ରଦର୍ଶନୀ ପଡ଼ିଆରେ ଦୀର୍ଘ ୧୧ଦିନ ବ୍ୟାପି ଆୟୋଜିତ ହେବାକୁ ଯାଉଛି ସିଲ୍‌କ ଇଣ୍ଡିଆ ଏକ୍ସପୋ। ଏଥିରେ ସିଲ୍‌କ ଶାଢ଼ି ବୁଣାକାରଙ୍କ ସମେତ ସିଲ୍‌କ କୋଅପରେଟିଭ୍ ସୋସାଇଟିମାନେ ଯୋଗଦେଇ ୬୫ ଷ୍ଟଲରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶିତ ଏବଂ ବିକ୍ରୟ କରିବେ। ପ୍ରଦର୍ଶନୀରେ ମହାଶୂର ସିଲ୍‌କ ଶାଢ଼ିରୁ ଆରମ୍ଭକରି କ୍ରେପ୍ ଏବଂ ଜର୍ଜେଟ ସିଲ୍‌କ ଶାଢ଼ି, ସିଫନ୍ ସିଲ୍‌କ ଶାଢ଼ି ଭଳି ବିଭିନ୍ନ କିସମର ଶାଢ଼ି ଉପଲବ୍ଧ ହେବ। ପ୍ରଦର୍ଶନୀ ମାଧ୍ୟମରେ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ମାଛଧରା ବନ୍ଦ

କାକଟପୁର, ୩୧।୧୦(ଡି.ଏନ୍.ଏ.): ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ତାରିଖ ଠାରୁ ଅସ୍ତରଙ୍ଗ ଦେବୀ ମୁହାଁଣଠାରୁ କେଲୁଣୀ ମୁହାଣ ପର୍ଯ୍ୟନ୍ତ ମାଛଧରା ଉପରେ ସରକାର କଟକଣା ଜାରି କରିଛନ୍ତି। ନଭେମ୍ବର ୧ରୁ ଆସନ୍ତା ବର୍ଷ ମେ ୩୦ପର୍ଯ୍ୟନ୍ତ ଏହି ନିଷେଧାଦେଶ ଜାରି କରାଯାଇଥିବା କହିଛନ୍ତି ଅସ୍ତରଙ୍ଗ ବନାଞ୍ଚଳ ଅଧିକରୀ ହିମାନ ନାୟକ। ଏହି ସମୟରେ ବନ ବିଭାଗ, ମତ୍ସ୍ୟ ବିଭାଗ, ପୋଲିସ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯିବକୁ ବ୍ୟବସ୍ଥା ହୋଇଥିବା ନାୟକ ସୂଚନା ଦେବା ସହିତ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରିଲେ ଓମଫ୍ରା ଆଇନଅନୁସାରେ ଟ୍ରଲର, ଡଙ୍ଗା, ଟାପା ସବୁକୁ ଜବତ କରାଯିବ ବୋଲି କହିଥିଲେ।

ରେଳଷ୍ଟେଶନରୁ ଯୁବକଙ୍କ ମୃତଦେହ ଉଦ୍ଧାର

କଟକ ରୋଡ,୩୧।୧୦(ଡି.ଏନ୍.ଏ.): ଭୁବନେଶ୍ୱର ରେଲୱେ ଷ୍ଟେଶନରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ ଧାର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କର ବୟସ ୩୦ବର୍ଷ ହେବ। ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୯ଟା ରେ ଯୁବକଜଣକ ରେଳଷ୍ଟେଶନର ମୁଖ୍ୟ ଗେଟ ସମ୍ମୁଖରେ ପଡ଼ିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ସଂରକ୍ଷିତ ଗୃହରେ ରଖିଛି। ଏ ନେଇ ଜିଆରପି ଥାନାରେ ଏକ ମାମଲା (ନଂ.୯୧/୧୯)ରୁଜୁ ହୋଇଛି।

■ ଖଣି ମାଫିଆ ମହମ୍ମଦ ତାବ୍ରେଜଙ୍କୁ ମାରାଥନ ଜେରା

ମିଳିଲା ଟିଟୋ ଲିଙ୍କ୍, ଦୁବାଇରେ ଲେଡି ଡନ୍

■ ଝାରପଡ଼ା ଜେଲ୍‌ରୁ ଚଳାଉଛନ୍ତି ଅପରାଧ ସାମ୍ରାଜ୍ୟ
■ ତାବ୍ରେଜଙ୍କ ଦୁଇ ଘର ଉପରେ ଏସ୍‌ଟିଏଫ୍ ଚଢ଼ାଉ
■ ବିଭିନ୍ନ କାଗଜପତ୍ର ଓ ସାମଗ୍ରୀ ଜବତ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଖୋର୍ଦ୍ଧା ବେଆଇନ ପଥରଖଣି କାରବାର ଅନ୍ୟତମ ମାଷ୍ଟରମାଇଣ୍ଡ ମହମ୍ମଦ ତାବ୍ରେଜଙ୍କୁ ଏସ୍‌ଟିଏଫ୍ କଲିକତାରୁ ଗିରଫ କରିବା ପରେ ୨ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଛି। ଜେରାବେଳେ ଏସ୍‌ଟିଏଫ୍ ହାତରେ ବହୁ ବଡ଼ ତଥ୍ୟ ଲାଗିଛି। ତାବ୍ରେଜ ଖୋର୍ଦ୍ଧାର ଲେଡି ଡନ୍‌ଙ୍କ ସହ ଉତ୍ତମ ସମ୍ପର୍କ ରଖି ବେଆଇନ ପଥର ଖନନ ଓ ଚାଲାଣ କରୁଥିଲେ। ଖୋର୍ଦ୍ଧାସ୍ଥିତ ଭଡ଼ା ଘରେ କଳା କାରବାରର ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ ହେଉଥିବା ତାବ୍ରେଜ କହିବା ପରେ ଗୁରୁବାର ଏସ୍‌ଟିଏଫ୍‌ର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ଯାଞ୍ଚ ପରେ ସେଠାରୁ ଏକାଧିକ କାଗଜପତ୍ର ଓ ବିଭିନ୍ନ ସାମଗ୍ରୀକୁ ଜବତ କରାଯାଇଛି। ସେହିଭଳି ପାହାଳ ନିକଟରେ ଥିବା ତାବ୍ରେଜଙ୍କ ଅନ୍ୟ ଏକ ଘରେ ମଧ୍ୟ ଏସ୍‌ଟିଏଫ୍ ଚଢାଉ କରିଥିବା ଜଣାପଡିଛି। କ୍ରିକେଟରୁ ଅପରାଧ ଦୁନିଆକୁ ପାଦ ଦେବାପାଇଁ ତାବ୍ରେଜଙ୍କୁ କେନ୍ଦ୍ରାପଡ଼ାର ଗ୍ୟାଙ୍ଗ୍‌ଷ୍ଟର ଟିଟୋ ସହଯୋଗ କରିଥିଲେ ବୋଲି ଏସ୍‌ଟିଏଫ୍ ଦୃଢ଼ ପ୍ରମାଣ ପାଇଛି। ଟିଟୋ ଗିରଫ ହେବା ପରେ ତାବ୍ରେଜ ତାଙ୍କୁ ଭେଟିବାକୁ ଝାରପଡା ଜେଲକୁ ଏକାଧିକଥର ଯାଇଛନ୍ତି। ତେବେ ସେ କେତେଥର ଟିଟୋଙ୍କୁ ଭେଟିଛନ୍ତି ଓ କ'ଣ ଆଲୋଚନା କରିଛନ୍ତି ସେ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିନାହିଁ। ତେବେ ଟିଟୋ ଜେଲ୍‌ରେ ରହି ତାବ୍ରେଜଙ୍କ ସହାୟତାରେ ବେଆଇନ ପଥର ଖଣି କାରବାର ଚଳାଇଥିବା ଏସ୍‌ଟିଏଫ୍ ଅନୁମାନ କରୁଛି।

ସେହିଭଳି ଖୋର୍ଦ୍ଧାର ଲେଡି ଡନ୍‌ଙ୍କ ସହ ତାବ୍ରେଜ୍‌ଙ୍କର ବ୍ୟବସାୟିକ ଲିଙ୍କ୍ ରହିଥିବା ଜଣାପଡିଛି। ପଥର ଖଣି କାରବାର ପାଇଁ ଉଭୟଙ୍କ ମଧ୍ୟରେ ୫୦-୫୦ ଡିଲ୍ ହୋଇଥିଲା। ପୋଲିସ ଓ ପ୍ରଶାସନିକ କାର୍ଯ୍ୟର ଦାୟିତ୍ୱ ତାବ୍ରେଜ ବୁଝୁଥିବାବେଳେ ଲେଡି ଡନ୍ ସ୍ଥାନୀୟ ଲୋକଙ୍କ ବିରୋଧକୁ ନିୟନ୍ତ୍ରଣ କରୁଥିଲେ। ଏଥିପାଇଁ ଲେଡି ଡନ୍‌ଙ୍କ ନିଜ ପାଖରେ ବହୁ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କୁ ରଖିଥିଲେ। ଏସ୍‌ଟିଏଫ୍‌ର ଚୋରା ପଥର ଚାଲାଣ ଧରପଗଡ ପରେ ଲେଡି ଡନ୍ ନଜରକୁ ଆସିଥିଲେ। ଲେଡି ଡନ୍‌ଙ୍କର କେତେଜଣ ପୋଷା ଗୁଣ୍ଡା ଗିରଫ ହେବା ପରେ ସେ ଫେରାର ହୋଇଯାଇଥିଲେ। ତାଙ୍କୁ ଫେରାର ହେବାରେ ସହଯୋଗ କରିଥିଲେ ତାବ୍ରେଜ। ଏହି ଲେଡି ଡନ୍ ଏବେ ଦୁବାଇରେ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତାଙ୍କୁ ଧରିବା ପାଇଁ ଦୁଇଟି ଟିମ୍ ଦୁବାଇ ଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ୨ଦିନିଆ ରିମାଣ୍ଡର ଗୁରୁବାର ଶେଷ ଦିନରେ ଏସ୍‌ଟିଏଫ୍ ତାବ୍ରେଜ୍‌ଙ୍କଠାରୁ ଆହୁରି ବହୁ ତଥ୍ୟ ପାଇଥିବା ଜଣାପଡିଛି। ଏପରି କି ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ସମ୍ପତ୍ତି ଯାଞ୍ଚ କରାଯାଉଛି। ଚୋରା ପଥର କାରବାରରୁ ମିଳୁଥିବା ଅର୍ଥକୁ ସେ କେଉଁଠି ବିନିଯୋଗ କରିଛନ୍ତି ତାହାର ଖୋଳତାଡ଼ ଚାଲିଛି। ଆଗାମୀ ଦିନରେ ଉକ୍ତ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଇପାରେ ବୋଲି ଏସ୍‌ଟିଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

ବିରଳ କଇଁଛ ଉଦ୍ଧାର

ଚୌଦ୍ୱାର, ୩୧।୧୦ (ଡି.ଏନ୍.ଏ.)

ଚୌଦ୍ୱାର ଥାନା ଅନ୍ତର୍ଗତ ଭୟରପୁର ଗ୍ରାମର ହାଟୁଆ ପୋଖରୀରୁ ଏକ ବିରଳ ପ୍ରଜାତିର କଇଁଛକୁ ଗୁରୁବାର ସଫା ବିଟ ହାଉସ ଉଦ୍ଧାର କରିଛି। କଇଁଛର ଆନୁମାନିକ ଓଜନ ୫୦ରୁ ୬୦କେଜି ହେବ। ଏହାର ଏକ ଲାଞ୍ଜ ରହିଛି। କଇଁଛକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଫରେଷ୍ଟର ଚନ୍ଦ୍ରଶେଖର ଦାସ ଓ କର୍ମଚାରୀମାନେ କଇଁଛକୁ ଉଦ୍ଧାର କରି ବେରି ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ କଇଁଛର ଚିକିତ୍ସା କରାଯାଇ ନଦୀରେ ଛଡ଼ାଯିବ ବୋଲି ଫରେଷ୍ଟର ଦାସ କହିଛନ୍ତି।

ଆଜିଠୁ ଏଫ୍‌ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ହକି ମ୍ୟାଚ୍

ଭୁବନେଶ୍ୱରରେ ଟ୍ରାଫିକ କଟକଣା

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ଟୋକିଓ ଅଲିମ୍ପିକ୍ସ ପାଇଁ ଶୁକ୍ରବାରଠାରୁ କଳିଙ୍ଗ ଷ୍ଟାଡିୟମରେ ହକିର ମେଗା ଇଭେଣ୍ଟ ଆରମ୍ଭ ହେବ। ଏଫ୍‌ଆଇଏଚ୍ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ହକି ମ୍ୟାଚ୍ ପାଇଁ ଷ୍ଟାଡିୟମ୍ ଭିତରେ ଓ ବାହାରେ ଗହଳି ଲାଗି ରହିବ। ସହରରେ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଟକଣା ଲାଗୁ କରାଯାଇଛି। ବିଦ୍ୟୁତ୍ ମାର୍ଗର ଶାସ୍ତ୍ରୀନଗର ଛକରୁ ଜୟଦେବ ବିହାର ଛକ ମଧ୍ୟରେ କୌଣସି ଅନଧିକୃତ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଯାଇଛି। ସେହିଭଳି ୧୨୦ ବାଟାଲିୟନରୁ ଆସୁଥିବା ଗାଡ଼ିଗୁଡ଼ିକୁ ଶାସ୍ତ୍ରୀନଗର ଛକଠାରୁ ସଚିବାଳୟ ରାସ୍ତାଦେଇ ଛଡ଼ାଯିବ। କଳିଙ୍ଗ ଷ୍ଟାଡିୟମ ପଟୁ ଆସୁଥିବା ଗାଡ଼ିକୁ ଜୟଦେବ ବିହାର ଛକଠାରୁ ଆଚାର୍ଯ୍ୟ ବିହାର ପଟକୁ ଛଡ଼ାଯିବ। ସେହିଭଳି ବାଣୀବିହାର ପଟୁ ଆସୁଥିବା ଗାଡିଗୁଡିକ ଆଚାର୍ଯ୍ୟ ବିହାର-ଜୟଦେବ ବିହାର ମଧ୍ୟରେ ଥିବା ରାସ୍ତା ଦେଇ ଯିବାକୁ ପଡିବ। ଏହି ଗାଡ଼ିଗୁଡିକୁ କଳିଙ୍ଗ ଷ୍ଟାଡିୟମ୍ ଆଡ଼କୁ ଛଡାଯିବ ନାହିଁ। ସେହିପରି ଖେଳ ଦେଖିବାକୁ ଆସୁଥିବା ଦର୍ଶକମାନେ ୩ ନମ୍ବର ଗେଟ ଦେଇ ଷ୍ଟାଡିୟମ ଭିତରକୁ ପ୍ରବେଶ କରିବେ ଓ ସେଠାରେ ସ୍କାଇଡିଂ ଗେଟ୍ ଇ ବ୍ୟବହାର କରି ଗାଡି ପାର୍କିଂ କରିପାରିବେ। ଏଜି କଲୋନୀ ପଟୁ ଆସୁଥିବା ଦର୍ଶକମାନେ ଫୁଟ୍ ଓଭରବ୍ରିଜ ବ୍ୟବହାର କରି ଷ୍ଟାଡିୟମ୍‌ରେ ପ୍ରବେଶ କରପାରବେ। ଏହି କଟକଣା ୧ ଓ ୨ ତାରିଖ ଦୁଇଦିନ ରହିବ ବୋଲି କମିଶନରେଟ ପୋଲିସ ବିଜ୍ଞପ୍ତି ପ୍ରକାଶ କରିଛି।

ଦିନ ଦ୍ୱିପ୍ରହରରେ ରାସ୍ତାରେ ୩୨ ହାତୀ

ଗ୍ରାମବାସୀ ଆତଙ୍କିତ,ଚାଷ ଜମିକୁ ପାଳି କରି ଜଗୁଛନ୍ତି ଚାଷୀ

ନିରାକାରପୁର,୩୧।୧୦(ଡି.ଏନ.ଏ.)

ନିରାକାରପୁରରୁ ବୋଡଙ୍ଗରା ମୁଖ୍ୟ ରାସ୍ତାରେ ହାତୀ ପଲ।

ଦୀର୍ଘଦିନ ହେଲା ପ୍ରାୟ ୩୨ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଞ୍ଚଳରେ ଡେରା ପକାଇଛନ୍ତି। ସ୍ଥାନୀୟ ନିରାକାରପୁର, ରାମେଶ୍ୱର, ଛଣଗିରି, କମାଗୁରୁ, ଅଚ୍ୟୁତପୁର, ଟାଙ୍କୋଳ, ଓଳସିଂହ ପଞ୍ଚାୟତ ଅଞ୍ଚଳରେ ରହି ଫସଲ ନଷ୍ଟ କରିବା ସହ ବିଭିନ୍ନ ସମୟରେ ଧନ ଜୀବନ ହାନି ଘଟାଉଛନ୍ତି। ନିରାକାରପୁରରୁ ବୋଡଙ୍ଗରା ଯାଇଥିବା ଜନଗହଳି ପୂର୍ଣ୍ଣ ମୁଖ୍ୟ ରାସ୍ତା ଉପରେ ହାତୀ ପଲ ଦିନ ଦ୍ୱିପ୍ରହରରେ ବୁଧବାର ଯାତାୟାତ କରିଥିଲେ। ଏଥିଯୋଗୁ ଲୋକେ ଭୟଭୀତ ହେବା ସହ ଯାତାୟାତ କରିବାକୁ ନିରାପଦ ମଣୁ ନ ଥିବା କେତେଜଣ ଗ୍ରାମବାସୀ କହିଛନ୍ତି। ଏହି ହାତୀ ପଲ ମଧ୍ୟରେ ୮ ଦନ୍ତା ହାତୀ, ୧୧ ମାଈ ହାତୀ ଓ ୧୫ଟି ପିଲା ରହିଛନ୍ତି ବୋଲି ଜଣେ ବନ କର୍ମଚାରୀ ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରୁ କେତେଗୋଟି ରାମେଶ୍ୱର ପଞ୍ଚାୟତ ଖଙ୍ଗୁରିପଡା ନିକଟରେ ଥିବା ଚିତ୍ରକୂଟ ପାହାଡରେ ରହୁଛନ୍ତି। ଆଉ କେତେଗୋଟି ନାଲସିଂହ, ଗୟାବନ୍ଦ ଓ ମୁଣ୍ଡାଆମ୍ବ ଜଙ୍ଗଲରେ ରହୁଛନ୍ତି। ଏହି ହାତୀ ପଲ ଦିନ ବେଳା ଅଳ୍ପ ସଂଖ୍ୟକ ପଦାକୁ ଆସୁଛନ୍ତି। ସନ୍ଧ୍ୟା ହେଲା ମାତ୍ରେ ହାତୀ ପାହାଡ ଓ ଜଙ୍ଗଲ ପାଖରେ ଥିବା ଚାଷ ଜମିରେ ପଶି ଧାନ ଫସଲ ଖାଇବା ସହ କୁଦି ଚକଟି ନଷ୍ଟ କରି ଦେଉଛନ୍ତି। ଧାନ ଫସଲକୁ ହାତୀମାନଙ୍କ ଦାଉରୁ ରକ୍ଷା କରିବାକୁ ପ୍ରତ୍ୟହ ଚାଷୀ ପାଳି କରି ନିଆଁ ଜ୍ୱଳା,ଟର୍ଚ୍ଚ ଓ ଠେଙ୍ଗା ଧରି ରାତି ଉଜାଗର ରହି ଜଗୁଛନ୍ତି। ତଥାପି ଏହି ହାତୀ ପଲ ଜଗୁଆଳିଙ୍କୁ ଖାତିରି ନ କରି ଧାନ ବିଲ ଭିତରେ ପଶି ଖାଉଛନ୍ତି। ଏ ନେଇ ଟାଙ୍ଗୀ ବନ ବିଭାଗ ଅଧିକାରୀ ଅଜୟ କୁମାର ଜଗଦ୍ଦେବଙ୍କୁ ପଚାରିବାରେ, ହାତୀଙ୍କୁ ଆମେ ଘଉଡାଇବାକୁ ପ୍ରୟାସ କରୁଥିବା ବେଳେ କେତେଜଣ ଗ୍ରାମବାସୀ ସେମାନଙ୍କୁ ପ୍ରଥଭ୍ରଷ୍ଟା କରୁଛନ୍ତି। ତେଣୁ ହାତୀ ଏହି ଜାଗାରେ ରହୁଛନ୍ତି। ଏହାସହ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ବାଣ କି ଲାଇଟ୍ ନାହିଁ। ଆମେ ଏମାନଙ୍କୁ ଦେଖିକି ଘଉଡାଇବାକୁ ପଡୁଛି। କାରଣ ପୂର୍ବରେ ରେଳ ଧାରଣ ଥିବାବେଳେ ପଶ୍ଚିମରେ ୧୬ ନଂ. ଜାତୀୟ ରାଜପଥ ରହିଛି। ସେପଟେ କାଳେ ଚାଲିଯିବେ ସେଥିପାଇଁ ଟିକିଏ ଭୟ ଲାଗୁଛି ବୋଲି ସେ କହିଛନ୍ତି।

ଏଚ୍‌ଆଇଭି ସଂକ୍ରମିତ ଉପକରଣରେ ଅସ୍ତ୍ରୋପଚାର ଘଟଣା

କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆରସିରେ ପିଟିଶନ

ଭୁବନେଶ୍ୱର, ୩୧।୧୦(ବ୍ୟୁରୋ)

ବୁର୍ଲା ବୀରସୁରେନ୍ଦ୍ରସାଏ ଇନ୍‌ଷ୍ଟିଚ୍ୟୁଟ୍‌ଅଫ୍‌ମେଡିକାଲ ସାଇନ୍ସ ଆଣ୍ଡ୍ ରିସର୍ଚ୍ଚ (ଭିମ୍‌ସାର) ଦନ୍ତ ବିଭାଗରେ ଏଚ୍‌ଆଇଭି ସଂକ୍ରମିତ ଉପରକରଣରେ ୧୨ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର କରିବା ଘଟଣା ଏବେ ଜାତୀୟ ମାନବାଧିକା କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ଉକ୍ତ ରୋଗୀଙ୍କୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ସହ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନଙ୍କ ନିକଟରେ ପିଟିଶନ ହୋଇଛି। ମାନବିକ ଅଧିକାର କର୍ମୀ ହିମାଂଶୁ ଶେଖର ନାୟକ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ଡାକ୍ତର ଜାଣିଶୁଣି ରୋଗୀଙ୍କ ଜୀବନ ସହ ଖେଳ ଖେଳିଛନ୍ତି। ତେଣୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ଅସ୍ତ୍ରୋପଚାର କରାଯାଇଥିବା ବ୍ୟକ୍ତିଙ୍କୁ ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ହିମାଂଶୁ ତାଙ୍କ ପିଟିଶନ ମାଧ୍ୟମରେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ ଅନୁଗୋଳ ଜିଲା ଆଠମଲ୍ଲିକର ଜଣେ ଏଚ୍‌ଆଇଭି ସଂକ୍ରମିତ ରୋଗୀ ଦୁର୍ଘଟଣାର ଶିକାର ହୋଇ ବୁର୍ଲା ମେଡିକାଲର ସର୍ଜରି ୱାର୍ଡରେ ଭର୍ତ୍ତି ହୋଇଥିଲେ। ତାଙ୍କର ଦାନ୍ତ ସହ ମୁହଁର କିଛି ହାଡ ଭାଙ୍ଗି ଯାଇଥିଲା। ୨୮ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ବ୍ୟବହୃତ ଉପକରଣକୁ ଆବଶ୍ୟକ ବିଶୋଧନ କରା ନ ଯାଇ ସେଥିରେ ଅନ୍ୟ ୧୨ଜଣ ରୋଗୀଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା। ଏମାନଙ୍କ ମଧ୍ୟରେ ବୁର୍ଲା ସହରର ଜଣେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ମଧ୍ୟ ଥିଲେ। ସନ୍ଧ୍ୟାରେ ବିଭାଗର କେତେଜଣ ଡାକ୍ତରଙ୍କ ସନ୍ଦେହ ହେବାରୁ ସେମାନେ ସର୍ଜରି ୱାର୍ଡକୁ ଯାଇ ଉକ୍ତ ରୋଗୀଙ୍କ ରିପୋର୍ଟ ଯାଞ୍ଚ କରିବା ପରେ ତାଙ୍କୁ ଏଚ୍‌ଆଇଭି ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ମେଡିକାଲର ଡିନ୍ ଓ ଅଧ୍ୟକ୍ଷଙ୍କୁ ଭେଟି ଆଲୋଚନା କରିଥିଲେ।

■ ଶ୍ରୀମନ୍ଦିର ସୁରକ୍ଷା ଜୋନ୍

ଜମି ଦେଲା ଭିତର ସେବାୟତ ନିଯୋଗ

ପୁରୀ ଅଫିସ, ୩୧।୧୦

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ କରାଯାଉଛି। ଇତିମଧ୍ୟରେ ୨୦ ପରିବାର ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଜମି ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି। ଏଥିରେ ସାମିଲ ହୋଇଛି ଭିତର ସେବାୟତ ନିଯୋଗ। ପଶ୍ଚିମ ପାର୍ଶ୍ୱରେ ୧୮ ଡେସିମିଲ ଜମି ଉପରେ ନିଯୋଗର ତିନିମହଲା ବିଶିଷ୍ଟ ୨ଟି କୋଠା ରହିଥିଲା। ଗୁରୁବାର ନିଯୋଗ ଏହି ଜମିକୁ ମହାପ୍ରଭୁଙ୍କ ପାଇଁ ପ୍ରଶାସନକୁ ବିକ୍ରି କରିଛି। ଏ ବାବଦରେ ନିଯୋଗକୁ ୭କୋଟି ୪୩ ହଜାର ଟଙ୍କା ପ୍ରଦାନ କରାଯାଇଛି।

ସୂଚନା ମୁତାବକ, ୧୬ଟି ନିଯୋଗକୁ ନେଇ ଶ

ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।

-ବିନୋବା ଭାବେ

ସଂକ୍ଷେପରେ

ମା' ବୁଢ୍ରୀଜାଗୁଲାଇ ନାଟ୍ୟସଂସଦ ପକ୍ଷରୁ ପ୍ରସ୍ତୁତି ବୈଠକ

ସାଲେପୁର,୩୧।୧୦ (ଡି.ଏନ୍.ଏ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଶିଶୁଆ ଗ୍ରାମର ମା' ବୁଢ୍ରୀଜାଗୁଲାଇ ନାଟ୍ୟ ସଂସଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମା' ବୁଢ୍ରୀଜାଗୁଲାଇ ନାଟ୍ୟସଂସଦର ମୁଖ୍ୟ ତଥା ଯୁବନେତା ସୁଶାନ୍ତ କୁମାର ବେହେରା ପୌରୋହିତ୍ୟ କରିଥିଲେ। ଏଥିରେ ଅନନ୍ତ ସାହୁ, ସୁବାସ ସାହୁ, ରଶ୍ମିରଞ୍ଜନ ବାରିକ୍, ଦିଲୀପ ବାରିକ୍, ରାମଚନ୍ଦ୍ର ମହାରଣା, ପ୍ରମୋଦ ସାହୁ, କଳ୍ପତରୁ ଛାଟୋଇ, ଜଗନ୍ନାଥ ସାହୁ, ପବିତ୍ର ସାହୁ ଓ ଦିଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ନଭେମ୍ବର ୮ରେ ପଞ୍ଚକ ଅବସରରେ ନାଟ୍ୟସଂସଦ ପକ୍ଷରୁ 'ଗୁପ୍ତ ସମ୍ପର୍କ' ନାଟକ ଶିଶୁଆ ଗ୍ରାମରେ ପରିବେଷଣ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି।

ନୂତନ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟରେ ଯୋଗଦାନ

ଆଠଗଡ଼,୩୧।୧୦(ସ୍ୱ.ପ୍ର.): ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ଭାବେ ଗୁରୁବାର ଅରବିନ୍ଦ ପଟ୍ଟନାୟକ କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବରୁ ଅବସ୍ଥାପିତ ଅତିରିକ୍ତ ଜିଲା ଦୌରାଜଜ୍ ତଥା ଚାଲୁକ ଆଇନସେବା ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ତାଳଚେର ଅଦାଲତକୁ ବଦଳି ହୋଇଯାଇଛି। ଆଠଗଡ ଓକିଲସଂଘ ଓ ଅଦାଲତ କର୍ମଚାରୀମାନଙ୍କ ପକ୍ଷରୁ ମଙ୍ଗଳବାର ନନ୍ଦଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଗୁରୁବାର ଓକିଲ ସଂଘ ସଭାପତି ପ୍ରସନ୍ନକୁମାର ରାଉତଙ୍କ ଅଧ୍ୟକ୍ଷତାରେ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଅଦୈତ ଚରଣ ପଣ୍ଡା, ପ୍ରଶାନ୍ତ କୁମାର ମିଶ୍ର, ଶଶିଭୂଷଣ ଦାସ, ବିଷ୍ଣୁପ୍ରସାଦ ସାହୁ ଓ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ଥିଲେ । ଶେଷରେ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ବିଶ୍ୱ ମିତବ୍ୟୟିତା ଦିବସ

ବାଙ୍କୀ,୩୧।୧୦(ସ୍ୱ.ପ୍ର.): ବାଙ୍କୀ କ୍ରେଡିଟ୍ କୋ ଅପରେଟିଭ୍ ବ୍ୟାଙ୍କ କାର୍ଯ୍ୟାଳୟରେ ବିଶ୍ୱ ମତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର ମୁଖ୍ୟ ନିର୍ବାହୀ କୃତ୍ତିବାସ ପଣ୍ଡା ପରିଚାଳନା କରି ଗ୍ରାହକ ଏବଂ ବ୍ୟାଙ୍କ କର୍ମଚାରୀଙ୍କ ମଧ୍ୟରେ ଥିବା ପ୍ରାର୍ଥକ୍ୟ ଦୂରେଇବା ଉପରେ ଆଲୋକପାତ କରିଥିଲେ। ଏଥିସହ ବ୍ୟାଙ୍କରେ କିପରି ଜମାଦାତାମାନଙ୍କ ଜମା ରାଶି ଅଧିକ ସଞ୍ଚୟ କରିହେବ ସେ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ଉପସଭାପତି ଡ.କଲ୍ୟାଣୀ ପଟ୍ଟନାୟକ, କ୍ୟାଶିୟର ମାନସ କୁମାର ମଙ୍ଗୁଆଳ, କାଳନ୍ଦୀ ଦାସ, କମଳାକାନ୍ତ ମିଶ୍ର, ଜମାଦାତା ସୁବ୍ରତ କୁମାର ମହାପାତ୍ର, ଭୂପତି ଭୂଷଣ ରାଉତ, ଗଗନ ଚନ୍ଦ୍ର ଦାଶଙ୍କ ସମେତ ବହୁ ଜମାକାରୀ ଉପସ୍ଥିତ ଥିଲେ।

ସାଲେପୁର ହାଇସ୍କୁଲ୍ ସହ ମିଶିଲା ବାଳିକା ଉଚ୍ଚବିଦ୍ୟାଳୟ

ସାଲେପୁର,୩୧।୧୦ (ଡି.ଏନ୍.ଏ): ସାଲେପୁର ହାଇସ୍କୁଲ୍ ସହ ସାଲେପୁର ବାଳିକା ଉଚ୍ଚବିଦ୍ୟାଳୟର ମିଶ୍ରଣ ଘଟିଛି। ଏହାପରେ ସାଲେପୁର ବାଳିକା ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଛାତ୍ରୀ ସାଲେପୁର ହାଇସ୍କୁଲ୍ ଯାଇ ନିଜ ନିଜର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଅବସରରେ ସାଲେପୁର ହାଇସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା ନୂତନଭାବେ ଆସିଥିବା ସମସ୍ତ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କୁ ପୁଷ୍ପ,ଚନ୍ଦନ ଦେବାସହ ମିଷ୍ଟାନ୍ନ ଖୁଆଇ ସ୍ୱାଗତ କରିଥିଲେ। ଏହି ସାଲେପୁର ବାଳିକା ଉଚ୍ଚବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୫ ଶ୍ରେଣୀରେ ପ୍ରାୟ ୫୫ଜଣ ଛାତ୍ରୀ ଥିଲେ। ସରକାରଙ୍କ ନିୟମ ଅନୁଯାୟୀ କମ୍ ଉପସ୍ଥାପନ ଥିବା ବିଦ୍ୟାଳୟଗୁଡ଼ିକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରିବା ଯୋଜନାରେ ଏହି ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିଲା।

ବାଙ୍କୀ କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

ବାଙ୍କୀ, ୩୧।୧୦ (ସ୍ୱ.ପ୍ର.): ବାଙ୍କୀ କଲେଜର ଉପାଧ୍ୟକ୍ଷ ପ୍ରଫେସର ସଦାନନ୍ଦ ବାରିକ ଗୁରୁବାର କଲେଜର ନୂତନ ଅଧ୍ୟକ୍ଷଭାବେ ଯୋଗଦାନ କରିଛନ୍ତି। ବାଙ୍କୀ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ କଲେଜ ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ନୂତନ ଅଧ୍ୟକ୍ଷ ବାରିକ କାର୍ଯ୍ୟରେ ଯୋଗଦାନ କରିଥିଲେ। ବିଦାୟୀ ଅଧ୍ୟକ୍ଷ ପ୍ରଫେସର ଡ.ନିବାସିନୀ ପଣ୍ଡା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

■ ପୋଖରୀରେ ପଡ଼ିଲା ପିଡିଏସ୍ ଚାଉଳ ବୋଝେଇ ଟ୍ରକ

୧୪୦ ବସ୍ତା ଚାଉଳ, ଗହମ ନଷ୍ଟ ଆଶଙ୍କା

ମାହାଙ୍ଗା,୩୧।୧୦(ସ୍ୱ.ପ୍ର.)

ମାହାଙ୍ଗା ଥାନା ସାହାପୁର ପଞ୍ଚାୟତ ଅନ୍ତର୍ଗତ ସାହାପୁର ବେହେରା ସାହି ରାସ୍ତାରେ ପିଡିଏସ୍ ଚାଉଳ ଓ ଗହମ ନେଇ ଯାଉଥିବା ଏକ ଟ୍ରକ ଗୁରୁବାର ପୋଖରୀ ମଧ୍ୟକୁ ଓଲଟି ପଡ଼ିଛି। ଏଥିରେ ଟ୍ରକରେ ଥିବା ୧୦୦ ବସ୍ତା ଚାଉଳ ଓ ୪୦ ବସ୍ତା ଗହମ ପାଣିରେ ଭିଜି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି। ସ୍ଥାନୀୟ ଲୋକେ ଗାଡ଼ି ଚାଳକଙ୍କୁ ପାଣିରୁ ଉଦ୍ଧାର କରିଛନ୍ତି। କୁଣ୍ଡି ଗ୍ରାମର ସରକାରୀ ରିଟେଲର ଅରୁଣ ରାଉତଙ୍କ ରିଟେଲ କାଉଣ୍ଟରକୁ ସାଲେପୁର ବ୍ଲକ୍ କଟରପାସ୍ଥିତ ସରକାରୀ ପିଡିଏସ ଚାଉଳ ଗୋଦାମରୁ ୧୦୦ ବସ୍ତା ଚାଉଳ ଓ ୪୦ ବସ୍ତା ଗହମ ପଠାଯାଇଥିଲା । ଏସବୁ ଚାଉଳ ଓ ଗହମ ନେଇ ଏକ ଟ୍ରକ ଅପରାହ୍ନରେ ଯାଉଥିବା ବେଳେ ସାହାପୁର ଗ୍ରାମ ବେହେରା ସାହି କାର୍ତ୍ତିକେଶ୍ୱର ମନ୍ଦିର ନିକଟରେ ରାସ୍ତା ଧସେଇ ଯିବାରୁ ଗାଡିଟି ଭାରସାମ୍ୟ ହରାଇ ପାର୍ଶ୍ୱରେ ଥିବା ପୋଖରୀ ମଧ୍ୟରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପାଣିରୁ ଗାଡ଼ି ଚାଳକଙ୍କୁ ଉଦ୍ଧାର କରିଥିଲେ। ଏନେଇ ପିଡିଏସ୍ ଚାଉଳ ପରିବହନ କରୁଥିବା ସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ପୋଖରୀରେ ପଡ଼ିଯାଇଥିବା ଟ୍ରକ୍।

ସୁରଭି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଆଠଗଡ଼,୩୧।୧୦(ସ୍ୱ.ପ୍ର.)

ଆଠଗଡ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଗୁରୁବାର ସ୍ଥାନୀୟ ରାସରସିକପୁର ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।କ ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଆଠଗଡ ଉପଜିଲାପାଳ ଅମୀୟ କୁମାର ସାହୁ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ବିଦ୍ୟାର୍ଥୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶିଶୁଙ୍କ ସୁନ୍ଦର ଭବିଷ୍ୟତ ଗଢ଼ିବା ପ୍ରତ୍ୟେକ ଶିକ୍ଷକଙ୍କ ବ୍ରତ ହେବା ଉଚିତ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ବିଆରସିସି ବିଦ୍ୟାଧର ମହାପାତ୍ର, ସହକାରୀ ବ୍ଲକ ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ରାସରସିକପୁର ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ କ୍ଷୀରୋଦଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଶତପଥୀ ସ୍ୱାଗତ ଭାଷଣ ଓ ଶିକ୍ଷକ ଶଶଧର ମହାରଣା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସୁରଭି କାର୍ଯ୍ୟକ୍ରମ ଶେଷରେ ବିଶ୍ୱନାଥ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପର୍ଶୁରାମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ୨୧ଟି ବିଦ୍ୟାଳୟର ୩୭୨ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୁଇଜ୍, ବକ୍ତୃତା, ସଂଗୀତ, ଚିତ୍ରକଳା, ଶିଳ୍ପକଳା, ସୃଜନଶୀଳ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ସାଧନକେନ୍ଦ୍ରସ୍ତରୀୟ ଶିଶୁମହୋତ୍ସବ

ସାଲେପୁର,୩୧।୧୦ (ଡି.ଏନ୍.ଏ)

ସାଲେପୁର ଶିକ୍ଷାମଣ୍ଡଳ ଅଧୀନ ମାଙ୍ଗୁଆତି ଆଞ୍ଚଳିକ ସାଧନକେନ୍ଦ୍ର ପକ୍ଷରୁ ରୋଧପୁର ସରକାରୀ ଉନ୍ନିତ ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ସାଧନକେନ୍ଦ୍ରସ୍ତରୀୟ ଶିଶୁମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଧନକେନ୍ଦ୍ରସ୍ତରୀୟ ବିଦ୍ୟାଳୟର ୧୪୦ଜଣ ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ, କୁଇଜ୍ ଆଦି ପ୍ରତିଯୋଗିତାରେ ଭାଗନେଇଥିଲେ। ଆୟୋଜିତ ସଭାରେ ମାଙ୍ଗୁଆତି ସିଆର୍‌ସିସି ଅନ୍ତର୍ଯ୍ୟାମୀ ଭୋଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବାଲିସାହି ସରପଞ୍ଚ ସରସ୍ୱତୀ ବେହେରା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷାଅଧିକାରୀ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥି ସାଲେପୁର ଶିକ୍ଷାମଣ୍ଡଳ ସହ-ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥୀ, ପ୍ରାକ୍ତନ୍ ସିଆର୍‌ସିସି ମହେଶ୍ୱର ପ୍ରଧାନ ଓ ପ୍ରଧାନଶିକ୍ଷୟିତ୍ରୀ ନିରୂପମା ମିଶ୍ର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରୋଧପୁର ସରକାରୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟ ପରିଚାଳନ କମିଟି ପ୍ରାକ୍ତନ୍ ସଭାପତି ଅଶୋକ କୁମାର ଦାଶ, ଶିକ୍ଷକ ଦେବଦତ୍ତ ଦାଶ, ବିରଜା ପ୍ରସାଦ କର, ପ୍ରଫୁଲ୍ଲ କୁମାର ସାହୁ ଓ ତୃପ୍ତିଲତା ଧଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନିରଞ୍ଜନ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

ଛାତ୍ରୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ

ସାଇବର ସେଲ୍‌ରେ ଅଭିଯୋଗ

କଟକ ଅଫିସ,୩୧।୧୦

ମାହାଙ୍ଗା ଅଞ୍ଚଳର ଛାତ୍ରୀଙ୍କ ସହିତ ଜନୈକ ବ୍ୟକ୍ତି ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଓ ସେହି ସମୟର ଫଟୋ ଭାଇରାଲ କରିଥିବା ନେଇ ଗୁରୁବାର କଟକ ସାଇବର ସେଲ୍‌ରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ମାହାଙ୍ଗା ଅଞ୍ଚଳର ଏକ ମହିଳା ମହାବିଦ୍ୟାଳୟ ଯୁକ୍ତ ୩ରେ ପଢନ୍ତି। ପ୍ରତିଦିନ ସେ ସାଇକେଲରେ ମହାବିଦ୍ୟାଳୟକୁ ଯାଉଥିବାବେଳେ ଗତ ମାର୍ଚ୍ଚ ୩ରେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ରାସ୍ତାରେ ଅଟକାଇ ପ୍ରେମ ନିବେଦନ କରିଥିଲେ। ପରେ ଜୁନ୍ ୧୯ରେ ସମ୍ପୃକ୍ତ ବ୍ୟକ୍ତି ଉକ୍ତ କଲେଜ ନିକଟରେ ପହଞ୍ଚି ତାଙ୍କୁ ଜୋର ଜବରଦସ୍ତ ଓଳାସୁଣି ଗୁମ୍ଫା ବୁଲାଇ ନେଇଥିଲେ। ଯିବା ବାଟରେ ସେ ତାଙ୍କୁ ବିଭିନ୍ନ ଧମକ ଦେଇଥିଲେ। ଛାତ୍ରୀ ଜଣଙ୍କ ପ୍ରତିବାଦ କରିଥିଲେ ମଧ୍ୟ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେହି ସମୟର ଦୃଶ୍ୟକୁ ବ୍ୟକ୍ତି ଜଣଙ୍କ ନିଜ ମୋବାଇଲ୍‌ରେ ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଫଟୋ ଓ ଭିଡିଓ ଭାଇରାଲ କରିବା ଧମକ ଦେଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା ସହ ଛାତ୍ରୀଙ୍କୁ ମୋଟାଅଙ୍କର ଟଙ୍କା ମାଗିଥିଲେ। ଏପରି କି ମହାବିଦ୍ୟାଳୟ ଯିବା ବାଟରେ ସେ ତାଙ୍କୁ ଟଙ୍କା ମାଗିବା ସହ ମାଡ ମାରିଥିଲେ। ଏହାପରେ ଛାତ୍ରୀଜଣଙ୍କ ଦୁଇଟି କିସ୍ତିରେ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ବ୍ୟକ୍ତି ଜଣଙ୍କ ଅଧିକ ଅର୍ଥ ଦାବି କରିବାରୁ ଛାତ୍ରୀ ଦେଇ ପାରି ନ ଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ତାଙ୍କ ମୋବାଇଲ୍‌ରେ ରଖିଥିବା ଭିଡିଓ ଓ ଫଟୋ ଅନ୍ୟ ମୋବାଇଲ୍‌କୁ ଭାଇରାଲ କରି ଦେଇଛନ୍ତି। ଏ ନେଇ ଛାତ୍ରୀ ଓ ତାଙ୍କ ପରିବାର ଲୋକେ ପ୍ରଥମେ ମାହାଙ୍ଗା ଥାନାରେ ଅଭିଯୋଗ କରିବା ପରେ ଏହି ଫଟୋ ଓ ଭିଡିଓ ଭାଇରାଲକୁ ଅଟକାଇବା ଓ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ସାଇବର ସେଲ୍‌ରେ ଅଭିଯୋଗ କରିଛନ୍ତି।

ଆଦର୍ଶ ଶିକ୍ଷକମାନେ ହିଁ ଚିରସ୍ମରଣୀୟ

ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ବିଦାୟକାଳନୀ ସମ୍ବର୍ଦ୍ଧନା ଦିଆଯାଉଛି।

ମାହାଙ୍ଗା, ୩୧।୧୦(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟର ନୂତନ ଗୃହ ଓ ଅଧ୍ୟକ୍ଷଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧାପକ ବସନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଜେ.ଏନ. କଲେଜ ଅଧ୍ୟକ୍ଷ ପଲ୍ଲବ ଚକ୍ରବର୍ତ୍ତୀ ଯୋଗଦେଇ ଆଦର୍ଶ ଶିକ୍ଷକମାନେ ହିଁ ଚିରସ୍ମରଣୀୟ ହୋଇରହିଥାନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପଲ୍ଲିସାହି ମାହାଙ୍ଗା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ବିବେକାନନ୍ଦ ମିଶ୍ର, ମହାବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ବିଷ୍ଣୁଚରଣ ସିଂହ, ପୂର୍ବତନ ଜିଲାପରିଷଦ ସଭ୍ୟ ଡ.ଜୟରାମ ସ୍ୱାଇଁ, ପୂର୍ବତନ ପ୍ରାଧାପକ ରବୀନ୍ଦ୍ରନାଥ ସାମଲ ଓ ରାମଚଣ୍ଡୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିକ୍ରମ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଏହି ଅବସରରେ ମହାବିଦ୍ୟାଳୟର ବିଦାୟୀ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ମଲ୍ଲିକଙ୍କ କର୍ମମୟ ଜୀବନ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଶିକ୍ଷାବିଭାଗ ଅଧ୍ୟାପିକା ପୁଷ୍ପଶ୍ରୀ ତ୍ରିପାଠୀ, ଇଂଲିଶ୍ ବିଭାଗ ଅଧ୍ୟାପକ ଡ. ମନୋରଞ୍ଜନ ବେହୁରା, ସରୋଜ କୁମାର ଜେନା, ମୁରଲୀଧର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟକ୍ଷ ମଲ୍ଲିକଙ୍କ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଧ୍ୟାପକ ସୁଧାଂଶୁ ଶେଖର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅଧ୍ୟାପିକା ହରପ୍ରିୟା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ମହାବିଦ୍ୟାଳୟ ପରିସରରେ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ ଅଡିଟୋରିୟମ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ଏଥିରେ ନଳିନୀକାନ୍ତ ସାହୁ, ତାରାକାନ୍ତ ପ୍ରଧାନ, ଅକ୍ଷୟ କୁମାର ମହାନ୍ତି, ସଞ୍ଜୟ ପ୍ରଧାନ, ନିତ୍ୟାନନ୍ଦ ସାମଲ ଓ ପ୍ରଶାନ୍ତ କୁମାର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ।

ବାଳିକା ବିଦ୍ୟାଳୟରେ ବିଜ୍ଞାନ ମେଳା

ବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀମାନେ।

ନରସିଂହପୁର,୩୧।୧୦(ଡି.ଏନ୍.ଏ.)

ନରସିଂହପୁର ବ୍ଲକ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଜ୍ଞାନ, ହସ୍ତକର୍ମ ଓ ଶିକ୍ଷଣ ସାମଗ୍ରୀ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୧୫ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ଅନେକ ହସ୍ତକର୍ମ ଶିକ୍ଷଣ ସାମଗ୍ରୀ ସ୍ଥାନ ପାଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବେହେରା, ମୁଖ୍ୟବକ୍ତା ଶିକ୍ଷାବିତ୍ ସଚ୍ଚିଦାନନ୍ଦ ଦାଶ, ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ପଣ୍ଡା, ଶିକ୍ଷୟିତ୍ରୀ ଭବାନୀ ପଣ୍ଡା, ସୁକାନ୍ତି କାନୁନ୍‌ଗୋ, ସ୍ନେହପ୍ରଭା ମହାନ୍ତି, ଲକ୍ଷ୍ମୀପ୍ରିୟା ବେହେରା, ଗୀତାରାଣୀ ସିହ୍ନା, ଶିକ୍ଷକ ସରୋଜ କୁମାର ସାହୁ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ଦେବଦତ୍ତ ମଳୟ କୁମାର ବରାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିଆଇଇଟିର ପ୍ରଶିକ୍ଷିକା ପଦ୍ମାଳୟା ନାଥ, ଗୀତାଞ୍ଜଳି ରାଉତ ବିଚାରକ ଭାବେ ଯୋଗ୍ୟ ବିଦ୍



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ

ସଂକ୍ଷେପରେ

ଉଜ୍ଜ୍ୱଳା ଯୋଜନାରେ ସାମିଲ ହେଲେ ୧୨୭ ପରିବାର

କଟକ ଅଫିସ, ୩୧।୧୦: କଟକ ମହାନଗର ନିଗମ(ସିଏମ୍‌ସି) ୱାର୍ଡ ନଂ. ୩୫ ଅନ୍ତର୍ଗତ ୧୨୭ ପରିବାରକୁ ବୁଧବାର ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସ୍ଥାନୀୟ ବୋସ୍ କଲେଜ ନିକଟରେ ଆୟୋଜିତ ଏକ କର୍ମଶାଳାରେ ହିତାଧିକାରୀଙ୍କୁ ଏଲ୍‌ପିଜି ଏବଂ ଚୁଲା ବଣ୍ଟନ କରାଯାଇଛି। ଭାଜପା ନେତା ସଞ୍ଜୀବ ଚିଜାରା କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଏଲ୍‌ପିଜି ବ୍ୟବହାର ସମ୍ପର୍କିତ ତାଲିମ ଦିଆଯାଇଥିଲା। ଭାଜପା ଯୁବନେତା ଆଶୁତୋଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ମୃତିରଞ୍ଜନ ମିଶ୍ର, ସୁନୀଲ ଦ୍ୱିବେଦୀ, ସାମାଜିକ କର୍ମୀ ଜେ. କାମେଶ୍ୱର ରାଓ, ପୂର୍ବତନ କାଉନସିଲର ମଞ୍ଜୁଲତା ଗରୁଡ, ଗୁରୁପ୍ରସାଦ ସାହୁ, ସୁରେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଭୋଟର ତାଲିକାର ତ୍ରୁଟି ସଂଶୋଧନ ଅଭିଯାନ

ଆଧାର କାର୍ଡ ଜେରକ୍ସ ଦାବି କଲେ ବିଏଲ୍‌ଓ

କଟକ ସଦର,୩୧ ।୧୦(ଡି.ଏନ୍.ଏ.)

ରାଜ୍ୟରେ ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ଅଭିଯାନ ଗତ ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇଛି। ଏଥିରେ ନାମ, ପିତା କିମ୍ବା ସ୍ୱାମୀଙ୍କ ନାମ, ବୟସ ଓ ଠିକଣାରେ ରହିଯାଇଥିବା ମୁଦ୍ରଣଜନିତ ତ୍ରୁଟିର ସଂଶୋଧନ କରାଯିବ। ଏହି ତ୍ରୁଟି ସଂଶୋଧନ ଲାଗି କଟକ ସଦର-୯୩(ସଂରକ୍ଷିତ) ନିର୍ବାଚନମଣ୍ଡଳୀରେ ନିୟୋଜିତ ବୁଥ ଲେଭଲ ଅଫିସର(ବିଏଲଓ)ମାନେ ଆଧାର କାର୍ଡ ଜେରକ୍ସ କପି ମାଗିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆଧାର କାର୍ଡ ଜଣେ ବ୍ୟକ୍ତିଙ୍କର ଗୋପନୀୟ ତଥ୍ୟ ହୋଇଥିବାରୁ ଏହାକୁ ଛୋଟ ଛୋଟ କାର୍ଯ୍ୟରେ ବ୍ୟବହାର ନ କରିବାକୁ ୨୦୧୮ ମସିହାରେ ସୁପ୍ରିମକୋର୍ଟ ଅଙ୍କୁଶ ଲଗାଇଛନ୍ତି। କିନ୍ତୁ ହଜାର ହଜାର ସଂଖ୍ୟାରେ ଆଧାର ଜେରକ୍ସ ଭବିଷ୍ୟତରେ ଅପବ୍ୟବହାର ହେବାର ସମ୍ଭାବନା ରହିଛି ବୋଲି ପରମହଂସ ପଞ୍ଚାୟତର ରଘୁନାଥପୁର ଗ୍ରାମର ରବିନାରାୟଣ ଦାଶ କହିଛନ୍ତି। ଏତିକି ନୁହେଁ କୌଣସି ସରକାରୀ ସଂସ୍ଥା ପକ୍ଷରୁ ବ୍ୟକ୍ତି ବିଶେଷଙ୍କ ଆଧାର କାର୍ଡ କପି ସୂଚନା ଅଧିକାର ଆଇନରେ ଅନ୍ୟକୁ ଦେଇପାରିବେ ବୋଲି ସୁପ୍ରିମକୋର୍ଟ ୨୦୧୭ ସେପ୍ଟେମ୍ବର ୧ରେ ରାୟ ଦେଇଥିଲେ। ଏହା ପରେ ସୂଚନା ଅଧିକାର ଆଇନ ୨୦୦୫ର ଧାରା ୮(୧)(ଞ)ରେ ସଂଶୋଧନ କରିଥିଲେ। ଭୋଟର ତାଲିକା ସଂଶୋଧନ, ବ୍ୟାଙ୍କ ପାସବୁକରେ ଆଧାର କାର୍ଡ ଦେବା ବାଧତାମୂଳକ ହୋଇପାରିବ ନାହିଁ। ଏ ସମ୍ପର୍କରେ କଟକ ସଦର ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର କୁହନ୍ତି, ଭାରତୀୟ ନିର୍ବାଚନ ଆୟୋଗ ଆଧାରକାର୍ଡକୁ ପରିଚୟପତ୍ର ଭାବେ ଗ୍ରହଣ କରିଥିବାରୁ ବିଏଲଓମାନେ ଏହାକୁ ମାଗି ଥାଇପାରନ୍ତି। ଭୋଟର ତାଲିକାରେ କମ୍ପ୍ୟୁଟର ସଂସ୍ଥାମାନେ ଅଧିକାଂଶ ତ୍ରୁଟି କରୁଥିବାରୁ ତାହା ଉପରେ ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ମଉଗଜପୁର ଗ୍ରାମର ଅକ୍ଷୟ କୁମାର ପରିଡା କହିଛନ୍ତି। ଘର ଘର ବୁଲି ଭୋଟର ତାଲିକା ସଂଶୋଧନ ହେଉଥିବାରୁ ଆଧାରକୁ ବାଧତାମୂଳକ ନ କରି ଭୋଟରଙ୍କ ତଥ୍ୟ ଉପରେ କାର୍ଯ୍ୟ କରାଯିବା ପାଇଁ ସାଧାରଣରେ ଦାବି ହେଉଛି।

୯ରୁ ଚୌଦ୍ୱାର ଆଥଲେଟିକ୍ ମିଟ୍

ଚୌଦ୍ୱାର,୩୧।୧୦(ଡି.ଏନ୍.ଏ): ଟାଙ୍ଗୀ-ଚୌଦ୍ୱାର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚୌଦ୍ୱାରରେ ମେଗା ଆଥଲେଟିକ୍ ମିଟ ଆୟୋଜିତ ହେବାକୁ ଯାଉଛି। ନଭେମ୍ବର ୯ ଓ ୧୦ ତାରିଖ ଦୁଇଦିନ ଧରି ସ୍ଥାନୀୟ ଗୋପବନ୍ଧୁ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମିଟ୍‌ରେ ବ୍ଲକ୍‌ର ୧୦ ରୁ ୨୦ ବର୍ଷ ବୟସର ଛାତ୍ରୀଛାତ୍ର ଓ ଯୁବ ଖେଳାଳି ଯୋଗଦେଇ ବିଭିନ୍ନ ବର୍ଗର ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଶଟ୍ ପୁଟ୍ ଓ ଡିସ୍‌କସ୍ ଥ୍ରୋ ପ୍ରତିଯୋଗିତାରେ ଭାଗ ନେବେ। ଏଥିପାଇଁ ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ୬ ତାରିଖ ସୁଦ୍ଧା ନିଜ ନାମ ପଞ୍ଜୀକରଣ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗିତାର ମୁଖ୍ୟ ଆୟୋଜକ ଭାମସେନ ବିଶ୍ୱାଳ, ଭାସ୍କର ମହାପାତ୍ର, ରିଆଜ ଅଲ୍ଲି ସାହା, ତୁଷାର କାନୁନ୍‌ଗୋ, ଚନ୍ଦ୍ର ମୋହନ ସାହୁ, ଅନୀଲ ମହାନ୍ତି, ଅଶ୍ୱିନୀ ଜେନା,ସୁଜିତ୍ ଦାସ ପ୍ରମୁଖ କର୍ମକର୍ତ୍ତା ସୂଚନା ଦେଇଛନ୍ତି ।

■ପୋଖରୀରେ ପଡ଼ିଲା ପିଡିଏସ୍ ଚାଉଳ ବୋଝେଇ ଟ୍ରକ

୧୪୦ ବସ୍ତା ଚାଉଳ, ଗହମ ନଷ୍ଟ ଆଶଙ୍କା

ମାହାଙ୍gା,୩୧।୧୦(ସ୍ୱ.ପ୍ର.)

ମାହାଙ୍gା ଥାନା ସାହାପୁର ପଞ୍ଚାୟତ ଅନ୍ତର୍ଗତ ସାହାପୁର ବେହେରା ସାହି ରାସ୍ତାରେ ପିଡିଏସ୍ ଚାଉଳ ଓ ଗହମ ନେଇ ଯାଉଥିବା ଏକ ଟ୍ରକ ଗୁରୁବାର ପୋଖରୀ ମଧ୍ୟକୁ ଓଲଟି ପଡ଼ିଛି। ଏଥିରେ ଟ୍ରକରେ ଥିବା ୧୦୦ ବସ୍ତା ଚାଉଳ ଓ ୪୦ ବସ୍ତା ଗହମ ପାଣିରେ ଭିଜି ନଷ୍ଟ ହୋଇଯାଇଥିବା ଆଶଙ୍କା କରାଯାଉଛି। ସ୍ଥାନୀୟ ଲୋକେ ଗାଡ଼ି ଚାଳକଙ୍କୁ ପାଣିରୁ ଉଦ୍ଧାର କରିଛନ୍ତି। କୁଣ୍ଡି ଗ୍ରାମର ସରକାରୀ ରିଟେଲର ଅରୁଣ ରାଉତଙ୍କ ରିଟେଲ କାଉଣ୍ଟରକୁ ସାଲେପୁର ବ୍ଲକ୍ କଟରପାସ୍ଥିତ ସରକାରୀ ପିଡିଏସ ଚାଉଳ ଗୋଦାମରୁ ୧୦୦ ବସ୍ତା ଚାଉଳ ଓ ୪୦ ବସ୍ତା ଗହମ ପଠାଯାଇଥିଲା । ଏସବୁ ଚାଉଳ ଓ ଗହମ ନେଇ ଏକ ଟ୍ରକ ଅପରାହ୍ନରେ ଯାଉଥିବା ବେଳେ ସାହାପୁର ଗ୍ରାମ ବେହେରା ସାହି କାର୍ତ୍ତିକେଶ୍ୱର ମନ୍ଦିର ନିକଟରେ ରାସ୍ତା ଧସେଇ ଯିବାରୁ ଗାଡିଟି ଭାରସାମ୍ୟ ହରାଇ ପାର୍ଶ୍ୱରେ ଥିବା ପୋଖରୀ ମଧ୍ୟରେ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ପାଣିରୁ ଗାଡ଼ି ଚାଳକଙ୍କୁ ଉଦ୍ଧାର କରିଥିଲେ। ଏନେଇ ପିଡିଏସ୍ ଚାଉଳ ପରିବହନ କରୁଥିବା ସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ପୋଖରୀରେ ପଡ଼ିଯାଇଥିବା ଚାଉଳ ବୋଝେଇ ଟ୍ରକ୍।

ଦେଶ ଗଠନରେ ଲୌହମାନବଙ୍କ ଅବଦାନ ଅତୁଳନୀୟ

କଟକ ଅଫିସ
ଫୁଲନଖରା/ଚୌଦ୍ୱାର/କଟକ ସଦର,୩୧।୧୦(ଡି.ଏନ୍.ଏ.)

ସାମାଜିକ ଅନୁଷ୍ଠାନ ସମୀତୀନ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ମର୍କତନଗରଠାରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି, ଡ. ପରିଣୀତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଡ. ରେଣୁକା ପରିଡ଼ା, ସଂଯୁକ୍ତା ବେହେରା, ଡ. ପବିତ୍ର ମହାନ୍ତି ଉପସ୍ଥିତ ଥିଲେ। ମୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

ସେହିପରି ରଘୁନାଥ ଜୀଉ ଜୁନିୟର ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ ହୋଇଥିଲା। ଏଥିରେ ବକ୍ତାମାନେ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏକ ଗରିବ କୃଷକ ପରିବାରରେ ଜନ୍ମଲାଭ କରିଥିଲେ। ପରେ ସେ ଦୃଢ଼ ଇଚ୍ଛାଶକ୍ତି, ଅଦ୍ୟମ ଉତ୍ସାହ, କଠିନ ପରିଶ୍ରମ ଦ୍ୱାରା ଭାରତବର୍ଷକୁ ସୁଦୃଢ଼ ରାଷ୍ଟ୍ରରେ ଗଠନ କରିବାକୁ ସକ୍ଷମ ହୋଇଥିଲେ ବୋଲି ଏହା କହିଥିଲେ। ଏଥିରେ ଅଧ୍ୟକ୍ଷ ଡ. ହେମନ୍ତ କୁମାର ପରିଡ଼ା ଅଧ୍ୟକ୍ଷତା କରିଥିବାବେଳେ ଅଧ୍ୟାପକ ଡ. ରବିନାରାୟଣ ମହାରଣା, ପ୍ରଦୀପ୍ତ ନାୟକ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଶାନ୍ତ କୁମାର ପ୍ରଧାନ, ଧର୍ମେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ମହାବିଦ୍ୟାଳୟ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇନ୍ଦିରା ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଗୁରୁବାର ନଖରାସ୍ଥିତ ଜାଗୁଳାଇ ପୀଠରେ ରାଷ୍ଟ୍ରୀୟ ଏକତା ଦିବସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ଅନୁଷ୍ଠିତ ହୋଇଯାଇଛି। କେଦାର ନାଥ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ରାହ୍ମଣଝରିଲୋ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଯୁଧିଷ୍ଠିର ଖଟୁଆ, ଗୌରାଙ୍ଗ ସାହୁ, ବଂଶୀଧର ଭୋଳ, ଶିକ୍ଷୟିତ୍ରୀ କୁସୁମ କୁମାରୀ ସାହୁ, ଜ୍ୟୋତ୍ସ୍ନାମୟୀ ମହାପାତ୍ର ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ଦେଶର ଅଖଣ୍ଡତା, ଅର୍ଥନୈତିକ, ଅଭିବୃଦ୍ଧି, ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ହୃଦାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଡଗରାସାହି ସ୍ଥିତ ଉଦୟନାଥ ଚାରିଟେବୁଲ ଟ୍ରଷ୍ଟ ଅନୁକୂଲ୍ୟରେ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଚିତ୍ରାନନ୍ଦ ନାୟକ, ସିଦ୍ଧେଶ୍ୱର ନାୟକ, ପବିତ୍ର ମୋହନ ସାହୁ, କ୍ଷେତ୍ରବାସୀ ବରାଳ, ରତ୍ନପ୍ରଭା ବେହେରା, ବନଲତା ଜେନା, ରଶ୍ମିରେଖା ନାୟକ, ପ୍ରଭାତି ଜେନା ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ପରିଚାଳକ ଚନ୍ଦ୍ରମୋହନ ସାହୁ ଧନ୍ୟବାଦ ଦେଇଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜାସ୍ଥିତ ସୁଦର୍ଶନ ମହାବିଦ୍ୟାଳୟର +୨ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ରବୀନ୍ଦ୍ର ନାଥ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡ. ସନ୍ତୋଷ ଦେବତା, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ମୌସୁମୀ ରାଉତରାୟ, ସୁଶାନ୍ତ କର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଶପଥ ପାଠ କରିଥିଲେ। ପ୍ରୋଗ୍ରାମ ଅଫିସର ବିଚିତ୍ରାନନ୍ଦ ପତି ଧନ୍ୟବାଦ ଦେଇଥିଲେ।

ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଗୁରୁବାର କଟକ ଜିଲା ଟାଙ୍ଗୀ ସ୍ଥିତ ଡ୍ରିମ୍ସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ

କଟକ ଅଫିସ, ୩୧।୧୦

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗୁରୁବାର କଟକ ନଗର ଜିଲା କଂଗ୍ରେସ କମିଟି ପକ୍ଷରୁ ମହାନଦୀର ଗଡଗଡିଆ ଘାଟଠାରେ ତିଳତର୍ପଣ କରାଯାଇଥିଲା। ବିଧାୟକ ଇଂ. ମହମ୍ମଦ ମୋକିମ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସେଲ୍‌ଟର ଛକସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶିଶୁଭବନ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିସହ ପୁରୀଘାଟସ୍ଥିତ ପାର୍ଟି କାର୍ଯ୍ୟାଳୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଶ୍ୱିନୀ ମହାରଣା, ଗିରିବାଳା ବେହେରା, ସୂର୍ଯ୍ୟକାନ୍ତ ରାଉତ, ନିକୁଞ୍ଜ ପଶାୟତ, ବିଶ୍ୱଜିତ ଦାସ ଓ ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ନିଆଳି,୩୧।୧୦(ଡି.ଏନ୍.ଏ)

ନିଆଳି ନୀଳମଣି ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ କେଦାରନାଥ ଆଚାର୍ଯ୍ୟ, ତହସିଲଦାର ରଞ୍ଜନ ଜେନା, ବିଡିଓ ଅଶୋକ ଲେଙ୍କା, ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଦୀକ୍ଷିତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, ଆମ୍ବାର ଅଧ୍ୟକ୍ଷ ଆଦିତ୍ୟ ପାଣି, ସରପଞ୍ଚ ପ୍ରଶାନ୍ତ ସିଂହ, ବ୍ଲକ ସହ ଶିକ୍ଷାଧିକାରୀ ଅନନ୍ତ ନାରାୟଣ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ପ୍ରାଚୀ ନଦୀ ପୁନରୁଦ୍ଧାର ପାଇଁ ପ୍ରଚାର ଆବଶ୍ୟକ

ଫୁଲନଖରା,୩୧।୧୦(ଡି.ଏନ୍.ଏ.)

ପ୍ରାଚୀ ନଦୀ ଏବେ ଅବହେଳିତ ଓ ବିଲୁପ୍ତ। ଏହାର ପୁନରୁଦ୍ଧାର ପାଇଁ ଗଣମାଧ୍ୟମର ପ୍ରତିନିଧି ଓ ଜନସାଧାରଣ ବ୍ୟାପକ ପ୍ରଚାର ପ୍ରସାର କରନ୍ତୁ ବୋଲି ବୁଧବାରର ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢୀ କହିଛନ୍ତି। କଟକ ଜିଲା କୁରାଙ୍ଗ ଶାସନ ପଞ୍ଚାୟତର ଆମ୍ରପଲ୍ଲୀ ରିସର୍ଟରେ ପ୍ରାଚୀ ପ୍ରଜ୍ଞା ପରିଷଦର ଦ୍ୱିତୀୟ ବାର୍ଷିକରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ଏଥିରେ ପ୍ରାଚୀ ପ୍ରଜ୍ଞା ପରିଷଦର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତାଭାବେ ପୁଣ୍ୟ ଉଚ୍ଚଳର ଅଧ୍ୟକ୍ଷ ମନୋଜ ମହାପାତ୍ର, ଗବେଷକ ଡ. ତ୍ରିନାଥ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାଚୀ ପ୍ରଜ୍ଞା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ୪ଜଣ କୃତୀ ସନ୍ତାନଙ୍କୁ ପ୍ରାଚୀ ଗୌରବରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ର ବିଜୟ ମିଶ୍ର ସଂଯୋଜନା କରିଥିଲେ। ରବିନାରାୟଣ ଜେନା, ରାଧାଶ୍ୟାମ ମହାନ୍ତି, ଅଜୟ ପତି, ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରତାପ କେଶରୀ ପାତ୍ର, ଲଳିତ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଖରାରେ ବସିଲେ ଛାତ୍ରୀଛାତ୍ର

କଣ୍ଟାପଡ଼ା,୩୧।୧୦(ଡି.ଏନ୍.ଏ.)

କଣ୍ଟାପଡା ବିଏମ୍ ହାଇସ୍କୁଲ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୦ଟି କ୍ଲଷ୍ଟରରୁ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ୨୫୦ପ୍ରତିଯୋଗୀ ଭାଗ ନେଇଥିଲେ। ପୂର୍ବାହ୍ନ ୧୦ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ଆବଶ୍ୟକ ଟେଣ୍ଟ ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବହୁ ସମୟ ଖରାରେ ବସିଥିଲେ। ଏହାକୁ ନେଇ କେତେଜଣ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର କୁମାର ବାରିକ କୁହନ୍ତି, ଛାତ୍ରୀଛାତ୍ରଙ୍କ ବସିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସେଭଳି କୌଣସି ଅବ୍ୟବସ୍ଥା ହୋଇନାହିଁ। ଏହି କାର୍ଯ୍ୟକ୍ରମକୁ କଣ୍ଟାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ନିତାରାଣୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ କଣ୍ଟାପଡ଼ା ବ୍ଲକ ଶିକ୍ଷାଧିକାରୀ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ଆକାଶବାଣୀ ଅଧିକାରୀଙ୍କ ଅବସର ଗ୍ରହଣ

ଅନଙ୍ଗ ମଞ୍ଜରୀ ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

କଟକ ଅଫିସ, ୩୧।୧୦

ଆକାଶବାଣୀ କଟକ କେନ୍ଦ୍ରର ଶ୍ରୋତା ଅନୁସନ୍ଧାନ ଅଧିକାରୀ ଅନଙ୍ଗ ମଞ୍ଜରୀ ପ୍ରଧାନ ଗୁରୁବାର ଅବସର ଗ୍ରହଣ କରିଛନ୍ତି। ସେ ଆକାଶବାଣୀ କଟକ କେନ୍ଦ୍ରର ଶ୍ରୋତା ଅନୁସନ୍



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।

- ବିନୋବା ଭାବେ

ସଂକ୍ଷେପରେ

ମାଙ୍କଡାପଥର ବୋଝେଇ ଟ୍ରକ ଜବତ

ଖୋର୍ଦ୍ଧା ଅଫିସ, ୩୧।୧୦:
ନିରାକାରପୁର ଥାନାର ଲେଙ୍ଖୋଠାରୁ ଗୁରୁବାର ଏକ ମାଙ୍କଡା ପଥର ବୋଝେଇ ଟ୍ରକ ଜବତ ହୋଇଛି। ଖୋର୍ଦ୍ଧା ପୋଲିସ ନଂ. ଓଆର ୦୯ଏଫ ୫୪୬୧ ର ଟ୍ରକକୁ ଜବତ କରି ନିରାକାରପୁର ଥାନାକୁ ହସ୍ତାନ୍ତର କରିଛି। ସେହିପରି ଡ୍ରାଇଭରକୁ ମଧ୍ୟ ହସ୍ତାନ୍ତର କରାଯାଇଛି।

ମଲ୍ଲୀପଦର ଗାଁରେ ବାଦୀ ପାଲା

ବେଗୁନିଆ,୩୧।୧୦(ଡି.ଏନ.ଏ.)
ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗାଁରେ ଅବସ୍ଥିତ ଥିବା ଗୋପୀନାଥଜୀଉଙ୍କ ପୀଠ ପରିସରରେ ୩ ଦିନ ହେଲା ଚଳ ଚଞ୍ଚଳ ହୋଇଉଠିଥିଲା। ଚଳିତବର୍ଷ ଗିରିଗୋବର୍ଦ୍ଧନ ପୂଜା ଅବସରରେ ୩ ଦିନ ଧରି ଚାଲିଥିବା ବାଦୀ ପାଲା ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଦିନରେ ହରିନାମ, ଯଜ୍ଞ ଏବଂ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯୋଗୁ ଶ୍ରଦ୍ଧାଳୁମାନେ ବିମୋହିତ ହୋଇଥିଲେ। ଢେଙ୍କାନାଳରୁ ଆସିଥିବା ଗାୟକ ବିଜୟ୍ କୁମାର ଓଝା ଏବଂ ତାଙ୍କ ସାଥୀ, ଭୁବନେଶ୍ୱରରୁ ଆସିଥିବା ଗାୟକ ଶାରଦା ପ୍ରସନ୍ନ ପାୟକ ଏବଂ ତାଙ୍କ ସାଥୀଙ୍କ ସହ ପାଲା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟ୍

ଯାଁଲା,୩୧।୧୦(ଡି.ଏନ.ଏ.): ଯାଁଲା ଫାଣ୍ଡି ଅନ୍ତର୍ଗତ ଇନ୍‌ଫୋଭ୍ୟାଲି ଶିଳ୍ପାଞ୍ଚଳ ମଧ୍ୟରେ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ମନୋଜ ଶର୍ମା ନାମକ ଟ୍ରକ୍ ଡ୍ରାଇଭରଙ୍କଠାରୁ ମୋବାଇଲ ଓ ୪ ହଜାର ଟଙ୍କା ଲୁଟି ନେଇଛନ୍ତି। ଗୁରୁବାର ଭୋରରୁ ଏହା ଘଟିଥିଲା। ରାସ୍ତା ପାର୍ଶ୍ୱରେ ଟ୍ରକ୍ ରଖି ମନୋଜ ବିଶ୍ରାମ ନେଉଥିବା ବେଳେ ମୁଖା ପିନ୍ଧା ୪ ଜଣ ଦୁର୍ବୃତ୍ତ ଆସି ଏହି ଲୁଟ୍ କରିଥିବା ସେ କହିଛନ୍ତି।

ଦୁର୍ନୀତି ସଚେତନତା ଶିବିର

ଖୋର୍ଦ୍ଧା ଅଫିସ,୩୧।୧୦:ଖୋର୍ଦ୍ଧା ତାଲୁକ ଆଇନ ସେବା ପକ୍ଷରୁ ଦୁର୍ନୀତି ସଚେତନତା ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ପ୍ରଥମ ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନ ସେବା କମିଟିର ଚେୟାରମ୍ୟାନ ଧନୁର୍ଦ୍ଧର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୨ୟ ଅତିରିକ୍ତ ଜିଲା ଜଜ୍ ଦିଲୀପ କୁମାର ବିଶ୍ୱାଳ, ସିନିୟର ସିଭିଲ ଜଜ୍ ଦିଲୀପ କୁମାର ସାହୁ, ସିଭିଲ କୋର୍ଟ ଜୁନିୟର ଡିଭିଜନ ଜଜ୍ ସନ୍ଧ୍ୟା ରଥ, ଏସଡିଜେଏମ୍ ଶ୍ରଦ୍ଧାଞ୍ଜଳି ରାୟ, ଜେଏମ୍‌ଏଫସି ଜ୍ୟୋତିର୍ମୟୀ ଷଡଙ୍ଗୀ, ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ନୀତି ନ କରିବାକୁ ଶପଥ ପାଠ କରାଇଥିଲେ।

ରକ୍ତ କର୍କଟ ରୋଗରେ ମଞ୍ଚ କଳାକାର ମୃତ

ଚିଲିକା, ୩୧।୧୦ (ଡ଼ି.ଏନ.ଏ.): ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କହ୍ନେଇପୁର ଗାଁର ଜଣେ ଜଣାଶୁଣା ମଞ୍ଚ କଳାକାର ଜଗନ୍ନାଥ ମୁଦୁଲିଙ୍କ ରକ୍ତ କର୍କଟ ରୋଗରେ ଅକାଳ ବିୟୋଗ ଘଟିଯାଇଛି। ସେ ପିଲାଦିନୁ ବହୁ ମଞ୍ଚ ଓ ଯାତ୍ରା ନାଟକରେ ଅଭିନୟ କରି ସୁନାମ ଅର୍ଜନ କରିଥିଲେ। ପରିଣତ ବୟସରେ ବହୁ ଆର୍ଥିକ ଅନଟନରେ ଚଳୁଥିଲେ ହେଁ ସେ କୌଣସି ସରକାରୀ ସହାୟତା ପାଇ ପାରି ନ ଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଶ୍ମଶାନ ସଂସ୍କାର କରାଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

■କୁଏଟରେ ଚାକିରି ପାଇଁ ୧୫ ହଜାର ଲାଞ୍ଚ

ନକଲି ଭିଜା ଦେଇ ଦଲାଲ ଫେରାର

ଖୋର୍ଦ୍ଧା ଅଫିସ,୩୧।୧୦:

ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବକମାନେ ।

କୁଏଟରେ ଚାକିରି ପାଇଁ ୧୫ ହଜାର ଲାଞ୍ଚ ନେଇ ନକଲି ନିଯୁକ୍ତି ପତ୍ର, ଫ୍ଲାଇଟ ଟିକେଟ ଏବଂ ଭିଜା ଦେଇ ବାଣପୁର ଥାନା ଗୋବିନ୍ଦପୁର ଗାଁର ଦଲାଲ ଫେରାର ହୋଇଯାଇଛନ୍ତି। ଠକେଇର ଶିକାର ହୋଇଥିବା କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ୧୪ ଜଣ ବେକାର ଯୁବକ ଗୁରୁବାର ଖୋର୍ଦ୍ଧା ଜିଲାପାଳ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଫେରାଦ ଦେଇଛନ୍ତି। ୧୫ହଜାର ଟଙ୍କା ଓ ପାସ୍‌ପୋର୍ଟ ଜିପରି ଦଲାଲଠାରୁ ଫେରି ପାଇବେ ତା'ର ବ୍ୟବସ୍ଥା କରିବାକୁ ବେକାର ଯୁବକମାନେ ପ୍ରଶାସନର ସହଯୋଗ ଲୋଡିଛନ୍ତି। ପ୍ରକାଶ ଯେ, କୁଏଟରେ ଚାକିରିର ପ୍ରଲୋଭନ ଦେଖାଇ ପଟ୍ଟାମୁଣ୍ଡାଇର ୧୪ଜଣ ଯୁବକଙ୍କଠାରୁ ୧୫ ହଜାର ଟଙ୍କା ଓ ପାସ୍‌ପୋର୍ଟ ବାଣପୁର ଥାନା ଗୋବିନ୍ଦପୁର ଗାଁର ଦଲାଲ ନେଇଥିଲେ। ବେକାର ଯୁବକମାନଙ୍କୁ ମୁମ୍ବାଇକୁ ଡକାଇ କୁଏଟ ଯିବା ଲାଗି ଫ୍ଲାଇଟ ଟିକେଟ ଏବଂ ନକଲି ଭିଜା ଦେଇଥିଲେ। ହେଲେ ଯୁବକମାନେ ପ୍ରଥମେ ଭିଜା ନକଲି ବୋଲି ଜାଣିପାରି ନ ଥିଲେ। ଭିସା ନକଲି ଜଣାପଡିବା ବେଳକୁ ଦଲାଲ ଫେରାର ହୋଇଯାଇଥିଲେ। ଶେଷରେ ଯୁବକମାନେ ନିରାଶ ହୋଇ ପଟ୍ଟାମୁଣ୍ଡାଇ ଫେରିଥିଲେ। ପାସପୋର୍ଟ ଓ ଟଙ୍କା ଫେରି ପାଇବାକୁ ଦଲାଲ ସହ ଯୋଗାଯୋଗ ହୋଇ ନ ପାରିବାରୁ ଖୋର୍ଦ୍ଧା ଜିଲା ଶ୍ରମ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ବୋଲି ବିକାଶ ରାଉତ, ସଂଗ୍ରାମ ନାୟକ ଓ ରମେଶ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।

ଟଙ୍କା, ପାସ୍‌ପୋର୍ଟ ଫେରି ପାଇବା ପାଇଁ ଜିଲାପାଳଙ୍କୁ ଫେରାଦ

ଖୋର୍ଦ୍ଧାରୋଡ ଡିଭିଜନ ପକ୍ଷରୁ ଏକତା ଦିବସ

ଜଟଣୀ,୩୧।୧୦(ଡି.ଏନ.ଏ.):

ଏକତା ଦିବସ ଅବସରରେ ଯୋଗ ଦେଇଥିବା ଅଧିକାରୀ ଓ ଛାତ୍ରୀଛାତ୍ରମାନେ ।

ଖୋର୍ଦ୍ଧାରୋଡ ରେଳ ଡିଭିଜନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଗୁରୁବାର ଏଠାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଡିଭିଜନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରୁ ଡିଆରଏମ୍ ପର୍ଯ୍ୟନ୍ତ ଏକତା ଦୌଡ଼ କରାଯାଇଥିଲା। ଡିଆରଏମ୍ ଶଶିକାନ୍ତ ସିଂ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏଥିରେ ରେଳ ଅଧିକାରୀ, କର୍ମଚାରୀ, ସ୍କାଉଟ୍ ଗାଇଡ୍, ସ୍କୁଲ ଛାତ୍ରୀଛାତ୍ର, ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଡିଭିଜନର ଡିଆରଏମ୍ ରେଳ କର୍ମଚାରୀ ଓ ଅଧିକାରୀମାନଙ୍କୁ ସତ୍ୟପାଠ କରାଇ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଅଖଣ୍ଡତାକୁ ସୁରକ୍ଷା ଦେବାକୁ କହିଥିଲେ। ସ୍ଥାନୀୟ ରେଳପଥ ସ୍କୁଲରେ ବିଦ୍ୟାର୍ଥୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା। ଏଡିଆର୍‌ଏମ୍ ରାଜକୁମାର, ବରିଷ୍ଠ ଡିପିଓ ସୁରେଶ କୁମାର ବେହେରା, ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

୧୬୫ବର୍ଷର ଦେଉଳି ଗିରିଗୋବର୍ଦ୍ଧନ ମହୋତ୍ସବ ୩ୟ ସନ୍ଧ୍ୟା

ବୋଲଗଡ,୩୧।୧୦(ଡିଏନ.ଏ.)

ବୋଲଗଡ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମରେ ୧୬୫ ବର୍ଷ ଧରି ଚାଲିଥିବା ଗିରିଗୋବର୍ଦ୍ଧନ ପୂଜା ମହୋତ୍ସବର ଗୁରୁବାର ଥିଲା ୩ୟ ସନ୍ଧ୍ୟା। ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନେତା ରିଷଭ ନନ୍ଦ, ଲୋକବିନ୍ଦୁ ପଟ୍ଟନାୟକ, ସ୍ଥାନୀୟ ସମିତିସଭ୍ୟା ଅଞ୍ଜଳି ନାୟକ, ଦେଉଳି ରଘୁନାଥ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ଜେନା, ଗ୍ରାମ୍ୟ କମିଟି ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ କମିଟିର ସଦସ୍ୟ ସୁମନ୍ତ କୁମାର ସାହୁ, ସୁବଳ ନାୟକ, ଅଜୟ କୁମାର ସାହୁ, ଅକ୍ଷୟ କୁମାର ଲେଙ୍କା ଏବଂ ଅଜିତ କୁମାର ଛୋଟରାୟ ପ୍ରମୁଖ ମାଞ୍ଚାସୀନ ଥିଲେ। ଅନୁଷ୍ଠିତ ସାଧାରଣ ସଭାକୁ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ। ପ୍ରତିବର୍ଷ ଭଳି ଦେଉଳି ଗ୍ରାମବାସୀ ବଡସାହିସ୍ଥିତ ଭାଗବତ ଦେବ ଠାକୁର ମଠସାହିସ୍ଥିତ ଶ୍ରୀଚୈତନ୍ୟଦେବ ଠାକୁର, ଦାସସାହି ସ୍ଥିତ ଦଧିବାମନଦେବ ଠାକୁର ଓ ଗିରିଗୋବର୍ଦ୍ଧନ ପଡିଆସ୍ଥିତ ରାଧାମାଧବ ଦେବ ଠାକୁରଙ୍କ ବିଗ୍ରହମାନେ ଚଉଦୋଳ ବିମାନରେ ମହୋତ୍ସବ ପଡିଆରେ ଥିବା ସ୍ୱତନ୍ତ୍ର ମଣ୍ଡପରେ ପୂଜା ପାଉଛନ୍ତି। ଠାକୁରମାନଙ୍କ ରୀତିନୀତି ଅନୁସାରେ ପୂଜା ଏବଂ ଭୋଗ ଲାଗି କରାଯାଉଛି। ବିଜେ କରିଥିବା ଠାକୁରଙ୍କୁ ଦର୍ଶନ ପାଇଁ ଏଠାରେ ଶ୍ରଦ୍ଧାଳୁମାନଙ୍କର ସମାଗମ ହେଉଛି। ମହୋତ୍ସବ ଅବସରରେ ଏଠାରେ ଦିବାରାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଦିନରେ ରାମ ନାଟକ ହେଉଥିବାବେଳେ ରାତ୍ରିରେ ଅପେରା ପରିବେଷଣ ହେଉଛି। ମହୋତ୍ସବ ଶୁକ୍ରବାର ପର୍ଯ୍ୟନ୍ତ ଗ୍ରାମର ଗିରିଗୋବର୍ଦ୍ଧନ ପଡିଆରେ ଚାଲୁ ରହିବ। ଉକ୍ତ ପୂଜା ମହୋତ୍ସବ ଗ୍ରାମବାସୀଙ୍କ ସୌଜନ୍ୟରେ ଆୟୋଜିତ ହେଉଥିବା ବେଳେ ଗ୍ରାମ କମିଟି ଓ ଯୁବକମାନେ ସହଯୋଗ କରୁଛନ୍ତି।

ମହୋତ୍ସବରେ ଯୋଗ ଦେଇଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ।

ରକ୍ଷକ କାର୍ଯ୍ୟକ୍ରମରେ ଟ୍ରାଫିକ ସଚେତନତା

ଖୋର୍ଦ୍ଧା ଅଫିସ, ୩୧।୧୦:

ଖୋର୍ଦ୍ଧା ଓ ବାଣପୁର ବ୍ଲକରେ ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକମାନଙ୍କୁ ଟ୍ରାଫିକ ସଚେତନା କରାଯାଇଛି। ଏହି ଅବସରରେ ବ୍ଲକର ପଲ୍ଲାଟୋଟାପଡା ଓ ବଙ୍ଗିଦା ପଞ୍ଚାୟତ କଣ୍ଟା ଛକରୁ ଶୋଭାଯାତ୍ରା ବାହାରି ଖୋର୍ଦ୍ଧା ବ୍ଲକ ସଞ୍ଚୁଖରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସଡ଼କ ସୁରକ୍ଷା, ଟ୍ରାଫିକ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଏଥିରେ ଖୋର୍ଦ୍ଧା ବିଡିଓ ପ୍ରଶାନ୍ତ ନାୟକ, ବିଜୁ ଯୁବବାହିନୀ ଜିଲା ସଂଯୋଜକ ଶ୍ରୀବତ୍ସ ମହାନ୍ତି, ପ୍ରୋଜେକ୍ଟ ଅଫିସର ଅମ୍ଲାନ ସେନାପତି, ବ୍ଲକ କୋ-ଅର୍ଡିନେଟର ନୀଳାଦ୍ରି ପ୍ରଧାନ, ପଲ୍ଲାଟୋଟାପଡା ସରପଞ୍ଚ ଅକଡ଼ର ଅଲ୍ଲୀ, ବଙ୍ଗିଦା ନାଏବ ସରପଞ୍ଚ ଦିଲୀପ ଗୁମାନ ସିଂ, ଜିଲା ପର୍ଯ୍ୟବେକ୍ଷକ ଆଶୁତୋଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଣପୁର ବିଜୁ ଯୁବବାହିନୀ ପକ୍ଷରୁ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣପୁର ଏନ୍‌ଏସି ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରୁ ଶୋଭାଯାତ୍ରା ସହର ପରିକ୍ରମା କରି ସଡକ ନିରାପତ୍ତା ସମ୍ପର୍କରେ ସଚେତନତା ବାଣ୍ଟିଥିଲା।

ମହୋତ୍ସବରେ ଯୋଗ ଦେଇଥିବା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ।

ଅଟୋ ସହ ୨୨ ସିଲିଣ୍ଡର ଜବତ, ୩ ଗିରଫ

ଖୋର୍ଦ୍ଧା ଅଫିସ,୩୧।୧୦:

ଜବତ ଗ୍ୟାସ ସିଲିଣ୍ଡର ଓ ଗିରଫ ଅଭିଯୁକ୍ତ ।

ଉଜ୍ଜ୍ୱଳା ଯୋଜନାର କର୍ମଚାରୀ ଦର୍ଶାଇ ଗ୍ରାମାଞ୍ଚଳର ମହିଳାମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଖାଲି ଏଲପିଜି ଗ୍ୟାସ ସିଲିଣ୍ଡର ଠକି ନେଉଥିବା ୩ ଦୁର୍ବୃତ୍ତଙ୍କୁ ଆଦର୍ଶ ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଏକ ଅଟୋ ସହ ୨୨ଟି ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଜବତ ସିଲିଣ୍ଡର ମଧ୍ୟରେ ଭାରତ ଗ୍ୟାସ କମ୍ପାନିର ୧୩ଟି ଏବଂ ହିନ୍ଦୁସ୍ଥାନ ଗ୍ୟାସ କମ୍ପାନୀର ୯ ସିଲିଣ୍ଡର ରହିଛି। ୩ ଅଭିଯୁକ୍ତ ଚନ୍ଦକା ଥାନା ଛତାବର ମଝିସାହିର ମାନସ ମହାକୁଡ(୩୭) , ଛତାବର ଟାଙ୍ଗୀସାହିର ରବି ନାରାୟଣ ମହାରଣା(୬୩) ଏବଂ ଜାମୁଝରୀ ଭଗତସାହିର ସୁକାନ୍ତ ସାହୁ(୩୩)ଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ମୁକ୍ତାପୁର ଗ୍ରାମର ବର୍ଷା ମାଝିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୭୨/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନିଜକୁ ଉଜ୍ଜ୍ୱଳା ଯୋଜନାର କର୍ମଚାରୀ ଦର୍ଶାଇ ଦୀର୍ଘଦିନ ହେବ ଖାଲି ପଡିଥିବା ଗ୍ୟାସ ସିଲିଣ୍ଡରକୁ କାହିଁକି ରିଫିଲିଂ କରୁନାହଁ ବୋଲି ମୁକ୍ତାପୁର ଅଞ୍ଚଳର ହିତାଧିକାରୀଙ୍କୁ କହିଥିଲେ। ରିଫିଲିଂ ନ କଲେ ଗ୍ୟାସ ସଂଯୋଗ କଟିଯିବ ବୋଲି ଭୟ ଦେଖାଇଥିଲେ। ପରେ ବାହାନା ଦେଖାଇ ଗ୍ୟାସ ରିଫିଲିଂ କରି ଆଣି ଦେବୁ ବୋଲି କହି ଗ୍ୟାସ ସିଲିଣ୍ଡରକୁ ହାତେଇ ଫେରାର ହୋଇଯାଉଥିଲେ। ଗ୍ୟାସ ଭର୍ତ୍ତି କରି ସିଲିଣ୍ଡର ଦେବାକୁ ବିଳମ୍ବ କରିବାରୁ ସନ୍ଦେହ କରି ଘଟଣା ସମ୍ପର୍କରେ ଆଦର୍ଶ ଥାନାରେ ବର୍ଷା ଅଭିଯୋଗ କରିଥିଲେ।

■ସ୍କୁଲ ବନ୍ଦ ପରେ ପାଠ ଛାଡିଲେ ୧୧ ଛାତ୍ରୀଛାତ୍ର

୨୨ ଛାତ୍ରୀଛାତ୍ର ପରେ ବି ଖୋଲୁନି ସ୍କୁଲ

ଖୋର୍ଦ୍ଧା ଅଫିସ, ୩୧।୧୦:

ଜିଲାପାଳଙ୍କୁ ଅବଗତ କରିବାଲାଗି ଆସିଥିବା ନାରଗୋଦା ଗ୍ରାମବାସୀ ।

ବେଗୁନିଆ ବ୍ଲକ ହଜ ପଞ୍ଚାୟତର ନାରଗୋଦା ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ର ଅଭାବ ଦେଖାଇ ଶିକ୍ଷା ବିଭାଗ ବନ୍ଦ କରିଦେବା ପରେ ୧୧ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଇଛି। ଏଭଳିସ୍ଥଳେ ଗ୍ରାମବାସୀ ପୁଣି ୧୧ ଛାତ୍ରୀଛାତ୍ର ସଂଗ୍ରହ କରି ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୨ରେ ପହଞ୍ଚାଇ ଥିଲେ ମଧ୍ୟ ପୁରୁଣା ସ୍କୁଲକୁ ଶିକ୍ଷା ବିଭାଗ ଖୋଲିବାକୁ ସମୟ ଗତାଇ ଚାଲିଛନ୍ତି। ଗାଁରେ ସ୍କୁଲ ନ ଖୋଲିଲେ ଗ୍ରାମବାସୀ ନିକଟସ୍ଥ ଟ୍ୟାଗ ସ୍କୁଲକୁ ଛାତ୍ରୀଛାତ୍ରକୁ ଛାଡିବେ ନାହିଁ ବୋଲି ଚେତାବନୀ ଦେଇ ସାରିଛନ୍ତି। କାରଣ ଛୋଟ ପିଲାମାନେ ନୂଆ ଜଗନ୍ନାଥ ସଡକ ଡେଇଁ ଟ୍ୟାଗ ସ୍କୁଲକୁ ଛାଡିବାକୁ ଅଭିଭାବକ ପ୍ରସ୍ତୁତ ନୁହନ୍ତି। ପୁଣି ହାତୀ ଭୟ ଦେଖାଇ ଥିବାରୁ ଅଭିଭାବକ ଜାଣିଶୁଣି ଚିଲ୍ଲି ଉଠାଇବାକୁ ଚାହୁଁ ନାହାନ୍ତି। ଗତ ୨ବର୍ଷ ତଳେ ହାତୀ ଆକ୍ରମଣରେ ଜଣେ ଲୋକଙ୍କ ମୃତ୍ୟୁ ହେବା ପରେ ଗାଁଲୋକ ଭୟଭିତ ହୋଇ ରହିଛନ୍ତି। କାରଣ ନାରଗୋଦା ଜଙ୍ଗଲରେ ଏବେ ୩ଟି ହାତୀ ଅଛନ୍ତି। ହାତୀମାନେ ବିଭିନ୍ନ ସମୟରେ ନାରଗୋଦା ଓ ଆଖପାଖ ଅଞ୍ଚଳକୁ ଯାଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଭେଟି ଅବଗତ କରାଇଛନ୍ତି। ପ୍ରକାଶଥାଉ କି ନାରଗୋଦା ପ୍ରାଥମିକ ବିଦ୍ୟାଳୟ ପୂର୍ଣ୍ଣବାସୀପାଟଣା ଅପର ପ୍ରାଇମେରୀ ସ୍କୁଲରେ ଗତ ମେ' ମାସରେ ମିଶ୍ରଣ ହୋଇଛି। ସ୍କୁଲ ମିଶ୍ରଣ ପରେ ନାରଗୋଦା ଅଞ୍ଚଳର ୧୧ ଛାତ୍ରୀଛାତ୍ର ପାଠ ଛାଡି ଦେବା ପରେ ଶିକ୍ଷା ବିଭାଗ ଚୁପ ରହିବା ଘଟଣା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏ ନେଇ ନାରଗୋଦା ଗାଁର ନେତ୍ରାନନ୍ଦ ସାମନ୍ତରାୟ ଓ ଗୋପାଳ ପଟ୍ଟନାୟକ କୁହନ୍ତି, ଗାଁରେ ସ୍କୁଲ ରହିବାକୁ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା ଚାଲିଛି। ଗାଁର ପିଲାମାନେ ବିପଦସଙ୍କୁଳ ଭାବେ ଅନ୍ୟ ସ୍କୁଲକୁ ଯିବା ସମ୍ଭବ ନୁହେଁ। ଆଶ୍ୱାନା ମିଳିଛି। ଦେଖାଯାଉ କେବେ ପାଠ ଛାଡିଥିବା ପିଲାମାନେ ପୁଣି ପଢ଼ିବାର ସୁଯୋଗ ପାଉଛନ୍ତି ।

ଜିଲାପାଳଙ୍କୁ ଭେଟି ଜଲେ ଅବଗତ

ନାଇଜରରେ ଡାର୍କ ମ୍ୟାଟର ଦିବସ ପାଳିତ

ଡାର୍କ ମ୍ୟାଟର ଦିବସରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ ।

ଜଟଣୀ,୩୧।୧୦(ଡି.ଏନ.ଏ.):

ଜଟଣୀସ୍ଥିତ ନାଇଜର ପରିସରରେ ଅନ୍ତର୍ଜାତୀୟ ଡାର୍କ ମ୍ୟାଟର ଦିବସ ଗୁରୁବାର ପାଳିତ ହୋଇଯାଇଛି। ଭୌତିକ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନାଇଜରର ନିର୍ଦ୍ଦେଶକ ଡ. ସୁଧାକର ପଣ୍ଡା, ଗୌହାଟୀ ଆଇଆଇଟିର ପ୍ରଫେସର ଶୁଭାଦିତ୍ୟ ଭଟ୍ଟାଚାର୍ଯ୍ୟ, ଭୌତିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଅଶୋକ ମହାପାତ୍ର ଓ ଡ. କାର୍ତ୍ତିକେଶ୍ୱର ସେନାପତି ଉପସ୍ଥିତ ରହି ଡାର୍କ ମ୍ୟାଟର ଉପରେ ବକ୍ତବ୍ୟ ରଖିଥିଲେ। ବ୍ରହ୍

ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
-ବିନୋବା ଭାବେ

ସଂକ୍ଷେପରେ

ଦୁର୍ଘଟଣାରେ ୨ ଗୁରୁତର

ପୁରା ଅଫିସ, ୩୧।୧୦: ପୁରା-କୋଣାର୍କ ମେରାଇନ ଡ୍ରାଇଭ ରୋଡ୍‌ରେ ବୁଧବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୋଣାର୍କ ଅଞ୍ଚଳର ଶିବ ବେହେରା ଓ ଜଗା ବେହେରା। ଉଭୟ ସମ୍ପର୍କୀୟ ଭାଇ ବୋଲି ଜଣାପଡ଼ିଛି। ଦୁହେଁ ଏକ ବାଇକରେ ପୁରୀ ଆସି କୋଣାର୍କ ଫେରୁଥିଲେ। ବାଲି କପିଳେଶ୍ୱରପୁର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଯୁବକ ଦ୍ୱୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁହିଁଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

ସମ୍ମିଳନୀ କକ୍ଷ ଭଡ଼ା ଆଦାୟରେ ଅନିୟମିତତା ପ୍ରସଙ୍ଗ
ଲୋକାୟୁକ୍ତଙ୍କ ନିକଟରେ ହାଜର ହେଲେ କଲେଜ ଅଧ୍ୟକ୍ଷ

ପୁରୀ ଅଫିସ, ୩୧।୧୦: ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷ ଭଡ଼ା ଆଦାୟ ବାବଦରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ପୁରୀ ଭିଜିଲାନ୍ସ ଟିମ୍ ଏହି ଘଟଣାର ଯାଞ୍ଚ କରିବା ସହ ୧୧ଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ନେଇଯାଇଥିଲେ। ଏହି ଅନିୟମିତତା ସମ୍ପର୍କରେ ମାନବାଧିକାର କର୍ମୀ ବଟକୃଷ୍ଣ ପ୍ରଧାନ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ନିଜ ପକ୍ଷ ରଖିବା ଲାଗି କଲେଜ କର୍ତ୍ତୃପକ୍ଷଙ୍କୁ ଲୋକାୟୁକ୍ତ ନୋଟିସ ଜାରି କରିଥିଲେ। ସେହି ଅନୁଯାୟୀ ବୁଧବାର କଲେଜ ଅଧ୍ୟକ୍ଷ ପ୍ରଫେସର ସୁଦର୍ଶନ ବେହେରା ଲୋକାୟୁକ୍ତଙ୍କ ନିକଟରେ ହାଜର ହୋଇଥିଲେ।

ଛାତ୍ରୀଙ୍କୁ କମେଣ୍ଟ ମାରି ୨ ଗିରଫ

ସାକ୍ଷୀଗୋପାଳ, ୩୧।୧୦(ଡି.ଏନ୍.ଏ.): ସାକ୍ଷୀଗୋପାଳ କଲେଜ ଛକରେ ଜନୈକା ଜଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ଦୁଇଜଣଙ୍କୁ ସତ୍ୟବାଦୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚନ୍ଦନପୁର ଥାନା ରଘୁରାଜପୁରର ଦୀପ୍ତି ରଞ୍ଜନ ସ୍ୱାଇଁ ଓ ସୁବାଷ ସ୍ୱାଇଁ। ବୁଧବାର ଛାତ୍ରୀ ଜଣକ ଜଲେଜରୁ ଫେରୁଥିବାବେଳେ ୪ ଜଣ ଯୁବକ ବାଇକରେ ଆସି ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ମାରଧର କରିଥିଲେ। ତେବେ ସାହସର ସହିତ ଛାତ୍ରୀ ଜଣକ ଜଣେ ଯୁବକଙ୍କୁ କାବୁ କରିଥିଲେ। ଲୋକେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ନିସ୍ତୁକ ପିଟିବା ସହ ପୋଲିସ ଜିମା ଦେଇଥିଲେ। ଏ ନେଇ ଛାତ୍ରୀଙ୍କ ଅଭିଯୋଗ କ୍ରମେ ୨୦୬/ ୧୯ ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର ଅଛନ୍ତି।

ଜୁଆଆଡ୍ଡାର ଭିଡିଓ ଭାଇରାଲ
'ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ'

ପୁରୀ ଅଫିସ, ୩୧।୧୦: ଚନ୍ଦନପୁର ବଜାରରେ ଚାଲିଛି ଜୁଆ ଆଡ୍ଡା। ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓରେ ଏକାଧିକ ବ୍ୟକ୍ତି ନଗଦ ଲକ୍ଷ ଲକ୍ଷ ଟଙ୍କା ଧରି ଜୁଆ ଖେଳୁଥିବା ଦେଖିବାକୁ ମିଳିଛି। ତେବେ ଜୁଆଆଡ୍ଡା ଚାଲିଥିବା ଅଭିଯୋଗକୁ ଥାନାଧିକାରୀ ବାମଦେବ ନନ୍ଦ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷେ ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା କହିଛନ୍ତି, ଉକ୍ତ ଭିଡିଓ ଭାଇରାଲ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଏହି ଘଟଣାର ତଦନ୍ତ କରାଯିବ। ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଫନୀ ସହାୟତା ଅର୍ଥ ବଣ୍ଟାକୁ ନେଇ ବଚସା
ତହସିଲ ଅଫିସ୍‌ରେ ଚୌକି ଫାଙ୍କା

କଣାସ, ୩୧।୧୦(ସ୍ୱ.ପ୍ର.):ଗତ ୩୦ତାରିଖରେ କଣାସ ତହସିଲ କାର୍ଯ୍ୟାଳୟର କିରାଣି ଶ୍ରୀଧର ବେହେରା ଏବଂ ସୁପରଭାଇଜର ସୁଜିତ୍ କୁମାର ସ୍ୱାଇଁଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଶ୍ରୀଧର ଥାନରେ ଏତଲା ଦେବା ପରେ ରାଜସ୍ୱ ନିରୀକ୍ଷକମାନେ ମିଳିତ ହୋଇ ଶ୍ରୀଧରଙ୍କ ନାମରେ ଏତଲା ଦେଇଥିଲେ। ଏହି ଘଟଣାରେ ଏପର୍ଯ୍ୟନ୍ତ କେସ୍ ରୁଜୁ ହୋଇନାହିଁ। ଗୁରୁବାର ଦିନ ତମାମ ତହସିଲ୍ କାର୍ଯ୍ୟାଳୟରେ ସମସ୍ତ ଚୌକି ଖାଲିପଡିଥିବା ଦେଖିବାକୁ ମିଳିଥିଲା। ଫଳରେ ତହସିଲ୍‌କୁ ଆସିଥିବା ଲୋକେ ନିରାଶରେ ଫେରିଥିଲେ।

ଫସଲ ନଷ୍ଟ ଯୋଗୁ ଚିନ୍ତାରେ ଚାଷୀ

କଣାସ, ୩୧।୧୦(ସ୍ୱ.ପ୍ର.):

ପାଣିରେ ବୁଡି ନଷ୍ଟ ହୋଇଥିବା ଧାନ ଫସଲ ।

ପୁରୀ ଜିଲା କଣାସ ବ୍ଲକର ୮୦ ଭାଗ ପରିବାର ଚାଷ ଉପରେ ନିର୍ଭର କରନ୍ତି। ଚଳିତ ବର୍ଷ ଫନୀ ବାତ୍ୟାରେ କଣାସ ବ୍ଲକର ଚାଷୀକୁଳ ଫସଲ ଓ ବାସଗୃହ ହରାଇ ଦୁର୍ଦ୍ଦଶା ଭୋଗୁଥିବାବେଳେ ଏହାକୁ ଦ୍ୱିଗୁଣିତ କରିଛି ଲଘୁଚାପଜନିତ ଲଗାଣ ବର୍ଷା। ବ୍ୟାପକ ପରିମାଣର ଧାନ ଫସଲ ଓ ପନିପରିବା ଚାଷ ନଷ୍ଟ ଯୋଗୁ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି। ଦୁଇଦିନରେ ୩୩୮୍ମି.ମି. ବର୍ଷା ହେବାରୁ ଏହି ବ୍ଲକର ୨୮ଟି ପଞ୍ଚାୟତର ଚାଷ ଜମିରେ ପାଣି ଭରି ରହି ଧାନ ଫସଲ ସମେତ ପନିପରିବା ଚାଷ ଉଜୁଡ଼ି ଯାଇଛି। କଣାସ ବ୍ଲକର ୨୮ଟି ପଞ୍ଚାୟତ ଅଧୀନ ୧୩୯ଟି ରାଜସ୍ୱ ଓ ୧୦୮ଟି ପଡ଼ା ଗ୍ରାମର ୧୮ହଜାର ୫୨୮ହେକ୍ଟର ଚାଷଜମି ମଧ୍ୟରୁ ୧୫ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ ହେଉଛି। ସେହିପରି ୨ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ବାଇଗଣ, ଭେଣ୍ଡି, ଜହ୍ନି,କଲରା, କଖାରୁ, ପୋଟଳ, କାକୁଡ଼ି, ଲଙ୍କା, ଟମାଟୋ, ଶାଗ, ଧନିଆପତ୍ର ଆଦି ଚାଷ କରାଯାଉଛି। ଦୁଇଦିନ ଧରି ବର୍ଷାପାଣିରେ ଧାନ ଓ ପରିବା ଫସଲ ବୁଡ଼ି ରହିବାରୁ ଗଜାହେବା ସହ ପଚିଯାଇଛି। ନାଳ ପୋତି ହୋଇ ପଡ଼ିଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗାଁ ମହାଜନଙ୍କଠାରୁ ଋଣ ଆଣି ଚାଷ କରିଥିଲେ। ଏବେ କିପରି ଋଣ ଶୁଝିବେ ଓ ପରିବାର ଚଳାଇବେ ସେଇ ଚିନ୍ତା ସେମାନଙ୍କୁ ଘାରିଛି। ତୁରନ୍ତ ପ୍ରଶାସନ ପକ୍ଷରୁ ଫସଲ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଚାଷୀ ଦାବି କରିଛନ୍ତି।

■ ଆଜିଠୁ ଷାଣ୍ମାସିକ ପରୀକ୍ଷା।

ପ୍ରଶ୍ନପତ୍ର କମ୍ ଥିଲେ ଜେରକ୍ସ ପାଇଁ ନିର୍ଦ୍ଦେଶ

ପୁରୀ ଅଫିସ, ୩୧।୧୦:

ପ୍ରଘଟ ହେବା ଆଶଙ୍କା

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଷାଣ୍ମାସିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିଲାଗି ଛାତ୍ରୀଛାତ୍ର ମାନସିକ ସ୍ତରରେ ପ୍ରସ୍ତୁତ ହୋଇଥିବାବେଳେ ପରୀକ୍ଷା ପରିଚାଳନା ଲାଗି ଶିକ୍ଷୟିତ୍ରୀ ଶିକ୍ଷକମାନେ ଆବଶ୍ୟକୀୟ ପ୍ରସ୍ତୁତି ସାରିଛନ୍ତି। ହେଲେ ଏହି ପରୀକ୍ଷାରେ ସ୍ୱଚ୍ଛତା ରହିବ କି ନାହିଁ ସେନେଇ ଆଶଙ୍କା ପ୍ରକାଶ ପାଇଛି। କାରଣ ଯଦି କେଉଁଠି ପ୍ରଶ୍ନପତ୍ର କମ୍ ଥିବ ସେଠାରେ ଜେରକ୍ସ କରି ପିଲାଙ୍କୁ ଦେବା ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚିଠି ଏହି ଆଶଙ୍କା ସୃଷ୍ଟି କରିଛି। ଗୁରୁବାର ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟିଙ୍କଠାରୁ ଏହି ଚିଠି ସବୁ ଜିଲାର ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକଙ୍କ ପାଖକୁ ଆସିଥିବା ଜଣାପଡିଛି।

ଚିଠିରେ ଦର୍ଶାଯାଇଛି ଯେ, କେତେ ପ୍ରଶ୍ନପତ୍ର ଆବଶ୍ୟକ ରହିଛି ଏବଂ କେତେ ଯୋଗାଇ ଦିଆଯାଇଛି ତାହାକୁ ଭଲ ଭାବେ ମ୍ୟାଚ୍ କରିବେ। ଯଦି ପ୍ରଶ୍ନପତ୍ର କମ୍ ଥିବ ତେବେ ଜେରକ୍ସ କରି ଯୋଗାଇବାକୁ ନିର୍ଦ୍ଦେଶ ରହିଛି। ଏ ସମ୍ପର୍କରେ ପୁରୀ ଜିଲା ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟମଞ୍ଜରୀ ଦାସ କହିଛନ୍ତି, ଯଦି କେଉଁଠି କେମିତି ଗୋଟିଏ ଦୁଇଟି ଆବଶ୍ୟକ ପଡ଼ିଲା ତେବେ ଜେରକ୍ସ କରିହେବ ଏଥିରେ କୌଣସି ସମସ୍ୟା ନାହିଁ। ପ୍ରଶ୍ନପତ୍ର ପ୍ରଘଟ ହୋଇପାରେ କି ବୋଲି ପ୍ରଶ୍ନରେ ସେ କହିଥିଲେ, ଯେପରି ଏହା ପ୍ରଘଟ ନ ହେବ ସେଥିପ୍ରତି ସତର୍କ ରହି ସମ୍ପୃକ୍ତ ବିଇଓ ତାଙ୍କ ହେପାଜତରେ ଜେରକ୍ସ କରାଇବେ। ସୂଚନାଥାଉ କି, ପୂର୍ବରୁ ମଧ୍ୟ ଏହି ପରୀକ୍ଷାକୁ ନେଇ ସମସ୍ୟା ହୋଇଥିଲା। ଅକ୍ଟୋବର ୨୯ରୁ ଏହି ପରୀକ୍ଷା ଆରମ୍ଭ କରାଯିବା ଲାଗି ଓପେପା ପକ୍ଷରୁ ସ୍ଥିର କରାଯାଇ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକମାନଙ୍କୁ ଚିଠି ପଠାଯାଇଥିଲା । ଚିଠି ପାଇବା ପରେ ବିଦ୍ୟାଳୟମାନଙ୍କରେ ପ୍ରସ୍ତୁତି ପର୍ବ ଶେଷ ହୋଇଥିଲା । ହେଲେ ପ୍ରଶ୍ନପତ୍ର ପହଞ୍ଚି ନ ପାରିବାରୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା।

ପୁରୀ: ନାଗ ଚତୁର୍ଥୀ ଅବସରରେ ଗୁରୁବାର ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ନାଗ ଦେବତାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି ।

ଭିଆଇପି ରୋଡ଼ରେ ରାସ୍ତା ଦବିଲା

ପୁରୀ ଅଫିସ, ୩୧।୧୦:

ପୁରୀ ଭିଆଇପି ରୋଡ଼ ସଦର ଥାନା ସମ୍ମୁଖ ଟ୍ରାଫିକ ପୋଷ୍ଟ ନିକଟରେ ରାସ୍ତା ଦବିଯାଇଛି। ୩ ଫୁଟ ଲମ୍ବ ଏବଂ ଅଢେଇ ଫୁଟ ଚଉଡ଼ାରେ ପ୍ରାୟ ଫୁଟେ ରାସ୍ତା ଦବିଛି। ପିକେଡିଏ ଛକଠାରୁ ସୁଭାଷ ବୋଷ ଛକ ଆଡକୁ ଯିବାବେଳେ ସଦର ଥାନା ସମ୍ମୁଖ ବାମ ପାର୍ଶ୍ୱରେ ରାସ୍ତା ଦବିଯାଇଥିବାବେଳେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ବ୍ୟାରିକେଡ ଘେରାଇ ଦିଆଯାଇଛି। ସହରର ଅନେକ ରାସ୍ତା ତଳେ ମ୍ୟାନହୋଲ ରହିଛି। ବିଭିନ୍ନ ସମୟରେ ମ୍ୟାନହୋଲ ଭାଙ୍ଗିଯାଇ ରାସ୍ତା ମଧ୍ୟ ଦବି ଯାଉଛି। ସଦର ଥାନା ସମ୍ମୁଖରେ କ'ଣ ପାଇଁ ରାସ୍ତା ଦବିଯାଇଛି ତାହାର ଅନୁଧ୍ୟାନ ସହ ତୁରନ୍ତ ମରାମତି କରାଯିବା ଆବଶ୍ୟକ। ଏହା ଏକ ବ୍ୟସ୍ତବହୁଳ ରାସ୍ତା। ମେଡିକାଲ ଛକରୁ ବେଳାଭୂମି, ସ୍ୱର୍ଗଦ୍ୱାର ଏବଂ ବିଭିନ୍ନ ସରକାରୀ ଅଫିସକୁ ଏହି ଭିଆଇପି ରୋଡ଼ ଦେଇ ଲୋକେ ଯାତାୟାତ କରନ୍ତି। ତୁରନ୍ତ ଏହି ରାସ୍ତା ମରାମତି କରା ନ ଗଲେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି ବୋଲି ସହର ବାସିନ୍ଦା ପ୍ରତାପ ଶତପଥୀ କହିଛନ୍ତି। ସରକାର ପୁରୀକୁ ବିଶ୍ୱର ଐତିହ୍ୟ ସହର କରିବା ଲାଗି ଘୋଷଣା କରିଛନ୍ତି। ମାତ୍ର ଏମିତି ରାସ୍ତା ଦବିଯିବା ସହର ରାସ୍ତାଘାଟର ବାସ୍ତବ ଚିତ୍ରକୁ ପଦାରେ ପକାଉଛି ବୋଲି ଶତପଥୀ କହିଛନ୍ତି।

ନାଳରେ ପଡ଼ି ଛାତ୍ର ମୃତ

କଣାସ, ୩୧।୧୦(ସ୍ୱ.ପ୍ର.)

କଣାସ ଅଞ୍ଚଳରେ ଗୁରୁବାର ନାଳରେ ପଡ଼ି ଜଣେ ଛାତ୍ର(୮)ଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସିରେଇ ଗ୍ରାମର ମନୋରଞ୍ଜନ ଜେନାଙ୍କ ପୁତ୍ର ସୌମ୍ୟରଞ୍ଜନ। ସୌମ୍ୟରଞ୍ଜନ ଶୌଚ ହେବାପାଇଁ ନାଳକୁ ଯାଇଥିବାବେଳେ ପ୍ରଖର ସ୍ରୋତରେ ଭାସିଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରାଯାଇ କଣାସ ଡାକ୍ତରଖାନା ଓ ପରେ ଭୁବନେଶ୍ୱରକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ବ୍ରହ୍ମଗିରିରେ ଗାନ୍ଧୀ ସଂକଳ୍ପ ପଦଯାତ୍ରା

'ପଟେଲ ପ୍ରଧାନମନ୍ତ୍ରୀ ହୋଇଥିଲେ ଦେଶ ଗରିବ ମୁକ୍ତ ହୋଇଥାନ୍ତା'

ବ୍ରହ୍ମଗିରି, ୩୧।୧୦(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ବ୍ରହ୍ମଗିରିରେ ଗୁରୁବାର ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେଇ ସେ କହିଲେ, ପଣ୍ଡିତ ନେହେରୁଙ୍କ ବଦଳରେ ଯଦି ସର୍ଦ୍ଦାର ପଟେଲ ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ତା'ହେଲେ ଦେଶ ୧୯୭୦-୮୦ ବେଳକୁ ଗରିବ ମୁକ୍ତ ହୋଇଥାନ୍ତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଭାରତକୁ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ପ୍ରଭାବରୁ ମୁକ୍ତ କରିବା, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବଦଳରେ କାଗଜ ଓ କପଡା ବ୍ୟାଗ ବ୍ୟବହାର, ଗଛ ଲଗାଇବା, ଜଳ ସଂରକ୍ଷଣ ସହ ଜନ ଆନ୍ଦୋଳନର ଆବଶ୍ୟକତା ରହିଛି। ଏଥିନିମନ୍ତେ ସେ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ପଦଯାତ୍ରା ବ୍ରହ୍ମଗିରି ବ୍ଲକ ଛକରୁ ବାହାରି ବ୍ରହ୍ମଗିରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ହଜାର ହଜାର ସମର୍ଥକ ଓ ସାଧାରଣ ଜନତା ବିଭିନ୍ନ ସଚେତନତା ବାର୍ତ୍ତା ପ୍ଲାକାର୍ଡ ଧରି ସାମିଲ ହୋଇଥିଲେ। ସଭାରେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ଉପାସନା ମହାପାତ୍ର, ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର, କୃଷ୍ଣଚନ୍ଦ୍ର ଜଗଦ୍ଦେବ, ଭଗବାନ ନାୟକ, ପ୍ରସନ୍ନ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୁରୀ ଅଫିସ, ୩୧ ।୧୦

ପୁରୀ ପୌରପାଳିକା ଅଧୀନ ୧୯ନମ୍ବର ୱାର୍ଡରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଦମକଳ କେନ୍ଦ୍ର ନିକଟରୁ ବାହାରି ଦଉତୋଟା ଓ କଲେଜ ଛକ ପରିକ୍ରମା କରିଥିଲା। ଏଥିରେ ବିଜେଡି ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ନଗର ସମ୍ପାଦକ ଅଖିଳ ମହାପାତ୍ର, ପୂର୍ବତନ କାଉନସିଲର ପ୍ରୀତମ ଜଗଦ୍ଦେବ, ସବ୍ୟସାଚୀ ମହାପାତ୍ର, ମାନସ ମିଶ୍ର, ରାଧାରାଣୀ ଦେବନାଥ, ବସନ୍ତ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

ପଦଯାତ୍ରାରେ ବିଜେଡି କର୍ମୀମାନଙ୍କ ସହ ଜିଲା ସଭାପତି ମହେଶ୍ୱର ମହାନ୍ତି ।

■ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍

ଅସହାୟଙ୍କୁ ମିଳିଲା ପକ୍କା ଘର

ଗୋପ, ୩୧ ।୧୦(ଡି.ଏନ୍.ଏ.)

ଗୋପ ବ୍ଲକ୍ ଅଧୀନ ତରକୋର ପଞ୍ଚାୟତ ମଲ୍ଲିଆଡୁଠ ଗ୍ରାମର ଏକ ଅସହାୟ ପରିବାର ଦୟନୀୟ ଅବସ୍ଥାରେ ଥିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରାଯାଇଥିଲା। ଗୁରୁବାର ଗୋପ ବିଡିଓ ଦୀପ୍ତିରାଣୀ ଦାସ ତାଙ୍କୁ ପକ୍କା ଘର ମିଳିବା ନେଇ ଚିଠି ନଂ ୩୨୬୪ ତା୨୯।୧୦।୨୦୧୯ରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଛନ୍ତି। ମଲ୍ଲିଆଡୁଠ ଗ୍ରାମର ଗଙ୍ଗାଧର ମାହାରି (୬୦) ସମ୍ପୂର୍ଣ୍ଣ ଭାବେ ଅନ୍ଧ ହୋଇଥିବାବେଳେ ତାଙ୍କ ବିଧବା ବୋହୂ, ସ୍ତ୍ରୀ ଓ ଦୁଇ ନାତିଙ୍କ ସହ ଏକ ପଲିଥିନ୍ ପକା ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିଲେ। ଫନୀରେ ଘର ଭାଙ୍ଗିଯାଇଥିଲେ ମଧ୍ୟ ତାଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିଲା। ଏନେଇ ଏକ ୪୪ ସେକେଣ୍ଡ ଭିଡିଓ ମାଧ୍ୟମରେ ଜଣେ ଯୁବ ଗଣମାଧ୍ୟମ ପ୍ରତିନିଧି ରଶ୍ମୀରଞ୍ଜନ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ଦୃଷ୍ଟି ଆକର୍ଷଣ କରିଥିଲେ। ଟୁଇଟ୍ କରିବାର ଗୋଟିଏ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଟିକେଟ୍ ନଂ-SM୭୭୨୪ ରେ ତଦନ୍ତ ନିର୍ଦ୍ଦେଶ ଆସିଥିଲା। ପରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଗଙ୍ଗାଧରଙ୍କୁ ଫନୀରେ ଆସିଥିବା ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ଜିଲା ପ୍ରଶାସନକୁ ଲେଖାଯାଇଥିବା ପତ୍ରରୁ ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଟୁଇଟ୍ ପରେ ସ୍ୱତନ୍ତ୍ର ଭାବେ ତଦନ୍ତ କରି ଅସହାୟ ଗଙ୍ଗାଧରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ।

ମଦ୍ୟପ ପୁଅର ଆକ୍ରମଣ: ମା', ବାପା, ଭାଇ ଆହତ

ତେଲାଙ୍ଗ, ୩୧।୧୦(ଡି.ଏନ୍.ଏ.)

ତେଲାଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣବାଡ ଗ୍ରାମରେ ମଦ୍ୟପ ପୁଅର ଆକ୍ରମଣରେ ମା', ବାପା ଓ ଭାଇ ଆହତ ହୋଇଛନ୍ତି। ଏ ନେଇ ତେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ବ୍ରାହ୍ମଣବାଡ ଗ୍ରାମର ଗୋପାଳ ମହାନ୍ତିଙ୍କ ବଡ ପୁଅ ଲକ୍ଷ୍ମୀଧର ମହାନ୍ତି ପ୍ରତିଦିନ ବିଳମ୍ବିତ ରାତିରେ ମଦ୍ୟପାନ କରି ଘରକୁ ଫେରି ଗାଳିମନ୍ଦ କରନ୍ତି । ସେ ବୁଧବାର ରାତିରେ ଘରକୁ ଫେରି ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରିବା ସହ ଏକ ରଡରେ ଆକ୍ରମଣ କରିଥିଲେ । ଫଳରେ ମା', ବାପା ଓ ଭାଇ ଗୁରୁତର ଆହତ ହୋଇ ତେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସାନ ଭାଇ ଜିତେନ୍ଦ୍ରଙ୍କ ଅଭିଯୋଗକ୍ରମେ କେସ୍ ନଂ. ୨୦୭/୧୯ ରୁଜୁକରି